ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୧/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Tuesday, December 21/2021 | ★★

୧୮ଶ ଭାଗ ୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ସିନ୍ଧୁ ବିଡବ୍ଲ୍ୟୁଏଫ୍ ଆଥଲେଟ୍ସ କମିଶନ ସଦସ୍ୟ**

ପି.ଭି. ସିନ୍ଧୁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଆଥଲେଟ୍ସ କମିଶନ୍‌ର ଜଣେ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି।

୦୮

୦୭

**କାଜଲ ମା’ ହେବା ଚର୍ଚ୍ଚା**

ଏକ ଫଟୋରେ ବେବି ବମ୍ପ୍ ନଜର ଆସିବା ପରେ ସାଉଥ ସୁନ୍ଦରୀ କାଜଲ ଅଗ୍ରୱାଲ ମା’ ହେବାକୁ ଯାଉଥିବା ଚର୍ଚ୍ଚା ହେଉଛି।



# ଭୋଟର କାର୍ଡ ସହ ଆଧାର ଲିଙ୍କ୍ ସ୍ୱେଚ୍ଛାକୃତ

## ନିର୍ବାଚନୀ ସଂସ୍କାର ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ, ୨୦।୧୨**

ଲୋକ ସଭାରେ ସୋମବାର ବିରୋଧୀଙ୍କ ପ୍ରତିବାଦ ଓ ହଟ୍ଟଗୋଳ ମଧ୍ୟରେ ନିର୍ବାଚନୀ ସଂସ୍କାର ବିଲ୍ ଗୃହୀତ ହୋଇଯାଇଛି। ଭୋଟର ପରିଚୟପତ୍ରକୁ ଆଧାର ନମ୍ବର ସହ ସଂଯୋଗ କରିବା ଲାଗି ବିଲ୍‌ରେ ପ୍ରସ୍ତାବ ରହିଛି। ତେବେ ଏହାକୁ କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ତୃଣମୂଳ କଂଗ୍ରେସ, ଶିବସେନା, ବିଏସ୍‌ପି, ବିଜେଡି ପ୍ରମୁଖ ଦଳ ବିଲ୍‌କୁ ବିରୋଧ କରିଥିଲେ। ଏହା ଅଣନାଗରିକଙ୍କୁ ଭୋଟ ଅଧିକାର ପ୍ରଦାନ କରିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଥିଲେ। କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ନିର୍ବାଚନ ଆଇନ(ସଂଶୋଧନ) ବିଲ୍, ୨୦୨୧ ଲୋକ ସଭାରେ ଉପସ୍ଥାପନ କରିଥିଲେ। ଭୋଟର ପରିଚୟପତ୍ରରେ ଆଧାର ସଂଯୋଗ କରିବା ବାଧ୍ୟତାମୂଳକ ନୁହେଁ, ସ୍ୱେଚ୍ଛାକୃତ ବୋଲି ରିଜିଜୁ ସ୍ପଷ୍ଟ କରିଥିଲେ। ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର ଲାଗି ଏହା ଅତି ଗୁରୁତ୍ୱପୂର୍ଣ୍ଣ ବିଲ୍। ପ୍ରଚଳିତ ବ୍ୟବସ୍ଥାରେ ପ୍ରତିବର୍ଷ ଜାନୁୟାରୀ ୨ରେ ପ୍ରକାଶିତ ଭୋଟର ତାଲିକାରେ ଜଣଙ୍କର ନାଁ ନ ଥିଲେ ତାଙ୍କୁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡୁଥିଲା। ଏଣିକି ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି ବର୍ଷକୁ ୪ଥର ସୁଯୋଗ ମିଳିବ। ଭୋଟର ଆଇଡି ସହ ଆଧାର ସଂଯୋଗ ହେଲେ ପରିଚୟ ଖୋଜିବା ସହଜ ହେବ ଏବଂ ସମାନ ନାମରେ ଏକାଧିକ ସ୍ଥାନରେ ଥିବା ଜାଲ୍ ଭୋଟରଙ୍କୁ ଚିହ୍ନଟ କରାଯାଇପାରିବ। ଏହି ବିଲ୍‌ରେ ଜନପ୍ରତିନିଧି ଆଇନ, ୧୯୫୧ରେ ରହିଥିବା ‘ସ୍ତ୍ରୀ’ ଶବ୍ଦକୁ ବଦଳାଯାଇ ‘ଜୀବନସାଥୀ’ ରଖାଯାଇଛି। ଭୋଟ ପରିଚାଳନା ଲାଗି ନିର୍ବାଚନ କର୍ତ୍ତୃପକ୍ଷ ଅଧିକ ସରକାରୀ କାର୍ଯ୍ୟାଳୟ ପରିସରକୁ ବ୍ୟବହାର କରିବାର କ୍ଷମତା ମିଳିବ। ସଂକ୍ଷିପ୍ତ ଆଲୋଚନା ପରେ ଧ୍ୱନିମତରେ ବିଲ୍ ଗୃହୀତ ହୋଇଛି।

ବିଲ୍‌କୁ ସଂସଦୀୟ କମିଟିକୁ ପଠାଇବା ଲାଗି କେତେଜଣ ବିରୋଧୀ ଦଳ ସଦସ୍ୟ ଦାବି କରିଥିଲେ। ଆଇନ ଓ କାର୍ମିକ ଷ୍ଟାଣ୍ଡିଂ କମିଟି ବିଲ୍‌ର ବିଭିନ୍ନ ପ୍ରସ୍ତାବ ପାଇଁ ପ୍ରସ୍ତାବ ଦେବା ସହ ସୁପାରିସ କରିଥିବା ମନ୍ତ୍ରୀ କହିଥିଲେ। ନିର୍ବାଚନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଉକ୍ତ ବିଲ୍‌ର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଥିଲେ। କଂଗ୍ରେସ ଏମ୍‌ପି ଶଶୀ ଥରୁର କହିଥିଲେ, ଆଧାର ଏକ ବାସିନ୍ଦା ପ୍ରମାଣପତ୍ର, ନାଗରିକତ୍ୱର ପ୍ରମାଣ ନୁହେଁ। ଏଭଳି ବିଲ୍ ସମ୍ଭବତଃ ଅଣନାଗରିକଙ୍କୁ ଭୋଟ ଅଧିକାର ପ୍ରଦାନ କରିବ ବୋଲି କଂଗ୍ରେସ ☞ପୃଷ୍ଠା–୪





କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ଲୋକ ସଭାରେ ସୋମବାର ନିର୍ବାଚନ ଆଇନ(ସଂଶୋଧନ) ବିଲ୍ ଉପସ୍ଥାପନ କରୁଛନ୍ତି।

### ବିନା ଆଲୋଚନାରେ ବିଲ୍ ପାରିତକୁ ବିଜେଡିର ବିରୋଧ

**ନୂଆଦିଲ୍ଲୀ,୨୦।୧୨**

ଲୋକ ସଭାରେ ସୋମବାର ନିର୍ବାଚନ ଆଇନ ସଂଶୋଧନ ବିଲ୍, ୨୦୨୧ ପାରିତ ହୋଇଛି। ତେବେ ଏହା ଗୃହରେ ଆଲୋଚନା ନ ହୋଇ ପାରିତ କରାଯିବାକୁ ବିଜୁ ଜନତା ଦଳ(ବିଜେଡି) ପ୍ରଶ୍ନ ଉଠାଇଛି। ନିମ୍ନ ସଦନରେ ବିଜେଡି ଏମ୍‌ପି ଅନୁଭବ ମହାନ୍ତି କହିଛନ୍ତି ଯେ, ଆଲୋଚନା ଏବଂ ବିତର୍କ ପାଇଁ ସଂସଦ ଉଦ୍ଦିଷ୍ଟ। ତେଣୁ ଗୃହରେ ଆଲୋଚନା କରା ନ ଯାଇ ବିଲ୍‌କୁ ପାରିତ କରିବା ଉଚିତ ହେଉନାହିଁ। କୌଣସି ବିଲ ପାରିତ କରିବାକୁ ହେଲେ ସଂସଦୀୟ ବିଧି ବ୍ୟବସ୍ଥାକୁ ଗ୍ରହଣ କରିବାକୁ ହେବ। ବିଜେଡି ସବୁବେଳେ ଗୃହରେ ଗଠନମୂଳକ ଆଲୋଚନା ଚାହେଁ ବୋଲି କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ କହିଥିଲେ। ସୋମବାର ଗୃହରେ ପ୍ରବଳ ବିରୋଧ ସତ୍ତ୍ୱେ ଭୋଟର ପରିଚୟ ସହିତ ଆଧାର ସଂଯୋଗ କରିବା ନିମନ୍ତେ ନିର୍ବାଚନ ☞ପୃଷ୍ଠା–୪

# ‘ଶାନ୍ତି’ର ମାନହାନି

**ତଥାଗତ ସତପଥୀ**

ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ଉତ୍ତ୍ୟକ୍ତ ଲୋକେ ଜଣଙ୍କୁ ପିଟି ମାରିଦେବାର ୨୪ ଘଣ୍ଟା ନ ପୂରୁଣୁ କପୁରଥାଲା ଜିଲ୍ଲାରେ ଅନ୍ୟ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ଡିସେମ୍ବର ୧୮ରେ ସ୍ୱର୍ଣ୍ଣମନ୍ଦିରରେ ସନ୍ଧ୍ୟା ପ୍ରାର୍ଥନା ଚାଲିଥିବା ବେଳେ ଜଣେ ଅଣ ଶିଖ୍ ଯୁବକ ସେଠାରେ ପ୍ରବେଶ କରି ଗୁରୁଗ୍ରନ୍ଥ ସାହିବ ନିକଟରେ ଥିବା ଖଣ୍ଡାକୁ ଛୁଇଁବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଧର୍ମଗ୍ରନ୍ଥକୁ ଅସମ୍ମାନ କରିବାକୁ ସେ ଚାହୁଁଥିଲେ ବୋଲି ଧରି ନେଇ ଉପସ୍ଥିତି ଲୋକେ ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରିଥିଲେ। ସେହି ମାଡ଼ରେ ତାଙ୍କ ମୃତ୍ୟୁ ଘଟିଲା। ସେହିଭଳି ଅନ୍ୟ ଘଟଣାରେ ପ୍ରାଣ ହରାଇଥିବା ଯୁବକଙ୍କ ବିରୋଧରେ ଅଭିଯୋଗ ହୋଇଛି ଯେ, ସେ ଗୁରୁଦ୍ୱାରାରେ ନିଶାନ ସାହିବ ବା ଶିଖ୍ ପତାକା ଚୋରି କରିଥିଲେ।

ସ୍ୱର୍ଣ୍ଣମନ୍ଦିରର ଗର୍ଭଗୃହକୁ ପ୍ରବେଶକରି ଗୁରୁଗ୍ରନ୍ଥ ସାହିବ ନିକଟରେ ଥିବା ଖଣ୍ଡକୁ ଛୁଇଁବା ହେଉ ବା କପୁରଥାଲାରେ ନିଶାନ ସାହିବକୁ ଚୋରି କରିବା ଭଳି ଘଟଣା କାହିଁକି ଏହି ସମୟରେ ଘଟିଲା ତାହା ଏବେ ଚିନ୍ତାର ବିଷୟ। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନକୁ ବିରୋଧ କରିବାର ନେତୃତ୍ୱ ଶିଖ୍‌ମାନେ ନେଇ ଆସୁଥିଲେ। ଶେଷରେ ସେମାନଙ୍କ ବିଜୟ ହେଲା। ଏଥିପାଇଁ କେନ୍ଦ୍ର ସରକାର ଚାଷୀଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ। ନିଜର ଅହଂଭାବରେ ଜର୍ଜରିତ ଏହି ସରକାର କେବେହେଲେ ଭାବି ନ ଥିଲେ ଯେ, ତାଙ୍କ ନିଷ୍ପତ୍ତିକୁ ବିରୋଧ କରି ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାସ୍ତା ଉପରେ ବିକ୍ଷୋଭ ଲାଗି ରହିବ। କୃଷକଙ୍କ ଧୈର୍ଯ୍ୟ ସମ୍ମୁଖରେ ସରକାର ହାର ମାନିଥାଇପାରନ୍ତି, କିନ୍ତୁ କ୍ରୋଧିତ ହୋଇଥିବାର କୌଣସି ସନ୍ଦେହ ନାହିଁ। ଇତିହାସକୁ ଦେଖିଲେ ଶିଖ୍‌ଧର୍ମ ପଛରେ ମୁସଲମାନ ବିରୋଧୀ କାରଣ ମୁଖ୍ୟ ରହିଛି। ଶିଖ୍ ଓ ହିନ୍ଦୁମାନଙ୍କ ମଧ୍ୟରେ ସାମାଜିକ ବନ୍ଧନ ଅତ୍ୟନ୍ତ ନିବିଡ଼ ଥିବା ହେତୁ ଆଜିର ରାଜନୀତିରେ ତାହା ଅସୁବିଧା ସୃଷ୍ଟି କରୁଥାଇପାରେ। ଭାରତୀୟ ସମାଜକୁ ବିଭାଜିତ କରି ରଖିପାରିଲେ ସବୁ ରାଜନୈତିକ ଦଳ ଲାଭବାନ୍ ହେବେ ବୋଲି ଚିନ୍ତା କରିବା ସ୍ୱାଭାବିକ। ସେହିଭଳି ବିଭାଜନରୁ କେଉଁ ପ୍ରକାର ଲାଭ ମିଳୁଛି ତାହା ସମସ୍ତଙ୍କ ଆଖି ସମ୍ମୁଖରେ ହେଉଛି। ଏଭଳି ବାତାବରଣରେ ଶିଖ୍‌ମାନଙ୍କ ରାଜନୈତିକ ଆଭିମୁଖ୍ୟ ଆଜିର ଶକ୍ତିଶାଳୀ ଗୋଷ୍ଠୀଗୁଡ଼ିକୁ ବିବ୍ରତ କରୁଥାଇପାରେ। ପୁନର୍ବାର ଶିଖ୍‌ଙ୍କୁ ହିଂସ୍ର ଏବଂ ଅସହିଷ୍ଣୁ ଭାବେ ଦର୍ଶାଇବା ହୁଏତ ଏକ ଲୁକ୍କାୟିତ ଏଜେଣ୍ଡା ରୂପରେ ଆବିର୍ଭାବ ହୋଇଛି। ଅମୃତସରର ସ୍ୱର୍ଣ୍ଣମନ୍ଦିର ଓ କପୁରଥାଲାର ଗୁରୁଦ୍ୱାରାରେ ଘଟାଯାଇଥିବା ହିଂସା ଶିଖ୍ ସମ୍ପ୍ରଦାୟକୁ ଏକ ବିକୃତ ଢଙ୍ଗରେ ଚିତ୍ରଣ କରୁଥିବା ଭଳି ମନେହେଉଛି। ଅତୀତକୁ ମନେପକାଇଲେ ଦୁଇ ପୋଲିସ କର୍ମଚାରୀଙ୍କ ଦ୍ୱାରା ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଓ ଖଲିସ୍ଥାନ ପ୍ରତିଷ୍ଠା ଲାଗି ଜର୍ନେଲ ସିଂ ଭିନ୍ଦ୍ରନୱାଲାଙ୍କ ଉଦ୍ୟମ ସେତେବେଳେ ଦେଶରେ ଶିଖ୍‌ଙ୍କୁ ଦୋଷୀ ଆସନରେ ବସାଇ ଦେଇଥିଲା। ଅନୁରୂପ ଭାବେ ନିକଟରେ କୃଷକ ଆନ୍ଦୋଳନର ନେତୃତ୍ୱ ଓ ସାମିଲ ହୋଇଥିବା ବ୍ୟକ୍ତିଙ୍କୁ ଖଲିସ୍ଥାନୀ ଓ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଥିବା ବିଷୟ ସମସ୍ତଙ୍କୁ ଜଣା। ତେଣୁ ସବୁ ଦିଗକୁ ନେଇ ତର୍ଜମା କରାଗଲେ ଶିଖ୍‌ଙ୍କ ଧର୍ମପୀଠକୁ ଲକ୍ଷ୍ୟରେ ରଖାଯାଇ ଏବେ ଯେଉଁ ଧରଣର ଘଟଣା ଘଟିଛି, ତାହାକୁ ହାଲୁକା ଭାବେ ନିଆଯିବା ଉଚିତ ନୁହେଁ।

ଉପରୋକ୍ତ ଦୁଇ ଘଟଣାରେ ଶିଖ୍ ଧର୍ମକୁ ଅପମାନିତ କରାଯାଇଛି ବୋଲି ସେହି ସମ୍ପ୍ରଦାୟର ଅନେକ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ସତ୍ୟାସତ୍ୟ ବୁଝିବାର କାରଣ ନାହିଁ, କାରଣ ଆଜିର ପୃଥିବୀରେ ଧର୍ମ ଅତ୍ୟଧିକ ମାତ୍ରାରେ ଗୁରୁତ୍ୱ ଧାରଣ କରିଛି। ଏହାର ଅର୍ଥ ନୁହେଁ ଯେ, ପୃଥିବୀରେ ଧାର୍ମିକ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବାସ୍ତବ ସ୍ଥିତିକୁ ଦେଖିଲେ ଅଧିକାଂଶ ଅଧର୍ମୀ ଏବେ ଧର୍ମର ମୁଖ୍ୟ ସାଜୁଛନ୍ତି। ଏହାର ସର୍ବୋଚ୍ଚ ଉଦାହରଣ ଭାବେ ତାଲିବାନକୁ ଦେଖାଯାଇପାରେ। ଅନୁରୂପ ଭାବେ ହିନ୍ଦୁ ଓ ଖ୍ରୀଷ୍ଟିଆନ ଭଳି ଧର୍ମ ମଧ୍ୟରେ ସେହି ପ୍ରକାରର ଲୋକ ଆଗଧାଡ଼ିରେ ଅଛନ୍ତି। ଆଜିର ପୃଥିବୀରେ ‘ଶାନ୍ତି’ ଶବ୍ଦର ମାନହାନି ଘଟିଥିବା ଭଳି ମନେହେଉଛି।

# ମାର୍ଚ୍ଚରେ ହୋଇପାରେ ଦ୍ୱାଦଶ ବୋର୍ଡ ପରୀକ୍ଷା

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଆସନ୍ତା ମାର୍ଚ୍ଚରେ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୦୨୨ ଜାନୁୟାରୀ ୧୦ ସୁଦ୍ଧା ତୃତୀୟ ତ୍ରୈମାସିକ ପରୀକ୍ଷା ସାରି ପିଲାଙ୍କ ମାର୍କ ଶିକ୍ଷାନୁଷ୍ଠାନ ସ୍ତରରେ ରେକର୍ଡ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି।

ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାର୍ଚ୍ଚରେ ଦ୍ୱାଦଶ ବୋର୍ଡ ପରୀକ୍ଷା କରିବାକୁ ସମ୍ଭବତଃ ସ୍ଥିର ହୋଇଛି। ସମୟ ଆସିଲେ ପରୀକ୍ଷା ସମ୍ବନ୍ଧରେ ସୂଚନା ଦିଆଯିବ। ଗତବର୍ଷ କରୋନା ଦ୍ୱିତୀୟ ଲହର ପାଇଁ ପରୀକ୍ଷା ବାତିଲ ହୋଇଥିଲା। ଚଳିତ ବର୍ଷ ପ୍ରତିକୂଳ ପରିସ୍ଥିତି ଆସିଲେ ତିନୋଟି ତ୍ରୈମାସିକ ପରୀକ୍ଷା ଫଳ ଆଧାରରେ ମୂଲ୍ୟାୟନ କରିବା ଲାଗି ପରିଷଦ ସ୍ଥିର କରିଛି।

# ରାଜ୍ୟରେ ୪ ଡିଗ୍ରୀକୁ ଖସିଲା ପାରଦ

**ଭୁବନେଶ୍ୱର(ବ୍ୟୁରୋ)/ଦାରିଙ୍ଗବାଡ଼ି (ଡି.ଏନ୍.ଏ.)/ଟେନ୍‌ସା(ଡି.ଏନ୍.ଏ.)୨୦।୧୨**

**ଦାରିଙ୍ଗବାଡ଼ି, ଟେନ୍‌ସାରେ ତୁଷାରପାତ**



ସମଗ୍ର ରାଜ୍ୟକୁ ହାଡ଼ଭଙ୍ଗା ଶୀତ କବଳିତ କରିଛି। କାଠୁଆ ଜାଡ଼ରେ ଥରୁଛି ଓଡ଼ିଶା। ସଞ୍ଜ ନଇଁବା ମାତ୍ରେ ମାଡ଼ିଆସୁଛି ହାଡ଼ଭଙ୍ଗା ଶୀତ। ଦେହ ହାତ କୋଲା ମାରିଯାଉଛି। ଗାଁଠୁ ସହର ସବୁଠି ଶୀତର ପ୍ରକୋପ ଏତେ ବଢି ଯାଇଛି ଯେ ସକାଳୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଦିନରେ ମଧ୍ୟ ଶୀତର ପ୍ରକୋପ ସେତେଟା ହ୍ରାସ ପାଉ ନାହିଁ। ସକାଳ ୧୦ଟା ଯାଏ ପଦାରେ ଦେହମୁଣ୍ଡ ଥରାଇ ଦେଉଛି। ଦିନତମାମ କୋହଲା ପାଗ ରହୁଛି। ପ୍ରବଳ ଥଣ୍ଡା ଯୋଗୁ ସନ୍ଧ୍ୟା ☞ପୃଷ୍ଠା–୪

# ‘ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା’ ଆରମ୍ଭ





ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ‘ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା’କୁ ଶୁଭାରମ୍ଭ କରୁଛନ୍ତି।

- ୪ ଜିଲାର ଜନସାଧାରଣ ପାଇବେ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା
- ୫ ଡାକ୍ତରୀ ଟିମ୍‌କୁ ନେଇ ମାଲକାନଗିରିକୁ ପ୍ରଥମ ଉଡ଼ାଣ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଓଡ଼ିଶାବାସୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ପାଇଁ ରାଜ୍ୟ ସରକାର ‘ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା’ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ଏହି ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ଆଦିବାସୀବହୁଳ ୪ ଜିଲା ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡିକୁ ଯୋଡ଼ାଯାଇଛି। ଏସବୁ ଜିଲାର ଜନସାଧାରଣ ଏଣିକି ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପାଇପାରିବେ। ବିଭିନ୍ନ ମେଡିକାଲ କଲେଜ ଏବଂ କର୍ପୋରେଟ୍ ହସ୍ପିଟାଲର ଦକ୍ଷ ଓ ସ୍ୱନାମଧନ୍ୟ ଡାକ୍ତରମାନେ ବିମାନ ଯୋଗେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ସମ୍ପୃକ୍ତ ଜିଲାର ☞ପୃଷ୍ଠା–୪





ହାତଗଣତି କେତୋଟି ଦିନ ପରେ ଶେଷ ହେବ ୨୦୨୧ ମସିହା । ନୂଆ ଆଶା, ଆକାଂକ୍ଷା, ଉନ୍ମାଦନା ଓ ସମ୍ଭାବନାକୁ ନେଇ ଆସିବ ନୂତନ ବର୍ଷ। ୨୦୨୧ ବର୍ଷକୁ ବିଦାୟ ସହ ନବବର୍ଷ ୨୦୨୨କୁ ସ୍ୱାଗତ ପାଇଁ ଆରମ୍ଭ ହୋଇଗଲାଣି ସଜବାଜ। ତେବେ ଗଞ୍ଜାମ –କନ୍ଧମାଳ ଓ ଗଜପତି ପାଇଁ ବିଗତ ବର୍ଷ ଥିଲା ଘଟଣାବହୁଳ। କେତେକ କାର୍ଯ୍ୟକଳାପକୁ ନେଇ ଜିଲା ଚର୍ଚ୍ଚାରେ ରହିଥିଲା। ବ୍ରହ୍ମପୁର ସହରରେ ବୋହୂର ଶାଶୁଘର ଆଗରେ ଧାରଣା, କନ୍ଧମାଳର ତାଡିସରୁ ବାଇଙ୍କୁ ପଦ୍ମଶ୍ରୀ, ରହସ୍ୟ ଘେରରେ ପାରଳାଖେମୁଣ୍ଡିର ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଏବଂ ଅନ୍ୟାନ୍ୟ ଛୋଟବଡ ଖବରକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

## ପାହାଡ଼ ଉପରେ — ଅନ୍‌ଲାଇନ ପାଠ

କରୋନା ମହାମାରୀରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ ହେଲା । ବିଦ୍ୟାଳୟଗୁଡିକୁ ଏହା ପୂର୍ବରୁ ବନ୍ଦ କରି ଦିଆଗଲା । ପରିସ୍ଥିତି ନ ସୁଧୁରିବାରୁ ସରକାର ପିଲାମାନଙ୍କୁ ଅନ୍‌ଲାଇନ୍‌ରେ ପଢ଼ାଇବାକୁ ନିଷ୍ପତ୍ତି ନେଲେ । ହେଲେ କନ୍ଧମାଳ ଜିଲାରେ ଏହାର କରୁଣ ଚିତ୍ର ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଥିଲା । ଜଙ୍ଗଲ, ପାହାଡ଼ ଘେରା ଅଞ୍ଚଳରେ ତଥା ଅଧିକାଂଶ ଗ୍ରାମରେ ନେଟ୍‌ୱର୍କ ସୁବିଧା ନ ଥିବାରୁ ପିଲାମାନେ ପାହାଡରେ ଚଢ଼ି ନେଟୱର୍କ ଆସୁଥିବା ସ୍ଥାନରେ ରହି ପଢ଼ିବାକୁ ବାଧ ହେଉଥିଲେ ।

## ଚାଲିଗଲେ ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂ



କନ୍ଧମାଳ ଜିଲାର ଲୋକପ୍ରିୟ ନେତା ତଥା ବିଜୁ ଜନତା ଦଳର ପୂର୍ବତନ କନ୍ଧମାଳ ଏମ୍‌ପି ସୁଗ୍ରୀବ ସିଂ(୫୮)ଙ୍କୁ କରୋନା ନେଇଗଲା। କରୋନା ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଏପ୍ରିଲ ୨୬ରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ସିଂ ୨୦୦୪ ନିର୍ବାଚନରେ ବିଜୟୀ ହୋଇ ୨୦୦୯ ପର୍ଯ୍ୟନ୍ତ କନ୍ଧମାଳ ଏମ୍‌ପି ଥିଲେ । ଦୈନିକ ଖବରକାଗଜ 'ଧରିତ୍ରୀ'ରେ ସେ ବହୁ ବର୍ଷ ଧରି ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ ।

## ପଦ୍ମଶ୍ରୀ ଗ୍ରହଣ କଲେ ତାଡିସରୁବାଇ



କନ୍ଧମାଳ ଜିଲାର ଲୋକପ୍ରିୟ ଆଧ୍ୟାତ୍ମିକ କବୟିତ୍ରୀ ତଥା ଆଦିବାସୀ ସଂସ୍କାରକ ଭାବେ ଜଣାଶୁଣା ତାଡିସରୁବାଇ ଓରଫ ପୂର୍ଣ୍ଣମାସୀ ଜାନୀଙ୍କୁ ନଭେମ୍ବର,୨୦୨୧ରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ । ଖଜୁରିପଡା ବ୍ଲକ ଚାରିପଡା ଗ୍ରାମର ପୂର୍ଣ୍ଣମାସୀ ଏକ ବିସ୍ମୟ ପ୍ରତିଭା ଭାବେ ଲକ୍ଷାଧିକ ଆଧାତ୍ମିକ ସଂଗୀତ ସୃଷ୍ଟି କରିଛନ୍ତି।

## କନ୍ଧମାଳ ଦଙ୍ଗାରେ ୩୦ ଜଣଙ୍କୁ ଜେଲ

କନ୍ଧମାଳ ଜିଲାରେ ୨୦୦୮ ଦଙ୍ଗା ସାରା ଦେଶ ବିଦେଶରେ ହଇଚଇ ଖେଳାଇ ଦେଇଥିଲା । ଦଙ୍ଗାରେ ବହୁ ଧନ ଜୀବନ ନଷ୍ଟ ହୋଇଥିଲା । ୨୦୦୮ ଅଗଷ୍ଟ ୨୪ ରେ ହୋଇଥିବା ମାରପିଟ ଘଟଣାରେ ୩୦ ଜଣ ସାମିଲ ଥିଲେ । ସେମାନଙ୍କ ନାମରେ କୋଟଗଡ ଥାନାରେ ଏତଲା ହୋଇଥିଲା । କୋଟଗଡ ଜେଏମ୍‌ଏଫ୍‌ସି କୋର୍ଟ ଏହାର ବିଚାର କରି ଜୁଲାଇ ୭ରେ ସମସ୍ତ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଥିଲେ ।



## ଧାରଣାରେ ତପସ୍ୱିନୀ

ନ୍ୟାୟ ପାଇଁ ବୋହୂ ତପସ୍ୱିନୀ ଦାଶ ବ୍ରହ୍ମାନଗର ସ୍ଥିତ ଶ୍ୱଶୁରଘର ଆଗରେ ୧୦ ଦିନ ଧାରଣା ଦେଇଥିଲେ। ପରେ କୋର୍ଟ ତପସ୍ୱିନୀ ଓ ସ୍ୱାମୀ ଡାକ୍ତର ସୁମିତ ସାହୁଙ୍କୁ ଆସିକା ଚିନିକଳ ଅତିଥି ଭବନରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଉଭୟେ ଆସିକା ଅଞ୍ଚଳରେ ଏକ ଘର ଭଡ଼ା ନେଇ ଏକାଠି ରହିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଡିସେମ୍ବର ୧୦ ରୁ ସୁମିତ କେଉଁଆଡ଼େ ତାଙ୍କୁ ନ ଜଣାଇ ଚାଲି ଯାଇଥିଲେ ବୋଲି ତପସ୍ୱିନୀ ଆସିକା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଗତ ୧୬ ତାରିଖରେ ସୁମିତ ଏକ ଅଡିଓ ଟେପ୍ ଜାରି କରି ମୁଁ ଫେରାର ହୋଇନାହିଁ ବୋଲି କହିଥିଲେ। କିନ୍ତୁ ୧୭ ତାରିଖର ପରବର୍ତ୍ତୀ ଶୁଣାଣି ପରେ ସେ ଉପର କୋର୍ଟର ଆଶ୍ରୟ ନେଇଥିବା ଜଣାପଡିଛି। ପୁନର୍ବାର ତପସ୍ୱିନୀ ବ୍ରହ୍ମାନଗରରେ ଥିବା ସୁମିତଙ୍କ ଘର ଆଗରେ ଧାରଣାରେ ବସିଛନ୍ତି।



## ରହସ୍ୟରେ ଏସିଏଫ୍‌ଙ୍କ ମୃତ୍ୟୁ

ଜୁଲାଇ ୧୨ ରାତିରେ ପାରଳାଖେମୁଣ୍ଡି ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର କୌଣସି କାରଣରୁ ପୋଡ଼ିହୋଇ ଯାଇଥିଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକର ଏକ ଘରୋଇ ହସ୍ପିଟାଲରେ ୧୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସେ କିଭଳି ପୋଡ଼ି ହେଲେ ତା'ର କାରଣ ଅସ୍ପଷ୍ଟ ରହିଛି। ପାରଳାଖେମୁଣ୍ଡି ପୋଲିସ ଏସିଏଫ୍‌ଙ୍କ ଘରୁ ଏକ କିରୋସିନ ବୋତଲ ଜବତ କରିଥିଲା। ଘଟଣା ଦିନ ସ୍ତ୍ରୀଙ୍କ ସହ ସେ ସରକାରୀ ବାସଭବନରେ ଥିଲେ। ରାତି ପ୍ରାୟ ୯ଟାରେ ହଠାତ୍ ସ୍ତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସୌମ୍ୟରଞ୍ଜନ ଜଳୁଥିବା ଦେଖିଥିଲେ। ଏବେବି ତାଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଛି।



## ସ୍ମାର୍ଟ କ୍ଲାସରେ ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀ

୫–ଟି ଦ୍ୱାରା ରୂପାନ୍ତରଣ ହୋଇଥିବା ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବୃନ୍ଦାବନ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଇଥିଲେ। ସ୍ମାର୍ଟ କ୍ଲାସରୁମ୍‌ରେ ଛାତ୍ରୀଛାତ୍ରଙ୍କ ସହ ବସି ପାଠପଢ଼ା ଅନୁଧ୍ୟାନ କରି ପିଲାଙ୍କ ସହ ରୂପାନ୍ତରଣର ଅନୁଭୂତି ନେଇ ଆଲୋଚନା କରିଥିଲେ। ପିଲାମାନେ କିପରି ନିଜର ଦକ୍ଷତା ପ୍ରତିପାଦନ କରିବେ, ସେ ନେଇ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ ବସି ତାଙ୍କ ମନୋବଳ ବଢାଇବା ସହ ବଗିଚା ବୁଲି ଦେଖିଥିଲେ।

## ଏମ୍‌କେସିଜିରେ ଅକ୍ସିଜେନ୍ ପ୍ଲାଣ୍ଟ

ଏମ୍‌କେସିଜି ମେଡିକାଲରେ ବହୁ ପ୍ରତୀକ୍ଷିତ ଲିକ୍ୟୁଇଡ୍ ମେଡିକାଲ ଅକ୍ସିଜେନ୍(ଏଲ୍‌ଏମ୍‌ଓ) ପ୍ଲାଣ୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ପରେ ଦକ୍ଷିଣ ଓଡ଼ିଶାର ରୋଗୀମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି। ରୋଗୀଙ୍କୁ ଅକ୍ସିଜେନ୍ ଦେବା ପାଇଁ ପୂର୍ବଭଳି ଆଉ ସିଲିଣ୍ଡରର ଆବଶ୍ୟକତା ପଡୁନାହିଁ।



## ଆଇଟିଆଇର ପ୍ରଥମ ଗ୍ରାସ୍ ଆର୍ଟ ପାର୍କ

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ପ୍ରଥମ ଗ୍ରାସ୍ ଆର୍ଟ ପାର୍କ ଜୁଲାଇ ୧୫ରେ ଉଦ୍‌ଘାଟିତ ହୋଇଥିଇା। ଏହାକୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ମୁଖ୍ୟ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ସେ ବ୍ରହ୍ମପୁର ଆଇଟିଆଇକୁ ମଡ଼େଲ୍ ଆଇଟିଆଇ ବୋଲି କହିଥିଲେ। ଏହି ଗ୍ରାସ୍ ଆର୍ଟ ପାର୍କରେ ଆର୍ଟିଫିସିଆଲ୍ ନିର୍ମିତ ଗ୍ରାସ୍‌ରେ ବିଭିନ୍ନ ପ୍ରାଣୀଙ୍କ ମଡ଼େଲ୍ ନିର୍ମିତ ହୋଇଛି। ଏହା ଦେଶର ପ୍ରଥମ ଗ୍ରାସ୍ ଆର୍ଟ ପାର୍କ ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଥିଲେ।



## ଜମିରୁ ଭାସିଗଲା କଟାଧାନ



ଖଲ୍ଲିକୋଟରେ ୧୫୮ ମି.ମି.ବର୍ଷା

ବାତ୍ୟା 'ଜୱାଦ' ପ୍ରଭାବରୁ ଲଘୁଚାପ ଜନିତ ବର୍ଷାରେ ଖଲ୍ଲିକୋଟ ବ୍ଲକରେ ନଭେମ୍ବରରେ ସର୍ବାଧିକ ବର୍ଷା ହୋଇଛି। ଦୁଇ ଦିନ ଧରି ପ୍ରବଳ ବର୍ଷା ଲାଗି ରହିଥିଲା। ବ୍ଲକରେ ୧୫୮ ମି.ମି.ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ଏଥିରେ ଅଞ୍ଚଳରେ ହୋଇଥିବା ଧାନ ଫସଲ ବ୍ୟାପକ କ୍ଷତି ହୋଇ ପାଣି ସ୍ରୋତରେ ଭାସିଯାଇଥିଲା। ଏଥିଯୋଗୁ ଚାଷୀମାନେ ନାନା ହଇରାଣ ହେବା ସହ ବର୍ତ୍ତମାନ ସୁଦ୍ଧା ଜମିରୁ ପାଣି ଶୁଖି ନାହିଁ। ବ୍ଲକର ଦାନପୁର, ବିଏନ୍‌ପୁର, ଶ୍ରୀକୃଷ୍ଣସରଣପୁର, ନାଇକାଣୀପଲ୍ଲୀ, ମଥୁରା ଆଦି ପଞ୍ଚାୟତରବହୁ ଜମି ପାଣିରେ ବୁଡି ରହିଥିଲା।



## କନ୍ଧମାଳରେ ଜଗା

କନ୍ଧମାଳ ଜିଲାର ବହୁଚର୍ଚ୍ଚିତ ଯୋଡ଼ାମୁଣ୍ଡ ଶିଶୁ ଜଗାଙ୍କୁ ଦୀର୍ଘ ୪ ବର୍ଷ ପରେ ମାର୍ଚ୍ଚ ୨୨ ରେ ଫୁଲବାଣୀ ଫେରାଇ ଅଣାଯାଇଥିଲା । ତାଙ୍କୁ ଘରକୁ ପଠା ନ ଯାଇ ମା' ବାପାଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଭାବେ ନିର୍ମିତ ମାତୃ ଶିଶୁ ସ୍ୱାସ୍ଥ୍ୟ ୟୁନିଟ(ଏମ୍‌ସିଏଚ୍)ର ଏକ ସ୍ୱତନ୍ତ୍ର ଗୃହରେ ରହିବା ଲାଗି ବ୍ୟବସ୍ଥା କରାଯାଇଥିଲା। କିଛି ଦିନ ତଳେ ଜଗା ତାଙ୍କ ବାପାଙ୍କ ସହ ଫୁଲବାଣୀ ସହରରେ ବୁଲୁଥିବା ଦେଖିବାକୁ ମିଳିଥିଲା । ଭୂୟାଁ କହଁରଙ୍କ ସ୍ତ୍ରୀ ପୁଷ୍ପାଳି ଏକ ଯୋଡା ମୁଣ୍ଡ ଥିବା ଜଗା, କାଳିଆଙ୍କୁ ଜନ୍ମ ଦେଇଥିଲେ। ସେମାନଙ୍କ ଅସ୍ତ୍ରୋପଚାର ଦିଲ୍ଲୀ ଏମ୍‌ସରେ କରାଯାଇ ପରେ ସେମାନଙ୍କୁ କଟକ ଅଣା ଯାଇଥିଲା । ୨୦୨୦ ନଭେମ୍ବର ୨୫ରେ କଟକ ବଡ଼ ଡାକ୍ତରଖାନାରେ କାଳିଆର ମୃତ୍ୟୁ ଘଟିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୫୨,୮୨,୧୧୫ | ୫୩,୭୩,୩୨୩ | ୨୪,୭୯,୮୯,୮୨୨ |
| ଭାରତ | ୩,୪୭,୪୬,୮୩୮ | ୪,୭୭,୫୫୪ | ୩,୪୧,୮୭,୦୧୭ |
| ଓଡ଼ିଶା | ୧୦,୫୩,୦୨୦ | ୮୪୪୫(+୫୩) | ୧୦,୪୨,୮୭୫ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଭୁବନେଶ୍ୱର-ଆନନ୍ଦବିହାର ସୁପରଫାଷ୍ଟ ୨ଦିନ ବାତିଲ



**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ଉତ୍ତର କେନ୍ଦ୍ରୀୟ ରେଳପଥ ଅନ୍ତର୍ଗତ ଉତ୍ତର ପ୍ରଦେଶର ନୈନି ଷ୍ଟେଶନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଭୁବନେଶ୍ୱର-ଆନନ୍ଦବିହାର-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ ଭାୟା ଅନୁଗୋଳ ଓ ଝାରସୁଗୁଡା ଦୁଇଦିନ ପାଇଁ ବାତିଲ ରହିବ। ଭୁବନେଶ୍ୱର-ଆନନ୍ଦବିହାର ସୁପରଫାଷ୍ଟ ଏକ୍ସପ୍ରେସ (୨୨୮୦୫) ଭୁବନେଶ୍ୱରରୁ ଜାନୁୟାରୀ ୧ ଏବଂ ୮ ତାରିଖରେ ବାତିଲ ରହିବ। ଆନନ୍ଦବିହାର-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ (୨୨୮୦୬) ଆନନ୍ଦ ବିହାରରୁ ଜାନୁୟାରୀ ୩ ଓ ୧୦ରେ ବାତିଲ ରହିବ। ସେହିପରି ଆନନ୍ଦ ବିହାର (ଦିଲ୍ଲୀ)-ପୁରୀ ନନ୍ଦନକାନନ ଏକ୍ସପ୍ରେସ ୧୨ ଦିନ ପାଇଁ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ। ଏହି ଟ୍ରେନ୍ (୧୨୮୧୬) ଆନନ୍ଦ ବିହାରରୁ ଡିସେମ୍ବର ୩୦ରୁ ୧୦ ଜାନୁୟାରୀ ପର୍ଯ୍ୟନ୍ତ ମିରାଜପୁର ଷ୍ଟେଶନକୁ ନ ଯାଇ ପ୍ରୟାଗରାଜ-ପ୍ରୟାଗରାଜ ରାମବାଗ-ଦିନ ଦୟାଲ ଉପାଧ୍ୟାୟ ଷ୍ଟେଶନ ମାର୍ଗଦେଇ ପରିବର୍ତ୍ତିତ ମାର୍ଗରେ ଚାଲିବ।

### ୫ରୁ ଦଶମ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷା

**କଟକ ଅଫିସ,୨୦।୧୨:** ଆସନ୍ତା ଜାନୁୟାରୀ ୫ ତାରିଖରୁ ଦଶମ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷା ଆରମ୍ଭ ହେବ। ଏହି ପରୀକ୍ଷା ପ୍ରତ୍ୟେକ ଦିନ ଦୁଇଟି ସିଟିଂରେ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସମଗ୍ର ରାଜ୍ୟରେ ୩୦୯୩ କେନ୍ଦ୍ରରେ ଏହି ପରୀକ୍ଷା କରାଯିବ । ପରୀକ୍ଷା ସମ୍ବନ୍ଧିତ ଅଧିକ ସୂଚନା ବୋର୍ଡ ୱେବସାଇଟ୍ www.bseodisha.ac.inରେ ଉପଲବ୍ଧ ରହିଛି। ବିଦ୍ୟାଳୟ ସହ ସଂଲଗ୍ନ ହୋଇଥିବା ପରୀକ୍ଷାକେନ୍ଦ୍ରର ନାମ, ବିଦ୍ୟାଳୟଟି ପରୀକ୍ଷାକେନ୍ଦ୍ର ଓ ନୋଡାଲ୍ କେନ୍ଦ୍ର ଭାବେ ମନୋନୀତ ହୋଇଛି କି ନାହିଁ ଆଦି ସୂଚନା ୱେବ୍‌ସାଇଟ୍‌ରୁ ମିଳିପାରିବ।

# ପୋଲିସ-ଗ୍ରାମବାସୀ ମୁହାଁମୁହିଁ

## ସୀମା ନିର୍ଦ୍ଧାରଣକୁ ନେଇ ଢିଙ୍କିଆରେ ଉତ୍ତେଜନା

**କୁଜଙ୍ଗ,୨୦।୧୨(ଡି.ଏନ୍.ଏ.)**

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରୁଥିବା ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ସୋମବାର ସୀମା ନିର୍ଦ୍ଧାରଣକୁ କେନ୍ଦ୍ର କରି ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ୨ ମାସ ପୂର୍ବେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ପଡ଼ାଗ୍ରାମ ମାହଳର ସୀମା ନିର୍ଦ୍ଧାରଣ ପାଇଁ ପ୍ରଶାସନିକ ଅଧିକାରୀମାନେ ଆସିଥିଲେ। ପୂର୍ବ ନୋଟିସ ଅନୁଯାୟୀ, ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ, ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଓ ଅନ୍ୟାନ୍ୟ ରାଜସ୍ୱ କର୍ମଚାରୀ ମାହାଳ ସୀମାରେ ପହଞ୍ଚି ମାପଚୁପ ଆରମ୍ଭ କରିଥିଲେ।



ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଢେଲା ଫିଙ୍ଗୁଛନ୍ତି।

ଏହି ସମୟରେ ଢିଙ୍କିଆ ଗ୍ରାମର ବହୁ ଲୋକ ଘଟଣାସ୍ଥଳକୁ ମାଡିଆସିଥିଲେ। ଏହାଦେଖି ପ୍ରଶାସନିକ ଅଧିକାରୀମାନେ ସୀମା ନିର୍ଦ୍ଧାରଣ ଛାଡି ସେଠାରୁ ଚାଲିଆସିଥିଲେ। ଗ୍ରାମବାସୀ ଢିଙ୍କିଆରେ ନ ଥିବା ବେଳେ ପ୍ରକଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କ ଦାଦା ଅଯୋଦ୍ଧା ସ୍ୱାଇଁ ଏବଂ ତାଙ୍କ ଝିଅ ମିଲି ସ୍ୱାଇଁଙ୍କୁ ପୋଲିସ ଗିରଫ କରିଥିଲା। ଏ ସମ୍ପର୍କରେ ଜାଣିବା ପରେ ଢିଙ୍କିଆର ଲୋକେ ଉତ୍ତ୍ୟକ୍ତ ହୋଇ ବହୁ ସଂଖ୍ୟାରେ ପଟଣାଠାରେ ଅସ୍ଥାୟୀଭାବେ ଖୋଲିଥିବା ପୋଲିସ କ୍ୟାମ୍ପରେ ଆକ୍ରମଣ କରିବାକୁ ମାଡ଼ିଯାଇଥିଲେ। ସେମାନେ ପୋଲିସ ଆଡ଼କୁ ଢେଲାପଥର ମାଡ଼ କରିଥିଲେ। ପୋଲିସ ପକ୍ଷରୁ ମଧ ଢେଲାପଥର ମାଡ଼ କରାଯାଇଥିଲା। ଏନେଇ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ପୋଲିସ ସତର୍କ ରହିଥିବାବେଳେ ବିରୋଧୀମାନେ ଫୁଲଖାଇ ମନ୍ଦିରରେ ଏକତ୍ର ହୋଇ ଭିଟାମାଟିର ସୁରକ୍ଷା ପାଇଁ ପ୍ରସ୍ତୁତ ରହିବାକୁ ରଣହୁଙ୍କାର ଦେଇଛନ୍ତି। ଗତ ୩ ତାରିଖ ରାତିରେ ପ୍ରକଳ୍ପ ସପକ୍ଷରେ ଥିବା ଢିଙ୍କିଆ ପଞ୍ଚାୟତର ଗୋବିନ୍ଦପୁରର ପ୍ରଭାତ ରାଉତଙ୍କ ଘର ଉପରେ ବୋମା ମାଡ଼ ହୋଇଥିଲା। ୪ ତାରିଖରେ ପୋଲିସ ଏହି ଘଟଣାର ତଦନ୍ତ କରିବାକୁ ଯାଇଥିବାବେଳେ ଅଭୟଚାନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ଆଶୁତୋଷ ହୋତାଙ୍କୁ ଢିଙ୍କିଆର କେତେଜଣ ଲୋକ ଅଟକାଇ ମାଡ଼ମାରିବା ସହ ବନ୍ଧୁକ ଛଡାଇ ନେଇଥିଲେ। ଏହି ଅଭିଯୋଗରେ ଅଯୋଦ୍ଧା ଓ ମିଲିଙ୍କ ସମେତ ଦେବେନ୍ଦ୍ର ସ୍ୱାଇଁ, ନିତ୍ୟାନନ୍ଦ ସ୍ୱାଇଁ, ଶାନ୍ତି ସେଠୀ, କୁନି ମଲ୍ଲିକ ପ୍ରମୁଖଙ୍କ ନାମରେ ପୋଲିସ ମାମଲା(ନଂ. ୧୨୭/୨୧)ରୁଜୁ କରିଥିଲା। ଏହି ମାମଲାରେ ଅଯୋଦ୍ଧା ଓ ତାଙ୍କ ଝିଅକୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ଜେନା ସୂଚନା ଦେଇଛନ୍ତି।

# ‘୨୦୨୩ ମାର୍ଚ୍ଚ ସୁଦ୍ଧା ମେଡିକାଲ କଲେଜ କାମ ଶେଷ କର’

## ଯାଜପୁର ଜିଲାର ବିଭିନ୍ନ ପ୍ରକଳ୍ପ କାମ ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯାଜପୁର ଜିଲା ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ଅଗ୍ରଗତି ସମ୍ପର୍କିତ ନିରୀକ୍ଷଣ କରିଛନ୍ତି। ଏହାସହ ପ୍ରକଳ୍ପଗୁଡ଼ିକର ବିଭିନ୍ନ ପର୍ଯ୍ୟାୟ କାମ ଏବଂ ପୂର୍ଣ୍ଣାଙ୍ଗ ନିମନ୍ତେ ସମୟସୀମା ନିର୍ଦ୍ଧାରଣ ମଧ କରିଛନ୍ତି। ଜିଲାରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମାଣାଧୀନ ସମ୍ପ୍ରସାରଣ ବ୍ଲକର ଅଗ୍ରଗତି କାର୍ଯ୍ୟ ପରିଦର୍ଶନ କରିଥିଲେ। ୨୦୨୨ ଅଗଷ୍ଟ ଶେଷ ସୁଦ୍ଧା କାର୍ଯ୍ୟ ପୂର୍ଣ୍ଣାଙ୍ଗ କରି ରୋଗୀ ସେବାରେ ନିୟୋଜିତ କରିବା ପାଇଁ ନିର୍ମାଣକାରୀ ସଂସ୍ଥା ଏବଂ ଜିଲା ପ୍ରଶାସନଙ୍କୁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ ସେ ନିର୍ମାଣାଧୀନ ଯାଜପୁର ମେଡିକାଲ କଲେଜ, ଇନ୍‌ଡୋର ସ୍ପୋର୍ଟସ୍ କମ୍ପ୍ଲେକ୍ସ, ମା’ ବିରଜା ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ ପ୍ରକଳ୍ପ ଏବଂ ବିରଜା ହାଇସ୍କୁଲ ରୂପାନ୍ତରଣ ପ୍ରକଳ୍ପ ପରିଦର୍ଶନ କରି ସେଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ପ୍ରାୟ ୪୨୬ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଉଥିବା ଏହି ମେଡିକାଲ କଲେଜର କାର୍ଯ୍ୟ ୨୦୨୩ ଜୁନ୍ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରାୟ ୧୪.୪୦ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ନିର୍ମାଣ ହେଉଥିବା ଇନ୍‌ଡୋର ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ୬.୫ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ କରାଯାଉଥିବା ମା’ ବିରଜା ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ କାର୍ଯ୍ୟ ୨୦୨୨ ମାର୍ଚ୍ଚ ସୁଦ୍ଧା ସାରିବାକୁ ସମୟ ସୀମା ନିର୍ଦ୍ଧାରଣ କରିଛନ୍ତି। ଏହି ଗସ୍ତକାଳରେ ମୁଖ୍ୟ ଶାସନ ସଚିବ ବିରଜା ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିଦର୍ଶନ କରି ଏହାର ରୂପାନ୍ତରଣ ପ୍ରକଳ୍ପର ଅଗ୍ରଗତି ନିରୀକ୍ଷଣ କରିଥିଲେ। ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରି, ବିଜ୍ଞାନ ପରୀକ୍ଷାଗାର ଆଦି ପରିଦର୍ଶନ କରି ଶିକ୍ଷକଙ୍କ ସହ ମଧ ଆଲୋଚନା କରିଛନ୍ତି। ଏହିସବୁ ସୁବିଧାର ସର୍ବୋତ୍କୃଷ୍ଟ ବ୍ୟବହାର ପୂର୍ବକ ଛାତ୍ରୀଛାତ୍ରଙ୍କୁ ଦେଶର ଯେକୌଣସି ବିଦ୍ୟାଳୟର ପିଲାଙ୍କ ସମକକ୍ଷ କରି ଗଢ଼ିବାକୁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଗସ୍ତ ସମୟରେ ଜିଲାପାଳ ଚକ୍ରବର୍ତ୍ତୀସିଂ ରାଠୋରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ, ଯନ୍ତ୍ରୀମାନେ ଆବଶ୍ୟକ ସଦ୍ୟତନ ତଥ୍ୟ ଉପସ୍ଥାପିତ କରିଛନ୍ତି।



ରବୀନ୍ଦ୍ର କୁମାର ଦାଶ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ଶ୍ରୀମନ୍ଦିରକୁ ୨୦ ଲକ୍ଷ ଟଙ୍କା, ୩ ରୁପା ଥାଳି ଦାନ

**ପୁରୀ ଅଫିସ,୨୦।୧୨**

ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଦାଶ ସୋମବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୨୦ଲକ୍ଷ ଟଙ୍କା ଦାନ କରିଛନ୍ତି। ପୂର୍ବାହ୍ନରେ ସେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଭେଟି ୧୦ ଲକ୍ଷ ଟଙ୍କାର ଦୁଇଟି ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥର ବାର୍ଷିକ ସୁଧରେ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ପ୍ରଦାନ କରାଯିବା ତାଙ୍କର ଇଚ୍ଛା ବୋଲି ସେ କହିଛନ୍ତି। ଏହାକୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱାଗତ କରିଛି। ସେହିପରି ପୁରୀ ଗଜପତି ନଗରର ବାସିନ୍ଦା କଳ୍ପନା ପାଢ଼ୀ ଓ ତାଙ୍କ ପରିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୩ଟି ରୁପାଥାଳି ଦାନ କରିଛନ୍ତି। ଏହି ୩ଟି ରୁପାଥାଳିର ଓଜନ ୪ କେଜି ୬୫୩ ଗ୍ରାମ ରହିଛି। ଉଭୟ ଦାତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡୁଆ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।

# ପୋଲିସରେ ନିଯୁକ୍ତି ପାଇବେ ୧୮୫ ଡ୍ରାଇଭର

**କଟକ ଅଫିସ,୨୦।୧୨**



ପୋଲିସ ମୋଟର ଟ୍ରାନ୍ସପୋର୍ଟ ବିଭାଗରେ ୧୮୫ ଜଣ ଡ୍ରାଇଭର ନିଯୁକ୍ତି ପାଇବେ। ଏହି ନିଯୁକ୍ତିକୁ ପୋଲିସ ମହାନିର୍ଦ୍ଦେଶକ ଅଭୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଉକ୍ତ ନିଯୁକ୍ତି ପ୍ରକ୍ରିୟା ସିଲେକ୍ସନ ବୋର୍ଡ ଦ୍ୱାରା ପରିଚାଳନା କରାଯାଇଛି। ଆଇଜିପି (ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲଙ୍କ ଅଧ୍ୟକ୍ଷତାରେ ଚୟନ ପ୍ରକ୍ରିୟା ସମାପ୍ତ ହୋଇଯାଇଛି। ଗତ ୧ରୁ ୧୦ ତାରିଖ ମଧ୍ୟରେ ଶାରୀରିକ ଓ ଡ୍ରାଇଭିଂ ପରୀକ୍ଷା ଏବଂ ୧୨ ତାରିଖରେ ଲିଖିତ ପରୀକ୍ଷା ହୋଇଥିଲା। ସମସ୍ତ ସଫଳ ପ୍ରାର୍ଥୀଙ୍କ ତାଲିକା odisha police.gov.in ୱେବ୍‌ସାଇଟରେ ଉପଲବ୍ଧ ଥିବା ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।




ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା



# ରାଜନୀତି ପଶାପାଲିରେ ପାଇକ ବିଦ୍ରୋହ



ଡ. ପ୍ରଫୁଲ୍ଲ କୁମାର ସାହୁ

ଓଡ଼ିଆ ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ ପାଇକ ବିଦ୍ରୋହ। ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ଏକ ଗୌରବମୟ ଅଧ୍ୟାୟ। ଏହି ସୁସଂଗଠିତ ଓ ସୁଦୂରପ୍ରସାରୀ ବିଦ୍ରୋହର ଅଗ୍ନିବର୍ଷୀ ପ୍ରେରଣା ଯୋଗୁ ତ୍ୱରାନ୍ୱିତ ହୋଇଥିଲା ମୁକ୍ତି ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟ। ତେଣୁ ଜାତୀୟ ସ୍ତରରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସିଛି ଓଡ଼ିଶା। ମାତ୍ର ବିଡ଼ମ୍ବନାର ବିଷୟ ଓଡ଼ିଶାର ଏ ଦାବିକୁ ଏବେ ମାନିବାକୁ ପ୍ରସ୍ତୁତ ନୁହନ୍ତି କେନ୍ଦ୍ର ସରକାର।

ରାଜ୍ୟ ସଭାରେ ସାଂସଦ ପ୍ରଶାନ୍ତ ନନ୍ଦଙ୍କ ଏକ ପ୍ରଶ୍ନର ଉତ୍ତର ରଖି (୨୧।୨।୨୦୨୧) ପାଇକ ବିଦ୍ରୋହକୁ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦିଆଯାଇପାରିବନି ବୋଲି ସ୍ପଷ୍ଟ ଭାଷାରେ କହିଛନ୍ତି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀ। ମନ୍ତ୍ରୀଙ୍କର ଏହି ଦୁର୍ଭାଗ୍ୟଜନକ ମନ୍ତବ୍ୟ ଓଡ଼ିଆଙ୍କ ଭାବାବେଗ ଉପରେ ଆଣିଛି ଶକ୍ତ ଆଘାତ ; ଯାହାକୁ ନେଇ ଏବେ ଜୋର ଧରିଛି ରାଜନୀତି। ମନ୍ତ୍ରୀଙ୍କ ବକ୍ତବ୍ୟ ଅନୁସାରେ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ, ସରକାର ଏ ନିଷ୍ପତ୍ତି ନେଇଛନ୍ତି ଭାରତୀୟ ଇତିହାସ ଗବେଷଣା ପରିଷଦର ତଥ୍ୟ ଆଧାରରେ। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠୁଛି ଗବେଷଣା ପରିଷଦ ତଥ୍ୟ ଆଳରେ ସରକାର ଯେଉଁ ନିଷ୍ପତ୍ତି ନେଲେ, ତା' ବାସ୍ତବ ଆଧାରିତ ନା ସ୍ୱାର୍ଥ ପ୍ରଣୋଦିତ!

ସାଧାରଣତଃ ଅତୀତର ଅନ୍ଧକାର ମଧ୍ୟରୁ ମନୁଷ୍ୟର କୃତିତ୍ୱ, ମହତ୍ତ୍ୱ, ସଫଳତା ଓ ଦୁର୍ବଳତାକୁ ଆବିଷ୍କାର କରିବା ଇତିହାସର ଲକ୍ଷ୍ୟ। ସେଥିପାଇଁ କୁହାଯାଏ ଇତିହାସ ହେଉଛି ସତ୍ୟର ଭଣ୍ଡାର। ମାତ୍ର ସତ୍ୟ ପ୍ରତି ଯେଉଁଠି ନିଷ୍ଠାର ଅଭାବ, ସେଠାରେ ତଥ୍ୟ ଓ ବାସ୍ତବତା ମଧ୍ୟରେ ସୃଷ୍ଟି ହୁଏ ଦୂରତ୍ୱ। ଅର୍ଥାତ୍ ଅତୀତକୁ ଗଢ଼ିବା ବେଳେ ଇତିହାସର ଭାଷ୍ୟକାର ଯଦି ପକ୍ଷପାତିତାର ବଶବର୍ତ୍ତୀ ହୁଏ, ତେବେ ଉଦ୍‌ଘାଟିତ ହୋଇପାରେନି ଅନେକ ମୌଳିକ ସତ୍ୟ। ଏହି ଦୃଷ୍ଟିରୁ ବିଚାର କଲେ ଭାରତର ଇତିହାସ ଲେଖାଯାଇଛି ଇଂରେଜମାନଙ୍କ ଦଲିଲ, ଦସ୍ତାବିଜ ଓ ତର୍ଜମାରୁ ମିଳିଥିବା ତଥ୍ୟ ଆଧାରରେ। ଅର୍ଥାତ୍ ଯେଉଁମାନଙ୍କ ବିରୋଧରେ ଆମର ସଂଘର୍ଷ, ସେମାନେ ନିର୍ମାଣ କରିଥିବା ତଥ୍ୟ ଆଧାରରେ ଯଦି ନିଷ୍କର୍ଷ ଖୋଜାଯାଏ, ତେବେ ସତ୍ୟତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହି ଦୃଷ୍ଟିକୋଣରୁ ଏକ ନିରପେକ୍ଷ ମୂଲ୍ୟାୟନ ପୂର୍ବକ ସରକାର ଏହାର ପୁନର୍ବିଚାର କରିବା ଉଚିତ।

ପାଇକ ବିଦ୍ରୋହର ଗୌରବମୟ ଅତୀତକୁ ସ୍ମରଣ କରିବା ମାତ୍ରେ ଆଖି ଆଗକୁ ଆସିଯାଏ ରକ୍ତତୀର୍ଥ ଖୋର୍ଦ୍ଧା। ଐତିହ୍ୟ, ସଂସ୍କୃତି, ତ୍ୟାଗ ବଳିଦାନର ମାଟି। ୧୮୫୭ ସିପାହି ବିଦ୍ରୋହର ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଏହି ଲାଲ ମାଟିର ବୀର ପାଇକମାନେ ବଜାଇ ସାରିଥିଲେ ବ୍ରିଟିଶ ବିରୋଧୀ ବିଦ୍ରୋହର ବିଗୁଲ। ବାସ୍ତବ ଅର୍ଥରେ ଏହା କେବଳ ଏକ ବିଦ୍ରୋହ ନ ଥିଲା, ବରଂ ଥିଲା ସ୍ୱାଧୀନତା ଚାହୁଁଥିବା ଗୋଟେ ବୀର ଜାତିର ମୁକ୍ତି ସଂଗ୍ରାମ। ସେ ସଂଗ୍ରାମର ପ୍ରଥମ ସ୍ଫୁଲିଙ୍ଗ ଥିଲେ ଜୟୀ ରାଜଗୁରୁ। ତତ୍କାଳୀନ ଖୋର୍ଦ୍ଧା ରାଜାଙ୍କ ବେବର୍ତ୍ତା। ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗର ସୁରକ୍ଷା ପାଇଁ ତାଙ୍କ ନେତୃତ୍ୱରେ ପାଇକମାନେ ଲଢ଼ିଥିଲେ ଦୁର୍ବାର ଲଢ଼େଇ। ରାଜଗୁରୁଙ୍କ ସାଂଗଠନିକ ଶକ୍ତି ଓ ପାଇକମାନଙ୍କ ଗେରିଲା ଯୁଦ୍ଧ ଇଂରେଜଙ୍କ ଆଖିରୁ ହଜେଇ ଦେଇଥିଲା ନିଦ। ମାତ୍ର ସମଗ୍ର ଭାରତକୁ କବ୍‌ଜା କରିସାରିଥିବା ଇଂରେଜମାନଙ୍କୁ ବେଶି ସମୟ ପର୍ଯ୍ୟନ୍ତ ଅଟକାଇ ପାରି ନ ଥିଲେ ଜୟୀ ରାଜଗୁରୁ। ସେମାନେ ଭେଦନୀତି ପ୍ରୟୋଗକରି ଖୋର୍ଦ୍ଧା ଦଖଲ କରି ନେଲେ (୧୮୦୩ ଡିସେମ୍ବର ୩) ମହାନ୍ ଯୋଦ୍ଧା ଓ ଦେଶଭକ୍ତ ଜୟୀ ରାଜଗୁରୁଙ୍କୁ ବନ୍ଦୀ କରିନେଇ ଫାଶୀ ଦଣ୍ଡରେ ଦଣ୍ଡିତ କଲେ ରାଜଦ୍ରୋହ ଅପରାଧରେ। ମେଦିନାପୁର ଜେଲ ସଂଲଗ୍ନ ବାଘିତୋଟାର ବରଡାଳରେ ବାନ୍ଧି(୧୮୦୬ ଡିସେମ୍ବର ୬ ତାରିଖ ସକାଳେ)ତାଙ୍କୁ ଏଭଳି ବର୍ବରୋଚିତ ଭାବରେ ହତ୍ୟା କରାଗଲା ଯେ ଦୁଇ ଫାଳ ହୋଇ ଚିରି ହୋଇଗଲା ତାଙ୍କ ଶରୀର। ମାନବିକତାର ଇତିହାସରେ ଯୋଡ଼ି ହୋଇଗଲା ଆଉ ଏକ କଳଙ୍କିତ ଅଧ୍ୟାୟ। ମାତ୍ର ବ୍ୟର୍ଥ ଗଲାନି ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ବଳିଦାନ। ତାଙ୍କ ଦେଶପ୍ରେମ ଓ ଆତ୍ମତ୍ୟାଗରୁ ପ୍ରେରଣା ନେଇ ଦାନା ବାନ୍ଧିଲା ଆଉ ଏକ ଭୟଙ୍କର ସଶସ୍ତ୍ର ବିଦ୍ରୋହ। ସେ ବିଦ୍ରୋହର ନେତୃତ୍ୱ ନେବାକୁ ଆଗେଇ ଆସିଲେ ରୋଡଙ୍ଗ ରାଜବଂଶର ଦାୟାଦ ତଥା ଓଡ଼ିଆ ଶୌର୍ଯ୍ୟର ପ୍ରତୀକ ବକ୍ସି ଜଗବନ୍ଧୁ।( ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ)।

ଖୋର୍ଦ୍ଧା ଇଂରେଜମାନଙ୍କ ଅଧିକାରଭୁକ୍ତ ହେଲାପରେ ଲୁଣର ଏକଚାଟିଆ ଅଧିକାର ରହିଲା ସେମାନଙ୍କ ହାତରେ। ସ୍ଥାନୀୟ ଲୁଣ ଶିଳ୍ପକୁ ଧ୍ୱଂସ କରିବା ଲକ୍ଷ୍ୟରେ ନିଷିଦ୍ଧ ହେଲା ଘରୋଇ ଲୁଣ ଉତ୍ପାଦନ। ଏହାଦ୍ୱାରା ଜୀବିକା ହରେଇ ବସିଲେ ବହୁ ସଂଖ୍ୟକ ମଲାଙ୍ଗୀ, ଶଗଡ଼ିଆ ଓ ଲୁଣ ବ୍ୟବସାୟୀ। ସେମାନଙ୍କ ଭିତରେ କୁହୁଳିଲା ଅସନ୍ତୋଷର ନିଆଁ। ସେଥିରେ ଘିଅ ଢାଳିଲା (୧୮୧୧) କଉଡ଼ିର ବିମୁଦ୍ରୀକରଣ ଓ ରୁପା ଟଙ୍କାର ପ୍ରଚଳନ। ସରକାର ଧାର୍ଯ୍ୟ କରିଥିଲେ ଟଙ୍କାକୁ ଚାରି କାହାଣ କଉଡ଼ି। ମାତ୍ର ଛଅ କାହାଣ କଉଡ଼ି ବଦଳରେ ବି ମିଳିଲାନି ଟଙ୍କା। ଫଳରେ କିଣାବିକାରେ ଅଚଳାବସ୍ଥା ସୃଷ୍ଟି ହେଲା । ଖଜଣା ପୈଠ ନ ହୋଇ ପାରିବାରୁ ନିଲାମ ହେଲା ଜମିଦାରି। ଦଶ ବର୍ଷ ମଧ୍ୟରେ (୧୮୦୬ରୁ ୧୮୧୬) କେବଳ ତିନୋଟି ଜିଲା(କଟକ, ପୁରୀ ଓ ବାଲେଶ୍ୱର)ରୁ ନିଲାମ ହେଲା ୧୦୧୧ଟି ଜମିଦାରି। ସେଥିରୁ ୩୫୦ଟି ଜମିଦାରି ଯାଇଥିଲା ବଙ୍ଗୀୟ ହାକିମ ଓ ଦଲାଲଙ୍କ ପାଖକୁ।

ଏଭଳି ଦୁର୍ଦ୍ଦିନ ବେଳେ ପାଇକମାନଙ୍କୁ ଦୁର୍ବଳ କରିଦେବା ଲକ୍ଷ୍ୟରେ ଉଚ୍ଛେଦ ହେଲା ସେମାନଙ୍କ ଜାଗିର। ଲୋପ କରିଦିଆଗଲା ଦଳେଇ ଓ ଦଳବେହେରା ଆଦି ପଦବୀ। ଛଡ଼ାଇ ନିଆଗଲା ଦେୱାନମାନେ ପୁରୁଷାନୁକ୍ରମେ ଭୋଗ କରୁଥିବା ଦେୱାନବାଡ଼। ଜାଗିର ହରେଇ ବସିଲେ ପ୍ରାୟ କୋଡ଼ିଏ ହଜାର ପାଇକ। ସେମାନଙ୍କୁ ଏକାଠି କରି ବିଦ୍ରୋହ ଘୋଷଣା କଲେ ଜମିଦାରି ହରାଇ ପ୍ରତିଶୋଧ ଅପେକ୍ଷାରେ ଥିବା ବକ୍ସି ଜଗବନ୍ଧୁ। ବିଦ୍ରୋହରେ ସାମିଲ ହେଲେ ଅରଡଙ୍ଗର ଦଳବେହେରା କୃତିବାସ ପାଟ୍ଟଶାଣୀ, ତାପଙ୍ଗ ଦଳବେହେରା ସାମନ୍ତ ମାଧବ ଚନ୍ଦ୍ର ରାଉତରାଏ, ମୁକ୍ତି ସଂଗ୍ରାମର ମହାରଥୀ ପିଣ୍ଡିକ ବାହୁବଳେନ୍ଦ୍ର ପ୍ରମୁଖ ଅନେକ ପାଇକ ନେତା। କ୍ଷୁବ୍ଧ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ ନେଇ ସଶସ୍ତ୍ର ସଂଗ୍ରାମ ଜାରିରହିଲା ୧୮୧୭ରୁ ୧୮୨୫ ପର୍ଯ୍ୟନ୍ତ। ଆଧୁନିକ ଅସ୍ତ୍ରଶସ୍ତ୍ର ସହାୟତାରେ ଇଂରେଜମାନେ ଏହି ବିଦ୍ରୋହକୁ ଦମନ କରିବାରେ ସଫଳ ହେଲେ ସତ, କିନ୍ତୁ ଏ ଗଣ ବିଦ୍ରୋହର ତୀବ୍ରତା ଏତେ ଭୟଙ୍କର ଥିଲା ଯେ ସେଥିରେ ଦୋହଲି ଯାଇଥିଲା ଇଂରେଜ ରାଜଶକ୍ତି। ବ୍ରିଟିଶ ଐତିହାସିକ ଟୟନବି ସାହେବଙ୍କ ମତରେ – "୧୮୧୭ ସଂଗ୍ରାମ ଥିଲା ଏକ ପ୍ରଚଣ୍ଡ ଝଡ଼। ଯା'ର ବିପ୍ଳବ ସମଗ୍ର ଦେଶରୁ ନ ହେଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବ୍ରିଟିଶ ଶାସନର ଅବସାନ ଥିଲା ଅବଶ୍ୟମ୍ଭାବୀ।" ଅଥଚ ବିଡ଼ମ୍ବନାର ବିଷୟ ଆଜି ଭାରତୀୟ ଇତିହାସ ଗବେଷଣା ପରିଷଦ ଉପସ୍ଥାପନାରେ ପାଇକ ବିଦ୍ରୋହକୁ ମିଳୁନି ସ୍ୱାଧୀନତା ସଂଗ୍ରାମର ସ୍ୱୀକୃତି। ଯେଉଁମାନେ ଇତିହାସର ଏ ପକ୍ଷପାତିତାକୁ ସମର୍ଥନ କରି ପାଇକ ବିଦ୍ରୋହକୁ ଜାତୀୟ ଭାବାବେଗର ଦ୍ୟୋତନା ନୁହେଁ ବୋଲି କହୁଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ ପ୍ରବଳ ଜନ ଅସନ୍ତୋଷରୁ ଜନ୍ମ ନେଇଥିବା ପାଇକ ବିଦ୍ରୋହର ଲକ୍ଷ୍ୟ ଥିଲା ଓଡ଼ିଆ ସାମ୍ରାଜ୍ୟର ସାର୍ବଭୌମତ୍ୱ ସୁରକ୍ଷା। ସେଥିପାଇଁ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଏକାଠି ହୋଇ ଇଂରେଜ ବିରୋଧରେ ଲଢ଼େଇ କରୁଥିଲେ ଓଡ଼ିଶାର ଶହଶହ ଜମିଦାର, ଦୁର୍ଗପତି, ଦଳେଇ ଓ ଦଳବେହେରା। ସାମିଲ ହୋଇଥିଲେ ଚାଷୀ, ମୂଲିଆ, ଆଦିବାସୀ ଓ ସବୁ ବର୍ଗର ଲୋକ। ଏ ବିଦ୍ରୋହ କେବଳ ଖୋର୍ଦ୍ଧା ଭିତରେ ସୀମିତ ନ ଥିଲା, ବରଂ ବ୍ୟାପି ଯାଇଥିଲା ବାଣପୁର, ପିପିଲି, ପୁରୀ, କୁଜଙ୍ଗ, ପଟ୍ଟାମୁଣ୍ଡାଇ ଓ ଘୁମୁସର ପର୍ଯ୍ୟନ୍ତ। କଟକର ତତ୍କାଳୀନ କଲେକ୍ଟର ଉଇଲିୟମ ଟ୍ରାୱର ବୋର୍ଡ ଅଫ ରେଭିନ୍ୟୁକୁ ପଠାଇ ଥିବା ଏକ ଚିଠି ଅନୁଯାୟୀ ଏ ସଂଗ୍ରାମରେ ସାମିଲ ହୋଇଥିଲେ ଘୁମୁସରଠାରୁ ମୟୂରଭଞ୍ଜ ଯାଏ ବହୁ ଅଞ୍ଚଳର ରାଜା। ଏଥିରେ ସକ୍ରିୟ ଭାବରେ ଲଢ଼େଇ କରି ଫାଶୀ ଖୁଣ୍ଟରେ ଚଢ଼ିଲେ ସଚ୍ଚିଦାନନ୍ଦ ପଟ୍ଟନାୟକ, ଗୋପାଳ ଛୋଟରାୟ, ରାମ ସିଂହ ଓ ନାଥ ପ୍ରଧାନ ପ୍ରମୁଖ ଅନେକ ମୁକ୍ତି ଯୋଦ୍ଧା। ପିଣ୍ଡିକ ବାହୁବଳେନ୍ଦ୍ରଙ୍କୁ ହତ୍ୟାକଲେ ପଛପଟୁ ଗୁଳିକରି। ପଚିଶ ଜଣ ବିଦ୍ରୋହୀ ପାଇକ ନେତାଙ୍କୁ ଖୋର୍ଦ୍ଧା ରାଜ୍ୟରୁ ବହିଷ୍କାର କରିବା ସହିତ ୧୪୦ ଜଣକୁ ପଠାଇ ଦିଆଗଲା କଳାପାଣି। ଏହି ଦେଶଭକ୍ତମାନଙ୍କ ବୀରତ୍ୱ ଓ ବଳିଦାନ ହିଁ ପ୍ରମାଣ କରେ ପାଇକ ଥିଲା ମୌଳିକ ଭାବରେ ସ୍ୱାଧୀନତା ସଂଗ୍ରାମ।

ଲିଖିତ ଇତିହାସର ଆଢୁଆଳରେ ଥିବା ସତ୍ୟ ସହିତ ଯୋଡ଼ି ହୋଇ ରହିଥାଏ ଦେଶ ଓ ଜାତିର ଭାବଗତ ସମ୍ପର୍କ। ସେଥିପାଇଁ ପାଇକମାନଙ୍କ ପ୍ରତିସ୍ପର୍ଦ୍ଧୀ ବୀରତ୍ୱ ଓ ରକ୍ତାକ୍ତ ସଂଘର୍ଷର ଗୌରବମୟ କାହାଣୀକୁ ନେଇ ଗର୍ବ ଅନୁଭବ କରୁଛି ଓଡ଼ିଆ ଜାତି। କେବଳ ଓଡ଼ିଶା ନୁହେଁ, ପାଇକ ବିଦ୍ରୋହର ଅଗ୍ନିବର୍ଷୀ ପ୍ରେରଣାରେ ଉଦ୍‌ବୋଧିତ ହୋଇଛି ସମଗ୍ର ଦେଶ। ଏହାକୁ ଉଜ୍ଜୀବିତ କରି ରଖିବା ପାଇଁ ଖୋର୍ଦ୍ଧାର ବରୁଣେଇ ପାହାଡ଼ ତଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ପାଇକ ବିଦ୍ରୋହର ସ୍ମାରକୀ ଭିତ୍ତି ପ୍ରସ୍ତର ସ୍ଥାପନ ହେବା ସହିତ(୨୦୧୯ ଡିସେମ୍ବର ୮ ତାରିଖ) ଉନ୍ମୋଚିତ ହୋଇଛି ପାଇକ ବିଦ୍ରୋହର ସ୍ମାରକୀ ଡାକ ଟିକଟ ଓ ମୁଦ୍ରା। ଜାତୀୟ ଶିକ୍ଷା ଗବେଷଣା ତାଲିମ ପରିଷଦ ମଧ୍ୟ ପାଇକ ବିଦ୍ରୋହର ମହାନତାକୁ ମାନ୍ୟତା ଦେଇ ତାକୁ ସଂଲଗ୍ନ କରିଛି ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ।

ଏହି ପରିପ୍ରେକ୍ଷୀରେ ବେଶ୍ ପ୍ରାସଙ୍ଗିକ ମନେହୁଏ ପାଇକ ବିଦ୍ରୋହର ଦ୍ୱିଶତକ ପୂର୍ତ୍ତି ଅବସରରେ ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଉତ୍ସବରେ(୨୦୧୭ ଜୁଲାଇ ୨୦)ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବୁଦ୍ଧିଦୀପ୍ତ ବକ୍ତବ୍ୟ। ପାଇକ ବିଦ୍ରୋହର ସମୃଦ୍ଧ ଇତିହାସକୁ ସ୍ୱୀକାର କରି ସେ କହିଥିଲେ 'ଔପନିବେଶ କାଳର ଇତିହାସ ଏ ଯାବତ୍ ଇଂରେଜମାନଙ୍କ ଦଲିଲ, ଦସ୍ତାବିଜ, ବ୍ୟାଖ୍ୟାନ ଓ ଟିପଣୀ ମଧ୍ୟରେ ସୀମିତ। ମାତ୍ର ଶିଳାଲେଖ, ସନନ୍ଦ, ଦଲିଲ ବା ଦସ୍ତାବିଜ ବ୍ୟତୀତ ଲୋକକଥା, କିମ୍ବଦନ୍ତୀ, ଲୋକ ଚଳଣି ଓ ଲୋକ ବ୍ୟବହାର ଭିତରେ ବି ଲୁଚି ରହିଛି ଐତିହାସିକ ପ୍ରମାଣ।' ଏହି ଦୃଷ୍ଟିରୁ ପାଇକ ବିଦ୍ରୋହକୁ ମୌଳିକ ଭାବରେ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ଲୋକକଥା, ଲୋକଗାଥା, ମାଦଳା ପାଞ୍ଜି ଓ ପାଇକ ଖେଦାରେ ଥିବା ଇତିହାସର ସୁପ୍ତ ପ୍ରାଣ ପ୍ରାଚୁର୍ଯ୍ୟ ଆଧାରରେ ତା'ର ପୁନର୍ବ୍ୟାଖ୍ୟାନ ଏକ ଜାତୀୟ ଆବଶ୍ୟକତା।

**ଅଧକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,**
**ପଡିଆବେଡ଼ା,ମୟୂରଭଞ୍ଜ**
**ମୋ: ୬୩୭୧୬୪୨୪୬୪**

# ଚାଲ ପୁରୀକୁ ଖୋଜିବା



ପ୍ରସନ୍ନ କୁମାର ମିଶ୍ର

ଶ୍ରୀମନ୍ଦିରକୁ ଘେରି ରହିଥିଲା ଧର୍ମ, ସଂସ୍କୃତି ଓ ଶିକ୍ଷା ପ୍ରସାରଣର ଅନେକ ପବିତ୍ର ଅନୁଷ୍ଠାନ– ଶହ ଶହ ମଠ ଓ ମନ୍ଦିର। ପ୍ରତିଦିନ ପ୍ରତ୍ୟୁଷରୁ ବିବିଧ ଘଣ୍ଟଘଣ୍ଟା ଓ ଭଜନ କୀର୍ତ୍ତନର ଦିବ୍ୟ ଧ୍ୱନି ଭିତରେ ଆରମ୍ଭ ହେଉଥିଲା ଶ୍ରୀକ୍ଷେତ୍ରର ଜୀବନଯାତ୍ରା କାହିଁ କେତେ କାଳରୁ। ଆଜି ବଡ଼ଦେଉଳ ଚାରି ପାଖରେ ବୁଲି ଆସିଲେ ଆଉ ସେ ପୁରୁଣା ପୁରୀର ଚିହ୍ନସବୁ ଖୋଜିଲେ ମିଳିବ ନାହିଁ। ସାତଦିନିଆ ଝୁଲଣ ଯାତ୍ରାର ମଉଜ, ମନ୍ଦିର ଓ ମଠଗୁଡ଼ିକରେ ହେଉଥିବା ନାଚ ଗୀତ ଓ ସଙ୍ଗୀତର ଆସର, ବେକରେ ଟଙ୍କିକିଆ ନୋଟର ମାଳ ପକେଇଥିବା ଆଖଡ଼ାପିଲାର ଘାଇଁ ଘାଇଁ ବୁଲା ନାଚ, ଓଡ଼ିଶୀ, ଚମ୍ପୂ, ଛାନ୍ଦର ପ୍ରତିଯୋଗିତା, ଆଖିଝଲସା ଆଲୋକ ଓ ସୋଲ ଜରି–କାରିଗରିର ଚମତ୍କାର ସାଜ ଏବେ କେବଳ ସ୍ୱପ୍ନ। ସବୁ ମଠବାଡ଼ି ଭାଙ୍ଗିଦିଆଯାଇଛି। ଝୁଲଣ ମଉଜ କଥା ପଚାରେ କିଏ ? ଚନ୍ଦନ ଯାତରେ ବିଜେ ହୋଇ ଦିଅଁମାନେ ବାହାରିଲେ ସେମାନଙ୍କୁ ଚାରିଦିଗରୁ ଘେରି ଚନ୍ଦନ ଗୀତ ଗାଇ ଗାଇ ସିଂହଦ୍ୱାରଠାରୁ ବିରାଟ ଶୋଭାଯାତ୍ରାରେ ବାହାରୁଥିଲେ ପଲେ ଦେଉଳିଆ ଓ ସାହିଭାଇଙ୍କ ମେଳରେ ଖେଦେ କୀର୍ତ୍ତନିଆ ଆଉ ଝାଞ୍ଜ ଦଳ। ଜାଗାମେଳ ବାହାରିଲେ ଆଗରେ ବନାଟି ବୁଲେ। ପଛେ ପଛେ ଆସନ୍ତି ନାଗା, ବିବିଧ ମେଢ଼, ବାଘ, ଘୋଡ଼ା, ଠାକୁରାଣୀ, ବାଙ୍କଛଡ଼ି ଖେଳ ସହିତ ଆଖିଝଲସିଆ ପୋଷାକରେ ଭଳି ଭଳି ଭେଣ୍ଡିଆମାନଙ୍କର ଖଣ୍ଡା ଓ ବାଡ଼ିଖେଳ। ରଜାଘର ହାତୀ ଝୁଲି ଝୁଲି ଆସୁଥିଲା ବେଳେ ସାହି ଭାଇମାନେ ଚିକ୍କଣ ଚାକଣ ହୋଇ କାନ୍ଧରେ ପାକଲା ଗାମୁଛା ପକେଇ, ଅତର ଛିଞ୍ଚି ବେକରେ ମଲ୍ଲୀ କି ବଉଳ ମାଳ ଝୁଲେଇ ଚାଲୁଥିଲେ। ନରେନ୍ଦ୍ର ଚକଡ଼ାରେ ମେଞ୍ଚେ ଲେଖାଏ ବାସ୍ନା ତେଲ ଦେହରେ ମାଖି ପୁଳାଏ ଲେଖା ସୋଲବିଡ଼ା ସାଙ୍ଗରେ ପେଟ୍ରୋମାକ୍ସକୁ ମଝିରେ ଧରି ମହାପ୍ରଭୁଙ୍କ ଚାପ ଚାରିପଟେ ପାଣିକୁ ଭାଗ ଭାଗ କରି ପହଁରୁଥିଲେ ପାଣିଛେଦିଆ ମାଙ୍କଡ଼ ମାର୍ଗେ ସେମାନେ। ତୁଣ୍ଡରେ ଚନ୍ଦନ ଗୀତ... ଆଗୋ ସଖୀ ଦେଖ ଗୋ। ମେଳାରୁ ଫେରିଲେ ଅଧରାତିରେ ଜେଗାରେ ଭୋଜି। ଏବେ ସେ ସବୁ ନାହିଁ। ଚନ୍ଦନ ମଉଜ ବନ୍ଦ।

ଶ୍ରୀରାମ ଜନ୍ମଦିନଠାରୁ ୧୧ ଦିନ ପର୍ଯ୍ୟନ୍ତ ସହରଗୋଟାକୁ କମ୍ପାଇ/ଥରାଇ ଛାତି ଦୁଲୁକେଇ ଦେଉଥିବା ଆମ ସଂସ୍କୃତିର ପ୍ରତୀକ– ବିଶ୍ୱବିଖ୍ୟାତ ସାହିଯାତ ଏବେ ଆଉ ଜମୁନି। ସେ ଦିନରେ ଧୋବ ଫର ଫର ଧୋତି, ଫିନ୍ ଫିନ୍ ଗିଲକରା ପଞ୍ଜାବି, ହାତରେ ଦାମିକା ସୁନାମୁଦି, ବେକରେ ମଲ୍ଲିମାଳ ଓ ସୁନା ଚେନ୍ ପକେଇ ମଉଜୀମାନେ ଘରୁ ବାହାରୁଥିଲେ ସଞ୍ଜବେଳା। କେତେକେ ସାଇକେଲରେ ବାହାରି ପଡୁଥିଲେ ଚନ୍ଦନପୁର ଭାର୍ଗବୀ ନଈକୂଳ ପୋଲାଙ୍ଗ ତୋଟା ଜଙ୍ଗଲ ଭିତରକୁ। ଫେଣାଏ ଲେଖେଁ ପାକଲା ପାଟକପୁରା କଦଳୀ ଗାମୁଛାରେ ବାନ୍ଧି ଘରକୁ ଫେରିଲା ବେଳକୁ ରାତି ନଅଟା। ସେ ମଉଜ ନାହିଁ।

ପୁରିଆଙ୍କ ପରିଚୟ କାନ୍ଧରେ ପାକଲା ଗାମୁଛା ପାରା, ବଣି, ଶୁଆ, ନେଉଳ, ମାଙ୍କଡ଼ ସଉକ। ମେଣ୍ଢା ଓ ଗୋବରା ଚଢ଼େଇ ଲଢ଼େଇ ଏବେ ନାହିଁ। ରଥଯାତ୍ରାରେ ଗୁଣ୍ଡିଚା ଘର ପଛପାଖର ନଡ଼ିଆ ଲଢ଼େଇ ଏବେ ଆଉ ଜମୁନି। ସଉକିଆଙ୍କ ଦିନର ରୋଜଗାର ସେଇଆଡ଼େ। ରାତିଅଧରେ ଘରକୁ ଫେରିଲା ବେଳକୁ ପକେଟରେ ଅଧଲାଟାଏ ନ ଥିବ। ସେଥିରେ ପୁଣି ମନଫୁଲାଣିଆ ଗୀତ! ତୁଣ୍ଡରେ ଛାନ୍ଦ, ଚମ୍ପୂ, ଚଉତିଶା କି ଓଡ଼ିଶୀ। ହାତରେ ଥିବ ସିଂହଦ୍ୱାର ଛେନାବାଲାର ପତରଗୁଡ଼ିଆ ପାଣିଛେନା ପୁଡ଼ିଆଟାଏ। ଛେନା କିଣି ଚାଲି ଚାଲି ଘରେ ପହଞ୍ଚିଲା ବେଳକୁ ପାଣି ନିଗିଡ଼ି ଅଧା। ପୁରୀ ଛାଡ଼ିଲେ ଏ ସବୁ ମିଳିବ କାହୁଁ?

ପୁରୀ ରାଜାଙ୍କ କଚେରି ଘର ସାମ୍ନା ରଥଖଳାରେ ସବୁଦିନ ଉପରବେଳା ହେଉଥିଲା ହାତୀ ମେଳନ। ଧାଡ଼ିରେ ଠିଆ ହେଉଥିଲେ ଜଗନ୍ନାଥଙ୍କ ୫ଟିଯାକ ହାତୀ। ସେ ବେଳାରେ ନିରାପଦ ଦୂରତ୍ୱରେ ରହି ମନଖୁସିରେ ହାତୀ ଝୁଲୁଥିବାର ଅପୂର୍ବ ଦୃଶ୍ୟ ଦେଖୁଥିଲେ ଶହ ଶହ ପର୍ଯ୍ୟଟକ ଓ ତୀର୍ଥ ଯାତ୍ରୀ। ସେ ହାତୀ ଆଉ ମାହୁନ୍ତ ମରିଗଲେଣି। କିଛିବର୍ଷ ତଳେ ରାଜା ଘର ହାତୀର ସ୍ମୃତି ସ୍ୱରୂପ ଶେଷ ମାହୁନ୍ତଟି ଶ୍ରୀମନ୍ଦିର ତରଫରୁ ପେନ୍‌ସନ ପାଉଥିଲା। ସେ ଏବେ ଅଛି ନାହିଁ କେଜାଣି ? ଶ୍ରୀମନ୍ଦିର ଇତିହାସରେ ସେ ହିଁ ଥିଲା ମହାପ୍ରଭୁଙ୍କ ଏକମାତ୍ର ମୁସଲମାନ ସେବକ।

ରଥଖଳା ପାଖରେ ଥିଲା ପାଠପଢ଼ା ପିଲା, ସେବାୟତ ଏବଂ ଗରିବ ପିଲାମାନଙ୍କର ଏକାନ୍ତ ନିଜର ବହି ଦୋକାନ। ପୁରୀବାସୀ ଭୁଲି ନାହାନ୍ତି ସେ ଦୋକାନ ଆଉ ଦୋକାନ ମାଲିକଙ୍କୁ ଆଜିଯାଏ। ସେ ଦୋକାନ ଭାଙ୍ଗି ଦିଆଗଲାଣି। ଏବେ ଶ୍ରୀମନ୍ଦିର ବାବାରେ ଆଲୁଅରେ ଝଟକୁଛି। ସେଦିନର ପୁରୀବାସ୍ନା କିନ୍ତୁ ଆଜି ନାହିଁ!

**୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ–୨**
**ମୋ: ୮୦୧୮୮୭୫୩୩୫**

## ଏଇ ଭାରତରେ

ବୟସର ଅପରାହ୍ନରେ ଥିବା ବହୁ ଜୀବନ ପାରିବାରିକ ଅବହେଳାରୁ ଛଟପଟ ହେଉଛନ୍ତି। ପାଳିପୋଷି ବଡ଼ କରିଥିବା ପିଲାମାନେ ପ୍ରତିପୋଷଣର ବୋଝ ବୋହିବା ଲାଗି ଅମଙ୍ଗ ହେବା ଯୋଗୁ ଅନେକ ବୟସ୍କ ମାତାପିତା ରାସ୍ତାରେ ଜୀବନ କାଟିବାକୁ ବାଧ୍ୟ ହେଉଛନ୍ତି। ଏଭଳି ପୀଡ଼ିତମାନେ ସାହାରା ଖୋଜୁଥିବା ବେଳେ ଉଡୁପି(କର୍ନାଟକ)ର ଡ. ରବୀନ୍ଦ୍ରନାଥ ଶାନ୍‌ଭୋଗେ ସେମାନଙ୍କ ପାଇଁ ଦେବଦୂତ ପାଲଟିଛନ୍ତି। ପୀଡ଼ିତମାନଙ୍କ ଯତ୍ନ ନେବା ସହ ସେମାନଙ୍କ ହକ୍ ପାଇଁ ଲଢ଼େଇ କରୁଛନ୍ତି। ଏବେ ସୁଦ୍ଧା ପାରିବାରିକ ଅବହେଳାରୁ ଘର ଛାଡ଼ିଥିବା ୧,୦୦୦ ବୟସ୍କଙ୍କୁ ଆଇନଗତ ଲଢ଼େଇରେ ସାହାଯ୍ୟ କରିସାରିଛନ୍ତି। ସେ ଉଡୁପିରେ ହ୍ୟୁମ୍ୟାନ ରାଇଟ୍ସ ପ୍ରୋଟେକ୍‌ଶନ ଫାଉଣ୍ଡେଶନ (ଏଚ୍‌ଆରପିଏଫ୍) ଗଠନ କରି ତା' ମଧ୍ୟରେ ଏହା ଜାରି ରଖିଛନ୍ତି। ଏ ବାବଦ ସବୁ ଖର୍ଚ୍ଚ ବ୍ୟକ୍ତି, ଅନୁଷ୍ଠାନ କିମ୍ବା ସରକାରଙ୍କ ଠାରୁ ଗ୍ରହଣ ନ କରି ସେ ନିଜେ ବହନ କରୁଛନ୍ତି। ଡ.ଶାନ୍‌ଭୋଗେ ଲିଗାଲ୍ ଆୱାର୍‌ନେସ୍ କ୍ୟାମ୍ପ ଓ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଭାରତରେ ଜରୁରିକାଳୀନ ପରିସ୍ଥିତିରେ ଗିରଫ ହୋଇ ଜେଲରେ ରହିବା ସମୟରେ ଶାନ୍‌ଭୋଗେଙ୍କ ଜୀବନ ଗତିପଥ ସେବାମନସ୍କ ହୋଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୧ ଡିସେମ୍ବର ୧୯୯୬

- ଇଟାଲୀୟ ଚିତ୍ର ତାରକା ମାର୍ସେଲୋ ମାଷ୍ଟ୍ରୋଇଆନିଙ୍କ ୭୨ ବର୍ଷ ବୟସରେ ପରଲୋକ।
- ପୂର୍ବ ଶ୍ରୀଲଙ୍କାର ୱେଲିଓଠାରେ ଶ୍ରୀଲଙ୍କାନ୍ ସୈନ୍ୟ ପାଟ୍ରୋଲିଂ କରୁଥିବା ବେଳେ ଏଲ୍‌ଟିଟିଇ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୧୨ ସୈନ୍ୟ ନିହତ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 9 | 2 | 4 | 1 | 5 | 7 | 8 | 3 |
| 8 | 1 | 5 | 3 | 6 | 7 | 9 | 4 | 2 |
| 4 | 7 | 3 | 9 | 2 | 8 | 1 | 6 | 5 |
| 1 | 8 | 6 | 2 | 3 | 4 | 5 | 9 | 7 |
| 3 | 2 | 4 | 7 | 5 | 9 | 8 | 1 | 6 |
| 7 | 5 | 9 | 6 | 8 | 1 | 2 | 3 | 4 |
| 9 | 6 | 1 | 5 | 4 | 2 | 3 | 7 | 8 |
| 2 | 4 | 8 | 1 | 7 | 3 | 6 | 5 | 9 |
| 5 | 3 | 7 | 8 | 9 | 6 | 4 | 2 | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | 2 |
| | | 7 | 9 | 2 | | 8 | 3 | |
| | | | | | | | 5 | |
| | 4 | | 7 | | | | | 1 |
| | | | | | | | | |
| 8 | | 6 | | | 4 | 2 | | |
| | | | | | 1 | 4 | | 5 |
| 5 | 8 | | 3 | | | | 7 | |
| | | | | | | | | 6 |

ଗତକାଲିର ଉତ୍ତର

# ଆପଣା ହସ୍ତେ ଜିହ୍ୱା ଛେଦି



ଇବ୍ରାର ଖାଁ

ଉପର ଆପ୍ତବାକ୍ୟଟି କାହିଁ କେଉଁକାଳୁ ଆମ ସମାଜରେ ପ୍ରଚଳିତ ହୋଇଆସୁଛି। ଆଜିର ସାମାଜିକ ସ୍ଥିତାବସ୍ଥାକୁ ଅନୁଶୀଳନ କଲେ ଏହି ଉକ୍ତିର ପ୍ରାସଙ୍ଗିକତା ରହିଥିବାର ହୃଦ୍‌ବୋଧ ହୁଏ। ନିଜକୁ ସଭ୍ୟ, ଶିକ୍ଷିତ ବୋଲାଉଥିବା ଆଜିର ମଣିଷ ସ୍ୱାର୍ଥ ସିଦ୍ଧି ପାଇଁ ଜଳ, ସ୍ଥଳ, ଆକାଶଠାରୁ ଆରମ୍ଭ କରି ମାଟି, ପାଣି, ପବନ ଏବଂ ପାହାଡ଼ ପର୍ଯ୍ୟନ୍ତ ଯେତେସବୁ ସ୍ରଷ୍ଟାଙ୍କ ସୃଷ୍ଟିରେ ପ୍ରାକୃତିକ ସମ୍ପଦ ରହିଛି ; ସବୁ କିଛି ଉପରେ ଯେପରି ଅହରହ ଅତ୍ୟାଚାର କରିଚାଲିଛି ତା'ର ଭୟାବହ ପରିଣତି ସେହି ମଣିଷ ଭୋଗିବନି ତ ଆଉ କିଏ ଭୋଗିବ? କାରଣ ସବୁ କ୍ରିୟାର ପ୍ରତିକ୍ରିୟା ଅଛି। ଏହା ହିଁ ସୃଷ୍ଟିର ନିୟମ। ଏହାକୁ କେବେହେଲେ ଅବଜ୍ଞା କରାଯାଇ ନ ପାରେ।

ଜନସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଥିବାବେଳେ ସମସ୍ତଙ୍କ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହର ଆବଶ୍ୟକତା ରହିଛି। ଏହି ସବୁର ପୂର୍ତ୍ତି ପାଇଁ ବୈଜ୍ଞାନିକ ପଦ୍ଧତିରେ ହେଉ ଅଥବା ମେଶିନ ସାହାଯ୍ୟରେ ପ୍ରକୃତି ଉପରେ ମଣିଷ ଯେପରି ଦିନରାତି ବଳ ପ୍ରୟୋଗ କରିଚାଲିଛି, ତାହା ଦିନେନା ଦିନେ ନିଶ୍ଚୟ ଘାତକ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ। ଖାଦ୍ୟ ସମସ୍ୟାକୁ ଦୂର କରିବା ସକାଶେ ଅଧିକ ଅମଳକ୍ଷମ ଫସଲ ଉତ୍ପାଦନ ପାଇଁ ଆମେ ଚାଷଜମିରେ ରାସାୟନିକ ସାର ସହ କୀଟନାଶକ ପ୍ରୟୋଗ କରିଚାଲିଛୁ। ସେଥିରେ ମାଟିର ଉତ୍ପାଦିକା ଶକ୍ତି କ୍ଷୁଣ୍ଣ ହେବା ସହିତ ଖାଦ୍ୟଶସ୍ୟରେ ରାସାୟନିକ ସାରର ବିଷାକ୍ତ ଗୁଣବତ୍ତା ରହୁଛି। ଯେଉଁ ଆହାର ଆମେ ପ୍ରତିଦିନ ଗ୍ରହଣ କରୁଛୁ, ତାହା ଶୁଦ୍ଧ ଖାଦ୍ୟ ନ ହୋଇ ବିଷଯୁକ୍ତ ହେଉଥିବାରୁ ସମୟକ୍ରମେ ବହୁ ଦୁରାରୋଗ୍ୟର ଶିକାର ହେଉଛୁ।

ଅଧିକ ପରିମାଣର ଜଙ୍ଗଲ ସମ୍ପଦକୁ ଧ୍ୱଂସ କରାଯାଉଛି। ଫଳରେ ବାୟୁମଣ୍ଡଳରେ ଅମ୍ଳଜାନ ମାତ୍ରା କମିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର କାରଣ ପାଲଟୁଛି। କଳକାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ସହ ଗାଡ଼ି ମୋଟରରୁ ବାହାରୁଥିବା ଅଙ୍ଗାରକାମ୍ଳଯୁକ୍ତ ଧୂଆଁ ମିଶି ବାୟୁମଣ୍ଡଳକୁ ପ୍ରଦୂଷିତ କରିଦେଉଥିବାରୁ ଏବେ ସହରାଞ୍ଚଳରେ ବିଶୁଦ୍ଧ ବାୟୁ ଟିକିଏ ପାଇବା କଷ୍ଟକର ହେଲାଣି। ଖାଲି ଯେ ଜଙ୍ଗଲ ସମ୍ପଦକୁ ନଷ୍ଟ କରାଯାଉଛି ତା' ନୁହେଁ, ବରଂ ରାସ୍ତାଘାଟ ଏବଂ ଗଢ଼ି ଉଠୁଥିବା କୋଠାବାଡ଼ି ନିର୍ମାଣ ପାଇଁ ପାହାଡ଼ ପର୍ବତ ସବୁକୁ କାଟି ନିୟୁତ ନିୟୁତ ଟନ୍ କଂକ୍ରିଟ୍ ବ୍ୟବହାର କରି ଯେଉଁଭଳି କଂକ୍ରିଟ୍ ଜଙ୍ଗଲମାନ ସୃଷ୍ଟି କରାଯାଉଛି, ସେଥିଯୋଗୁ ବିଶ୍ୱତାପନ ଏବେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ମରୁଡ଼ି ପରିସ୍ଥିତି ଉପୁଜୁଛି। ବେଳେବେଳେ ଝଡ଼ ତୋଫାନ ସହ ପ୍ରବଳ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ବିଶ୍ୱତାପନ ବୃଦ୍ଧି ପାଉଥିବାରୁ ଗ୍ଲାସିୟର ସବୁ ତରଳି ସମୁଦ୍ର ଜଳସ୍ତରକୁ ଯେଉଁଭଳି ଭାବରେ ବୃଦ୍ଧି କରିବାରେ ଲାଗିଛି, ଆଉ କିଛି ବର୍ଷ ପରେ ପୃଥିବୀର କିଛି ଅଂଶ ଜଳମଗ୍ନ ହେବାର ସମ୍ଭାବନା ରହିଛି। ଗ୍ଲୋବାଲ୍ ୱାର୍ମିଂକୁ ନେଇ ବୈଜ୍ଞାନିକମାନେ ଯେପରି ଚିନ୍ତା ପ୍ରକଟ କଲେଣି, ସେଥିରେ ସଚେତନ ହୋଇ ବେଳହୁଁ ପଦକ୍ଷେପ ଗ୍ରହଣ ନ କଲେ ଏ ସୁନ୍ଦର ପୃଥିବୀ ଧ୍ୱଂସ ହୋଇଯିବ। ବର୍ଜ୍ୟବସ୍ତୁ ସହ କଳକାରଖାନାରୁ ନିର୍ଗତ ରାସାୟନିକ ଦ୍ରବ୍ୟସବୁ ନଦୀମାନଙ୍କରେ ମିଶୁଥିବାରୁ ଦେଶର ଅଧିକାଂଶ ନଦୀଜଳ ଜହର ପାଲଟିଗଲାଣି। ଜଳ ସମ୍ପଦର ବ୍ୟାପକ ଦୁରୁପଯୋଗ ଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ସମଗ୍ର ଦେଶରେ ପାନୀୟ ଜଳ ଏବେ ବଡ଼ ସମସ୍ୟା ରୂପେ ଉଭା ହେଲାଣି।

ଆଧୁନିକତା ନାଁରେ ଅପସଂସ୍କୃତିକୁ ଆଜିର ଯୁବପିଢ଼ି ଆପଣେଇ ନେଉଥିବାରୁ ଆଚରଣ, ଉଚ୍ଚାରଣ, ଚାଲିଚଳଣ, ଆଚର ବିଚାର, ଖାଇବା, ପିନ୍ଧିବା ଏପରିକି ଜୀବନଶୈଳୀରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ତା'ର ଶେଷ ପରିଣତି ଯେ କ'ଣ ହେବ ତାହା ଏବେଠାରୁ କଳନା କରିବା ନିରର୍ଥକ ମାତ୍ର। ଘରୋଇ ଖାଦ୍ୟ ବଦଳରେ ଜିହ୍ୱାତୃପ୍ତି ପାଇଁ ସୁପ୍, ଚିକେନ, ମଟନ, ବିରିୟାନୀ ଇତ୍ୟାଦି ତାମସିକ ଖାଦ୍ୟ ସାଙ୍ଗକୁ ମଦ୍ୟପାନ, ଯୁବ ମନରେ ଦୁର୍ଗୁଣ ବୃଦ୍ଧି କରୁଛି। ଫଳରେ ସମାଜରେ ଅଘଟଣ ସବୁ ସଂଘଟିତ ହେବାରେ ଲାଗିଛି। ନିଶା ସେବନକାରୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବାରୁ ପାରିବାରିକ ଜୀବନ କଳହ ସର୍ବସ୍ୱ ହୋଇ ତଳିତଳାନ୍ତ ହେଉଛି। ମଦ୍ୟପାନ କରି ଦୁରାରୋଗ୍ୟରେ ପୀଡ଼ିତ ଅନେକଙ୍କ ଜୀବନଦୀପ ଅକାଳରେ ଲିଭି ଯାଉଥିଲେ ମଧ୍ୟ ନିଶା ନିବାରଣ ଦିଗରେ ସରକାର କିମ୍ବା ସମାଜ କେହି ବି ତତ୍ପର ଥିବାପରି ମନେହେଉନି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ସହ ଚୋରି ଡକାୟତିଠାରୁ ଆରମ୍ଭ କରି ଜଘନ୍ୟ ଅପରାଧ ବୃଦ୍ଧି ପାଉଥିବାରୁ ଶାନ୍ତି ସହାବସ୍ଥାନ ଅତିମାତ୍ରାରେ ବ୍ୟାହତ ହେଲାଣି।

ଭୌତିକ ସୁଖ ପଛରେ ଧାଉଁଥିବା ମଣିଷ ଆଧ୍ୟାତ୍ମିକ ଚିନ୍ତାରୁ କ୍ରମେ ଦୂରେଇ ଯାଉଥିବାରୁ ନ୍ୟାୟ ଅନ୍ୟାୟର ବିଚାର ନ କରି ଯେଉଁ କାର୍ଯ୍ୟମାନ ସମ୍ପାଦନ କରୁଛି, ତାହା ସୁସ୍ଥ ସମାଜ ପାଇଁ ଶୁଭଙ୍କର ନୁହେଁ। ବୃଥା ଅହମିକାରେ ଭ୍ରମିତ ମଣିଷ ରାତାରାତି ବଡ଼ଲୋକ ହେବାର ଦୁର୍ବାର ଲାଳସାକୁ ଚରିତାର୍ଥ କରିବା ପାଇଁ ନକଲି ଖାଦ୍ୟପ୍ରସ୍ତୁତିର କାରଖାନା ବସାଇ ଅପମିଶ୍ରିତ ବିଷାକ୍ତ ଉତ୍ପାଦ ସବୁକୁ ଅସଲି କହି ଯେପରି ବଜାରରେ ପ୍ରଚଳନ କରୁଛି, ତାହା ଯେତିକି ନିନ୍ଦନୀୟ ସେତିକି ଅକ୍ଷମଣୀୟ। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ବିପୁଳ ଅର୍ଥ ବ୍ୟୟରେ ଧାର୍ମିକ ଅନୁଷ୍ଠାନ ସବୁ ଗଢ଼ି ଉଠୁଥିଲେ ମଧ୍ୟ ପରମାତ୍ମାଙ୍କ ଆଶିଷ ପାଇଁ ଯେଉଁ ଶୁଦ୍ଧଚିତ୍ତ ଆଉ ଭକ୍ତିଭାବ ଆବଶ୍ୟକ, ତାହା ଆଜି ମଣିଷ ପାଖରେ ନ ଥିବାରୁ ହିତାହିତଜ୍ଞାନ ଥାଇ ମଧ୍ୟ ମଣିଷ ଆଜି ଅମଣିଷ ପାଲଟିଯାଉଛି। ଏହି କାରଣରୁ ସମାଜରେ ଅପରାଧ ପ୍ରବଣତା ଅତିମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି।

ମଣିଷର ଏହି ଆସୁରିକ ପ୍ରବୃତ୍ତି ଦୁନିଆରେ ପାପଭାରକୁ ବଢ଼ାଇ ଚାଲିଥିବାରୁ ନିଜ ଅଲକ୍ଷ୍ୟରେ ମଣିଷ ବିନାଶର ଦ୍ୱାରଦେଶରେ ପହଞ୍ଚି ଗଲାଣି। ଧରାପୃଷ୍ଠରେ ପାପ ଭାର ବୃଦ୍ଧି ହେଲେ ସର୍ବଶକ୍ତିମାନ୍ ସ୍ରଷ୍ଟା ନିଶ୍ଚୟ ଦଣ୍ଡିବ, ଏହା ସବୁ ଧର୍ମର ଧର୍ମଗ୍ରନ୍ଥମାନଙ୍କରେ ସୂଚେଇ ଦିଆଯାଇଛି। ଦୁଷ୍ଟ ବୁଦ୍ଧି ସମ୍ପନ୍ନ ଦୁରାଚାରୀମାନଙ୍କୁ ବିନାଶ କରି ଏହି ଧରାଧାମରେ ଶାନ୍ତି ସହାବସ୍ଥାନ ପ୍ରତିଷ୍ଠା କରିବାର ଅନେକ ପ୍ରମାଣ ଆମ ପୁରାଣମାନଙ୍କରେ ଦେଖିବାକୁ ମିଳେ। ସମଗ୍ର ଜୀବଜଗତର ମଙ୍ଗଳ ପାଇଁ ପ୍ରାକୃତିକ ସମ୍ପଦକୁ ଧ୍ୱଂସ ନ କରି ସେଗୁଡ଼ିକର ସ୍ଥିତାବସ୍ଥାକୁ ସୁରକ୍ଷିତ ରଖାଯାଇପାରିଲେ ବିଶ୍ୱରେ ଘଟୁଥିବା ଅନେକ ବିଲକ୍ଷଣକୁ ପ୍ରତିହତ କରାଯାଇପାରିବ। ସମାଜର ପ୍ରତ୍ୟେକ ମଣିଷ ଆତ୍ମଚିନ୍ତନ କରି ନିଜ ଚାରିତ୍ରିକ ଦୋଷତ୍ରୁଟିକୁ ସୁଧାରି ନେବାର ଆବଶ୍ୟକତା ରହିଛି। ନିଜ କଳାକର୍ମର ପ୍ରାୟଶ୍ଚିତ୍ତ ପାଇଁ ଅନୁତପ୍ତ ହୋଇ ସେହି ସର୍ବଶକ୍ତିମାନ୍ ସ୍ରଷ୍ଟାଙ୍କ ପାଖରେ କ୍ଷମା ପ୍ରାର୍ଥନା କରି, ନିଜ ଆତ୍ମାର ଶୁଦ୍ଧୀକରଣ କରିବା ଆବଶ୍ୟକ। ତା' ନ ହେଲେ 'ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ' ନ୍ୟାୟରେ ଆମେ ନିଜେ ନିଜ ଧ୍ୱଂସର କାରଣ ହେବା।

**ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଚ, ଖୋର୍ଦ୍ଧା**
**ମୋ:୯୩୩୭୬୦୧୭୦୫**

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀଶଯ୍ୟା ସଫା କରାଯାଉ

ମହାଶୟ,

ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକର ଶଯ୍ୟା କାଳକ୍ରମେ ପୋତି ହୋଇଗଲାଣି। ପ୍ରବଳ ବର୍ଷା ହେଲେ ବନ୍ୟା ହୋଇ କ୍ଷତି ଘଟାଉଛି। ବର୍ଷର ୮ ମାସ ନଦୀଗୁଡ଼ିକ ଶୁଷ୍କ ହୋଇପଡୁଛି। ନଦୀଗୁଡ଼ିକରେ ବଡ଼ ବଡ଼ କୁଦ ଓ ପଠା ହୋଇ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ନଦୀକୂଳବାସୀ ଗୋପାଳନ ଓ ସ୍ନାନ କରିବାକୁ ଅସୁବିଧାରେ ପଡୁଛନ୍ତି। ଜଳାଭାବରୁ ଚାଷୀମାନେ ପନିପରିବା ଫସଲ କରିପାରୁ ନାହାନ୍ତି। ନଦୀ ଶଯ୍ୟାରେ ଥିବା କୁଦ ଓ ପଠାଗୁଡ଼ିକ ଖନନ କରାଯାଇ ନଦୀକୁ ସୁନାବ୍ୟା କରାଗଲେ ଜନସାଧାରଣ ଉପକୃତ ହୋଇପାରନ୍ତେ। ନଦୀଶଯ୍ୟା ପଟୁମାଟି ବାଲି କୁଦ ସୃଷ୍ଟି କରିବାରୁ ବନ୍ୟାଜଳ କୂଳ ଲଙ୍ଘନ କରୁଛି। ଅନ୍ୟପଟେ ଖରା ମାସରେ ଉତ୍କଟ ଜଳାଭାବ ଦେଖାଯାଉଛି। ଗୋରୁ ଓ ମନୁଷ୍ୟ ସ୍ନାନ କରିବାକୁ ହଇରାଣ ହେଉଛନ୍ତି। ନଦୀ ସଂଯୋଗୀକରଣ କରାଯାଇ ନଦୀ ଶଯ୍ୟାରୁ ପଠାଗୁଡ଼ିକ ନଷ୍ଟ କରାଯାଉ।

**– ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

### ଚିରନ୍ତନୀ

ଏ ଦେଶ କାହୁଁ ଚିହ୍ନିଲ ତୁମେ
ସଦା ଯେ ତୁମେ ନିଜକୁ ଭୁଲି ?
କହ ଗୋ କାହୁଁ ଆସିଲ ଏଥି
ଚରଣ ତଳେ ଫୁଟାଇ ଫୁଲ।
–(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଶିଳ୍ପ ସଂଘ ପକ୍ଷରୁ କଞ୍ଚାମାଲ ଦରବୃଦ୍ଧିକୁ ବିରୋଧ

**ଭୁବନେଶ୍ୱର,୨୦।୧୨:** ଅଲ ଇଣ୍ଡିଆ କାଉନସିଲ ଅଫ ଆସୋସିଏସନ ଅଫ ଏମ୍ଏସ୍ଏମ୍ଇ (ଏଆଇସିଏ) ସହିତ ଅନୁବନ୍ଧିତ ୧୭୦ ଟି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ସଂଘ ପକ୍ଷରୁ ଲୌହ ଜାତୀୟ କଞ୍ଚାମାଲର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ ୨୦ ଡିସେମ୍ବର ୨୦୨୧ ତାରିଖ ଦିନ ସମସ୍ତ ଶିଳ୍ପାନୁଷ୍ଠାନ ଗୁଡିକୁ ବନ୍ଦ ରଖି ସମସ୍ତ ଜିଲ୍ଲା କଲେକ୍ଟର ଅଫିସ ସମ୍ମୁଖରେ ୧ ଘଣ୍ଟାପାଇଁ ଶାନ୍ତିପୂର୍ଣ୍ଣ ହରତାଳ କରିବାକୁ ନିଷ୍ପତି ନେଇଛି। ଉକ୍ତ ବନ୍ଦକୁ ସମର୍ଥନ ଜଣାଇ ଓଡିଶା କ୍ଷୁଦ୍ର ଶିଳ୍ପ ସଂଘ, ଓଡିଶା ଯୁବ ଶିଳ୍ପାଦ୍ୟୋଗୀ ସଂଘ ଓ କଟକ ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ମିଳିତ ଭାବରେ ଜିଲ୍ଲା ଶିଳ୍ପ କେନ୍ଦ୍ର, କଟକ ଅଫିସ ସମ୍ମୁଖରେ ଏକ ଘଣ୍ଟାର ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରିଥିଲା। ଗତବର୍ଷ ମାର୍ଚ୍ଚ ୨୨ ତାରିଖରୁ ଆଜି ପର୍ଯ୍ୟନ୍ତ କ୍ରମାଗତ ଦର ବୃଦ୍ଧି ଯୋଗୁ କେବଳ ଯେ ଶିଳ୍ପାନୁଷ୍ଠାନ ଗୁଡିକୁ କ୍ଷତି ପାହାଞ୍ଚିଅଛି ତାହା ନୁହେଁ ବରଂ ଶିଳ୍ପାଦ୍ୟୋଗୀଙ୍କର ଆର୍ଥିକ ମେରୁଦଣ୍ଡକୁ ମଧ ଦୋହଲାଇଦେଇଛି।

### ୨୦୨୨ରେ ବଢି ପାରେ ଗାଡି କାରବାର

**ନୂଆଦିଲ୍ଲୀ,୨୦।୧୨:** ଭାରତରେ କୋଭିଡ ସଂକ୍ରମଣ ଯୋଗୁ ଅଟୋଶିଳ୍ପ ବିଶେଷ ଭାବେ ପ୍ରଭାବିତ ହୋଇଛି। ଉପଭୋକ୍ତାଙ୍କ ମନରେ ରହିଥିବା ସଂକ୍ରମଣର ଭୟ ପାଇଁ ଗାଡ଼ି ବଜାର ମାନ୍ଦାବସ୍ଥା ଦେଇ ଗତି କରୁଛି। ମହାମାରୀ ଫଳରେ ଚଳିତ ବର୍ଷ ଆଶାନୁରୂପ ଗାଡ଼ି ବେପାର ହୋଇପାରିନାହିଁ। ଏଭଳି ପରିସ୍ଥିତିରେ ଏକ ଜାତୀୟସ୍ତରର ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡିଛି ଯେ ୨୦୨୨ରେ ଅଟୋଶିଳ୍ପର କାରବାର ଉତ୍ସାହ ରହିବ। ବିଶେଷ କରି ନୂଆ ଗାଡି ଠାରୁ ପୁରୁଣା (ବ୍ୟବହୃତ) ଗାଡିର ଚାହିଦା ଅଧିକ ରହିବ। ଯେ ହେତୁ ସଂକ୍ରମଣ କାରଣରୁ ସବୁ ବର୍ଗର ଗ୍ରାହକଙ୍କ ନିକଟରେ ସେହି ପରିମାଣର ପୁଞ୍ଜିର ଅଭାବ ରହିଛି। ସର୍ଭେରେ ଭାଗ ନେଇଥିବା ୮୩% ଗ୍ରାହକ ବର୍ଷକ ମଧରେ ଗାଡ଼ି କିଣିବାକୁ ଚାହୁଥିବା ବେଳେ ୧୩% ସମୟକୁ ଅପେକ୍ଷା କରିଛନ୍ତି। ସେହିଭଳି ମାତ୍ର ୪ ପ୍ରତିଶତ କହିଛନ୍ତି ଗାଡ଼ି କିଣିବାର କୌଣସି ଯୋଜନା ନାହିଁ।

# ୧୧୯୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୨୦।୧୨



ସାରା ବିଶ୍ୱ ଏପରିକି ଭାରତରେ ମଧ କୋଭିଡ୍ ସଂକ୍ରମଣର ନୂତନ ଭାରିଆଣ୍ଟ ଓମିକ୍ରନ୍‌ର ଭୟ ଲାଗି ରହିଛି। ଫଳରେ ସଂକ୍ରମଣର ପ୍ରଭାବ ଶେୟାର ବଜାର ଉପରେ ପଡୁଛି ବୋଲି ବାଣିଜ୍ୟିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଡିସେମ୍ବର ୨୦ର ଶେୟାର ବଜାର ଆରମ୍ଭରୁ ନାଲିରଙ୍ଗ ସହ ନୀଳରେ ଶେଷ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସୂଚନା ଅନୁସାରେ ସୋମବାର ୧୧୯୦ ପଏଣ୍ଟ ହ୍ରାସ ଘଟି ୫୫,୮୨୨ ଅଙ୍କରେ କାରବାର ବନ୍ଦ ହୋଇଛି। ସେହିଭଳି ନିଫ୍ଟିର ଇଣ୍ଡେକ୍ସ ମଧ ୩୭୧ ଅଙ୍କ ହ୍ରାସ ଘଟି ୧୬,୬୧୪ ପଏଣ୍ଟରେ ଶେଷ ହୋଇଛି। ଦଲାଲ ବଜାରର ଗୋଟିଏ ଦିନରେ ନିବେଶକ ୭ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ବିଗତ ଦୁଇ ଦିନରେ ନିବେଶକ ପ୍ରାୟ ୧୧ ଲକ୍ଷ କୋଟି ହରାଇଛନ୍ତି। ସୋମବାର ବଜାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୧୧୮୯.୦୧ ଅଙ୍କ ଅର୍ଥାତ୍ ୨.୦୯% ହ୍ରାସ ପାଇ ୫୫୮୨୨ .୦୧ ପଏଣ୍ଟରେ ପହଞ୍ଚିଛି। ସେହିପରି ନିଫ୍‌ଟି ୩୭୧ ଅଙ୍କ ଖସିଛି, ଅର୍ଥାତ୍ ୨.୧୮% କମି୧୬,୬୧୪.୨୦ ପଏଣ୍ଟରେ ବନ୍ଦ ହୋଇଛି। ସେନ୍ସେକ୍ସର ଶ୍ରେଷ୍ଠ ବଜାର ୩୦ଟି ଶେୟାର ମଧ୍ୟରୁ ସମସ୍ତ ଷ୍ଟକ୍ କାରବାରରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚନା ଅନୁସାରେ ଟାଟା ଷ୍ଟିଲ୍ ସର୍ବାଧିକ ୫% କ୍ଷତି ସହିଥିବା ବେଳେ ଅନ୍ୟ ନିବେଶକମାନେ ମଧ ୩ରୁ ୪% ହ୍ରାସ କରିଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଟାଇଟନ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ ଏବଂ ବଜାଜ ଫାଇନାନ୍ସର ଶେୟାର ମୂଲ୍ୟ ମଧ ହ୍ରାସ ପାଇଛି।

**ଦିନକରେ ହରାଇଲେ ୭ ଲକ୍ଷ କୋଟି**

# ମହିନ୍ଦ୍ରାର ଫ୍ୟୁରିଓ-୭ ଟ୍ରକ୍



ଭୁବନେଶ୍ୱର,୨୦।୧୨

ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ପକ୍ଷରୁ ବାଲେଶ୍ୱରର ନୋସି ବିଜନେସ ପାର୍କରେ ନିକଟରେ ନୂଆ ମହିନ୍ଦ୍ରା ଫ୍ୟୁରିଓ-୭ ଟ୍ରକର ଉନ୍ମୋଚନ କରାଯାଇଛି। ଏଥି ସହିତ ପ୍ରଥମ ଥର ପାଇଁ ଏହି ଯାନ ଓଡ଼ିଶା ବଜାରରେ ପ୍ରବେଶ କରିଛି ବୋଲି କମ୍ପାନିର ବସ୍ ଓ ଟ୍ରକ୍ ଡିଭିଜନର ମୁଖ୍ୟ (ପୂର୍ବ) ଅନୁରାମ ଚର୍ତ୍ତୁବେଦୀ ମତବ୍ୟକ୍ତ କରିଛନ୍ତି। ଏହା ଏବେ କେନ୍ଦୁଝର ଜିଲ୍ଲାର ତାରିଣୀ ମୋଟର୍ସରେ ଗ୍ରାହକମାନଙ୍କ ଲାଗି ଉପଲବ୍ଧ ହେଉଛି। ଚର୍ତ୍ତୁବେଦୀ କହିଛନ୍ତି ଯେ ଏହା ଅନ୍ୟ ଗାଡ଼ିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର, ଡବଲ ଗ୍ୟାରେଣ୍ଟି ଏବଂ ଅଧିକ ମାଇଲେଜ୍ ସୁବିଧା ରହିଥିବା ବେଳେ ସେବା ଯୋଗାଇ ନପାରିଲେ ଟ୍ରକର ପୁନଃବିକ୍ରୟ ମୂଲ୍ୟ ଫେରସ୍ତ ସୁବିଧା ରହିଛି। ମହିନ୍ଦ୍ରା ଫ୍ୟୁରିଓ-୭ରେ ଅତ୍ୟାଧୁନିକ ଟେଲିମାଟିକ୍ସ ଟେକ୍ନୋଲୋଜି ଖଞ୍ଜା ହୋଇଛି। ଅଧିକ ମାଇଲେଜ୍ ପାଅ, ଟ୍ରକ ଫେରାଅ କିମ୍ବା ପାଞ୍ଚବର୍ଷ ପରେ ଗ୍ୟାରେଣ୍ଟି ଯୁକ୍ତ ପୁନଃ ବିକ୍ରି ମୂଲ୍ୟ ପାଇବା ଭଳି ଅସାଧାରଣ ଗ୍ରାହକ ମୂଲ୍ୟ ପ୍ରସ୍ତାବ ଦେଉଥିବା ନୂଆ ଫ୍ୟୁରିଓ-୭ ରେଞ୍ଜର ଟ୍ରକଗୁଡ଼ିକର ଉନ୍ମୋଚନ ଏହି ଶିଳ୍ପରେ ଏକ ମାଇଲଖୁଣ୍ଟ। ଏହା ଛଡ଼ା ମହିନ୍ଦ୍ର ଫ୍ୟୁରିଓ-୭ରେ ରହିଥିବା ଅନ୍ୟାନ୍ୟ ସୁବିଧାଗୁଡ଼ିକ ମଧରେ ଚାଳକଙ୍କ ପାଇଁ ଆରାମଦାୟକ ସୁରକ୍ଷିତ କ୍ୟାବିନ୍ ବ୍ୟବସ୍ଥା ରହିଛି। ଫଳରେ ଦୂର ବାଟକୁ ଯାତ୍ରା କଲେ ମଧ ଏତେଟା ଥକାପଣ ଲାଗିବ ନାହିଁ। ଉନ୍ନତ ପ୍ରଯୁକ୍ତିର ଲାଇଟ୍ ଲାଗିଥିବାରୁ ରାତିରେ ଗାଡ଼ି ଚଳାଇବାରେ ଅସୁବିଧା ହେବ ନାହିଁ।

# ପତଞ୍ଜଳିର 'ନବ ହରିତ କ୍ରାନ୍ତି-ଏନ ଆଗ୍ରୋ ଭିଜନ'




ହରିଦ୍ୱାର,୨୦।୧୨

ବର୍ତ୍ତମାନ ଦେଶରେ ଦେଖା ଦେଇଥିବା କୃଷି ଓ କୃଷକର ସମସ୍ୟାର ସମାଧାନ ସମ୍ପର୍କୀତ ଏକ କର୍ମଶାଳା ନିକଟରେ ପତଞ୍ଜଳି ସଂସ୍ଥାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୃଷିର ବିକାଶ ସାଙ୍ଗକୁ କୃଷକର ଅଭିବୃଦ୍ଧି କିପରି ହୋଇପାରିବ ସେ ସମ୍ପର୍କରେ ପତଞ୍ଜଳି ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ବିଶେଷ କରି ପୂଜ୍ୟ ସ୍ୱାମୀ ରାମଦେବଙ୍କ ତତ୍ତ୍ୱାବଧାନ ସାଙ୍ଗକୁ ଆଚାର୍ଯ୍ୟ ବାଳକୃଷ୍ଣନ ମହାରାଜଙ୍କ ପୌରହିତରେ ପତଞ୍ଜଳିର ଗବେଷଣା କେନ୍ଦ୍ରର ପ୍ରାୟ ୧୫୦ ବରିଷ୍ଠ ବୈଜ୍ଞାନିକଙ୍କ ଅଭିଜ୍ଞତା ଓ ପରିଶ୍ରମରେ ପ୍ରସ୍ତୁତ କୃଷି ସମ୍ପର୍କୀତ ଏକ ପୁସ୍ତକ 'ନଭି ହରିତ କ୍ରାନ୍ତି-ଏନ ଆଗ୍ରୋ ଭିଜନ'ର ଉନ୍ମୋଚନ କରାଯାଇଛି। ଉକ୍ତ ପୁସ୍ତକରେ ଦେଶର ସମସ୍ତ କୃଷି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ୱାମୀ ରାମଦେବ କହିଥିଲେ ଯେ ଦେଶର କୃଷିର ବିକାଶ ପାଇଁ ପତଞ୍ଜଳି ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିବାକୁ ଯାଉଛି। ଦେଶର ବିଭିନ୍ନ ସ୍ଥାନରେ କୃଷି ଜରିଆରେ ଅଭିବୃଦ୍ଧି କରିବାର କଳାକୌଶଳ ସାଙ୍ଗକୁ ଜୈବିକ କୃଷିର ପ୍ରଚାର ପ୍ରାସର ସାଙ୍ଗକୁ କିଭଳି ଜୈବିକ ସାରାରେ କୃଷି କାର୍ଯ୍ୟ କରିହେବ। ସେ ବିଷୟରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରି କିପରି କୃଷକ ଅଧିକରୁ ଅଧିକ କୃଷି ଉତ୍ପାଦନ କରିପାରିବା ବୋଲି ରାମଦେବ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଯେ ପତଞ୍ଜଳି ଦେଶର କୃଷକ ଓ ସରକାର ଙ୍କ ମଧରେ ସମନ୍ୱୟ ରକ୍ଷା କରି କୃଷିର ବିକାଶ ଉପରେ କାର୍ଯ୍ୟ କରିବ। ସେହିପରି ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କୃଷି ଯୋଜନା କିଭଳି ପ୍ରକୃତ କୃଷକଙ୍କ ନିକଟରେ ପହଞ୍ଚିବ ସେ ନେଇ ମଧ ଆବଶ୍ୟକ କାର୍ଯ୍ୟ ପତଞ୍ଜଳି ପକ୍ଷରୁ କରାଯିବ। ଯାହାଫଳରେ ଦେଶର ଚାଷୀ ବେଶ ଉପକୃତ ହୋଇପାରିବେ ବୋଲି ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ଉକ୍ତ କର୍ମଶାଳାରେ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉଭୟ ଅନଲାଇନ ଓ ଅଫଲାଇନରେ ଯୋଡି ହୋଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

## ଟିଏସଏଫ ପକ୍ଷରୁ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୦।୧୨

ମହାମାରୀ ସମୟରେ ଅଙ୍ଗନବାଡ଼ି ଶିକ୍ଷକ, ଆଶା ଓ ଏଏନ୍ଏମ୍ କର୍ମୀଙ୍କ ଅବଦାନକୁ ମାନ୍ୟତା ପ୍ରଦାନ କରିବା ଲାଗି କେନ୍ଦୁଝରର ଗୁଆଲି ଠାରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ( ଟିଏସଏଫ) ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଯେଉଁଥିରେ ୨୫ କୋଭିଡ୍ ଯୋଦ୍ଧାଙ୍କୁ ଉପହାର ଓ ସାର୍ଟିଫିକେଟ୍ ସହିତ ସମ୍ବର୍ଦ୍ଧିତ କରାଯାଇଛି। ମହାମାରୀ ସମୟରେ ପ୍ରତିଟି ଘରେ ପହଞ୍ଚି ଷ୍ଟାଫ୍ ଯୋଗାଡ଼ କରି ସଚେତନତା ସୃଷ୍ଟି କରିବା ଲାଗି ଗୋଷ୍ଠୀ ନିକଟରେ ପହଞ୍ଚିବା ଲାଗି କୋଭିଡ୍ ଯୋଦ୍ଧାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ଲାଗି ମୁଖ୍ୟତଃ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା। ଯୋଡ଼ା ବ୍ଲକ୍‌ର ଚିଫ୍ ମେଡିକାଲ୍ ଅଫିସର ଇନଚାର୍ଜ ଡକ୍ଟର ଲକ୍ଷ୍ମୀକାନ୍ତ ସିଂହ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ କୋଭିଡ୍ ଯୋଦ୍ଧାମାନେ ସାମନା କରିଥିବା ସଂଘର୍ଷକୁ ବର୍ଣ୍ଣନା କରିବା ସହ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କରିବା ଲାଗି ସେମାନଙ୍କ ଉଦ୍ୟମ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବ୍ଲକ୍ ପ୍ରୋଗ୍ରାମ୍ ମ୍ୟାନେଜର ଦେବାଶିଷ ମହାନ୍ତୋ, ଗୁଆଲିର ନୀଳାଚଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ମହାନ୍ତି, ଗୁଆଲିର ପିଏଚ୍‌ସି ଡାକ୍ତର ଡକ୍ଟର ଜାସ୍‌ମିନ୍ ମହନ୍ତୋ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ)ର ଡାକ୍ତର ପ୍ରଦୀପ ମହାନ୍ତୋ ଓ ଟିଏସ୍ଏଫ୍ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଓଡିଶା ପେଟ୍ରୋଲ-ଡିଜେଲ ପମ୍ପ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୨୦।୧୨

**୫ ଦଫା ଦାବି ନେଇ ଆଇଓସିଏଲ୍ ସମ୍ମୁଖରେ ଆନ୍ଦୋଳନ**

ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା ବୃଦ୍ଧି, ମହାଙ୍ଗା ଭତ୍ତା ପ୍ରଦାନ ଏବଂ ଶ୍ରମିକ ଛଟେଇ ବନ୍ଦ ପ୍ରତିବାଦରେ ଓଡ଼ିଶା ପେଟ୍ରୋଲ ଓ ଡିଜେଲ ପମ୍ପ କର୍ମଗରୀ ସଂଘ ପକ୍ଷରୁ ସୋମବାର ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ) କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ସଂଘ ପକ୍ଷରୁ କରାଯାଇଥିଲା। ସଂଘର ସଭାପତି ଆଇନଜୀବୀ ସୁରେଶ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ତୈଳ ପମ୍ପର ଶ୍ରମିକ, ଶ୍ରମ କରି ଗ୍ରାହକଙ୍କ ଠାରୁ ଦାୟିତ୍ୱର ସହ ତୈଳ ଦେଇ ଅର୍ଥ ସଂଗ୍ରହ କରନ୍ତି। ଯେଉଁ ଅର୍ଥରେ କମ୍ପାନୀ, ସରକାର ଏବଂ ଡିଲରମାନେ ଲକ୍ଷ ଲକ୍ଷ ଟଙ୍କା ଲାଭ ପାଆନ୍ତି କିନ୍ତୁ ଗରିବ ତୈଳ ପମ୍ପ କର୍ମଚାରୀଟି ତା'ର ସ୍ୱଳ୍ପ ଦରମାରେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇ ପାରେନାହିଁ । ଆଜିର ଆକାଶଛୁଆଁ ଦରବୃଦ୍ଧିରେ ସେ ମଧ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିପାରେ ନାହିଁ। ସହରରେ ରହି ଘରଭଡ଼ା ମଧ ଦେଇପାରେ ନାହିଁ, ପିଲାଙ୍କୁ ଠିକ୍ ଭାବେ ପାଠ ପଢାଇପାରେ ନାହିଁ।

## ଫୁରସତ୍

### ୫ ବର୍ଷ ଗର୍ଭଧାରଣ କରେ 'କୋଏଲାକାନ୍ଥ'



**କେପ୍‌ଟାଉନ୍:** ଦୁନିଆରେ ଅନେକ ରହସ୍ୟମୟ ଜୀବ ଅଛନ୍ତି। ଏଥିମଧ୍ୟରୁ ଏକ ମାଛ ରହିଛି, ଯାହାକୁ ଜୀବନ୍ତ ଜୀବାଶ୍ମ ମଧ କୁହାଯାଏ। ଏହି ମାଛର ନାମ ହେଉଛି 'କୋଏଲାକାନ୍ଥ'। ଯାହା ଡାଇନୋସର ସମୟରୁ ପୃଥିବୀରେ ରହିଛି। କୁହାଯାଏ, ଏହି ମାଛର ବୟସ ୧୦୦ ବର୍ଷ ପର୍ଯ୍ୟନ୍ତ ହୋଇପାରେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ମାଛ ୫ ବର୍ଷର ଗର୍ଭଧାରଣ ପରେ ପ୍ରସବ କରିଥାଏ। ୧୯୩୦ ମସିହା ପୂର୍ବରୁ ଏହି ମାଛକୁ ବିଲୁପ୍ତ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ପରେ ଏହି ରହସ୍ୟମୟ ମାଛ ଦକ୍ଷିଣ ଆଫ୍ରିକା ଉପକୂଳରେ ଦେଖାଗଲା। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ରାତିରେ ଯାତ୍ରା କରିବା ସମୟରେ ମାଛ ମଣିଷ ଆକାରର ହୋଇପାରେ। ଏହା ବହୁତ ଧୀରେ ଧୀରେ ବଢ଼ିଥାଏ। ୫୦ ବର୍ଷ ବୟସ ପରେ ଗର୍ଭଧାରଣ କରିଥାଏ। ଏହି ମାଛ ଦୁଇ ପ୍ରକାରର। ଗୋଟିଏ ପ୍ରକାରର ମାଛ ଆଫ୍ରିକାର ପୂର୍ବ ଉପକୂଳର କୋମୋରୋସ ଦ୍ୱୀପପୁଞ୍ଜରେ ବାସ କରେ ଏବଂ ଅନ୍ୟ ପ୍ରଜାତି ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପପୁଞ୍ଜ ଜଳରେ ବାସ କରେ। ମାଛଟି ୨୩୦୦ ଫୁଟ ଗଭୀର ପାଣିରେ ରହିଥାଏ।

### ୧୦୦ କୋଟିରେ 'ସ୍ପାଇଡର ମ୍ୟାନ୍'

ମୁମ୍ବାଇ

ଡିସେମ୍ବର ୧୬ରେ ମୁକ୍ତିଲାଭ କରିଥିବା ହାଇ ବଜେଟ୍ ହଲିଉଡ୍ ଚଳଚ୍ଚିତ୍ର 'ସ୍ପାଇଡର ମ୍ୟାନ: ନୋ ୱେ ହୋମ୍' ଦମଦାର ପ୍ରଦର୍ଶନ ଜାରି ରଖିଛି। 'ସ୍ପାଇଡରମ୍ୟାନ୍' ସିନେମାକୁ ନେଇ ଦୀର୍ଘ ଦିନରୁ ଲୋକଙ୍କ ମଧରେ କ୍ରେଜ୍ ରହିଥିବାବେଳେ ଏହା ଉପରୋକ୍ତ ସମସ୍ତ ସିରିଜ୍‌କୁ ଟପିଯିବା ସମ୍ଭାବନା ସୃଷ୍ଟି କରିଛି। ସପ୍ତାହେ ନ ପୂରୁଣୁ ଏହି ସିନେମା ୧୦୦ କୋଟି କ୍ଲବରେ ପହଞ୍ଚି ସାରିଥିବା ଚଳଚ୍ଚିତ୍ର ବିଶ୍ଳେଷକ ତାରନ୍ ଆଦର୍ଶ ଟୁଇଟ୍ କରି ସୂଚନା ଦେଇଛନ୍ତି। ଖ୍ୟାତନାମା ନିର୍ଦ୍ଦେଶକ ଜନ୍ ୱାଟ୍‌ଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପୂର୍ବ ସିରିଜ୍‌ର ଅଧିକାଂଶ କଳାକାର ରହିଛନ୍ତି।



### ମା'ହେବେ କାଜଲ

**ମୁମ୍ବାଇ:** ସାଉଥ ସୁନ୍ଦରୀ କାଜଲ ଅଗ୍ରୱାଲ ମା' ହେବା ଖବର କିଛିଦିନ ହେଲା ଚର୍ଚ୍ଚାରେ ରହୁଛି। ହେଲେ ଏହା କେତେ ସତ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏବେ କାଜଲ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିବା ପରେ ଆଲୋଚନା ପୁଣିଥରେ ଦ୍ୱିଗୁଣା ହୋଇଛି। ଉକ୍ତ ଫଟୋରେ କାଜଲଙ୍କ ବେବି ବମ୍ପ୍ ଦେଖିବାକୁ ମିଳୁଛି। ତେଣୁ ପ୍ରଶଂସକମାନେ ଅନୁମାନ ଲଗାଉଛନ୍ତି କି କାଜଲ ଖୁବଶୀଘ୍ର ମା' ହେବାକୁ ଯାଉଛନ୍ତି । ହେଲେ ଏ ସମ୍ପର୍କରେ କାଜଲ କୌଣସି ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଯେତେବେଳେ ଏହି କଥା ଆଲୋଚନା ହୋଇଥିଲା ସେତେବେଳେ କାଜଲ କହିଥିଲେ ସମୟ ଆସିଲେ ସେ ନିଜେ ଏହାର ଘୋଷଣା କରିବେ । ଅର୍ଥାତ ନା ସେ ତାଙ୍କ ପ୍ରେଗନାନ୍ସି ଖବରକୁ ଗ୍ରହଣ କରିଥିଲେ ନା ଖଣ୍ଡନ କରିଥିଲେ । ଏବେ କିନ୍ତୁ ତାଙ୍କ ସୋସିଆଲ ମିଡିଆ ଫଟୋଟି ଭାଇରାଲ ହୋଇଥିଲେ ସୁଦ୍ଧା କାଜଲ ଏ ସମ୍ପର୍କରେ କିଛି କହି ନାହାନ୍ତି ।

### ଟପ୍ପୁଙ୍କ ଶୋ ଛାଡ଼ିବା ଗୁଜବ



**ମୁମ୍ବାଇ:** 'ତାରକ ମେହେଟା କା ଉଲ୍‌ଟା ଚଷମା'ରେ ଟପ୍ପୁ ଭୂମିକାରେ ଅଭିନୟ କରୁଥିବା ରାଜ୍ ଅନଦକତ ଶୋ ଛାଡ଼ିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଲୋକପ୍ରିୟ ଧାରାବାହିକରେ ବବିତା ଭୂମିକାରେ ଅଭିନୟ କରୁଥିବା ମୁନ୍‌ମୁନ୍ ଦତ୍ତାଙ୍କ ସହିତ ରାଜ୍ ଡେଟିଂ କରୁଥିବା ଗୁଜବ ପ୍ରଚାରିତ ହେବାପରେ ଏହାର ପ୍ରଭାବ ସିରିଏଲ୍ ଉପରେ ପଡ଼ିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ନିର୍ମାତା। ତେଣୁ ଟପ୍ପୁଙ୍କୁ ବିଦା କରି ତାଙ୍କ ସ୍ଥାନ ଅନ୍ୟ କାହାରିକୁ ଦେବାକୁ ସଜବାଜ ଚାଲିଥିବା ଆଲୋଚନା ଜୋର୍ ଧରିଛି। ତେବେ ଏସବୁ କଳ୍ପନାଜଳ୍ପନାକୁ ରାଜ ଖଣ୍ଡନ କରିଛନ୍ତି। ଏଥିପୂର୍ବରୁ ମୁନ୍‌ମୁନ୍ ଶୋ ଛାଡ଼ିବେ ବୋଲି ଗୁଜବ ପ୍ରଚାରିତ ହୋଇଥିଲା।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସଞ୍ଜୀବ ସାହୁ
(ନରୋତ୍ତମ)
ବିଦ୍ୟାନଗରୀ ସାହି, ବୋଲଗଡ଼, ଖୋର୍ଦ୍ଧା
ଆବିର୍ଭାବ: ୧୮।୦୪।୧୯୭୦
ତିରୋଧାନ: ୦୧।୦୧।୨୦୨୧
ଠାକୁର ନିଗମାନନ୍ଦଙ୍କ ପାଦପଦ୍ମରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୭୧୩୨୯

୩୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ମଦନ ମୋହନ ସେନାପତି
ଆବିର୍ଭାବ: ୨୮।୦୩।୧୯୩୪ (ବୁଧବାର)
ତିରୋଧାନ: ୨୨।୧୨।୧୯୯୧ (ରବିବାର)
(ପୌଷ କୃଷ୍ଣପକ୍ଷ ଦ୍ୱିତୀୟା ତିଥି)
ଆଜିର ଏହି ଶ୍ରାଦ୍ଧ ଦିବସରେ ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରୁ। ଆପଣଙ୍କ ସ୍ନେହ, ସେବାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କର ସ୍ନେହାଭିଳାଷୀ: ସ୍ତ୍ରୀ, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି ଓ ନାତୁଣୀ, କର୍ମଚାରୀବୃନ୍ଦ: ରବୀନ୍ଦ୍ର ମେଡିକାଲ୍ ହଲ୍ (A Unit of ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରା.ଲିଃ), ରବୀନ୍ଦ୍ର ହେଲ୍‌ଥ୍ କେୟାର୍ ପ୍ରା.ଲିଃ., ରବୀନ୍ଦ୍ର ଏଜେନ୍ସି, ରବୀନ୍ଦ୍ର ସର୍ଜିକାଲ୍ ଏଣ୍ଡ୍ ବିତରକ ପ୍ରା.ଲିଃ., ମଦନ ମୋହନ ଆସୋସିଏଟ୍ସ ଆଶ୍ରିତ ଉଦ୍ୟମୀ।
ଧ-୫୯୧୯୯

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ଗୀତାରାଣୀ ଦାଶ
ସ୍ୱାମି- ✓ ଡ଼ାକ୍ତର ପନ୍ନଗ ଭୂଷଣ ଦାଶ
'ଗୀତା ଭବନ' ପ୍ଲଟ୍ ନଂ-୧୬୧୯,
ପୁନମାଗେଟ, ଓଲ୍ଡ ଟାଉନ, ଭୁବନେଶ୍ୱର
Phone : 9937028979
ଆବିର୍ଭାବ : ୨୯.୦୩.୧୯୫୨
ତିରୋଧାନ : ୧୨.୧୨.୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୭୧୯୨୨

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଳେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଇଣ୍ଡିଆନ ସୁପରଲିଗ୍‌ରେ ସୋମବାର ଜାମସେଦପୁର ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଅଷ୍ଟ୍ରେଲିଆ ୨୭୫ରନରେ ଜିତିଲା

**ଦ୍ୱିତୀୟ ଆଶେସ ଟେଷ୍ଟ**

ଆଡିଲେଡ୍, ୨୦।୧୨ (ଏପି)

ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଖେଳାଯାଇଥିବା ଦ୍ୱିତୀୟ ଆଶେସ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ୨୭୫ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଏଥିସହିତ ଦଳ ୫ ମ୍ୟାଚବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀଲାଭ କରିଛି। ଏହି ଦିବାରାତ୍ର ଟେଷ୍ଟରେ ୪୬୮ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିବା ପରେ ଇଂଲଣ୍ଡର ଦ୍ୱିତୀୟ ଇନିଂସକୁ ୧୯୨ ରନରେ ସୀମିତ କରି ଦେଇଥିଲା ଅଷ୍ଟ୍ରେଲିଆ। ସେତେବେଳକୁ ୫ମ ଦିବସ ଖେଳ ଆହୁରି ୨୧ ଓଭର ବାକି ଥିଲା। ଉଇକେଟକିପର ବ୍ୟାଟର ଜୋସ୍ ବଟଲର ୨୦୭ ବଲ ସାମ୍ନା କରି ମାତ୍ର ୨୬ରନ କରିଥିଲେ। ସେ ଝେ ରିଚାର୍ଡସନଙ୍କ ବୋଲିଂ ଦୁର୍ଭାଗ୍ୟଜନକ ଭାବେ ହିଟ୍ ଉଇକେଟ ହୋଇ ୯ମ ଖେଳାଳିଭାବେ ଆଉଟ ହୋଇଯାଇଥିଲେ। ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ୍ କହିଛନ୍ତି, ଭ୍ରମଣକାରୀ ଦଳ ପରାଜିତ ହୋଇଥିଲେ ହେଁ ଅନ୍ତିମ ଦିବସରେ ମ୍ୟାଚ ବଞ୍ଚାଇବା ପାଇଁ ଲଢୁଆ ଖେଳ ପ୍ରଦର୍ଶନ କରିଥିଲା। ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ କହିଛନ୍ତି, ଆମକୁ ଆହୁରି ଧୈର୍ଯ୍ୟ ଓ ସତର୍କତାର ସହ ବ୍ୟାଟିଂ କରିବାର ଥିଲା। ବର୍ତ୍ତମାନ ଅଷ୍ଟ୍ରେଲିଆ ନିକଟରେ ଆଶେସ ରହିଥିବାରୁ ପରବର୍ତ୍ତୀ ମ୍ୟାଚକୁ ଅତିକମ୍‌ରେ ଡ୍ର’ ରଖିପାରିଲେ ଚଳିତ ଆଶେସ ସିରିଜ ଜିତିପାରିବ। ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ସବୁଠାରୁ ସଫଳ ବୋଲର ଭାବେ ଝେ ରିଚାର୍ଡସନ ୪୨ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ବ୍ରିସ୍‌ବେନରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ମଧ୍ୟ ସେ ୯ ଉଇକେଟ ସଫଳତା ପାଇଥିଲେ। ଅଷ୍ଟ୍ରେଲିଆର ଏହା ହେଉଛି କ୍ରମାଗତ ୯ମ ଦିବାରାତ୍ର ମ୍ୟାଚ ବିଜୟ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଅବଶିଷ୍ଟ ୩ ଆଶେସ ଟେଷ୍ଟ ପାଇଁ ଏହାର ୧୫ ଜଣିଆ ଦଳ ଅପରିବର୍ତ୍ତିତ ରଖିଛି। ପାର୍ଶ୍ୱ ଯନ୍ତ୍ରଣା ପାଇଁ ଜୋସ୍ ହାଜେଲଉଡ୍ ଆଡିଲେଡ୍ ଟେଷ୍ଟ ଖେଳିପାରି ନ ଥିଲେ। ଶେଷ ମୁହୂର୍ତ୍ତରେ ଜଣେ କୋଭିଡ୍ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାରୁ ଫାଷ୍ଟ ବୋଲର ତଥା ଅଧିନାୟକ ପ୍ୟାଟ୍ କୁମିନ୍ସ ମଧ୍ୟ ଦ୍ୱିତୀୟ ଟେଷ୍ଟ ଖେଳି ପାରି ନ ଥିଲେ। ଉଭୟେ ଗୁରୁବାର ଦଳରେ ଯୋଗଦାନ କରିବେ। ହାଜେଲଉଡ୍‌ଙ୍କୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ନେଟ୍ସ ବେଳେ ଫିଟ୍‌ନେସ ପ୍ରମାଣ ଦେବାକୁ ପଡ଼ିବ। ବକ୍ସିଂ ଡେ’ ଟେଷ୍ଟ ଡିସେମ୍ବର ୨୬ରୁ ଖେଳାଯିବ। ଜାନୁୟାରୀରେ ୪ର୍ଥ ଓ ୫ମ ଟେଷ୍ଟ ଯଥାକ୍ରମେ ସିଡ୍‌ନୀ ଓ ହୋବାର୍ଟରେ ଖେଳାଯିବ। ୧୨ଟି ଟେଷ୍ଟ ମ୍ୟାଚରେ ୨୨.୧୯ ଆଭରେଜ ରଖିଥିବା ମାର୍କସ ହାରିସ ଆଡିଲେଡ୍‌ରେ ୩ ଓ ୨୩ ରନ କରିଥିଲେ ସୁଦ୍ଧା ଟପ୍ ଅର୍ଡରରେ ସ୍ଥାନ ବଜାୟ ରଖିବେ ବୋଲି ଆଶା କରାଯାଉଛି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୭୩

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୩୬

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୩୦/୯, ଘୋଷଣା।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୯୨/ଅଲଆଉଟ (କ୍ରିସ୍ ଓକ୍ସ-୪୪, ରୋରି ବର୍ନ୍ସ-୩୪, ଜୋସ୍ ବଟଲର-୨୬, ଜୋ ରୁଟ୍-୨୪; ଝେ ରିଚାର୍ଡସନ-୫/୪୨, ମିଚେଲ ଷ୍ଟାର୍କ-୨/୪୩, ନାଥାନ ଲିୟନ-୨/୫୫)।



ଷ୍ଟୁଆର୍ଟ ବ୍ରଡ୍‌ଙ୍କ ବିରୋଧରେ ଅଷ୍ଟ୍ରେଲିଆ ଖେଳାଳିମାନେ ଏଲବିଡବ୍ଲ୍ୟୁ ଆବେଦନ କରୁଛନ୍ତି।

## ଓସିଏ ଭିଜନ୍-୨୪ କ୍ରିକେଟ୍: କେସିଏ ବିଜୟୀ

ପାଣିକୋଇଲି, ୨୦।୧୨

ପାଣିକୋଇଲି କଲେଜ ପଡ଼ିଆରେ ଚାଲିଥିବା ୧୦ ଦିନିଆ ଇନ୍ସ କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟ (ଓସିଏ ଭିଜନ୍-୨୪ କ୍ରିକେଟ୍)ର ସୋମବାର ୭ମ ଦିବସରେ ବିସିସି ପାଣିକୋଇଲି ବନାମ କଳିଙ୍ଗନଗର କ୍ରିକେଟ୍ ଏକାଡେମୀ (କେସିଏ) ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ବିସିସି ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୪୦.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୨୦ ରନ ସଂଗ୍ରହ କରିଥିଲା। ବିସିସି ପକ୍ଷରୁ ସତ୍ୟଜିତ୍ ସିଂ ୮୨ ବଲରେ ୭୧ ରନ୍ ଓ ଅନିସ୍ ଖାନ୍ ୭୯ ବଲରେ ୬୯ ରନ୍ ସଂଗ୍ରହ କରିଥିଲେ। କେସିଏର ଜ୍ଞାନରଞ୍ଜନ ନାୟକ ୮ ଓଭର ବୋଲିଂ କରି ୨୫ ରନ ଦେଇ ୩ ଉଇକେଟ୍ ଓ ରୌନାକ ସିଂ ୮.୫ ଓଭର ବୋଲିଂ କରି ୩୮ ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ପରେ କେସିଏ ୪୬ ଓଭରରେ ୬ ଉଇକେଟ୍ ହରାଇ ୨୨୧ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ପୁହାଣ ୯୪ ବଲରେ ୬୫ ରନ ଓ ବାଦଲ ମଲିକ ୬୦ ବଲରେ ୫୨ ରନ ସଂଗ୍ରହ କରିଥିଲେ। ବିସିସିର ଆନିସ୍ ଖାନ୍ ୧୦ ଓଭର ବୋଲିଂ କରି ୨୫ ରନ ଦେଇ ୩ ଉଇକେଟ୍ ଓ ମହମ୍ମଦ କାଦିଣିକବାଲ ୯ ଓଭର ବୋଲିଂ କରି ୩୨ ରନ ଦେଇ ୨ ଉଇକେଟ୍ ନେଇଥିଲେ। ଏହି ମ୍ୟାଚକୁ ଜ୍ଞାନରଞ୍ଜନ ସ୍ୱାଇଁ ଓ ଦୀପ୍ତିରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

# ସେମିରେ ଖଡ଼ଗପୁର ସେର୍‌ସା

**ସର୍ବଭାରତୀୟ ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟ**

ସୋର,୨୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡ଼ିଆଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୩ତମ ସର୍ବଭାରତୀୟ ମହାବୀର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ସେର୍‌ସା ଖଡ଼ଗପୁର ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ୨୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ ସେର୍‌ସା ଖଡ଼ଗପୁର ୧୪.୫ ଓଭରରେ ୩ଟି ଉଇକେଟ ହରାଇ ୧୨୯ ରନ୍ କରି ବିଜୟୀ ହୋଇଥିଲା। ଓସିଏ ଲେବୁଲ୍-୧ ଅମ୍ପାୟାର ଶରତ ଜେନା ଏବଂ ରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବାସୁଦେବ ଜେନା ଓ ଯଦୁନାଥ ଜେନା ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋରର ଥିଲେ ମାନସ କୁମାର ଜେନା ଏବଂ ଅକ୍ଷୟ କୁମାର ଜେନା। ସମାଜସେବୀ ସୁଦର୍ଶନ ବେହେରା ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ସେରସା ଦଳର ସୁମନ ରାଓଙ୍କୁ ପୁରସ୍କୃତ କରିଥିଲେ। ସନାତନ ସେଠୀ, ମହେନ୍ଦ୍ର ଦେ, ବାଇଧର ସିଂ, ଗୌତମ ଜେନା, ଶକ୍ତି ସ୍ୱରୂପ ଦାସ, ବାପି ତ୍ରିପାଠୀ, ବାପୁଜୀ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ୟୁ ଆଣ୍ଡ ମି ବାଲେଶ୍ୱର ଏବଂ ସେର୍‌ସା ଖଡ଼ଗପୁର ମଧ୍ୟରେ ଅନୁଷ୍ଠିତ ହେବ।

# ସେମିଫାଇନାଲରେ ୟୁନିକ ଏକାଦଶ

ରସୁଲପୁର,୨୦।୧୨ (ଡି.ଏନ.ଏ.)

ଯାଜପୁର ବ୍ଲକ ଖାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ-ନୀଳକଣ୍ଠପୁର ସତ୍ୟସାଇ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୩୯ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ନାମେଣ୍ଟରେ ଆଜିର ମ୍ୟାଚ୍‌ରେ ୟୁନିକ ଏକାଦଶ-ଭଦ୍ରକ ଓ ଯାଜପୁର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ଓଭର ଖେଳ ଶେଷରେ ମ୍ୟାଚ୍ ଟାଇ ହୋଇଯାଇଥିଲା। ସୁପର ଓଭର ସହାୟତାରେ ଅନୁଷ୍ଠିତ ମ୍ୟାଚ୍‌ରେ ୟୁନିକ ଏକାଦଶ ଯାଜପୁର ଏକାଦଶକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଯାଜପୁର ଏକାଦଶ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୧୭୭ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ୬୬ ଓ ଅଭିଳାଷ ରାଉତରାୟ ୨୮ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ୟୁନିକ-ଏକାଦଶ ପକ୍ଷରୁ ପ୍ରଶାନ୍ତ ପତି ଓ ଚିନ୍ମୟ ପରିଡ଼ା ୨ଟି ଲେଖାଏ ଉଇକେଟ ସଂଗ୍ରହ କରିଥିଲେ। ୧୭୮ରନ୍‌ର ବିଜୟ ଲକ୍ଷ୍ୟ ନେଇ ୟୁନିକ ଏକାଦଶ ବ୍ୟାଟିଂ ଆରମ୍ଭ କରିଥିଲା। ଖେଳ ଶେଷ ସୁଧା ୯ ଉଇକେଟ୍ ହରାଇ ଖେଳାଳୀମାନେ ଦଳୀୟ ସ୍କୋରକୁ ସମାନସ୍ତରରକୁ ଆଣିପାରିଥିଲେ। ଦଳ ପକ୍ଷରୁ କ୍ରିଷ୍ଣାମୋହନ ମହାନ୍ତି ୩୯ରନ୍ ଓ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୩୪ରନ ବଲରେ ମ୍ୟାଚ୍ ଟାଇ ହୋଇଯାଇଥିଲା। ଅମ୍ପାୟାରଙ୍କ ନିଷ୍ପତ୍ତି କ୍ରମେ ସୁପରଓଭର ଖେଳା ଯାଇଥିଲା। ଏଥିରେ ୟୁନିକ ଏକାଦଶ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଯାଜପୁର ଏକାଦଶ ଦଳ ପକ୍ଷରୁ ପ୍ରଭାସ ରାଉତରାୟ ଓ ଚନ୍ଦନ ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଯାଜପୁର ଦଳର କ୍ରିଷ୍ଣ ମୋହନ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ସାମାଜିକକର୍ମୀ ନିରଞ୍ଜନ ଜେନା ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚ୍‌କୁ ପ୍ରଭାତ କୁମାର ଜେନା, ରତିକାନ୍ତ ରାଉତ ଅମ୍ପାୟାର, ଚିନ୍ମୟ ଦଳାଇ, ସାଇପ୍ରବୀର ସାହୁ, ବବିନାରାୟଣ ସେଠୀ, ପ୍ରିୟନାଥ ରାଉତ, ମଣ୍ଟୁ ଦାସ ପ୍ରମୁଖ ସ୍କୋରର ଓ ଭାଷ୍ୟକାର ଭାବେ ପରିଚାଳନା କରିଥିଲେ।

## ଆବୁଧାବିରୁ ଫେରିବା ପରେ ନାଡାଲ ପଜିଟିଭ୍

**ମାଡ୍ରିଡ୍, ୨୦।୧୨ (ଏପି):** ସ୍ପାନିଶ ଟେନିସ ଷ୍ଟାର ରାଫାଲ ନାଡାଲ କରୋନା ସଂକ୍ରମିତ ହୋଇଛନ୍ତି। ଆବୁଧାବିରେ ଏକ ପ୍ରଦର୍ଶନୀ ଟୁର୍ନାମେଣ୍ଟ ଖେଳି ସ୍ପେନ୍‌ରେ ପହଞ୍ଚିବା ପରେ ତାଙ୍କର ପିସିଆର୍ ଟେଷ୍ଟ ହୋଇଥିଲା। ଫଳାଫଳ ପଜିଟିଭ ଆସିଥିଲା। ବର୍ତ୍ତମାନ ସେ ଆଇସୋଲେଶନରେ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ଏବିଷୟରେ ଅବଗତ କରାଇଛନ୍ତି। ସ୍ପେନ୍‌ର ପୂର୍ବତନ ସମ୍ରାଟ ଜୁଆନ କାର୍ଲୋସଙ୍କ ସଂସ୍ପର୍ଶରେ ଆସିଥିବାରୁ ସେ କରୋନା ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି। ଗତବର୍ଷ ଆର୍ଥିକ ଦୁର୍ନୀତି ଅଭିଯୋଗ ସ୍ପେନ ରାଜପରିବାରକୁ ଲଜ୍ଜିତ କରିଥିଲା। ଫଳତଃ କାର୍ଲୋସ ବର୍ତ୍ତମାନ ସଂଯୁକ୍ତ ଆରବ ଏମିରେଟ୍ସରେ ଆସି ବାସ କରୁଛନ୍ତି।

## ସିନ୍ଧୁ ବିଡବ୍ଲ୍ୟୁଏଫ୍ ଆଥଲେଟ୍ସ କମିଶନ ସଦସ୍ୟ

**ନୂଆଦିଲ୍ଲୀ, ୨୦।୧୨ (ପି.ଟି.):** ଭାରତର ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ସୋମବାର ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଆଥଲେଟ୍ସ କମିଶନ୍‌ର ଜଣେ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ଏହି ୨୬ବର୍ଷୀୟା ପୂର୍ବତନ ଚାମ୍ପିୟନଙ୍କ ବ୍ୟତୀତ ଅନ୍ୟ ୫ଜଣଙ୍କୁ ମଧ୍ୟ ସମାନ ନିଯୁକ୍ତି ମିଳିଛି। ସମସ୍ତଙ୍କ କାର୍ଯ୍ୟକାଳ ୨୦୨୫ ପର୍ଯ୍ୟନ୍ତ ରହିବ। ସେମାନେ ହେଲେ ଇରିଶ ୱାଙ୍ଗ୍ (ୟୁଏସ୍‌ଏ), ରବିନ ଟାବେଲିଂ (ନେଦରଲାଣ୍ଡ୍ସ), ଗ୍ରେସିଆ ପୋଲି (ଇଣ୍ଡୋନେସିଆ), କିମ୍ ସୋୟଙ୍ଗ୍ (କୋରିଆ), ଝେଙ୍ଗ୍ ସି ୱି (ଚାଇନା)। ଏହି ୬ ସଦସ୍ୟ ଖୁବ୍‌ଶୀଘ୍ର ଚେୟାରମ୍ୟାନ ଓ ଭାଇସ୍‌ଚେୟାରମ୍ୟାନ ବାଛିବେ। ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ସିନ୍ଧୁ ଚଳିତ ବର୍ଷ ପ୍ରଥମ ଭାଗରେ ଟୋକିଓ ଗେମ୍ସରେ ବ୍ରୋଞ୍ଜ ପଦକ ପାଇ ଇତିହାସ ସୃଷ୍ଟି କରିଥିଲେ। ମର୍ଯ୍ୟାଦାପୂର୍ଣ୍ଣ ବିଶ୍ୱ ଚାମ୍ପିୟନଶିପ୍‌ରେ ସିନ୍ଧୁ ୨ ରୌପ୍ୟ ଓ ୨ ବ୍ରୋଞ୍ଜ ବ୍ୟତୀତ ୨୦୧୯ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।



ପି.ଭି. ସିନ୍ଧୁ

# ରାଜ୍ୟସ୍ତରୀୟ ଚେସ୍ ଉଦ୍‌ଯାପିତ

**ଜାତୀୟସ୍ତରକୁ ଯିବେ ୮ ଖେଳାଳି**

ଅନୁଗୋଳ ଅଫିସ, ୨୦।୧୨

ଅନୁଗୋଳ ସରସ୍ୱତୀ ଶିଶୁ ମନ୍ଦିର ଅଡିଟୋରିୟମ୍‌ରେ ୨ ଦିନିଆ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମୋଟ ୪୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୮ ଜଣଙ୍କୁ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ସେମାନେ ହେଲେ ବାଳିକା ବର୍ଗରେ ଖୋର୍ଦ୍ଧାର ଅନନ୍ୟା ଅନାମିକା, କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ, ସମ୍ବଲପୁରର ପ୍ରଜ୍ଞାଶ୍ରୀ ଦେହୁରୀ ଓ ଖୋର୍ଦ୍ଧାର ଅନ୍ତନ୍ତୋୟା ଚାଟାର୍ଜୀ, ବାଳକ ବର୍ଗରେ ପୁରୀର ଜଗଦୀଶ ବାରିକ, ଖୋର୍ଦ୍ଧାର ସମ୍ବିତ ପଣ୍ଡା, ଢେଙ୍କାନାଳର ଇନ୍ଦ୍ରଜିତ ସୂର୍ଯ୍ୟପ୍ରାଞ୍ଜଳ ଓ ସୁନ୍ଦରଗଡ଼ର ସୁମିତ ରଞ୍ଜନ ପଣ୍ଡା। ସେହିପରି ୧୨ ବର୍ଷରୁ କମ୍ ବିଭାଗରେ ପୁରୀର ଶାନ୍ତନୁ ବରାଳ, ୧୦ ବର୍ଷରୁ କମ୍ ବିଭାଗରେ କଟକର ବିନାୟକ କୁମାର ସାମଲ, ୮ ବର୍ଷରୁ କମ୍‌ରେ ଖୋର୍ଦ୍ଧାର ମନୀଷ ମିଶ୍ର ବିଜୟୀ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ରାଜ୍ୟ ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଟ୍ଟ, କୋଷାଧକ୍ଷ ଶଙ୍କର ମିଶ୍ର, ଖୋର୍ଦ୍ଧା ଚେସ୍ ସଂଘ ସଭାପତି ଶୁଭାଶିଷ ପଟ୍ଟନାୟକ, ଅନୁଗୋଳ ଚେସ ସଂଘ ସଭାପତି ଶାନ୍ତନୁ ସର, ସମ୍ପାଦକ ବସନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ତାପସ କୁମାର ମହାନ୍ତି ଓ ସନ୍ତୋଷ ମହାପାତ୍ର ଖେଳ ପରିଚାଳନା କରିଥିଲେ।



ଅନୁଗୋଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପର ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ।

## କରାଟେ ଚାମ୍ପିୟନଶିପରେ ଶାଶ୍ୱତୀଙ୍କୁ ସ୍ୱର୍ଣ୍ଣ ପଦକ

**ପାରାଦୀପ, ୨୦।୧୨ (ସ୍ୱ.ପ୍ର.):** ଭୁବନେଶ୍ୱର ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା କରାଟେ ଚାମ୍ପିୟନଶିପରେ ପାରାଦୀପର ଛାତ୍ରୀ ଶାଶ୍ୱତୀ ବିଭୂସୀତା ପ୍ରିୟଦର୍ଶିନୀଙ୍କୁ ସୋମବାର ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି ଛାତ୍ର ବିନାୟକ ଚନ୍ଦ୍ର ମହାରଣା ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଭୟେ ପାରଦୀପ କଲେଜର ପଢ଼ନ୍ତି। କରାଟେ ଆସୋସିଏଶନ୍ ଅଫ ଇଣ୍ଡିଆ ଏବଂ ଓଡ଼ିଶା ଆମାଟେୟୁର ଆସୋସିଏଶନ ମିଳିତ ଭାବେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଛନ୍ତି। ପାରାଦୀପର କରାଟେ ପ୍ରଶିକ୍ଷକ କାହ୍ନୁଚରଣ ମଲ୍ଲିକ ନେତୃତ୍ୱରେ ଯାଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ୨ ଜଣ ସଫଳତା ପାଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୧/୨୦୨୧ (୮+୮=୧୬ ପୃଷ୍ଠା)
Sambalpur, Tuesday, December 21/2021



## ଜ୍ୟାକ୍‌ଲିନଙ୍କୁ ଫିଲ୍ମ ଲୋଭ ଦେଖାଇଥିଲେ ସୁକେଶ

ମନି ଲଣ୍ଡରିଂ ମାମଲାର ମୁଖ୍ୟ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖର ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ୫୦୦ କୋଟି ବଜେଟର ଫିଲ୍ମରେ କାମ ଦେବାକୁ ଲୋଭ ଦେଖାଇଥିଲେ। ୦୨

୦୮

## ଜୟନ୍ତୀଙ୍କୁ ୩ ସ୍ୱର୍ଣ୍ଣ

ବେଙ୍ଗାଲୁରୁରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୩ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି ଓଡ଼ିଶା ପାରା ଆଥଲେଟ୍ ଜୟନ୍ତୀ ବେହେରା।



# ପାନାମା ପେପର୍ସ: ଐଶ୍ୱର୍ଯ୍ୟାଙ୍କୁ ଜେରା



### ତଦନ୍ତ ପରିସରଭୁକ୍ତ ହେବେ ଅମିତାଭ

**ନୂଆଦିଲ୍ଲୀ, ୨୦।୧୨**

ବହୁ ଚର୍ଚ୍ଚିତ ପାନାମା ପେପର୍ସ ଲିକ୍ ମାମଲା ବଚ୍ଚନ ପରିବାର ପାଇଁ ଅଡୁଆ ବଢ଼ାଇଛି। ବିଶ୍ୱ ସୁନ୍ଦରୀ ତଥା ବଚ୍ଚନ ପରିବାରର ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ସୋମବାର ଦିଲ୍ଲୀସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅଫିସ୍‌ରେ ହାଜର ହୋଇଛନ୍ତି। ଇଡି ଅଧିକାରୀମାନେ ଏହି ବଲିଉଡ୍ ଅଭିନେତ୍ରୀଙ୍କୁ ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ (ଏଫ୍‌ଇଏମ୍‌ଏ) ଅଧୀନରେ ୫ ଘଣ୍ଟା ଧରି ପଚରାଉଚରା ସହ ତାଙ୍କ ବୟାନ ରେକର୍ଡ କରିଛନ୍ତି। ଏହା ପୂର୍ବରୁ ୪୮ ବର୍ଷୀୟା ଐଶ୍ୱର୍ଯ୍ୟାଙ୍କୁ ଜେରା ପାଇଁ ଇଡି ସମନ କରିଥିଲେ ହେଁ ୨ ଥରଯାକ ସେ ହାଜର ନିମନ୍ତେ ଅଧିକ ସମୟ ମାଗିଥିଲେ। ବ୍ରିଟିଶ ଭର୍ଜିନ ଆଇଲାଣ୍ଡସ୍ ସ୍ଥିତ କମ୍ପାନୀରେ ସେ ତାଙ୍କ ଟଙ୍କା ରଖିଥିଲେ ବୋଲି ଅଭିଯୋଗ ରହିଛି।

ପାନାମା ପେପର୍ସ ଲିକ୍ ମାମଲାରେ ୩ ଶହରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ନାମ ରହିଥିଲା। ସେମାନଙ୍କ ମଧ୍ୟରେ ଅଧିକାଂଶ ନେତା, ମନ୍ତ୍ରୀ, ଅଭିନେତା, କ୍ରୀଡ଼ାବିତ୍, ବଡ଼ ବ୍ୟବସାୟୀ ଆଦି ଶ୍ରେଣୀର ଲୋକଙ୍କ ନାଁ ସାମ୍ନା ଆସିଥିଲା। ବିଭିନ୍ନ ଅଫ୍‌ଶୋର କମ୍ପାନୀ ଖୋଲି ଟିକସ ଫାଙ୍କିବା, ମନି ଲଣ୍ଡରିଂ, ବ୍ୟବସାୟରେ ଅନ୍ତର୍ଜାତୀୟ କଟକଣା ଉଲ୍ଲଂଘନ କରିବା ଆଦି ଅଭିଯୋଗ ରହିଥିଲା। ୨୦୧୬ରେ ପାନାମା ଲ’ ଫାର୍ମ ମୋସାକ ଫୋନ୍‌ସିକାର ୧.୧୫ କୋଟି ଡକ୍ୟୁମେଣ୍ଟ ଲିକ୍ ହେବା ପରେ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଥିଲା। ଜର୍ମାନ ନ୍ୟୁଜ୍ ପେପର ‘ସୁଦେଡ୍‌ଶ ଜିଟଙ୍ଗ’ରେ ଏହି ଲିକ୍ ଡକ୍ୟୁମେଣ୍ଟ ପ୍ରକାଶ ପାଇଥିଲା। ଏଥିରେ ବିଶ୍ୱର ପ୍ରମୁଖ ବ୍ୟକ୍ତିତ୍ୱ ତଥା ବଡ଼ ବ୍ୟବସାୟୀ, ସେଲିବ୍ରିଟିଙ୍କ ନାଁ ରହିଥିଲା। ବିଗ୍ ବି ଅମିତାଭ ବଚ୍ଚନ ମଧ୍ୟ ତାଲିକାରେ ରହିଛନ୍ତି। ରିପୋର୍ଟ ଅନୁସାରେ, ଅମିତାଭଙ୍କୁ ୪ କମ୍ପାନୀର ନିର୍ଦ୍ଦେଶକ କରାଯାଇଥିଲା। ସେଥିରୁ ୪ଟି ବାହାମସ୍‌ରେ ଏବଂ ଗୋଟିଏ ଭର୍ଜିନ ଆଇଲାଣ୍ଡ୍‌ସରେ ଥିଲା। ୧୯୯୩ରେ ସେଗୁଡ଼ିକ ଖୋଲିଥିଲା। କମ୍ପାନୀଗୁଡ଼ିକର କ୍ୟାପିଟାଲ ୫ ହଜାରରୁ ୫୦ ହଜାର ଡଲାର ଥିବାବେଳେ ସେଗୁଡ଼ିକ କିନ୍ତୁ କୋଟି କୋଟି ଟଙ୍କା ମୂଲ୍ୟର ଜାହାଜ କାରବାର କରୁଥିଲେ। ଐଶ୍ୱର୍ଯ୍ୟା ୨୦୦୫ରେ ପ୍ରତିଷ୍ଠା ହୋଇଥିବା ଏମିକ୍ ପାର୍ଟନର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀର ☞ପୃଷ୍ଠା-୬





ଗୋପୀନାଥପୁର-ସିଂହନାଥ ପୀଠ-ବୈଦ୍ୟେଶ୍ୱର ଟି-ସେତୁକୁ ସୋମବାର ଲୋକାର୍ପଣ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତୁ ଉପରେ ବୁଲି ମହାନଦୀର ମନୋରମ ଦୃଶ୍ୟକୁ ଉପଭୋଗ କରୁଛନ୍ତି। ଲୋକାର୍ପିତ ଟି-ସେତୁ।

# ଓଡ଼ିଶାର ଦୀର୍ଘତମ ସେତୁ ଲୋକାର୍ପିତ

■ ବଡ଼ମ୍ବା ଗୋପୀନାଥପୁରରୁ ବାଙ୍କୀ ବୈଦ୍ୟେଶ୍ୱର ଏବଂ ମହାନଦୀରେ ସିଂହନାଥ ମନ୍ଦିରକୁ ସଂଯୋଗ କରୁଛି

■ ୩.୪ କି.ମି. ଟି-ଆକାରର ସେତୁ ପାଇଁ ଖର୍ଚ୍ଚ ୧୧୧ କୋଟି

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ମହାନଦୀ ଉପରେ ଓଡ଼ିଶାର ଦୀର୍ଘତମ ସେତୁକୁ ଲୋକାର୍ପିତ କରିଛନ୍ତି। ସେତୁର ଲମ୍ବ ୩.୪ କିଲୋମିଟର। ରାଜ୍ୟର ଏହି ଦୀର୍ଘ ସେତୁର ଆକାର ଇଂଲିଶ୍ ଅକ୍ଷର ‘ଟି’ ସଦୃଶ ହୋଇଛି। ଏଥିରେ ୧୧୧କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ହାଇଲେଭଲ ସେତୁ କଟକ ଜିଲା ବଡ଼ମ୍ବା ନରସିଂହପୁରର ଗୋପୀନାଥପୁର-ସିଂହନାଥ ପୀଠ ଓ ବୈଦ୍ୟେଶ୍ୱରକୁ ସଂଯୋଗ କରିଛି। ଏହି ସେତୁ ନିର୍ମାଣ ହେବା ଦ୍ୱାରା କଟକ ଓ ଖୋର୍ଦ୍ଧାରେ ରହୁଥିବା ଲୋକଙ୍କ ପାଇଁ ୪୫ କିଲୋମିଟର ଦୂରତା କମିଛି। ଏହାଦ୍ୱାରା ପ୍ରାୟ ୫ ଲକ୍ଷ ଲୋକ ଉପକୃତ ହେବେ।

କୃଷି, ପର୍ଯ୍ୟଟନ, ବାଣିଜ୍ୟ କ୍ଷେତ୍ରରେ ଟି-ସେତୁ ଏକ ମାଇଲଖୁଣ୍ଟ ସାଜିବ। ମୁଖ୍ୟମନ୍ତ୍ରୀ ୨୦୧୪ରେ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନୂଆ ସେତୁକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରେ ଲାଗିଛି। ବହୁ ଦିନର ଦାବି ପୂରଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଲୋକେ କୃତଜ୍ଞତା ଜଣାଇଛନ୍ତି। ସେତୁ ଉଦ୍‌ଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀ ବହୁତ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ସ୍ଥାନୀୟ ଲୋକଙ୍କୁ ଆପଣମାନେ ଖୁସିତ ବୋଲି ପଚାରିଥିଲେ। ଲୋକମାନେ ଆନନ୍ଦ ପ୍ରକାଶ ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଲୋକାର୍ପଣ ପରେ ମୁଖ୍ୟମନ୍ତ୍ରୀ ସେତୁ ବୁଲି ଦେଖିଥିଲେ। ସେତୁରୁ ମହାନଦୀର ମନୋରମ ଦୃଶ୍ୟ ଉପଭୋଗ କରିଥିଲେ। ନିଜର ପ୍ରିୟ ନେତା ଅଞ୍ଚଳକୁ ଆସିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଥରେ ଦେଖିବାକୁ ଲୋକଙ୍କ ମଧ୍ୟରେ ସତେ ☞ପୃଷ୍ଠା-୬

# କାର୍ଯ୍ୟାଳୟରେ ମହିଳା ଆର୍‌ଆଇଙ୍କୁ ଆକ୍ରମଣ

### ଅଭିଯୁକ୍ତ ଗିରଫ

**ଆନନ୍ଦପୁର, ୨୦।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ମହିଳା ରାଜସ୍ୱ ନିରୀକ୍ଷକ ସୀମା ସିମନ୍ତିନୀ ସାହୁ ସୋମବାର ସକାଳେ କାର୍ଯ୍ୟାଳୟରେ ଥିବାବେଳେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଆନନ୍ଦପୁର ଥାନା ଅଧୀନ ବାଙ୍ଗିଡି ଗ୍ରାମର ଗୋବିନ୍ଦ ଜେନା(୫୫) କାତି ସାହାଯ୍ୟରେ ଆର୍‌ଆଇଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୮୦/୨୧) ରୁଜୁ କରି ଗୋବିନ୍ଦଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।



ଗୁରୁତର ଆର୍‌ଆଇ ସୀମା ସିମନ୍ତିନୀ ସାହୁଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

ଅପରପକ୍ଷରେ ଆନନ୍ଦପୁର ଉପଜିଲାପାଳ ଗୋପୀନାଥ କୁଅଁର ଏହି ଘଟଣାକୁ ଦୃଢ଼ ଭାବେ ନିନ୍ଦା କରିବାସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅଭିଯୁକ୍ତ ଗୋବିନ୍ଦଙ୍କ କହିବା ଅନୁସାରେ ତାଙ୍କ ଦଖଲରେ ଥିବା ଜମିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାଁରେ ଆର୍‌ଆଇ ସାହୁ ପଟ୍ଟା କରାଇ ଦେଇଛନ୍ତି। ସେ ଏହାକୁ ବିରୋଧ କରି ବାରମ୍ବାର ଅଫିସ୍‌କୁ ଦୌଡ଼ୁଥିଲେ। କିନ୍ତୁ ତାଙ୍କ କଥାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ଏହାକୁ ନେଇ ସେ ଆକ୍ରମଣ କରିଥିବା କହିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ ଚାଲିଛି। ଏଯାଏ କାରଣ ସ୍ପଷ୍ଟ ହୋଇନାହିଁ ବୋଲି ଥାନାଧିକାରୀ ପ୍ରଧାନ କହିଛନ୍ତି।

# ପାକିସ୍ତାନୀ ବୋଟ୍‌ରୁ ୪୦୦ କୋଟିର ହେରୋଇନ ଜବତ

**ଗାନ୍ଧୀନଗର, ୨୦।୧୨(ଆଇଏଏନ୍‌ଏସ୍)**

ଗୁଜରାଟ ଉପକୂଳରେ ଏକ ପାକିସ୍ତାନୀ ମାଛଧରା ବୋଟ୍‌ରୁ ସୋମବାର ୭୭ କିଲୋଗ୍ରାମ ହେରୋଇନ ଜବତ ହୋଇଛି। ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଜବତ କରିଥିବା ଏହି ମାଦକ ଦ୍ରବ୍ୟର ମୂଲ୍ୟ ପ୍ରାୟ ୪୦୦ କୋଟି ଟଙ୍କା। ତଟରକ୍ଷୀ ବାହିନୀ ଏବଂ ରାଜ୍ୟ ଏଟିଏସ୍ ମିଳିତ ଭାବେ ଚଢ଼ାଉ କରି ଭାରତୀୟ ଜଳରାଶିରେ ପ୍ରବେଶ କରିଥିବା ପାକିସ୍ତାନୀ ବୋଟ୍ ‘ଅଲ୍ ହୁସେଇନ୍’କୁ ଜବତ କରିବା ସହ ସେଥିରେ ଥିବା ୬ ଜଣ ନାବିକଙ୍କୁ ଗିରଫ କରିଛି। ଅଧିକ ତଦନ୍ତ ଲାଗି ବୋଟ୍‌କୁ ଜଖାଉ ଅଣାଯାଇଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲରେ କଚ୍ଛ ଉପକୂଳ ନିକଟ ଭାରତୀୟ ଜଳରାଶିରେ ପ୍ରବେଶ କରିଥିବା ଏକ ବୋଟରୁ ୮ ପାକିସ୍ତାନୀଙ୍କୁ ଗିରଫ କରାଯିବା ସହ ୩୦ କିଲୋଗ୍ରାମ ହେରୋଇନ ଜବତ ହୋଇଥିଲା। ଏହାର ମୂଲ୍ୟ ପ୍ରାୟ ୧୫୦ କୋଟି ଟଙ୍କା। ସେହିପରି ମୋର୍ବି ଜିଲାରୁ ଗୁଜରାଟ ଏଟିଏସ୍ ☞ପୃଷ୍ଠା-୬

# ଗ୍ରୀଲ୍ ଭାଙ୍ଗିଲେ ମହିଳା, ଘରେ ପଶିଲେ ତପସ୍ୱିନୀ

### ତପସ୍ୱିନୀଙ୍କୁ ଭଡ଼ାଘରେ ରଖିବେ ସୁମିତ: ଏସ୍‌ଡିଜେଏମ୍

**ବ୍ରହ୍ମପୁର ଅଫିସ, ୨୦।୧୨**

ନ୍ୟାୟ ଦାବିରେ ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ଶାଶୁ ଘର ସମ୍ମୁଖରେ ଧାରଣା ଦେଇଥିବା ତପସ୍ୱିନୀ ଦାଶଙ୍କ ମୂଳ ପିଟିଶନର ଶୁଣାଣି ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହୋଇଛି। ଗତ ୯ ତାରିଖରେ ଏହି ପିଟିଶନର ଶୁଣାଣି କରିବା ପରେ ଏସ୍‌ଡିଜେଏମ୍ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାକୁ କାଏମ୍ ରଖିଛନ୍ତି। ଡା. ସୁମିତ ସାହୁ ଏକ ଭଡାଘର ନେଇ ତପସ୍ୱିନୀଙ୍କୁ ରଖିବେ, ତାଙ୍କର ଖାଇବା ଏବଂ ଔଷଧ ଖର୍ଚ୍ଚ ବୁଝିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଥିବା ତପସ୍ୱିନୀଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି। ତପସ୍ୱିନୀ ସୁମିତଙ୍କ ଘରେ ରହିବାକୁ କୋର୍ଟରେ ପିଟିଶନ ଦାଖଲ କରିଥିଲେ। କିନ୍ତୁ କୋର୍ଟ ଭଡାଘରେ ସୁମିତଙ୍କ ସହ ରହିବାକୁ ରାୟରେ ଦର୍ଶାଇଛନ୍ତି। ତପସ୍ୱିନୀଙ୍କ ସପକ୍ଷରେ ରାୟ ଆସି ନ ଥିବାରୁ ସ୍ଥାନୀୟ



ସ୍ଥାନୀୟ ମହିଳାଙ୍କ ସହ ଗ୍ରୀଲ୍ ଭାଙ୍ଗି ଘରେ ପଶିଲେ ତପସ୍ୱିନୀ।

କେତେଜଣ ମହିଳା ଉତ୍ତ୍ୟକ୍ତ ହୋଇ ସୋମବାର ରାତିରେ ସୁମିତଙ୍କ ଘର ଗ୍ରୀଲ୍ ଭାଙ୍ଗି ଭିତରକୁ ତପସ୍ୱିନୀଙ୍କୁ ନେଇ ଧସେଇ ପଶିଥିଲେ। ଫଳରେ ସେଠାରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଯେ, ବ୍ରହ୍ମପୁର ବ୍ରହ୍ମାନଗରର ସୁମିତ ଓ ତପସ୍ୱିନୀଙ୍କ ମଧ୍ୟରେ ବିବାହକୁ ନେଇ ବିବାଦ ଲାଗି ରହିଛି। ଫଳରେ ତପସ୍ୱିନୀଙ୍କୁ ସୁମିତ ଘରକୁ ନେଉନାହାନ୍ତି। ଏ ନେଇ ଆଇନଗତ ବିବାହ କରିଥିବା ତପସ୍ୱିନୀ ଗତ ୨୨ ତାରିଖରେ ଶାଶୁଘର ସମ୍ମୁଖରେ ଧାରଣା ଦେଇଥିଲେ। ଶାଶୁ ଘରେ ରହିବାକୁ ଅନୁମତି ଦିଆଯାଉ ବୋଲି ସେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଏହାର ଶୁଣାଣି କରି ଏସ୍‌ଡିଜେଏମ୍ ଗତ ୨ ତାରିଖରେ ରାୟ ପ୍ରକାଶ କରିବା ସହ ସୁମିତ ଓ ତପସ୍ୱିନୀଙ୍କୁ ଆସିକା ଟିମ୍ପିଶିଲ୍ପ ଅତିଥି ଭବନରେ ୭ ଦିନ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗତ ୯ ତାରିଖରେ ଏସ୍‌ଡିଜେଏମ୍ ☞ପୃଷ୍ଠା-୬




# ମା’ ଗର୍ଭ ହିଁ ସୁରକ୍ଷିତ ସ୍ଥାନ

### ସୁଇସାଇଡ୍ ନୋଟ୍‌ରେ ଯୌନଶୋଷଣର ଶିକାର ନାବାଳିକାଙ୍କ ଆବେଗଭରା ବାର୍ତ୍ତା

**ଚେନ୍ନାଇ, ୨୦।୧୨(ପିଟି)**

‘ମା’ ଗର୍ଭ ଏବଂ ମଶାଣି ହିଁ ଜଣେ ଝିଅ ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ’। ଏହା କୌଣସି ନାଟକର ସଂଳାପ ନୁହେଁ, ବରଂ ଏକ ସୁଇସାଇଡ୍ ନୋଟ୍‌ର କିୟଦଂଶ। ବାରମ୍ବାର ଯୌନ ଉତ୍ପୀଡ଼ନର ଶିକାର ହେବା ପରେ ଏଭଳି ଆବେଗଭରା ବାର୍ତ୍ତା ଲେଖି ଜୀବନ ହାରିଛନ୍ତି ଜଣେ ନାବାଳିକା। ତିନିଦିନ ତଳେ ତାମିଲନାଡୁର ରାଜଧାନୀ ଚେନ୍ନାଇରେ ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି। ତେବେ ସୁଇସାଇଡ୍ ନୋଟ୍‌ରୁ ନାବାଳିକା ଜଣକ କିଭଳି ଯୌନ ଉତ୍ପୀଡ଼ନର ଅକଥନୀୟ ନିର୍ଯାତନା ଭୋଗିଥିଲେ, ତାହା ସ୍ପଷ୍ଟ ହୋଇଛି। ପୋଲିସ ଜଣେ



୨୧ ବର୍ଷୀୟ କଲେଜ ଛାତ୍ରଙ୍କୁ ଗିରଫ କରିବା ସହ ତଦନ୍ତ ଆରମ୍ଭ କରିଛି।

ଶନିବାର ନାବାଳିକାଙ୍କ ମା’ ବଜାର ଯାଇ ଫେରିବା ବେଳକୁ ଝିଅ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ।

#### ଜୀବନ ହାରନି, ଆଇନଗତ ଲଢ଼େଇ କର: ଷ୍ଟାଲିନ୍

ତାମିଲନାଡୁରେ ଗତ କିଛି ସପ୍ତାହ ମଧ୍ୟରେ ଏଭଳି ୪ ଘଟଣା ଘଟିଲାଣି। ତନ୍ମଧ୍ୟରୁ ୨ଟିରେ ଶିକ୍ଷକଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଛି। ଯୌନଶୋଷଣର ଶିକାର ହୋଇ ପୀଡ଼ିତା ଆତ୍ମହତ୍ୟା କରିବା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଚିନ୍ତାବ୍ୟକ୍ତ କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି, ଏଭଳି ସମ୍ବେଦନଶୀଳ ଘଟଣା ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି। ଯୌନଶୋଷଣର ଶିକାର ହେଲେ ଜୀବନ ହାରିବା ବଦଳରେ ସାହସିକତା ପ୍ରଦର୍ଶନ କରିବା ଉଚିତ। ଆଇନର ସହାୟତା ନେଇ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଯାଏ ଲଢ଼େଇ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ହଠାତ୍ ଝିଅର ଏଭଳି ପଦକ୍ଷେପ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ପୋଲିସ ପହଞ୍ଚି ତଦନ୍ତ କରିବା ବେଳେ ସୁଇସାଇଡ୍ ନୋଟ୍ ମିଳିଥିଲା, ଯେଉଁଥିରେ ମୃତ ନାବାଳିକା ନିଜ ସହ ଘଟିଥିବା ଯୌନ ଉତ୍ପୀଡ଼ନର କରୁଣ କାହାଣୀ ବର୍ଣ୍ଣନା କରିଥିଲେ। ହେଲେ ସେତେବେଳ ଯାଏ ଘର ଲୋକେ ଝିଅ ଭୋଗିଥିବା ନିର୍ଯାତନା ବିଷୟରେ ଅଜ୍ଞ ଥିଲେ।

ପୋଲିସ ସୂଚନା ଅନୁଯାୟୀ, ୩ବର୍ଷ ତଳେ ନାବାଳିକା ଜଣକ ୮ମ ଶ୍ରେଣୀରେ ଏବଂ ଅଭିଯୁକ୍ତ ଏକାଦଶ ଶ୍ରେଣୀରେ ଗୋଟିଏ ସ୍କୁଲରେ ପଢ଼ୁଥିଲେ। ଏହାପରେ ନାବାଳିକା ଜଣକ ଏକ ବାଳିକା ବିଦ୍ୟାଳୟରେ ନାମ ଲେଖାଇ ଚାଲିଯାଇଥିଲେ। ☞ପୃଷ୍ଠା-୬

**ଘରୁ ମିଳିଲା ୫ ମୃତଦେହ**

ହରିୟାଣାର ହିସାର ଜିଲାରେ ଏକ ଘରୁ ପରିବାରର ୫ ଜଣଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତକମାନେ ହେଲେ ରମେଶ କୁମାର(୪୩), ତାଙ୍କ ସ୍ତ୍ରୀ ସବିତା(୩୫), ଦୁଇ ଝିଅ ଅନୁଷ୍କା(୧୪), ଦୀପିକା(୧୨) ଏବଂ ପୁଅ କେଶବ(୧୦)। ରମେଶ ପ୍ରଥମେ ସ୍ତ୍ରୀ ଓ ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସକାଳେ ରମେଶଙ୍କ ମୃତଦେହ ଦେଖିବା ପରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

**ସଂକ୍ଷେପରେ**

## ତେଲଙ୍ଗାନାରେ ପ୍ରଥମ ସମଲିଙ୍ଗୀ ବିବାହ



**ହାଇଦ୍ରାବାଦ, ୨୦।୧୨:** ହାଇଦ୍ରାବାଦର ଦୁଇ ସମଲିଙ୍ଗୀ ଯୁବକ ଶନିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ତେଲଙ୍ଗାନାରେ ଏହା ପ୍ରଥମ ସମଲିଙ୍ଗୀ ବିବାହ। ଅଭୟ ଡାଙ୍ଗେ(୩୪) ଏବଂ ସୁପ୍ରିୟୋ ଚକ୍ରବର୍ତ୍ତୀ (୩୧) ୮ ବର୍ଷ ହେଲା ଡେଟିଂ କରୁଥିଲେ। ଶେଷରେ ପରିବାର ସଦସ୍ୟ ଓ ବନ୍ଧୁ ସମ୍ପର୍କୀୟଙ୍କ ଉପସ୍ଥିତିରେ ସେମାନେ ବିବାହ କରିଛନ୍ତି। ୨୦୧୮ରେ ସୁପ୍ରିମକୋର୍ଟ ସମଲିଙ୍ଗୀ ସମ୍ପର୍କକୁ ଅପରାଧ ମୁକ୍ତ କରିଥିଲେ ମଧ୍ୟ ଦେଶରେ ସମଲିଙ୍ଗୀ ବିବାହ ପଞ୍ଜୀକରଣକୁ ଏପର୍ଯ୍ୟନ୍ତ ଅନୁମତି ମିଳିନାହିଁ। ୧୮ ତାରିଖରେ ହାଇଦ୍ରାବାଦ ଉପକଣ୍ଠରେ ସୁପ୍ରିୟୋ ଏବଂ ଅଭୟ ବୈବାହିକ ଜୀବନ ବିତାଇବା ଲାଗି ଶପଥ ନେବା ସହ ପରସ୍ପରକୁ ମୁଦି ପିନ୍ଧାଇଥିଲେ। ପଞ୍ଜାବୀ ଓ ବେଙ୍ଗଲୀ ରୀତିନୀତି ଅନୁଯାୟୀ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ବିବାହ ପୂର୍ବରୁ ସେମାନଙ୍କ ମେହେନ୍ଦୀ ଓ ହଳଦୀ ଉତ୍ସବ ଏବଂ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଉପଯୋଗୀ ହୋଇଛି 'ସୁଗମ୍ୟ ଭାରତ'

**ନୂଆଦିଲ୍ଲୀ, ୨୦।୧୨ (ନ୍ୟୁ ଇଣ୍ଡିଆ ସମାଚାର):** ଦିବ୍ୟାଙ୍ଗମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ କେନ୍ଦ୍ର ସରକାରଙ୍କ 'ସୁଗମ୍ୟ ଭରତ' ଯୋଜନା ବେଶ୍ ଉପଯୋଗୀ ହୋଇଛି। ଘର, ସଡ଼କ, ରେଳ, ବିମାନବନ୍ଦର, ସରକାରୀ ୱେବସାଇଟ୍ ଇତ୍ୟାଦି କ୍ଷେତ୍ରରେ ଭିନ୍ନକ୍ଷମମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ହେଉଛି ସୁଗମ୍ୟ ଭାରତ ଅଭିଯାନର ଉଦ୍ଦେଶ୍ୟ। ଏହି ଅଭିଯାନକୁ ଆଇନଗତ ଶକ୍ତି ଏବଂ ଅଧିକାର ପ୍ରଦାନ କରିବାକୁ, କେନ୍ଦ୍ର ସରକାର ଭିନ୍ନକ୍ଷମଙ୍କ ଅଧିକାର ଆଇନ ୨୦୧୬ ପ୍ରଣୟନ କରିଛନ୍ତି। ର୍ୟାମ୍ପ, ଲିଫ୍ଟ, ପାର୍କିଂ, ଶୌଚାଳୟ ପରି ସୁବିଧା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ୧୫୨୪ ସରକାରୀ ଘରେ ଉପଲବ୍ଧ ହୋଇପାରିଛି । ଏଥିରେ କେନ୍ଦ୍ର ସରକାରଙ୍କ ୧୦୩୦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୪୯୪ଟି କୋଠା ରହିଛି। ଉପଲବ୍ଧତା ପାଇଁ ଚିହ୍ନିତ ୧୬୬୨ କୋଠାର ଅଡିଟ୍ ସମାପ୍ତ ହୋଇଛି । ଏଥିସହ ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଭିନ୍ନକ୍ଷମଙ୍କ ନିମନ୍ତେ ଏ-୧, ଏ ଏବଂ ବି- ବର୍ଗର ରେଳ ଷ୍ଟେଶନ ନିର୍ମାଣ ଏବଂ ଅନ୍ୟ ଷ୍ଟେସନଗୁଡ଼ିକୁ ୫୦% ସଂରକ୍ଷିତ ରଖିବାକୁ ଲକ୍ଷ୍ୟ ରହିଛି। ୩୫ ଅନ୍ତର୍ଜାତୀୟ ଏବଂ ୬୯ଟି ଘରୋଇ ବିମାନବନ୍ଦର ମଧ୍ୟରୁ ୫୫ ଟିରେ ସୁଗମ୍ୟତା ଉପଲବ୍ଧ ହୋଇଛି। ୧୩୯୧ ରେଳ ଷ୍ଟେଶନରେ ଦିବ୍ୟାଙ୍ଗଙ୍କ ନିମନ୍ତେ ସୁବିଧା ରହିଛି। ୬୨ଟି ରାଜ୍ୟ ପରିବହନ ମାଲିକାନାରେ ଥିବା ୧,୪୭,୩୬୮ ବସ୍ ମଧ୍ୟରୁ ୪୨,୦୦୦ ରୁ ଅଧିକ ବସ୍ ଆଂଶିକ ଏବଂ ୧୦,୦୦୦ ରୁ ଅଧିକ ବସ୍ ସମ୍ପୂର୍ଣ୍ଣ ଭାବେ ସୁଗମ୍ୟ କରାଯାଇଛି। ବିଭିନ୍ନ ପାଠ୍ୟକ୍ରମ ମାଧ୍ୟମରେ ପ୍ରାୟ ୧୫୦୦ ସାଙ୍କେତିକ ଭାଷା ଅନୁବାଦକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି।

# ଜମ୍ମୁ-କଶ୍ମୀରରେ ବଢ଼ିବ ବିଧାନସଭା ଆସନ

ନୂଆଦିଲ୍ଲୀ, ୨୦।୧୨(ପି.ଟି.)

ଜମ୍ମୁ-କଶ୍ମୀର ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କମିଶନ ଜମ୍ମୁ ଅଞ୍ଚଳ ପାଇଁ ଅତିରିକ୍ତ ୬ ଏବଂ କଶ୍ମୀର ପାଇଁ ଗୋଟିଏ ନିର୍ବାଚନ ମଣ୍ଡଳୀ ଗଠନ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୧୬ଟି ଆସନ ସଂରକ୍ଷିତ ରଖିଛନ୍ତି କମିଶନ। ଏହି ପ୍ରସ୍ତାବକୁ ଜମ୍ମୁ-କଶ୍ମୀରର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। କମିଶନ ଭାଜପାର ରାଜନୈତିକ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରୁଥିବା ନ୍ୟାଶନାଲ କନ୍ଫରେନ୍ସ (ଏନ୍‌ସି) ଅଭିଯୋଗ କରିଛି। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି), ଜମ୍ମୁ-କଶ୍ମୀର ଅପ୍‌ନି ପାର୍ଟି ଏବଂ ପିପୁଲ୍ସ କନ୍ଫରେନ୍ସ ମଧ୍ୟ କମିଶନଙ୍କ ଚିଠା ସୁପାରିସକୁ ଦୃଢ଼ ବିରୋଧ କରିଛନ୍ତି। ବର୍ତ୍ତମାନ କଶ୍ମୀର ଡିଭିଜନରେ ୪୬ ଓ ଜମ୍ମୁରେ ୩୭ ଆସନ ରହିଛି।

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନ ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନଙ୍କ ଦ୍ୱିତୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜମ୍ମୁ-କଶ୍ମୀରର ୫ ଲୋକ ସଭା ସଦସ୍ୟ ସହଯୋଗୀ ସଦସ୍ୟ ଥିବାବେଳେ ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ଏକ୍ସ-ଅଫିସିଓ ସଦସ୍ୟ ରହିଛନ୍ତି। ନିର୍ବାଚନମଣ୍ଡଳୀ ବୃଦ୍ଧି ପ୍ରସ୍ତାବ ଉପରେ ଡିସେମ୍ବର ୩୧ ସୁଦ୍ଧା ମତାମତ ଦେବାକୁ ଦଳଗୁଡ଼ିକୁ କୁହାଯାଇଛି। କମିଶନଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଦଳୀୟ ସହକର୍ମୀ ଏବଂ ଗୁପକାର ମେଣ୍ଟକୁ ଜଣାଇବେ ବୋଲି ଏହାର ଅଧ୍ୟକ୍ଷ ଫାରୁକ୍ କହିଛନ୍ତି। କମିଶନଙ୍କ ମାଧ୍ୟମରେ ଭାଜପା ଏହାର ରାଜନୈତିକ କାର୍ଯ୍ୟସୂଚୀ ଲଦିଦେବାକୁ ଯୋଜନା କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଟୁଇଟ୍ କରିଛନ୍ତି। କମିଶନଙ୍କ ଚିଠା ସୁପାରିସ ଗ୍ରହଣୀୟ ନୁହେଁ। ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ଜମ୍ମୁରେ ୬ ଏବଂ କଶ୍ମୀରରେ ଗୋଟିଏ ଅତିରିକ୍ତ ଆସନ ପ୍ରସ୍ତାବ ଯଥାର୍ଥ ନୁହେଁ ବୋଲି ଓମାର କହିଛନ୍ତି। ସୀମା ନିର୍ଦ୍ଧାରଣ କମିଶନଙ୍କ ପ୍ରସ୍ତାବକୁ କଶ୍ମୀର ଅପ୍‌ନୀ ଦଳ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି। ଭାଜପାର ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ କମିଶନ ଗଠନ କରାଯାଇଛି ବୋଲି ପିଡିପି ଅଧ୍ୟକ୍ଷା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଅଭିଯୋଗ କରିଛନ୍ତି। ଧର୍ମ ଓ ଆଞ୍ଚଳିକତା ଆଧାରରେ ଭାଜପା ଲୋକମାନଙ୍କୁ ଭାଗ ଭାଗ କରିବାକୁ ଚାହୁଁଛି। କେନ୍ଦ୍ର ସରକାରଙ୍କ ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ଏହି ବେଆଇନ ତଥା ଅସାମ୍ବିଧାନିକ ନିଷ୍ପତ୍ତିକୁ ଆଇନସମ୍ମତ କରିବା ଭଳି ସରକାର ଭାଜପା ଜମ୍ମୁ-କଶ୍ମୀରରେ ଚାହୁଁଛି ବୋଲି ମେହବୁବା କହିଛନ୍ତି।



କମିଶନଙ୍କ ପ୍ରସ୍ତାବ ଗ୍ରହଣୀୟ ନୁହେଁ। ଭାଜପା ଏହାର ରାଜନୈତିକ କାର୍ଯ୍ୟସୂଚୀ ଲଦିଦେବାକୁ ଯୋଜନା କରୁଛି।
**- ଓମାର ଅବଦୁଲ୍ଲା, ଏନ୍‌ସି ନେତା**



ଧର୍ମ ଓ ଆଞ୍ଚଳିକତା ଆଧାରରେ ଭାଜପା ଲୋକମାନଙ୍କ ଭାଗ ଭାଗ କରିବାକୁ ଚାହୁଁଛି।
**- ମେହବୁବା ମୁଫ୍‌ତି, ପିଡ଼ିପି ଅଧ୍ୟକ୍ଷା**

### ସୀମା ପୁନଃ ନିର୍ଦ୍ଧାରଣ କମିଶନଙ୍କ ପ୍ରସ୍ତାବକୁ ବିରୋଧ

## ଏସ୍‌ଡିପିଆଇ ନେତା ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଗିରଫ

କୋଚ୍ଚାୟାମ, ୨୦।୧୨

କେରଳର ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ) ରାଜ୍ୟ ସମ୍ପାଦକ କେ.ଏସ୍. ଶାନଙ୍କୁ ହତ୍ୟା ଘଟଣାରେ ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରିଛି। ଶନିବାର ରାତିରେ ଶାନ୍‌ଙ୍କୁ ଆଲାପୁଝାଠାରେ ହତ୍ୟା କରାଯାଇଥିଲା। ଗିରଫ ଅଭିଯୁକ୍ତ କୋଚୁକୁଞ୍ଚନ ଏବଂ ପ୍ରସାଦଙ୍କ ଘର ମନ୍ନନଚେରୀ ଜିଲାରେ। ହତ୍ୟା ଷଡ଼ଯନ୍ତ୍ର ସହ ସେମାନେ ସମ୍ପୃକ୍ତ ଥିବା ପୋଲିସ କହିଛି। ହତ୍ୟାକାଣ୍ଡ ପାଇଁ ପ୍ରସାଦ ଗାଡ଼ି ଯୋଗାଡ଼ କରିଥିଲେ। ହତ୍ୟାକାଣ୍ଡ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ୫ ଜଣ ଫେରାର ହୋଇଯାଇଥିବା ଆଲାପୁଝା ଏସ୍‌ପି ଭ. ଜୟଦେବ ସୂଚନା ଦେଇଛନ୍ତି। ଶାନ୍‌ଙ୍କ ବାଇକକୁ ଅଭିଯୁକ୍ତମାନେ ସେମାନଙ୍କ ଗାଡ଼ିରେ ଧକ୍କା ଦେଇଥିଲେ। ଶାନ୍ ପଡ଼ିଯିବା ପରେ ଗ୍ୟାଙ୍ଗ୍‌ର ୪ ଜଣ ତାଙ୍କୁ ଛୁରି ଭୁସି ଗୁରୁତର ଆହତ କରିଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଏନ୍‌ଡିପିଏସ୍ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ, ୨୦।୧୨(ପି.ଟି.)

ନିଶାଦ୍ରବ୍ୟ ଆଇନ ସଂଶୋଧନ ବିଲ୍ ସୋମବାର ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍ସ (ସଂଶୋଧନ) ବିଲ୍, ୨୦୨୧ ଗତ ୧୩ ତାରିଖରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ସୋମବାର ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରାଜ୍ୟ ସଭାରେ ଏହି ବିଲ୍ ଆଗତ କରିଥିଲେ। ଗତ ସେପ୍ଟେମ୍ବରରେ ଲାଗୁ ହୋଇଥିବା ଅଧ୍ୟାଦେଶ ସ୍ଥାନରେ ଉକ୍ତ ଆଇନ କାର୍ଯ୍ୟକାରୀ ହେବ ବୋଲି ସୀତାରାମନ୍ କହିଥିଲେ। ଧ୍ୱନି ମତରେ ବିଲ୍ ଗୃହୀତ ହୋଇଥିଲା। ତେବେ ବିଲ୍ ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସୁଯୋଗ ଦିଆ ନ ଯିବାରୁ ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

### ଭାଜପାକୁ ଅଭିଶାପ ଦେଲେ ଜୟା


ଜୟା ବଚ୍ଚନ

ବ୍ୟକ୍ତିଗତ ମନ୍ତବ୍ୟକୁ ନେଇ କ୍ଷୁବ୍ଧ ସମାଜବାଦୀ ପାର୍ଟି ସଦସ୍ୟା ଜୟା ବଚ୍ଚନ ସୋମବାର ରାଜ୍ୟ ସଭାରେ ଶାସକ ଦଳ ଭାଜପା ଉପରେ ବର୍ଷିଛନ୍ତି। ଏହି ଦଳ ପାଇଁ ଆଗକୁ ଖରାପ ଦିନ ଆସିବ ବୋଲି ସେ ଅଭିଶାପ ଦେଇଥିଲେ। ବିରୋଧୀଙ୍କ ମୁହଁ ବନ୍ଦ କରିବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରି ଗୃହର ଅଧ୍ୟକ୍ଷ ନିରପେକ୍ଷ ହେବା ଲାଗି ଜୟା କହିଥିଲେ। ଏନ୍‌ଡିପିଏସ୍ (ସଂଶୋଧନ) ବିଲ୍ ଆଲୋଚନାବେଳେ ଜୟା ନିଲମ୍ବିତ ୧୨ ସଦସ୍ୟଙ୍କ ପ୍ରସଙ୍ଗ ଉଠାଇଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଭୁବନେଶ୍ୱର କାଲିତା ନିଜେ ମଧ୍ୟ ଗୃହ ମଧ୍ୟଭାଗରେ ପ୍ରତିବାଦ କରିଥାନ୍ତି ବୋଲି ସେ ଆକ୍ଷେପ କରି କହିଥିଲେ। ଗୃହର ଅଧ୍ୟକ୍ଷଙ୍କୁ ଅକ୍ଷେପ କରାଯାଉଥିବାରୁ ଭାଜପା ଏମ୍‌ପି ରାକେଶ ସିହ୍ନା ଏହାର ପ୍ରତିବାଦ କରିଥିଲେ। ଗୃହରେ ତାଙ୍କ ବିରୋଧରେ ବ୍ୟକ୍ତିଗତ ମନ୍ତବ୍ୟ ଦିଆଯାଉଛି। ଭାଜପା ପାଇଁ ଖରାପ ଦିନ ଆସିବ ବୋଲି ଜୟା କ୍ରୋଧାନ୍ୱିତ ହୋଇ କହିଥିଲେ।

## ଜ୍ୟାକଲିନଙ୍କୁ ସୁପରହିରୋ ଫିଲ୍ମ ଦେବାକୁ କହିଥିଲେ ସୁକେଶ

ମୁମ୍ବାଇ, ୨୦।୧୨



୨୦୦ କୋଟି ଟଙ୍କା ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖର ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ପ୍ରଭାବିତ କରିବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ସୁକେଶ ଅନେକ ବିଳାସପୂର୍ଣ୍ଣ ଘର, ଘୋଡ଼ା, ଗାଡ଼ି ଏବଂ ଦାମୀ ଉପହାର ଦେଇଥିବାବେଳେ ଏବେ ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଜ୍ୟାକ୍‌ଲିନ୍‌ଙ୍କୁ ନେଇ ସୁକେଶ ୫୦୦ କୋଟି ଟଙ୍କା ବଜେଟର ୩ ପାର୍ଟ ବିଶିଷ୍ଟ ଏକ ସିରିଜ କରିବେ ବୋଲି କହିଥଲେ। ଏଥିରେ ଜ୍ୟାକ୍‌ଲିନ ସୁପରଓମେନ୍ ଭୂମିକାରେ ରହିବେ। ବଲିଉଡ୍‌ରେ ଜ୍ୟାକ୍‌ଲିନ୍ କାମ ଖୋଜୁଥିବା ଜାଣି ସୁକେଶ ଫାଇଦା ଉଠାଇ ଥିଲେ। ସେ ଭାରତର ପ୍ରଥମ ଓମ୍ୟାନ୍ ସୁପରହିରୋ ଫିଲ୍ମ ନିର୍ମାଣ କରିବେ ଏବଂ ଏଥିରେ ହଲିଉଡ୍ ଭିଏଫ୍‌ଏକ୍ସ କଳାକାର ମଧ୍ୟ କାମ କରିବେ ବୋଲି ସୁକେଶ ତାଙ୍କୁ କହିଥିଲେ। ଜ୍ୟାକ୍‌ଲିନ ବି କିଛି ମାତ୍ରାରେ ସୁକେଶଙ୍କ କଥା ବିଶ୍ୱାସକୁ ନେଇଥିଲେ। ଅଭିଯୋଗ ଅନୁଯାୟୀ, ସୁକେଶ ତିହାର ଜେଲରେ ଥିବାବେଳେ ଜଣେ ବ୍ୟବସାୟୀଙ୍କ ସ୍ତ୍ରୀଙ୍କଠାରୁ ୨୦୦ କୋଟି ଟଙ୍କା ଠକେଇ କରିଥିଲେ। ୨୦୨୧ ଫେବୃୟାରୀଠାରୁ ସୁକେଶ କ୍ରମାଗତ ଭାବେ ଜ୍ୟାକ୍‌ଲିନ୍‌ଙ୍କ ସହ ସମ୍ପର୍କରେ ଥିଲେ।

## କେବେ ଅଶ୍ଳୀଳ ଫିଲ୍ମ କରିନି: କୁନ୍ଦ୍ରା

ନୂଆଦିଲ୍ଲୀ, ୨୦।୧୨

ଜୀବନରେ କେବେ ବି କୌଣସି ଅଶ୍ଳୀଳ ଫିଲ୍ମ ନିର୍ମାଣ କିମ୍ବା ଏହାର ପ୍ରସାର କରି ନ ଥିବା କହିଛନ୍ତି ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା। ସୋମବାର ଏକ ବିବୃତିରେ କୁନ୍ଦ୍ରା କହିଛନ୍ତି, ତାଙ୍କ ନୀରବତାକୁ ଦୁର୍ବଳତା ବୋଲି ଭାବିବା ଠିକ୍ ନୁହେଁ। ସେ ଏପରି କାମ କେବେ କରିନାହାନ୍ତି। ତାଙ୍କୁ ଫସାଇବା ପାଇଁ ଚକ୍ରାନ୍ତ ହୋଇଛି। ମାମଲା ଏବେ ବିଚାରଧୀନ ରହିଥିବାରୁ ଏ ବିଷୟରେ ବିସ୍ତୃତ ତଥ୍ୟ ରଖିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

## ୪୭ ଜଣଙ୍କୁ ହତ୍ୟା କଲେଣି ବନ୍ଧୁକଧାରୀ



**ଲାଗୋସ୍, ୨୦।୧୨:** ନାଇଜେରିଆର ଅଶାନ୍ତ ଉତ୍ତର-ପୂର୍ବ ଅଞ୍ଚଳରେ ବନ୍ଧୁକଧାରୀଙ୍କ ବର୍ବରତା ସୀମା ଟପିବାରେ ଲାଗିଛି। ମାତ୍ର ୩ ଦିନ ମଧ୍ୟରେ ଆତତାୟୀମାନେ ୪୭ ଜଣଙ୍କୁ ଗୁଳି କରି ହତ୍ୟା କଲେଣି। କେବଳ ରବିବାର ୩୮ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଶୁକ୍ରବାର ୯ ଜଣଙ୍କୁ ଗୁଳି କରିଦିଆଯାଇଛି। ବହୁ ସଂଖ୍ୟାରେ ଗାଡ଼ି, ଫସଲ ସହ ଘରେ ନିଆଁ ଲଗାଇଦିଆଯାଇଛି। ତେବେ ଏଥିପାଇଁ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି। ଡକାୟତି ଗ୍ୟାଙ୍ଗ୍ ଏପରି କରୁଥିବା କୁହାଯାଉଛି। ୟୁଏସ୍ କାଉନସିଲ ଅନ୍ ଫରେନ ରିଲେଶନ ରିପୋର୍ଟ ଅନୁସାରେ, ଉତ୍ତର-ପୂର୍ବ ସମେତ ଦେଶର ମଧ୍ୟଭାଗରେ ୨୦୨୧ ବର୍ଷରେ ବନ୍ଧୁକଧାରୀମାନେ ଏପର୍ଯ୍ୟନ୍ତ ପ୍ରାୟ ୨,୫୦୦ ଲୋକଙ୍କୁ ହତ୍ୟା କରିଲେଣି। ଗତ ୩ ମାସରେ ଏହି ସଂଖ୍ୟା ଅଧିକ ମାତ୍ରାରେ ବଢ଼ିଛି। ଏହି ସଶସ୍ତ୍ର ଗୋଷ୍ଠୀଗୁଡ଼ିକରେ ଫୁଲାନି ଜାତିର ଯୁବକମାନେ ସାମିଲ ଅଛନ୍ତି। ଜଳ ଏବଂ ଚାରଣ ଭୂମିକୁ ନେଇ ହାଉସା କୃଷକ ସମ୍ପ୍ରଦାୟ ସହ ସେମାନଙ୍କ ବିବାଦ ରହିଆସିଛି। ଘଟଣାସ୍ଥଳରେ ସୁରକ୍ଷାକର୍ମୀ ନିୟୋଜିତ ହୋଇଥିଲେ ହେଁ କାହାରିକୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଦଶନ୍ଧି ଧରି ନାଇଜେରିଆ ସୈନ୍ୟ ଉତ୍ତର-ପୂର୍ବ ଅଞ୍ଚଳରେ ମୁସଲମାନ କଠୋରପନ୍ଥୀ ଗୋଷ୍ଠୀଙ୍କ ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ବୋକୋ ହାରାମ, ଇସ୍‌ଲାମିକ୍ ଷ୍ଟେଟ୍ ଭଳି ଆତଙ୍କବାଦୀ ସଙ୍ଗଠନ ନିଜ ପ୍ରଭାବ ବିସ୍ତାର କରିବାକୁ ଡକାୟତ ଗୋଷ୍ଠୀକୁ ଅସ୍ତ୍ରଶସ୍ତ୍ର ଯୋଗାଉଛନ୍ତି।

# ବ୍ରିଟେନରେ ଦିନକୁ ୧୨ ହଜାର ଓମିକ୍ରନ୍ ମାମଲା

ଲଣ୍ଡନ, ୨୦।୧୨(ପି.ଟି.)

ବ୍ରିଟେନରେ ଓମିକ୍ରନ୍ ସଂକ୍ରମଣ ଦ୍ରୁତ ବେଗରେ ମାଡ଼ିଚାଲିଛି। ସେଠାରେ ଦୈନିକ ସଂକ୍ରମଣ ୧୨,୧୩୩ରେ ପହଞ୍ଚିଛି। ତେଣୁ କଠୋର ଲକ୍‌ଡାଉନ୍ ଲଗାଇବା ନେଇ ସୋମବାର ବ୍ରିଟିଶ କ୍ୟାବିନେଟରେ ଆଲୋଚନା ହୋଇଛି। ଦେଶରେ ମୋଟ ଓମିକ୍ରନ୍ ମାମଲା ୩୭,୧୦୧ରେ ପହଞ୍ଚିଛି। ରବିବାର ସେଠାରେ ୮୨,୮୮୬ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଓ ୪୫ ଜଣଙ୍କ ମୃତ୍ୟୁ ଘଟିଛି। ବ୍ରିଟେନରେ ଓମିକ୍ରନ୍ ଭାରିଆଣ୍ଟ ଜନିତ ମୃତ୍ୟୁସଂଖ୍ୟା ୧୨ରେ ପହଞ୍ଚିଛି। କଠୋର ଲକ୍‌ଡାଉନ ସପକ୍ଷରେ ନ ଥିବା ବ୍ରିଟିଶ ଉପପ୍ରଧାନମନ୍ତ୍ରୀ ଡୋମିନିକ୍ ରାବ୍ କହିଛନ୍ତି। ଟିକାକରଣ ବଢ଼ିଥିବା ସହ ଅଧିକାଂଶ ଲୋକଙ୍କୁ ବୁଷ୍ଟର ଡୋଜ୍ ଦିଆଗଲାଣି। ଚଳିତ ବର୍ଷ ପୂର୍ବବର୍ଷ ଅପେକ୍ଷା ଖ୍ରୀଷ୍ଟମାସ ଉତ୍ସବ ଭଲ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ତେବେ ଲୋକମାନେ ଯତ୍ନଶୀଳ ହେବା ସହ ସତର୍କ ରହିବା ଜରୁରୀ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ କୋଭିଡ୍ କଟକଣା ବଢ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ସରକାରଙ୍କୁ ୩ଟି ବିକଳ୍ପ ପ୍ରସ୍ତାବ ଦିଆଯାଇଛି। ଅତ୍ୟଧିକ ସଂକ୍ରମଣ ପାଇଁ କଠୋର ଗାଇଡ୍‌ଲାଇନ, ଦୋକାନ ଓ ରେଷ୍ଟୁରାଣ୍ଟଗୁଡ଼ିକୁ ଶୀଘ୍ର ବନ୍ଦ କରିବା ଏବଂ ଜନ ସମାଗମ କମ୍ କରିବା ଲାଗି ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି। ପୂର୍ବରୁ ଲକ୍‌ଡାଉନ ଯୋଗୁ ବ୍ୟବସାୟ ଗୁରୁତର ପ୍ରଭାବିତ ହୋଇଛି। ତେଣୁ କଠୋର ଲକ୍‌ଡାଉନ ବ୍ୟବସ୍ଥାକୁ ବ୍ରିଟିଶ ଚାନ୍ସେଲର ରିଷି ସୁନକଙ୍କ ସମେତ ଅନେକ ବିରୋଧ କରୁଛନ୍ତି। ତେବେ ସରକାରଙ୍କ ବୈଜ୍ଞାନିକ ପରାମର୍ଶଦାତା କଟକଣା କଡ଼ାକଡ଼ି କରିବା ସପକ୍ଷରେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ନେଦରଲାଣ୍ଡସ୍‌ରେ ଓମିକ୍ରନ୍ ସଂକ୍ରମଣ ବଢୁଥିବାରୁ ସେଠାରେ ଜାନୁୟାରୀ ମଧ୍ୟଭାଗ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଜାନୁୟାରୀ ୧୪ ପର୍ଯ୍ୟନ୍ତ ନେଦରଲାଣ୍ଡସ୍‌ରେ ସମସ୍ତ ଅଣଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବସାୟ ପ୍ରତିଷ୍ଠାନ, ବାର୍, ରେଷ୍ଟୁରାଣ୍ଟ ବନ୍ଦ ରହିବା ସହ ୯ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଫ୍ରାନ୍ସ, ସାଇପ୍ରସ୍, ଅଷ୍ଟ୍ରିଆ ଆଦି ଦେଶ ଯାତାୟାତରେ କଟକଣା ଲଗାଇଛନ୍ତି। ଡେନ୍‌ମାର୍କରେ ଥିଏଟର, କନସର୍ଟ ହଲ୍, ପ୍ରମୋଦ ଉଦ୍ୟାନ ଓ ମ୍ୟୁଜିୟମକୁ ବନ୍ଦ କରିଦିଆଯାଇଛି।

### ଲାଗୁ ହୋଇପାରେ ଲକ୍‌ଡାଉନ୍



### ଦିଲ୍ଲୀରେ ସବୁ ପଜିଟିଭ୍ ମାମଲାର ହେବ ଜିନୋମ ସିକ୍ୱେନ୍ସିଂ

ନୂଆଦିଲ୍ଲୀ ୨୦।୧୨

ଭାରତରେ ଓମିକ୍ରନ୍ ସଂକ୍ରମଣ ବଢ଼ିଚାଲିଥିବାବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିକାର ପଦକ୍ଷେପ ଗ୍ରହଣ କରାଯାଉଛି। ଦିଲ୍ଲୀରେ ସମସ୍ତ କରୋନା ପଜିଟିଭ୍ ମାମଲାକୁ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର କହିଛନ୍ତି। ସ୍ୱାସ୍ଥ୍ୟସେବା କର୍ମଚାରୀ ଓ ଅନ୍ୟମାନଙ୍କ ନିମନ୍ତେ ବୁଷ୍ଟର ଡୋଜ୍ ପାଇଁ ଅନୁମତି ଦେବାକୁ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଓମିକ୍ରନ୍ ଆସିବା ପରେ ଦିଲ୍ଲୀରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ରବିବାର ସେଠାରେ ସଂକ୍ରମଣ ୧୦୦ ଟପିଥିଲା। ଏହା ଓମିକ୍ରନ୍ ଭାରିଆଣ୍ଟ କି ସାଧାରଣ କୋଭିଡ୍ ମାମଲା ଜଣାପଡୁ ନ ଥିବାରୁ ସମସ୍ତଙ୍କର ଜିନୋମ ସିକ୍ୱେନ୍ସିଂ ଆବଶ୍ୟକ ବୋଲି କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।



Dr. Juneja's ପେଟ ସଫା
Natural Laxative GRANULES & TABLETS
କୋଷ୍ଠକାଠିନ୍ୟ • ଗ୍ୟାସ୍ ଏସିଡିଟି
ପେଟ ସଫା ତ ସବୁ ରୋଗ ଦଫା
24x7 Helpline 91197 88888
Website : www.petsaffa.com
ଦିବିସା ହର୍ବାଲ କେୟାର୍ ପ୍ରସ୍ତୁତ କରୁଛନ୍ତି ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍‌ସ, ଯାହାକୁ ସେବନ କରିବା ଖୁବ୍ ସହଜ, ଏବଂ ପରିଣାମ ମିଳିଥାଏ ପ୍ରଥମ ଦିନରୁ
NO.1 BRAND

ଏହା ଅଭ୍ୟାସରେ ମଧ୍ୟ ପରିଣତ ହୁଏନାହିଁ
Divisa

## ସଂକ୍ଷେପରେ

### ପୂର୍ବତନ ଏମ୍‌ପି ଉପେନ୍ଦ୍ର ନାୟକଙ୍କ ପରଲୋକ

କେନ୍ଦୁଝର/ଢେଙ୍କିକୋଟ, ୨୦।୧୨(ସ୍ୱ.ପ୍ର./ଡି.ଏନ.ଏ.): ପୂର୍ବତନ କେନ୍ଦୁଝର ଏମ୍‌ପି ଉପେନ୍ଦ୍ର ନାୟକ(୭୩)ଙ୍କର ସୋମବାର ଅପରାହ୍ଣରେ ତାଙ୍କ ବାସସ୍ଥାନ ଘଟଗାଁ ବ୍ଲକ ଡଲଙ୍ଗପାଣି ଗ୍ରାମରେ ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା



ଖେଳିଯାଇଥିବା ବେଳେ ବହୁ ଶୁଭେଚ୍ଛୁ, ଦଳୀୟ ନେତା ତଥା ଆତ୍ମୀୟ ସ୍ୱଜନ ପହଞ୍ଚି ଶେଷ ଦର୍ଶନ କରିଥିଲେ। ୧୯୭୫ରେ ସେ ଭୋଳବେଢ଼ା ଏମ୍‌ଇ ସ୍କୁଲରୁ ଶିକ୍ଷକତା ଛାଡ଼ି ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୯୮ରେ ଭାଜପା ଦଳରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ହୃଦ୍ ଓ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ କିଛି ମାସ ହେଲା ଅସୁସ୍ଥ ହୋଇ ପଡ଼ିଥିଲେ। ପାଲା ସଂସ୍କୃତି ଉପରେ ତାଙ୍କର ପ୍ରଗାଢ଼ ଜ୍ଞାନ ଥିଲା। ସେ ଜଣେ ସରଳ, ଅମାୟିକ ଓ ସମାଜସେବକ ଭାବରେ ପରିଚିତ ଥିଲେ। ଗୋଁଣ୍ଡ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ତଥା ଭୋଳବେଢ଼ା ପଲ୍ଲୀ ସଂଗଠନରେ ସାମିଲ ହୋଇ ଦୀର୍ଘ ୩୦ ବର୍ଷ ହେଲା ଜନସେବା କରିଆସୁଥିଲେ।

### ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ବାରିପଦା ଅଫିସ,୨୦।୧୨- ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବା ସହ ୧୦ହଜାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବିଜାତଳା ଗ୍ରାମର ଜିତେନ୍ଦ୍ର ନାଥ କାଳାପାତ୍ର(୨୫)। ୨୦୧୬ ନଭେମ୍ବର ୧୬ରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ୧୨ଜଣ ସାକ୍ଷୀଙ୍କ ବୟାନ ସହ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି।

# ଜିଲାପାଳଙ୍କ ଅଫିସ ଆଗରେ ଆତ୍ମାହୁତି ଉଦ୍ୟମ

## ଦୁର୍ନୀତି ଅଭିଯୋଗକୁ ଅଣଦେଖାର ପ୍ରତିବାଦ

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜଗଲପାଟ ପଞ୍ଚାୟତରେ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ଲିଖିତ ଅଭିଯୋଗ କରିବାର ମାସାଧିକକାଳ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହାର ପ୍ରତିବାଦରେ ସୋମବାର ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବଡ଼ ସାହାଜବାହାଲ ଗ୍ରାମର କିଛି ଲୋକ ଜିଲାପାଳଙ୍କ ଅଫିସ ପରିସରରେ ଆତ୍ମାହୁତି ଦେବାକୁ ଉଦ୍ୟମ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ କହିଛନ୍ତି, ସେମାନଙ୍କ ଅଭିଯୋଗ ଉପରେ ତଦନ୍ତ କରିବାକୁ ଡିଆରଡିଏ ପିଡି ଏବଂ ଗାଇସିଲେଟ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନା ଅନୁସାରେ, ଜଗଲପାଟ ପଞ୍ଚାୟତରେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ବିଭିନ୍ନ ସରକାରୀ ଯୋଜନା ଏବଂ ପ୍ରକଳ୍ପ କାମରେ ବ୍ୟାପକ ଅର୍ଥ ତୋଷାରପାତ ହୋଇଛି। କେତେକ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରୁଛନ୍ତି ଯୁବକ।

ପ୍ରକଳ୍ପ ଅସମ୍ପୂର୍ଣ୍ଣ ଥିବା ସତ୍ତ୍ୱେ ସମୁଦାୟ ବିଲ୍ ଉଠାଯାଇଛି। ସେହିପରି ଗୃହ ନିର୍ମାଣ ଯୋଜନାରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଛି। ଗୋଟିଏ ଘରର ଫଟୋ ଦେଇ ଜଣେ ଲୋକ ୨ଟି ଗୃହ ନିର୍ମାଣର ବିଲ୍ ଉଠାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ପୁରୁଣା ଗୃହକୁ ଦେଖାଇ ମଧ୍ୟ କିଛି ଲୋକ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ସମ୍ପୂର୍ଣ୍ଣ ବିଲ୍ ଉଠାଇଛନ୍ତି। ଏଭଳି ଅନିୟମିତତା ଅଭିଯୋଗରେ ଗ୍ରାମବାସୀ ନଭେମ୍ବର ୬ ଓ ୨୪ତାରିଖରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ଏହାସତ୍ତ୍ୱେ ଅଭିଯୋଗର ତଦନ୍ତ ଆରମ୍ଭ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି ।

ପ୍ରଶାସନର ଏଭଳି ଅଣଦେଖାର ପ୍ରତିବାଦ କରି ସୋମବାର ପୂର୍ବାହ୍ଣ ପ୍ରାୟ ୧୦ଟାରେ ଜଗଲପାଟ ଗ୍ରାମର ଛବିଳ ବାରିକ, ଦିଲୀପ ସାହୁ, ଗୁଲଠୁ ସାହୁ, ଗୋବର୍ଦ୍ଧନ ସାହୁ ପ୍ରମୁଖ କିରୋସିନ, ଦିଆସିଲ ଧରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ଧାରଣା ଦେବାର କିଛି ସମୟ ପରେ ଛବିଳ ନିଜ ଶରୀରରେ କିରୋସିନ ଢାଳି ଦିଆସିଲି ମାରିବାକୁ ଉଦ୍ୟମ କରିବା ବେଳେ ଉପସ୍ଥିତ ପୋଲିସ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଖବର ଲେଖାହେବା ସୁଦ୍ଧା (ରାତ୍ରି ୭ଟା ) ଗ୍ରାମବାସୀ ଧାରଣାରେ ବସିଥିବାବେଳେ କୌଣସି ଅଧିକାରୀ ସେମାନଙ୍କ ପାଖକୁ ଆଲୋଚନା ପାଇଁ ପହଞ୍ଚିନାହାନ୍ତି। କେବଳ ପୋଲିସ ସେଠାରେ ଉପସ୍ଥିତ ରହିସଜାଗ ଦୃଷ୍ଟିରଖିଥିବା ସୂଚନା ମିଳିଛି।

# ବିଦ୍ୟୁତ୍ ଆଘାତରେ ଓଡ଼ିଶାରେ ସର୍ବାଧିକ ହାତୀଙ୍କ ମୃତ୍ୟୁ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ବିଦ୍ୟୁତ୍ ଆଘାତରେ ଓଡିଶାରେ ସର୍ବାଧିକ ହାତୀଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୦୯ରୁ ୨୦୧୯ ମଧ୍ୟରେ ବିଦ୍ୟୁତ୍ ଆଘାତ ଯୋଗୁ ଭାରତରେ ୬୦୦ ହାତୀଙ୍କ ଜୀବନ ଯାଇଥିବାବେଳେ ଏଥିମଧ୍ୟରୁ ଓଡ଼ିଶାର ୧୧୭ ହାତୀ ରହିଛନ୍ତି। ୧୧୬ ହାତୀ ମୃତ୍ୟୁ ସହ କର୍ନାଟକ ଓଡ଼ିଶା ତଳକୁ ରହିଥିବାବେଳେ ତୃତୀୟ ସ୍ଥାନରେ ଥିବା ଆସାମରେ ୧୦୫ ହାତୀର ମୃତ୍ୟୁ ଘଟିଛି। ତେବେ ଏହି ୧୦ ବର୍ଷ ମଧ୍ୟରେ ତିନୋଟି ରାଜ୍ୟରେ ଆଦୌ ବିଦ୍ୟୁତ୍‌ଜନିତ ହାତୀ ମୃତ୍ୟୁ ହୋଇନାହିଁ। ସେହି ରାଜ୍ୟଗୁଡ଼ିକ ହେଲା ମହାରାଷ୍ଟ୍ର, ଅରୁଣାଚଳ ପ୍ରଦେଶ ଓ ତ୍ରିପୁରା।

ଏ ନେଇ ପୂର୍ବତନ ପିସିସିଏଫ୍ ବି. କେ. ସିଂ କହିଛନ୍ତି, ଏହି ହାତୀ ମୃତ୍ୟୁ ମଧ୍ୟରୁ ୭୫% ଘଟଣାରେ ଦାୟୀ ବ୍ୟକ୍ତିଙ୍କୁ ଗିରଫ କରାଯାଇ ନାହିଁ। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ରାଜ୍ୟସଭାକୁ ସୂଚନା ଦେଇ କହିଛନ୍ତି, ହାତୀ ସୁରକ୍ଷା ପାଇଁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ହାତୀ ରହୁଥିବା ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳକୁ ଆର୍ଥିକ ତଥା ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ତେବେ ହାତୀ ମୃତ୍ୟୁ କ୍ଷେତ୍ରରେ ଓଡ଼ିଶାର ଏପରି ସ୍ଥିତିକୁ ନେଇ ବିଶେଷଜ୍ଞ, ହାତୀ ସୁରକ୍ଷା ପାଇଁ କାମ କୁରୁଥିବା ସଙ୍ଗଠନ ଓ ସାମାଜିକ କର୍ମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଶିଶୁ ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର, ୨୦।୧୨ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖୁଣ୍ଟାପଶି ଗ୍ରାମରେ ୨୦୧୬ରେ ଜଣେ ଶିଶୁଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦିଆଯାଇଥିଲା। ଏହି ମାମଲାରେ ସୋମବାର ସ୍ଥାନୀୟ ଜିଲା ଓ ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ଶୁଣାଣି କରି ହତ୍ୟାକାରୀ ମନୋଜ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ଲକ୍ଷ ଟଙ୍କା ଜରିମାନା ଏବଂ ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୧୬ ମାର୍ଚ୍ଚ ୪ରେ ଖୁଣ୍ଟାପଶି ଗ୍ରାମରେ ଘରୋଇ ବିବାଦକୁ ନେଇ ମନୋଜ ୬ବର୍ଷୀୟ ସୁନୀଲ ସାହୁଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ଗାଁ ପାଖ ଠାକୁରାଣୀ ପୋଖରୀରେ ମୃତଦେହ ଫିଙ୍ଗିଦେଇଥିଲେ। ସୁନୀଲଙ୍କୁ ନ ପାଇବାରୁ ତାଙ୍କ ବଡ଼ବାପା ଗୟାଧର ସାହୁ ହରିଚନ୍ଦନପୁର ଥାନାରେ ନିଖୋଜ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଚଳାଇ ସେହିଦିନ ଅପରାହ୍ଣରେ ସୁନୀଲଙ୍କ ମୃତଦେହ ପୋଖରୀରୁ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଶିଶୁକୁ ହତ୍ୟା କରାଯାଇଥିବା ଜଣାପଡ଼ିବାପରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୯/୨୦୧୬) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣା ଦିନ ସୁନୀଲ ମନୋଜଙ୍କ ସହିତ ଖେଳୁଥିବା ଗ୍ରାମବାସୀ ଦେଖିଥିଲେ। ଏହି ସୂଚନା ଆଧାରରେ ଘଟଣାର ୪ ଦିନ ପରେ ମନୋଜ ଓ ତାଙ୍କ ବାପା ଯଯାତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟକୁ ଭିତ୍ତି କରି କୋର୍ଟ ଯଯାତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବାବେଳେ ମନୋଜଙ୍କୁ ଆଜୀବନ ଜେଲ ଶୁଣାଣି କରିଥିବା ସରକାରୀ ଓକିଲ ପ୍ରଦୀପ କୁମାର ଦାଶ କହିଛନ୍ତି। ଜରିମାନା ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରିବା ସହ କ୍ଷତିପୂରଣ ଦେବାକୁ କୋର୍ଟ ଆଦେଶ କରିଛନ୍ତି ।

# ତହସିଲ ଅଫିସରେ ଆତ୍ମାହୁତି ଉଦ୍ୟମ କଲେ ମହିଳା

## ଚକଭୁକ୍ତ ଜମି ବିକ୍ରି ପାଇଁ ଅନୁମତି ମିଳିଲା ନାହିଁ

ଧର୍ମଶାଳା,୨୦।୧୨(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅଫିସରେ ଏକ ଅଭାବନୀୟ ଘଟଣା ଘଟିଛି । ତହସିଲ ଅଫିସକୁ କୌଣସି କାମ ପାଇଁ ବାରମ୍ବାର ଆସି ବିଫଳ ହେବାରୁ ଜଣେ ମହିଳା ମାନସିକ ଭାରସାମ୍ୟ ହରାଇ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ । ହେଲେ ସେ ଦେହରେ ନିଆଁ ଲଗାଇବା ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଲୋକମାନେ ତାଙ୍କୁ କାବୁ କରି ନେଇଥିଲେ । ସମ୍ପୃକ୍ତ ମହିଳା ଜଣକ ହେଲେ ଧର୍ମଶାଳା ଥାନା ନେଉଳପୁର ଗ୍ରାମର ଅକ୍ଷୟ ରାଉତଙ୍କ ସ୍ତ୍ରୀ ଅନିମା ରାଉତ । ସେ ଗତ ୩ ମାସ ତଳେ ନିଜର ଏକ ଚକଭୁକ୍ତ ଜମିକୁ ଅନ୍ୟତ୍ର ବିକ୍ରି କରିବା ପାଇଁ ତହସିଲଦାରଙ୍କଠାରୁ ଅନୁମତି ପାଇଁ ଆବେଦନ କରିଥିଲେ । ଚକଭୁକ୍ତ ଜମି ବିକ୍ରି ପାଇଁ ଉପଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳଙ୍କ ଅନୁମତି



ଅନିମା ରାଉତ।

ଆବଶ୍ୟକ ବୋଲି ତହସିଲଦାର ତାଙ୍କୁ କହିଥିଲେ । ପରେ ମହିଳା ଜଣକ ଯାଜପୁର ଟାଉନ ଯାଇ ସେଠାରେ ଅତିରିକ୍ତ ତହସିଲଦାରଙ୍କୁ ଭେଟି ଏସମ୍ପର୍କରେ ଅବଗତ କରିଥିଲେ ହେଁ କୌଣସି ସୁଫଳ ପାଇ ନ ଥିଲେ । ସୋମବାର ସେ ତହସିଲଦାରଙ୍କୁ ଦେଖା କରି ଏସମ୍ପର୍କରେ ପଚାରିବାରୁ ତହସିଲଦାର ତାଙ୍କ ଉପରେ ରାଗିଯାଇ ଏଠାରୁ ବାହାର ବୋଲି ଧମକ ଦେଇଥିଲେ ବୋଲି ଅନିମା ଅଭିଯୋଗ କରିଛନ୍ତି । ଶେଷରେ ସେ ନିରୁପାୟ ହୋଇ ସେଠାରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ । ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲା । ଏହି ଘଟଣା ସମ୍ପର୍କରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ତଦନ୍ତ ଚଳାଇଛି।

# ‘ଚାଷୀଙ୍କ ସୁବିଧା ଲାଗି ଅଧିକ ସଂସ୍ଥାକୁ ନିୟୋଜିତ କର’

## ଧାନକିଣା ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଚାଷୀଙ୍କ ସୁବିଧା ନିମନ୍ତେ ଆହୁରି ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆର୍‌ଏମ୍‌ସି ଏବଂ କୃଷି ବିପଣୀ ସଂସ୍ଥାଗୁଡ଼ିକୁ ନିୟୋଜିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଭିଡିଓ କନ୍‌ଫରେନ୍ସରେ ଜିଲାଗୁଡ଼ିକରେ ଧାନକିଣା ସ୍ଥିତି ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଧାନବିକ୍ରି ପାଇଁ ଚାଷୀ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଏ ଏହା ଉପରେ ଦୃଷ୍ଟି ଦେବା ପାଇଁ ମଧ ଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଓସ୍‌ୱାନ ପ୍ଲାଟ୍‌ଫର୍ମରେ ଅନୁଷ୍ଠିତ ଏହି ଭିଡିଓ କନ୍‌ଫରେନ୍ସିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ ବିଭିନ୍ନ ଜିଲାରେ ଧାନ ସଂଗ୍ରହ ସମ୍ବନ୍ଧିତ ବୈଷୟିକ ଏବଂ ପ୍ରଶାସନିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଥିଲେ। ଏନେଇ କରାଯାଇଥିବା ସମୀକ୍ଷାରୁ ଜଣାପଡ଼ିଛି, ସାଧାରଣତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଜିଲାଗୁଡ଼ିକରେ ନଭେମ୍ବର-ଡିସେମ୍ବରରୁ ଜାନୁୟାରୀ-ଫେବୃୟାରୀ ପର୍ଯ୍ୟନ୍ତ ଏବଂ ଉପକୂଳ ଜିଲାଗୁଡିକରେ ଡିସେମ୍ବର-ଜାନୁୟାରୀରୁ ମାର୍ଚ୍ଚ-ଏପ୍ରିଲ ପର୍ଯ୍ୟନ୍ତ ଧାନକିଣା ହୋଇଥାଏ। ସେହି ଅନୁସାରେ ବର୍ତ୍ତମାନ ବରଗଡ଼, ସମ୍ବଲପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ନୂଆପଡ଼ା, ବଲାଙ୍ଗୀର, ରାୟଗଡ଼ା ଆଦି ଜିଲାରେ ଧାନକିଣା ଅବ୍ୟାହତ ରହିଛି। ଅନ୍ୟାନ୍ୟ ଜିଲାରେ ଧାନକିଣା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କୋରାପୁଟ, ମାଲକାନଗିରି, ବାଲେଶ୍ୱର, ବୌଦ୍ଧ ଆଦି ଜିଲାରେ ମଧ ବିଭିନ୍ନ ମଣ୍ଡିରେ ଧାନକିଣା ଚାଲିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୮ ହଜାର ଚାଷୀଙ୍କ ଠାରୁ ୫.୧୩ ଲକ୍ଷ ମାଟ୍ରିକ୍ ଟନ୍ ଧାନ ସଂଗ୍ରହ ସରିଛି। ବିଭିନ୍ନ ମଣ୍ଡିରେ ଅଧିକ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆର୍‌ଏମ୍‌ସି କର୍ମଚାରୀ, ଯୋଗାଣ ସହାୟକ, କୃଷି ବିଭାଗ ଅଧିକାରୀ, ସମବାୟ ବିଭାଗ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗରୁ ଡାଟା ଏଣ୍ଟ୍ରିଅପରେଟର ଆଦିଙ୍କୁ ମୁତୟନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୀରବିକ୍ରମ ଯାଦବ କହିଛନ୍ତି, ଧାନକିଣା ପି-ପାସ୍ ନାମକ ଅନ୍‌ଲାଇନ ବ୍ୟବସ୍ଥା ମାଧମରେ କରାଯାଇଛି। ଏହା ଏକ ସ୍ୱୟଂକ୍ରିୟ ଓ ସରଳ ବ୍ୟବସ୍ଥା। ଏଥିରେ ଦୈନିକ ଧାନକିଣା ତଥ୍ୟ ଅପ୍‌ଲୋଡ୍ ହୋଇଥାଏ। ସେହି ତଥ୍ୟ ଭିତ୍ତିରେ ଚାଷୀଙ୍କୁ ଧାନର ମୂଲ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧମରେ ସିଧାସଳଖ ପଠାଇ ଦିଆଯାଏ। ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରକ୍ରିୟା ବିଷୟରେ ତୁରନ୍ତ ଅନ୍‌ଲାଇନ ତାଲିମ ଦିଆଯିବ। ଜିଲାସ୍ତରରେ ଥିବା ସମବାୟ ବିଭାଗ ଏବଂ ଯୋଗାଣ ବିଭାଗ ଅଧିକାରୀମାନେ ମଧ ଏଥିରେ ସକ୍ରିୟଭାବେ ସାମିଲ ହେବେ ବୋଲି ସେ କହିଛନ୍ତି।

DSPL - 339

ଶୀତ ପ୍ରବାହ ପାଇଁ ସତର୍କତା
- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

OIPR-24003/13/0013/2122
ସଚେତନତା ଓ ସତର୍କତା ହିଁ ସୁରକ୍ଷା
OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

## ଅଗ୍ରୱାଲ ସଭାର ନୂତନ କର୍ମକର୍ତ୍ତା

ପଦ୍ମପୁର, (ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଅଗ୍ରୱାଲ ସଭାର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସୋମବାର ସ୍ଥାନୀୟ ମାରୱାଡି ଧର୍ମଶାଳାରେ ପୂର୍ବତନ ଅଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି କୈଳାସ ଅଗ୍ରୱାଲ, ସମ୍ପାଦକ ସୁନୀଲ ଅଗ୍ରୱାଲ, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, ଉପ ସଭାପତି ନରେଶ ଅଗ୍ରୱାଲ, ସହ ସମ୍ପାଦକ ନରସିଂହ ଅଗ୍ରୱାଲଙ୍କ ସମେତ ୬ ଜଣ ସଦସ୍ୟ ଚୟନ ହୋଇଥିଲେ। ନୂତନ ସଦସ୍ୟଙ୍କୁ ଶପଥ ପାଠ କରାଯାଇଥିଲା।

## ସଂକ୍ଷେପରେ

### କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ସୋହେଲା,୨୦।୧୨(ଡି.ଏନ.ଏ): ବରଗଡ଼ ଜିଲା ସୋହେଲା ବ୍ଲକ ରଣେଶ୍ୱର ରାମଚଣ୍ଡୀ ପୀଠ ଲମ୍ବୁରୁପାଲିଠାରେ ସୋହେଲା କୁଲିତା ସମାଜ ପକ୍ଷରୁ ନିର୍ମିତ କଲ୍ୟାଣ ମଣ୍ଡପ ସୋମବାର ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ଚରଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୁଲିତା ସମାଜର ସଭ୍ୟ ବିନୋଦ ସାହୁ, ଚତୁର୍ଭୁଜ ପ୍ରଧାନ, କପିଳ ଥପା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁକୁମାର ଭୋଇ ଉଦ୍ଦେଶ୍ୟ ଜ୍ଞାପନ ଓ ଅଗସ୍ତି ଭୋଇ ସଭା ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ବାରିକ, ଗଣତନ୍ତ୍ର ପ୍ରଧାନ, ଦିଲୀପ ଭୋଇ, ଯୁଗଳ ପ୍ରଧାନ, ଶେଷଦେବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗୋପାଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### କଫ୍ ସିରପ୍ ଜବତ, ୩ ଅଭିଯୁକ୍ତ ଗିରଫ

ସରଣ୍ଡା,୨୦।୧୨(ଡି.ଏନ.ଏ): ନିଶା କାରବାରରେ ସମ୍ପୃକ୍ତି ଅଭିଯୋଗରେ ବରଗଡ ଜିଲା ଅତାବିରା ଥାନା ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୋଇପୁରା ଗ୍ରାମର ରୋଶନ ତ୍ରିପାଠୀ(୨୩) ଓ ପ୍ରଦୀପ ଭୁଏ(୨୫) ଏବଂ ଅତାବିରା ବସ୍ତିପଡ଼ାର ସନୁ ମାନିରା(୨୨)। ସେମାନଙ୍କ ପାଖରୁ ୨୦ ବୋତଲ କଫ ସିରଫ, ୨୦ଲିଟରର କଫ ସିରଫ ଭର୍ତ୍ତି ଜାର୍, ନିଶା ଟାବଲେଟ, ୨ଟି ମୋବାଇଲ, ୩୫୭୦ଟଙ୍କା ସହ ଏକ ନମ୍ବର ବିହୀନ ବାଇକ୍ ଜବତ କରାଯାଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୪୦୧/୨୧) ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ଅନୀଲ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ପରଲୋକ

ବାଉଁଶୁଣୀ,୨୦।୧୨(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଡିମିରିପାଲି ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସୁରେନ୍ଦ୍ର ତ୍ରିପାଠୀ (୭୧)ଙ୍କ ଗତ ରାତି ପ୍ରାୟ ୧୦ଟା ୩୦ରେ ପରଲୋକ ଘଟିଛି। ତ୍ରିପାଠୀ ଅସୁସ୍ଥ ଅନୁଭବ କରିବା ପରେ ପ୍ରଥମେ ବାଉଁଶୁଣୀ ପରେ ସୋନପୁର ଓ ଶେଷରେ ବରଗଡସ୍ଥିତ ବିକାଶ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ସୋମବାର ସକାଳେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଦୁର୍ଗେଇ ଦେବୀଙ୍କ ଯାତ୍ରା ଉତ୍ସବ ଉଦ୍‌ଯାପିତ

ପାଇକମାଳ,୨୦।୧୨(ଡି.ଏନ.ଏ): ବରଗଡ଼ ଜିଲା ପାଇକମାଳ ବ୍ଲକ ମିଠାପାଲି ଗ୍ରାମପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ ଶିଖରରେ ମାଁ ଦୁର୍ଗେଇ ଦେବୀଙ୍କ ଯାତ୍ରା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ପୂଜା ପରିଚାଳନା କମିଟି ତରଫରୁ ଅନ୍ନଛତ୍ର ସହିତ କୋଶଳୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜାରୀ ନବୀନ ମଲ୍ଲିକ, ସୁବାଷ ମଲ୍ଲିକ, ସଚ୍ଚିଦାନନ୍ଦ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ, ନକୁଳ ମଲ୍ଲିକ, ତ୍ରିନାଥ ମଲ୍ଲିକ, ଗୋକୁଳ ମଲ୍ଲିକ, ଯୋଗୀ ମଲ୍ଲିକ ପୂଜାର୍ଚ୍ଚନା କରିଥିଲେ। କମିଟି ସଭାପତି ମଧୁସୂଦନ ପାଣ୍ଡେ, ଉପ ସଭାପତି ପୂର୍ଣ୍ଣ ଭୋଇ, ସମ୍ପାଦକ ବେଣୁଧର ମଲ୍ଲିକ, ମିଠାପାଲି ସରପଞ୍ଚ ସହଦେବ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।

### ଦେଓଗାଁରେ ଗୀତା ପାରାୟଣ, ଯଜ୍ଞ

ବରଗଡ଼ ଅଫିସ୍,୨୦।୧୨: ବରଗଡ଼ ବ୍ଲକ ଦେଓଗାଁଠାରେ ରବିବାର ଶ୍ରୀମଦ୍ ଭାଗବତ ଗୀତା ପାରାୟଣ, ଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଛି। ପଣ୍ଡିତ ଗଣେଶ ପଣ୍ଡା, ଭକ୍ତ ପ୍ରସାଦ ରଥ, କୈଳାସ ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ନିଗମାନନ୍ଦ ମିଶ୍ର ଗୀତାପାଠ କରିଥିଲେ। ଏଥିରେ ସମ୍ପିତ ଆଚାର୍ଯ୍ୟ ସପତ୍ନୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ଏହା ସହିତ ଅନ୍ୟ ୧୦ଜଣ ସହଯୋଗୀ କର୍ତ୍ତା ରହିଥିଲେ। ଏହି ଅବସରରେ କଳସ ଯାତ୍ରା ହୋଇଥିଲା। ସେହିପରି ଅଷ୍ଟଶମ୍ଭୁ ପୀଠ ବାବା ବୈଦ୍ୟନାଥଙ୍କଠାରୁ ଆଜ୍ଞାମାଳ ଅଣାଯାଇଥିଲା । ପୁରୁଷୋତ୍ତମ ଠାକୁର, ଦୀନବନ୍ଧୁ ପଟେଲ, ବାସୁଦେବ ମିଶ୍ର, ପ୍ରଶାନ୍ତ ମିଶ୍ର, ଜୟସିଂହ ପଟେଲ, ଜଗଦାନନ୍ଦ ମିଶ୍ର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଏକତା, ଅଖଣ୍ଡତାକୁ ଗୁରୁତ୍ୱ

## ବରଗଡ଼ରେ ଜାତୀୟ ଢୁମାଲ ଦିବସ

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ରୟାଲ ପେଲେସ୍‌ରେ ସୋମବାର ମାହେଶ୍ୱରୀ ସଂସ୍କୃତି ପରିଷଦ ଓଡ଼ିଶା ଆନୁକୂଲ୍ୟରେ ଜାତୀୟ ଢୁମାଲ ଦିବସ ପାଳିତ ହୋଇଛି।


କାର୍ଯ୍ୟକ୍ରମରେ ଢୁମାଲ ସମାଚାର ଉନ୍ମୋଚନ କରାଯାଉଛି ।

ପରିଷଦର ଆବାହକ ହରିଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପ୍ରାଚୀନ ମାହେଶ୍ୱରୀ ପୀଠ, କୁରୁଆଁର ଜାଗେଇ ଦେହେରୀ ଏବଂ ସେବାୟତ ସାଥୀ ମାହେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। କଳାକାର ସନ୍ତୋଷ ବେହେରା ଓ ସାଥୀ ମାହେଶ୍ୱରୀଙ୍କ ବନ୍ଦନା, ଭଜନ ପରିବେଷଣ କରିଥିଲେ। ଶିଶୁ ନୃତ୍ୟଶିଳ୍ପୀ ଜତୀନ କୁମାରଙ୍କ ନୃତ୍ୟ ପରେ କବି ରଞ୍ଜିତ ପ୍ରଧାନ ମାହେଶ୍ୱରୀଙ୍କ ଉପରେ କବିତା ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ଅଭିପ୍‌ସା କଲତା, ଶାଶ୍ୱତ ମହାକୁର, ସନ୍ତୋଷ ପ୍ରଧାନ, ନିର୍ମଳ ଦେହେରି, ପୁଷ୍ପାଞ୍ଜଳି କଲତା, ଚନ୍ଦ୍ରଶେଖର କମ୍ପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସମାରୋହରେ କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନ ମୁଖ୍ୟଅତିଥି, ସମାଜସେବୀ ପାଣ୍ଡବ କର୍ଣ୍ଣ ସ୍ୱତନ୍ତ୍ର ଅତିଥି, ମାହେଶ୍ୱରୀ ଜିଏନଏମ/ଏଏନଏମ କଲେଜର ପ୍ରତିଷ୍ଠାତା ଫକୀର କର୍ଣ୍ଣ, ଜୁନିୟର କମିଶନର ଅଫିସର ନିର୍ମଳ ଦେହେରି, ସରପଞ୍ଚ ପୁଷ୍ପାଞ୍ଜଳି କଲତା, ନୀଳିମା ମହାକୁର, ଭୁବନେଶ୍ୱର ମହାକୁର, ବୁଲୁ କର୍ମୀ, ଲୋଚନ କମ୍ପ, ରଞ୍ଜିତ ପ୍ରଧାନ, ଯୁଧିଷ୍ଠିର ମାହାର, ସୁରେନ୍ଦ୍ର କର୍ମୀ, ଗଣେଶ କର୍ଣ୍ଣ, ସମିତି ସଭ୍ୟ ମନୋଜ ପ୍ରଧାନ, ମାଷ୍ଟର ଟ୍ରେନର ଜୀବର୍ଦ୍ଧନ କ୍ଷେତି, ଭୁବନେଶ୍ୱର ଡାଙ୍ଗ, ଗଜରାଜ ମହାକୁର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ଜାତୀୟ ଏକତା, ଅଖଣ୍ଡତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ମହିଳା ସଭାନେତ୍ରୀ ହେମାବତୀ କର୍ଣ୍ଣ ମହିଳା ସଶକ୍ତୀକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ସମାରୋହ ପ୍ରାରମ୍ଭରେ ଜାତୀୟ ସଂସ୍କୃତି, ଐତିହ୍ୟର ପ୍ରତୀକ ଢୁମାଲ ସମାଚାର ଏବଂ ତ୍ରିଲୋଚନ କମ୍ପଙ୍କ ରଚିତ ମାହେଶ୍ୱରୀ ସ୍ତୋତ୍ର ରତ୍ନାବଳୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ନିର୍ମଳ ଦେହେରୀଙ୍କୁ ଜାତୀୟ ସଭାପତି, ହରିଶଙ୍କର ବେହେରାଙ୍କୁ ରାଜ୍ୟ ସଭାପତି, ହୀରା ମହାକୁରଙ୍କୁ ରାଜ୍ୟ ସମ୍ପାଦକ, ସୁରେନ୍ଦ୍ର କର୍ମୀଙ୍କୁ ଜିଲା ସଭାପତି ଏବଂ ଚୈତନ୍ୟ କର୍ଣ୍ଣଙ୍କୁ ଜିଲା ସମ୍ପାଦକ ଘୋଷଣା କରାଯାଇଥିଲା। ଚୈତନ୍ୟ କର୍ଣ୍ଣ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସୁରେନ୍ଦ୍ର କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ଯୁବ କଂଗ୍ରେସ

ସୋନପୁର,୨୦।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଯୁବ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ ଦଳ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏହି ବୈଠକ ଆୟୋଜିତ ହୋଇଥିଲା। ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ମୁଖ୍ୟଅତିଥିଭାବେ ଯୋଗଦେଇ ଆସନ୍ତା ନିର୍ବାଚନରେ ଯୁବ କଂଗ୍ରେସ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ନୀତିକୁ ସମାଲୋଚନା କରି ଶାସକ ଦଳର ଦୁର୍ନୀତି ଓ ଏକଛତ୍ରବାଦୀ ଶାସନର ଜବାବ ଦେବାକୁ ଜନଜାଗରଣ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟର ନାରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ପୀଡିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କଲେ ପୋଲିସ ଜୁଲମ କରୁଛି ବୋଲି ଡ. ଲେଙ୍କା କହିଛନ୍ତି। ବୈଠକରେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସମ୍ପାଦକ ତଥା ଓଡିଶା ପ୍ରଭାରୀ ରିୟାଜୁଲ ଅନସାରୀ ଯୋଗଦେଇ ଉଭୟ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେହିପରି ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲା ଦେଇ ଯାଇଥବବା ୫୭ ନମ୍ବର ଜାତୀୟ ରାଜପଥରେ ଟୋଲଗେଟ୍‌ରେ ଟିକସ ଆଦାୟରେ ପକ୍ଷପାତିତା କରାଯାଉଛି। ଏ ନେଇ ଏକ ଦାବିପତ୍ର ସୁବର୍ଣ୍ଣପୁର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅମିତ ନାୟକ, ସମ୍ରାଟ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସର କର୍ମକର୍ତ୍ତା।

# ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଧାରଣା

ସୋନପୁର,୨୦।୧୨(ନି.ପ୍ର.)


ସେତୁ ଓ ସଂଯୋଗ ରାସ୍ତା ପାଇଁ ଜମି ହରାଉଥିବା ବ୍ୟକ୍ତି ଧାରଣାରେ ବସିଛନ୍ତି ।

ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ ଦାବିରେ କ୍ଷତିଗ୍ରସ୍ତ ଜମି ମାଲିକମାନେ ସୋମବାର ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୋନପୁର ବ୍ଲକ ବୈଦ୍ୟନାଥର ଗୋପାଳ ଚନ୍ଦ୍ର ମିଶ୍ର, ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଗବଯୋର ଗ୍ରାମର ଗିରିଶ ମେହେର, ଦୁର୍ଯ୍ୟୋଧନ ମେହେର, ଧୃବଚରଣ ମେହେର, କୌଶିକ ମେହେର, ଭୁବନେଶ୍ୱର ମେହେର, ସେନାନି ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ବ୍ରଜ ଚିଙ୍ଗୁର, ପଥରଲା ଗ୍ରାମର ପ୍ରେମାକାନ୍ତ ଦେହେରିଆ, କୁଞ୍ଜ କୁଅଁର, ନୀଳକଣ୍ଠ ଦେହେରିଆ, ଶଙ୍କର୍ଷଣ ଦେହେରିଆ ଓ ପ୍ରକାଶ ହରିପାଲ ପ୍ରମୁଖ ଧାରଣାରେ ବସିଥିଲେ। ସେତୁ ଓ ସଂଯୋଗ ରାସ୍ତା ସମ୍ପୂର୍ଣ୍ଣ ଏବଂ କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ସେମାନେ ଅନୁରୋଧ କରିଛନ୍ତି। ତେଲନଦୀ ଉପରେ ବୈଦ୍ୟନାଥ-ଗବଯୋର ସେତୁ ଓ ଆପ୍ରୋଚ ରୋଡ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ଦୁଇଟି ପ୍ଲଟର ଜମିକୁ ପ୍ରଶାସନ ଅଧିକ ଦାମ ଦେଇ କିଣିଥିବା ବେଳେ ଅନ୍ୟ ଜମିଗୁଡ଼ିକୁ କମ୍ ଦରରେ କିଣିବା ପାଇଁ ଚାହୁଁଛନ୍ତି। ଏଥିଯୋଗୁଁ ଜମି ହରାଉ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜମି ଅଧିଗ୍ରହଣରେ ସମସ୍ୟା କାରଣରୁ ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣରେ ବିଳମ୍ବ ହେଉଛି।

## କ୍ରିକେଟ: ପଦ୍ମପୁର ବିଜୟୀ

ପଦ୍ମପୁର, ୨୦।୧୨(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲୁହୁରାକୋଟରେ ମାଁ ସମଲେଶ୍ୱରୀ କ୍ରିକେଟ ସଂଘ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ପଦ୍ମପୁର ନେହେରୁ ସ୍ପୋର୍ଟିଂ ଓ ବୁଡେନ ମଧ୍ୟରେ ହୋଇଥିଲା। ଏଥିରେ ପଦ୍ମପୁର ଦଳ ବିଜୟୀ ହୋଇଥିଲା। ମୀନକେତନ ପ୍ରଧାନ ଓ ରାଜେଶ ସାହୁ ଖେଳ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ସାହୁ ଉଦ୍‌ଘୋଷକ ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅରକ୍ଷିତ ପ୍ରଧାନ, ସୁରେଶ ପ୍ରଧାନ, ସୁଦାମ ସାହୁ, ପଦ୍ମଲୋଚନ ବେରିଆ, ବାଳକୃଷ୍ଣ ନାଏକ, ସରୋଜ ସାମଲ, ସୁରଭି ବରିହା, ସୁଶାନ୍ତ ନାଗ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ମାନସ ପ୍ରଧାନ, ବସୁଦେବ ପ୍ରଧାନ, ଆଶୀଷ ସାହୁ, ସୁବଳ ପ୍ରଧାନ ଓ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।

# ମହିଳା ସମିତିର ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ମହିଳା କଲେଜ ଏବଂ ବରଗଡ଼ରୁ ନୃସିଂହନାଥ ପର୍ଯ୍ୟନ୍ତ ରାସ୍ତାକୁ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ଏହି ଦାବି ନେଇ ସୋମବାର ବରଗନ ମହିଳା ସମିତି ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସମିତିର ସଭାନେତ୍ରୀ ଗୀତା ମିଶ୍ରଙ୍କ ନେତୃତ୍ୱରେ ହରଜିନ୍ଦର କୌର, ଜୟଗିତା ପଣ୍ଡା, କନକ ପ୍ରଧାନ, ପୂର୍ଣ୍ଣମାସୀ ବେହେରା, ଦେବକୀ ମେହେର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଅମଳ ଧାନ ପୋଡ଼ିଦେଲେ, ଜିଲାପାଳଙ୍କୁ ଫେରାଦ


ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ, ପଡ଼ୋଶୀ ଲୋକେ ।

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ଜିଲା ଭେଡ଼େନ ଥାନା ରେଶମ ଗ୍ରାମର ଲିଙ୍ଗରାଜ ଭୋଇଙ୍କ ୩ଏକର ଜମିରୁ ଅମଳ ଧାନକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଗତ ୧୩ତାରିଖ ରାତ୍ରିରେ ଏହି ଘଟଣା ଘଟିଥିଲା ଏବଂ ଏ ସମ୍ପର୍କରେ ସ୍ଥାନୀୟ ଥାନାଧିକାରୀ, ତହସିଲଦାରଙ୍କୁ ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବାରୁ ସୋମବାର ଲିଙ୍ଗରାଜ ପଡ଼ୋଶୀ ଲୋକଙ୍କ ସହିତ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ସେ ଅତିରିକ୍ତ ଜିଲାପାଳ ନବୀନ ପଟେଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହିତ ତାଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଲିଙ୍ଗରାଜ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ଘଣ୍ଟାପଡ଼ା ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ

ଘଣ୍ଟାପଡ଼ା,୨୦।୧୨(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡ଼ା ଆଞ୍ଚଳିକ ଗ୍ରାମପଞ୍ଚାୟତ ଡିଗ୍ରୀ କଲେଜର ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବର୍ଷର ଛାତ୍ରୀ ମଣିମା ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ପ୍ରଭାତ ସାହୁ ଯୋଗଦେଇଥିଲେ। ସେହିପରି ଗଣମାଧ୍ୟମ ପ୍ରତିନିଧି ବଂଶୀଧର ମାଝୀ, କଲେଜ ଅଧକ୍ଷା ମଧୁସ୍ମିତା ଭୋଇ, ଅଧ୍ୟାପକ ଗିରିଧର ଦେହୁରୀ, ଟଙ୍କଧର କମ୍ପ, ଅଧ୍ୟାପିକା ଗିକକତାଞ୍ଜଳି ରଣା, ସଙ୍ଗୀତା ଭୋଇ, କବିତା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ରଣା, ନରେନ୍ଦ୍ର ମଲିକ, ପଞ୍ଚାନନ ଚୌହାନ, ସୁଦର୍ଶନ ନାଏକ ସହଯୋଗ କରିଥିବା ସ୍ଥଳେ କିରାଣୀ ଦେବେନ୍ଦ୍ର ନାଥ ରଣା ଧନ୍ୟବାଦ ଦେଇଥିଲେ।

# କୋଶଲେଶ୍ୱର ମାଳି ସମାଜର ନୂତନ କର୍ମକର୍ତ୍ତା


କୋଶଲେଶ୍ୱର ମାଳି ସମାଜ ସଭାରେ ଯୋଗଦେଇଥିବା ଜାତିଭାଇ।

ଅମରପାଲି, ୨୦।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପଠାରେ ରାଜ୍ୟସ୍ତରୀୟ କୋଶଲେଶ୍ୱର ମାଳି ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ରାଜ୍ୟସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ କୋର କମିଟି ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ପୁଟେଲ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଚୟନ ପ୍ରକ୍ରିୟା ନୂଆପଡା ଜିଲା କୋମନାର ତହସିଲଦାର ପୂର୍ଣ୍ଣାନନ୍ଦ ପୁଟେଲ ଏବଂ ଅଧ୍ୟାପକ ଅଭୟ କୁମାର ଚୌଧୁରୀଙ୍କ ଆବାହକତ୍ୱରେ ସମ୍ପାଦିତ ହୋଇଥିଲା। ନୂତନ ସଙ୍ଗଠନରେ ବାସୁଦେବ ମାର୍ଥା ସଭାପତି, ଡ. ଅନିରୁଦ୍ଧ କୁରୁକୁରିଆ ସମ୍ପାଦକ, ଦାରାସିଂ ପୁଟେଲ ଉପସଭାପତି, ଅଗସ୍ତି ପୁଟେଲ, ବିରାଜ ପୁଟେଲ, ଜପ ପୁଟେଲ, ଯଦୁମଣି ପୁଟେଲ ଜୋନସ୍ତରୀୟ ଉପସଭାପତି, ବିଜୟ କୁମାର ପୁଟେଲ, କୁଳମଣି ପୁଟେଲ, ଅର୍ଜୁନ ମାଳି ସହସମ୍ପାଦକ, ଶରତ ଚନ୍ଦ୍ର ପୁଟେଲ କୋଷାଧକ୍ଷ, କଳାକାହ୍ନୁ ପୁଟେଲ ସମୀକ୍ଷକ, ତପିମଣି ପଟେଲ ରାଜ୍ୟ ସଂଯୋଜକ, ସୁଶୀଲ କୁମାର ପଟେଲ ସୂଚନା ଅଧିକାରୀ, ଶେଷଦେବ ପୁଟେଲ, ରଇବାରୁ ପୁଟେଲ, ଅଭୟ ଚୌଧୁରୀ, ପୂର୍ଣ୍ଣାନନ୍ଦ ପୁଟେଲ, ହୃଦାନନ୍ଦ ପୁଟେଲ ଆଇନ ପରାମର୍ଶଦାତା ଏବଂ ଉପଦେଷ୍ଟା ମଣ୍ଡଳୀରେ ୨୧ସଦସ୍ୟଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟର ୮ ଜିଲାର ବହୁ ଜାତି ଭାଇ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ମଲ୍ହାର କପ୍ କ୍ରିକେଟ
# ଡାଲଡବା ଚାମ୍ପିୟନ



ଚାମ୍ପିୟନ ଦଳର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ଉଲୁଣ୍ଡା, ୨୦।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗଣେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୩୦ତମ ମଲ୍ହାର୍ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ସହରାପଲିକୁ ୧୭ ରନରେ ହରାଇ ଡ଼ାଲଡ଼ବା ଦଳ ଚାମ୍ପିୟନ ହୋଇଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଡ଼ାଲଡ଼ବା ଦଳ ୧୦ଓଭରରେ ୫ଉଇକେଟ ହରାଇ ୮୧ରନ ସଂଗ୍ରହ କରିଥିଲା। ଦଳର ଲିଙ୍ଗରାଜ ଖେତୀ ସର୍ବାଧିକ ୩୧ ରନ କରିଥିଲେ। ଜବାବରେ ସହରାପଲି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୬୪ ରନ କରି ପରାସ୍ତ ହୋଇଥିଲା। ଉରୁକ୍ରମ ପାଣିଆଙ୍କ ଅଧ୍ୟକ୍ଷତା ଓ ସୁଶାନ୍ତ ରଣାଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମାହାର, କୈଳାସ ପୁରୋହିତ, ବୃନ୍ଦାବନ ସୁରୁଜାଲ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ।

# ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ସୋନପୁର,୨୦।୧୨(ନି.ପ୍ର.)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱ ସୋନପୁର ନିକଟ ସାହାଜପିଟାଠାରେ ଏକ ଅତ୍ୟାଧୁନିକ ସ୍ୱୟଂଚାଳିତ ଯାନ ପରୀକ୍ଷଣ କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଛି। ୩ କୋଟି ୫୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପକୁ ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ବାଣିଜ୍ୟ, ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ବେହେରା କହିଥିଲେ ଯେ, ଜିଲା ସଡକ ସୁରକ୍ଷା କମିଟି ପ୍ରଚେଷ୍ଟା ଓ ଜନସାଧାରଣଙ୍କ ସହଯୋଗ ଫଳରେ ସୁବର୍ଣ୍ଣପୁର ଜିଲାରେ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ଏହି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ କେନ୍ଦ୍ର ଦ୍ୱାରା କେବଳ ଯୋଗ୍ୟ ବ୍ୟକ୍ତିମାନେ ହିଁ ଡ୍ରାଇଭିଂ ଲାଇସେନ୍ସ ପାଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ପ୍ରମୁଖ ସଚିବ ବାଣିଜ୍ୟ ଓ ପରିବହନ ବିଭାଗ ମଧୁସୂଦନ ପାଢୀ ଯୋଗଦେଇ ଦୁର୍ଘଟଣା ଯୋଗୁଁ ଦେଶରେ ବର୍ଷକୁ ଦେଢ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବା ବେଳେ ରାଜ୍ୟରେ ୫ହଜାର ଲୋକଙ୍କ ଦୁଃଖଦ ମୃତ୍ୟୁ ହେଉଥିବା ସୂଚନା ଦେଇଥିଲେ। ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ୭୦ ପ୍ରତିଶତ ବ୍ୟକ୍ତି ପୁରୁଷ ଓ ସେମାନଙ୍କ ବୟସ ୧୫ ରୁ ୪୫ ବର୍ଷ ଭିତରେ। ତେଣୁ ଯାନ ଚାଳନା ସମୟରେ ସତର୍କ ଓ ସାବଧାନ ରହିବା ଜରୁରୀ ବୋଲି ପାଢୀ କହିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ପରିବହନ ଆୟୁକ୍ତ ଅରୁଣ ବୋଥ୍ରା ଯୋଗଦେଇ ସୁରକ୍ଷିତ ଯାନବାହାନ ଚଳାଚଳ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ସୀତାରାମ ଶତପଥୀ, ପରିବହନ ବିଭାଗ ସମ୍ବଲପୁର ଜୋନର ଉପଆୟୁକ୍ତ ଦିପ୍ତିରଞ୍ଜନ ପାତ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଏହି ପ୍ରକଳ୍ପ ଜିଲା ପାଇଁ ନିହାତି ଆବଶ୍ୟକ ଥିଲା ଏବଂ ଏହା ଦ୍ୱାରା ଦୁର୍ଘଟଣା ହ୍ରାସ ଯଥେଷ୍ଟ ପାଇବ ବୋଲି ମତପ୍ରକାଶ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କୋସଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଂଯୋଜନା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୌଦ୍ଧ, (ସ୍ୱ.ପ୍ର): ବୌଦ୍ଧ ବ୍ଲକ ଅଇଁଲାପାଲି ଗ୍ରାମପଞ୍ଚାୟତଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଡିଓ ଦେବୀ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାହାରୀ, ସରପଞ୍ଚ ରଶ୍ମିତା ଖଟୁଆ, ଏସଏସଏସଓ ବିରେନ୍ଦ୍ର କହଁର, ଡା. ଅକ୍ଷୟ କୁମାର ପଣ୍ଡା, ଡା. ବିମଳ କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ମିଥିଳେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ୧୦୦ଜଣ ନାମ ପଞ୍ଜିକରଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନନ୍ଦ ସାହୁ ଶିବିର ପରିଚାଳନା, ରିତ ମହାନ୍ତି ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗ୍ରାମର ଉନ୍ନତି ଦାବି କଲେ ମହିଳା ସଂଘ

**ପଦ୍ମପୁର, ୨୦।୧୨(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ କନସିଂହା ଗ୍ରାମପଞ୍ଚାୟତ ବଇଦପାଲି ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମର ଉନ୍ନତି ଦାବି କରି ସୋମବାର ରାଜବୋଡାସମ୍ବର ବିଡିଓ ସଙ୍କର୍ଷଣ ବେହେରାଙ୍କୁ ଭେଟିଛନ୍ତି। ଉକ୍ତ ଗ୍ରାମରେ ମାତ୍ର ଗୋଟିଏ ପୋଖରୀ ଅଛି। ଗ୍ରୀଷ୍ମ ସମୟରେ ପୋଖରୀ ଶୁଷ୍କ ହୋଇଯାଏ। ତେଣୁ ପୋଖରୀ ଖନନ ସହ ଗଭୀର ନଳକୂପ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ପୋଲ ନ ଥିବାରୁ ଗ୍ରାମବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଯୁବନେତା ଗୋବର୍ଦ୍ଧନ ଭୋଏ, ଈଶ୍ୱର ନେତୀଙ୍କ ସମେତ ମହିଳାମାନେ ବିଡିଓଙ୍କୁ ସାକ୍ଷାତ କରି ଏସବୁ କାର୍ଯ୍ୟ ଶୀଘ୍ର କରିବାକୁ ଦାବି କରିଥିଲେ।

### ମହିଳା ସମିତି ଗୃହର ଶିଳାନ୍ୟାସ

**ସରଣ୍ଡା,୨୦।୧୨(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ମହାପାତ୍ର ଟିକ୍ରାପଡାକୁ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସୋମବାର ପ୍ରଥମ ଥର ପାଇଁ ଗସ୍ତ କରିଥିଲେ। ବିଧାୟିକା ଛୁରିଆ ଏଠାରେ ଅନୁଷ୍ଠିତ ମହିଳା ସମିତି ବୈଠକରେ ଯୋଗଦେବା ସହ ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସମିତି ଗୃହର ଶିଳାନ୍ୟାସ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ବିଳାସିନୀ ମେହେର, ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ସୁଦାମ ଜାଲ, କେ. ସରସ୍ୱତୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାଧେଶ୍ୟାମ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପାଠାଗାର, ତୋରଣ ଉଦ୍‌ଘାଟିତ

**ସୋହେଲା,୨୦।୧୨(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲା ବ୍ଲକ ପାଣ୍ଡକିପାଲି ପଞ୍ଚାୟତ ଅନ୍ତର୍ଗତ ଲୁହୁରାଚଟିରେ ସୋମବାର ପାଠାଗାର, ସୁଦୃଶ୍ୟ ତୋରଣ ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ପ୍ରମିଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ନୃପରାଜ ନାୟକ, ରାଜକୁମାର ଭୋଇ, ଅନ୍ତର୍ଯାମୀ ଭୋଇ, ରଘୁବୀର ଭୋଇ, ବିପିନ ବିହାରୀ ବାରିକ, ପ୍ରଶାନ୍ତ ଭୋଇ, ଘନଶ୍ୟାମ ସାହୁ, କ୍ଷମାନିଧି ବାରିକ, ତେଜରାଜ ନାୟକ, ଗୋପବନ୍ଧୁ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ପାଠାଗାର ଯୋଗୁ ଆଖପାଖ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

# ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକିଣା

## ଜିଲାପାଳଙ୍କୁ ଚାଷୀଙ୍କ ଅଭିଯୋଗ

**ବରଗଡ଼ ଅଫିସ୍,୨୦।୧୨**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଅବ୍ୟବସ୍ଥିତ ହୋଇପଡିଛି। ଏଭଳି ଅଭିଯୋଗ ନେଇ ସୋମବାର ଚାଷୀ ସଙ୍ଗଠନ ଜୟ କିଶାନ ଆନ୍ଦୋଳନ ଜିଲାପାଳଙ୍କୁ ଫେରାଦ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ପଟେଲଙ୍କୁ ସଙ୍ଗଠନ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମିଲର୍ସଙ୍କ ମର୍ଜିରେ ମଣ୍ଡିଗୁଡ଼ିକ ଚାଲିଥିବାରୁ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି।

ମଣ୍ଡିରେ ଚାଷୀମାନେ କୁଇଣ୍ଟାଲ ପ୍ରତି ୪ରୁ ୫କି.ଗ୍ରା କଟନୀଛଟନୀରେ ରାଜି ହେଲେ ଯାଇ ମିଲର୍ସମାନେ ମଣ୍ଡିକୁ ଟ୍ରକ୍ ଧରି ଆସୁଛନ୍ତି। ଅନ୍ୟପଟେ ମଣ୍ଡିରେ ହୋଇଥିବା ଧାନର ଗୁଣମାନ ପରୀକ୍ଷାକୁ ମିଲର୍ସମାନେ ସହଜରେ ଗ୍ରହଣ କରୁନାହାନ୍ତି ଏବଂ ମିଲ୍‌ରେ ପୁଣିଥିରେ ଗୁଣମାନ ନିର୍ଣ୍ଣୟ କରୁଥିବା ଅଭିଯୋଗ ହୋଇଛି। ଗୁଣମାନ ପରୀକ୍ଷା ପରେ ମଣ୍ଡିରେ ଆସୁଥିବା ଧାନର ଆର୍ଦ୍ରତା ମିଲ୍‌କୁ ଗଲା ପରେ ୨ରୁ ୩ପଏଣ୍ଟ ଅଧିକ ରହୁଛି ଏବଂ ମିଲର୍ସଙ୍କ ଏଭଳି କାରସାଦି ମଧ୍ୟ ତଦନ୍ତ ସାପେକ୍ଷ ବୋଲି ଚାଷୀମାନେ ଦାବି କରିଛନ୍ତି। ଏହାଦ୍ୱାରା ଚାଷୀମାନେ ସରକାରଙ୍କ ଘୋଷିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ସେହିପରି ମିଲର୍ସମାନେ ଜାଣିଶୁଣି ଧାନ ଉଠାଣରେ ବିଳମ୍ବ କରୁଛନ୍ତି। ଫଳରେ ଚାଷୀଙ୍କ ଟୋକନ ଅବଧି ସରିଯାଉଛି ଏବଂ ଚାଷୀମାନେ ମିଲର୍ସଙ୍କ ପାଖରେ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ଚାଷୀଙ୍କୁ ବସ୍ତା ମଧ୍ୟ ଦିଆଯାଉ ନ ଥିବାରୁ ଚାଷୀ ନିଜ ବସ୍ତା ବ୍ୟବହାର କରୁଛି ଏବଂ ଗନିବ୍ୟାଗ ବାବଦକୁ ଚାଷୀ ପ୍ରାପ୍ୟ ପାଉ ନ ଥିବା ଅଭିଯୋଗ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଚାଷୀ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଜୟ କିଶାନ ଆନ୍ଦୋଳନର ସଭାପତି ସୁଶୀଲ ସାହୁ, ସମ୍ପାଦକ ହର ବଣିଆ, ରମେଶ ମହାପାତ୍ର, ସରୋଜ ପ୍ରଧାନ, ଭଞ୍ଜନ ବାରିକ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

# ସୋହେଲାରେ ଆମ୍ବୁଲାନ୍ସ ଲୋକାର୍ପିତ

**ସୋହେଲା,୨୦।୧୨(ଡି.ଏନ.ଏ)**

ବରଗଡ଼ ଜିଲା ସୋହେଲା ଦୁର୍ଗା ମନ୍ଦିର ପରିସରରେ ସୋମବାର ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଏକ ଆମ୍ବୁଲାନ୍ସକୁ ଲୋକାର୍ପିତ କରିଛନ୍ତି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ପ୍ରଦତ୍ତ ଉକ୍ତ ଆମ୍ବୁଲାନ୍ସର ଲୋକାର୍ପଣ ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର, ପ୍ରମୋଦ ଦେବତା, ବଳବୀର ସିଂ ଠାକୁର, ଅନିଲ ପ୍ରଧାନ, ଗଣତନ୍ତ୍ର ପ୍ରଧାନ, ସଞ୍ଜୀବ ଝାଙ୍କର, ମାରୱାଡ଼ି ଯୁବାମଞ୍ଚ ସଭାପତି ଗଣେଶ ଗୋୟଲ, ସମ୍ପାଦକ ରାହୁଲ ଅଗ୍ରୱାଲ, ଚନ୍ଦ୍ର ଅଗ୍ରୱାଲ, ଆଲୋକ ଅଗ୍ରୱାଲ, ମହିଳା ସଭାନେତ୍ରୀ ମୀନାଦେବୀ ଅଗ୍ରୱାଲ, ସମ୍ପାଦିକା ଅଞ୍ଜୁ ଅଗ୍ରୱାଲଙ୍କ ସମେତ ସୋହେଲା ଡାକ୍ତରଖାନାର ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ସ୍ଥାନୀୟ ମାରୱାଡ଼ି ଯୁବାମଞ୍ଚ ଉକ୍ତ ଆମ୍ବୁଲାନ୍ସ ପରିଚାଳନା କରିବ ବୋଲି ସୂଚନା ମିଳିଛି ।



ସୋହେଲାରେ ଆମ୍ବୁଲାନ୍ସର ଲୋକାର୍ପଣ କରାଯାଉଛି।

# ବୌଦ୍ଧରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭୂମିପୂଜନ

**ବୌଦ୍ଧ,୨୦।୧୨(ସ୍ୱ.ପ୍ର)**

ବୌଦ୍ଧଠାରେ ନୂତନ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ପରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ଭୂମିପୂଜନ କାର୍ଯ୍ୟ ସୋମବାର ସମ୍ପୂର୍ଣ୍ଣ ହୋଇଛି। ବୌଦ୍ଧ ବିଜୁ ପଟ୍ଟନାୟକ ଛକଠାରୁ ନୂତନ ବାଇପାଶ ରାସ୍ତାରେ ମାତ୍ର ୫୦ମିଟର ଦୂରରେ ୫ଏକର ପରିମିତ ଅଞ୍ଚଳରେ ୮.୯୨ କୋଟି ଟଙ୍କା ବ୍ୟୟରେ ଏହି ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ଏହି ଅବସରରେ ବୌଦ୍ଧ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଅମାତ ଯୋଗଦେଇ ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ ଦ୍ୱାରା ବୌଦ୍ଧବାସୀଙ୍କ ଅନେକ ସମସ୍ୟା ଦୂରୀକରଣ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ନୂତନ ଆଦର୍ଶ ବସଷ୍ଟାଣ୍ଡ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ସହଯୋଗ କରିଥିବା ବୌଦ୍ଧ ତହସିଲଦାର ଅବିନାଶ ପାଣ୍ଡିଆ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୂର୍ତ୍ତ ବିଭାଗର ଅଧିକାରୀ ଏବଂ ସ୍ଥପତି ସୁମନ ଷଡଙ୍ଗୀଙ୍କୁ ପ୍ରଶଂସା କରିବା ସହିତ ସମସ୍ତଙ୍କର ନିଷ୍ଠାପର ଉଦ୍ୟମରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଦର୍ଶ ବସଷ୍ଟାଣ୍ଡର କାର୍ଯ୍ୟ ସମାପନ ହୋଇ ଲୋକଙ୍କ ସେବାରେ ଲାଗିପାରିବ ବୋଲି ଆଶାପୋଷଣ କରିଥିଲେ। ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଜଗନ୍ନାଥ ବିଶ୍ୱାଳ ସଭାପରିଚାଳନା କରିଥିଲେ। ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ତାରେଣି ମହାପାତ୍ର, ଟ୍ରକମାଲିକ ସଂଘ ସଭାପତି ଶିବ ପ୍ରସାଦ ମିଶ୍ର, ବଣିକ ସଂଘ ସଭାପତି ସୁବାଶ ଚନ୍ଦ୍ର ସାହୁ, ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ ଉପସ୍ଥିତ ଥିଲେ।




ନୂତନ ବସ୍‌ଷ୍ଟାଣ୍ଡର ଭୂମି ପୂଜନରେ ବିଧାୟକ ଓ ଅନ୍ୟ ଅଧିକାରୀ।


## ODISHA PUBLIC SERVICE COMMISSION
## CUTTACK
### NOTICE

**No. 9301/PSC, (1R-83-21/22) (DR-V),** **Dt. 18.12.21**

**No. D-248:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in "Sarva Darshan"** pursuant to advertisement No.06 of 2021/22 shall be held on **28.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| **28.12.2021** | **10.30 A.M.** | 00086695 = **01 Candidate** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
   i. Copies of the 1st pages of each Research Publications/Papers - **01 Set**
   ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time.

OIPR-12002/11/0179/2122 **Sd./- Secretary**


# କନଷ୍ଟେବଲ-ହାବିଲଦାର ସଂଘ ନିର୍ବାଚନ

**ସୋନପୁର,୨୦।୧୨(ନି.ପ୍ର.)**

କନେଷ୍ଟବଲ-ହାବିଲଦାର ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ଆସନ୍ତା ୨ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସୋମବାର ପ୍ରକାଶିତ ଫଳାଫଳ ଅନୁଯାୟୀ କନେଷ୍ଟବଳ କୁମୁଦ ରଞ୍ଜନ ମେହେର ସଭାପତିଭାବେ ନିର୍ବାଚିତ ହୋଇଛନ୍ତି । ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହାବିଲଦାର ଦିନେଶ ରଞ୍ଜନ ମିଶ୍ରଙ୍କୁ ୬୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ହାବିଲଦାର ସୁଧାଂଶୁ ଶେଖର ମେଣ୍ଡେଲି ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ ସାହୁଙ୍କୁ ୯୪ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଉପସଭାପତି ରଞ୍ଜିତ ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ ମିଶ୍ର, ଯୁଗ୍ମ ସମ୍ପାଦକ(୧) ସୁରସେନ ଡୁଙ୍ଗୁଡୁଙ୍ଗ, ଯୁଗ୍ମ ସମ୍ପାଦକ(୨) ବିଦ୍ୟାଧର ଧରୁଆ, କାର୍ଯ୍ୟକାରୀ ସଭ୍ୟ ଭାବେ ଅଜ୍ଞାନ ମହାକୁର, ଆଇବନ ପଧାନ, ଦୁର୍ଯ୍ୟୋଧନ କଲସିଆ, ନାରାୟଣ ଭୋଇ ଓ ଯଦୁନାଥ ଦଣ୍ଡିଆ ବିଜୟୀ ହୋଇଛନ୍ତି। ନିର୍ବାଚନ କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଗତ ଜୀବନ ପଟେଲ, ଡିଏସପି ହେମ ସାଗର ନନ୍ଦ ଓ ଆରକ୍ଷୀ ନିରୀକ୍ଷକ ଅମରେନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ ।



କୁମୁଦ ରଞ୍ଜନ ମେହେର, ସୁଧାଂଶୁ ଶେଖର ମେଣ୍ଡେଲି।

# ନିର୍ମାଣ ଶ୍ରମିକଙ୍କ ସଚେତନତା ସଭା

**ଅମରପାଲି, ୨୦।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତଏଲାଠାରେ ନିର୍ମାଣ ଶ୍ରମିକଙ୍କ ସଚେତନତା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ନେତା କର୍ଣ୍ଣ ରାଜ ପଧାନଙ୍କ ନେତୃତ୍ୱରେ ଆହୂତ ସଚେତନତା ସଭାରେ ଜିଲା ଶ୍ରମ ଅଧିକାରୀ ଦିଲ୍ଲେଶ୍ୱର ଖାକା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ରଞ୍ଜିତ କ୍ଷେତି, ଜିଲା ସଭାନେତ୍ରୀ ସଙ୍ଗୀତା ବାଗ, ସାମାଜିକ କର୍ମୀ ଧରଣୀଧର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଦଣ୍ଡନୃତ୍ୟ କଳାକାର ସେମାନଙ୍କ କଳା ପରିବେଷଣ କରିଥିଲେ।



ଶ୍ରମିକ ସଚେତନତା ସଭାରେ ମଞ୍ଚାସୀନ ଅତିଥି।


## ତହସିଲଦାରଙ୍କ କାର୍ଯ୍ୟାଳୟ, ସେମିଳିଗୁଡ଼ା (ଜିଲ୍ଲା-କୋରାପୁଟ)

e-mail: tah.semiliguda@nic.in; Phone: 06853-225599

ପତ୍ର ସଂଖ୍ୟା: 4922/2021 ତାରିଖ: 18.12.2021

### ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

No.F-265:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସେମିଳିଗୁଡା ଜିଲ୍ଲା: କୋରାପୁଟ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ (୨୦୨୧-୨୨ଠାରୁ ଆଗାମୀ ୫ ବର୍ଷ) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ସେମିଳିଗୁଡାଙ୍କ ଦ୍ୱାରା ତା୦୫.୦୧.୨୦୨୨, ୧୩.୦୧.୨୦୨୨ ଓ ୨୧.୦୧.୨୦୨୨ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.koraput.nic.inରେ ଉପଲବ୍ଧ ହେବ ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବା ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକରେ ରେଜିଷ୍ଟ୍ରି ପୋଷ୍ଟ, ସ୍ପିଡ୍ ପୋଷ୍ଟ କିମ୍ବା ଡ୍ରପ୍ ବକ୍ସ ମାଧ୍ୟମରେ ଇସ୍ତାହାରଠାରୁ ନିଲାମ ତାରିଖର ପୂର୍ବଦିନ ଯଥା ତା୦୪.୦୧.୨୦୨୨, ୧୨.୦୧.୨୦୨୨ ଓ ୨୦.୦୧.୨୦୨୨ ତାରିଖ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ସ୍ୱା./- ତହସିଲଦାର, ସେମିଳିଗୁଡା

OIPR-24240/11/0001/2122



## BHUBANESWAR MUNICIPAL CORPORATION

No. C-1643 e-Mail: ee1@bmc.gov.in

XI-D-I-48/2021

### e-Procurement Notice

1. Bid Reference No. : BMC-DIV-1/19/2021-22 Dt.17.12.21
2. Tender Call Notice No. : 91055 Dtd.17.12.2021
3. No. of Work : 07 Nos. (Seven)
4. Bid Value : Rs.97,95,475.00 to Rs.12,20,45,736.00
5. Period of Completion : 60 days to 90 days

**Critial Dates:**

| Sl. No. | Description | Critical Dates |
|---|---|---|
| (i) | Period of availability of tenders Online for bidding | From Dt. 20.12.2021 from 11.00 A.M. to Dt.10.01.2022 upto 5.00 P.M. |
| (ii) | Last date & time of seeking clarifications (if any) | Dt.27.12.2021 upto 5.00 P.M. |
| (iii) | Pre Bid Meeting | At 11.00 A.M. of Date: 28.12.2021 |
| (iv) | Uploading of Pre Bid Meeting Proceedings | At 12.00 hrs. of Date: 29.12.21 |
| (v) | Last date & time of bidding online | Dt.10.01.2022 upto 5.00 P.M. |
| (vi) | Date & time of opening of the Technical Bids received Online | Dt.11.01.2022 (11.00 A.M. onwards) |
| (vii) | Date & time of opening of Price Bid/Financial Bid/ DTCN Part-II | To be intimated later to the bidder(s) found qualified after checking and evaluation of Technical Bids received Online |

6. Tender details can be seen for the e-Procurement portal **https://www.tendersodisha.gov.in** & BMC Website **https://www.bmc.gov.in**.

**Sd./- City Engineer**
OIPR-13002/11/0110/2122 **Bhubaneswar Municipal Corporation**



## N.A.C. OFFICE, CHAMPUA

Ph. No. 06767-240050, E-mail: champuanac@gmail.com

### "e" PROCUREMENT NOTICE

**No. 3035** **Date: 18.12.21**

**BID IDENTIFICATION No. EOCHAMPUANAC No. 36/2021-22**

No. C-1647: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Nautre of the Work : Civil
2. No. of works : 03 Nos.
3. Estiamted Cost : As per DTCN
4. Period of Completion : As per DTCN
5. Date & time of availability of the bid documents in the portal : 20.12.21 at 11.00 A.M. to 27.12.21 upto 5.00 P.M.
6. Last date/time for receipt of bids in the portal : 27.12.21 upto 5.00 P.M.
7. Last date and time of submission of hard copies of the documents original by Speed Post/Registered Post : 29.12.21 upto 5.00 P.M.
7. Bids received online shall be opened on : 30.12.21 at 11.00 A.M.
8. Name & address of the Officer Inviting Bid : Executive Officer, Champua NAC

Further the details can be seen from the procurement portal: **www.tendersodisha.gov.in**.

**Sd./- Executive Officer, N.A.C., Champua**
**OIPR-13157/11/0012/2122**



## OFFICE OF THE MUNICIPAL COUNCIL, NAYAGARH

**No. 4198** **Date: 18.12.2021**

### QUOTATION CALL NOTICE

No. C-1651: Supplying, Testing, Commissioning & Annual Maintenance of IP Based Surveillance System with Optical Fiber Networking in urban area of Nayagarh Municipality.

1. **Executive Officer, Nayagarh Municipality** invites Quotation Call Notice from Registered/ISO Certified firms/Suppliers having minimum 5 (Five) years experience in **CITY Surveillance System within Odisha only.**
2. Interested firms/suppliers shall **visit the Location as specified in the DTCN from 21.12.2021 to 28.12.2021** of Nayagarh Municipality area and submit the **Detailed Project Report/Estimate** on or before **2.00 P.M. of Dt.30.12.2021** by **Registered Post/Speed Post/by Hand** dropping at Drop Box available at Municipal Office.
3. The Quotation Call Notice with terms and conditions, which may be obtained from Office of the Municipal Council, Nayagarh, on any working days **from 21.12.2021 to 28.12.2021** upto 5.00 P.M. on payment of Rs.2000.00 towards cost of bid document in shape of Cash Deposit Receipt of Nayagarh Municipality & EMD of Rs.10,000.00 in shape of Cash Deposit receipt of Nayagarh Municipality/Bank Draft/ Pay Order, drawn on any Nationalized Bank, in favour of Executive Officer, Nayagarh Municipality, payable at Nayagarh.
4. All quotations are to be received in the Office of the undersigned during office hours upto 2.00 P.M. on date 30.12.2021 by Registered Post/Speed Post/by Hand dropping at Drop Box available at Municipal Office.
5. The quotations will be opened by the undersigned or authorised official on date 30.12.2021 at 4.00 P.M. in the Office of the Executive Officer, Nayagarh Municipality in presence of the quotationers or their authorised representatives who wish to remain present at that time. Other terms and conditions can be seen in the DTCN documents.
6. The authority reserves the right to reject any or all the tender without assigning any reason thereof.

**Sd./- Executive Officer, Nayagarh Municipality**
**OIPR-13134/11/0014/2122**



## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)
**NIRMAN SOUDHA, BHUBANESWAR**
**E-mail: seec.bbsr2010@gmail.com**

**Bid Identification No. S.E.E.C. (R&B) 12/2021-22**

**No. 2595** **Date: 15.12.2021**

No. B-845: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for Street lights & fire fighting works which are to be received through online bidding, double cover system as detailed in **http://tendersorissa.gov.in**. The details of bid documents will be available in the above website from 5.00 P.M. of 21.12.2021 to 5.00 P.M. of 04.01.2022. The bidders must possess compatible Digital Signature Certificate of Class II or III. Bids received online shall be opened at 11.30 A.M. of 05.01.2022 in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**. Addendum/Corrigendum, if required, will be available only in the website.

**Sd./- Superintending Engineer**
**Electrical Circle (R&B), Odisha, BBSR**
**OIPR-34006/11/0015/2122**



## ତହସିଲ କାର୍ଯ୍ୟାଳୟ, ପାଇକମାଲ, ଜି.- ବରଗଡ଼

ବିଜ୍ଞାପନ ସଂଖ୍ୟା: ୨୩୧୭ ତାରିଖ: ୧୭।୧୨।୨୦୨୧

### (ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର)

No. F-266: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପାଇକମାଲ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡ଼ିକ OMMC Rules-2016 ମୁତାବକ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-2016ରେ ପ୍ରଦତ୍ତ (Form-M)ରେ ୩ (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ୍ ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ପାଇକମାଲଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/Regd. Post ମାଧ୍ୟମରେ ପ୍ରେରଣ କରିବେ, ଯାହାକି ତା୨୭।୧୨।୨୦୨୧ ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ। ତା୨୮।୧୨।୨୦୨୧ରିଖ ଦିବା ୧୧.୦୦ ଘ. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ଗ୍ରହଣ କରାଯିବ ନାହିଁ। ଯେଉଁ ଉତ୍ସଗୁଡ଼ିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନଥିବ କିମ୍ବା ଲିଜ୍ ଚୂଡ଼ାନ୍ତ ହୋଇ ନଥିବ ସେହି ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟଥର ପାଇଁ ତା୦୪।୦୧।୨୦୨୨ ଓ ତୃତୀୟଥର ପାଇଁ ତା୧୧।୦୧।୨୦୨୨ରିଖ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୩.୦୦ ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡ଼ିକୁ ତନଖି କରାଯିବ। ଏହାର ସବିଶେଷ ବିବରଣୀ ଜିଲ୍ଲା Website: (www.bargarh.nic.in)ରେ ଉପଲବ୍ଧ ହେବ। ଏତଦ୍‌ବ୍ୟତୀତ ସୈରାତ ଉତ୍ସଗୁଡ଼ିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟ ଦିବସରେ ମଧ ଦେଖିପାରିବେ।

ସ୍ୱା./- ତହସିଲଦାର, ପାଇକମାଲ

OIPR-24200/11/0003/2122


See Career Appointment on every Wednesday & Saturday

## ଘରୁ ଡାକିନେଇ ହତ୍ୟା

ରାଇଘର,(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ନାକଟିସିମୋଡ଼ା ପଞ୍ଚାୟତ ଏଟେକଡବା ଗ୍ରାମର ଘାସିରାମ ଗଣ୍ଡ(୪୫)ଙ୍କ ମୃତଦେହ ସୋମବାର ସକାଳ ଗାଁ ପାଖ ରାସ୍ତାକଡ଼ରୁ ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ରବିବାର ବିଳମ୍ବିତ ରାତିରେ ଘାସିରାମଙ୍କୁ ୨ଜଣ ଅଜଣା ଲୋକ ଘରୁ ଡାକିନେଇଥିବା ମୃତକଙ୍କ ପରିବାର ଲୋକେ ରାଇଘର ଥାନାରେ ଅଭିଯୋଗ କରିଛନ୍ତି। ସୋମବାର ସକାଳ ପର୍ଯ୍ୟନ୍ତ ଘାସିରାମ ଘରକୁ ନ ଫେରିବାରୁ ପରିବାର ଲୋକେ ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ କହିଥିଲେ। ଖୋଜାଖୋଜି କରିବାବେଳେ ଗାଁରୁ ଅଧକିଲୋମିଟର ଦୂରରେ ଘାସିରାମଙ୍କ ମୃତଦେହ ମିଳିଥିଲା। ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଥାନାଧିକାରୀ ଟଙ୍କଗିରି ଭୋଇ ତଦନ୍ତ ଆରମ୍ଭ କରିଛନ୍ତି।

**ସଂକ୍ଷେପରେ**

## ବାର୍‌ହା ଫାଶରେ ପଡ଼ିଥିବା ଭାଲୁ ଉଦ୍ଧାର



ଖଲ୍ଲିକୋଟ,୨୦।୧୨(ଡି.ଏନ.ଏ.): ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ପାରି ନୂଆଗାଁ ବାହୁତି ମନ୍ଦିର ନିକଟ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ଫାଶରେ ପଡ଼ିଥିବା ଭାଲୁକୁ ସୋମବାର ଉଦ୍ଧାର କରାଯାଇଥିଲା। ରବିବାର ବିଳମ୍ବିତ ରାତିରୁ ଭାଲୁଟି ଖଲ୍ଲିକୋଟ ବ୍ଲକ ପାରି ନୂଆଗାଁ ବାହୁତି ମନ୍ଦିର ନିକଟ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ସ୍ଥାନୀୟ ଲୋକ ବିଛାଇଥିବା ଫାଶରେ ଲାଗିଯାଇଥିଲା। ସୋମବାର ସକାଳୁ ସ୍ଥାନୀୟ ଲୋକେ ଭାଲୁଟି ଫାଶରେ ଲାଗିଥିବାର ଦେଖି ବନ ବିଭାଗକୁ ଜଣାଇଥିଲେ। ଖଲ୍ଲିକୋଟ ବନ ବିଭାଗ ଚେଷ୍ଟାକରି ନାକେଦମ ହେବା ପରେ ବ୍ରହ୍ମପୁରରୁ ୱାଇଲ୍ଡ ଲାଇଫ ବିଶେଷଜ୍ଞ ଆସି ଟ୍ରାଙ୍କୁଲାଇଜର କରିବା ପରେ ଭାଲୁଟିକୁ ଉଦ୍ଧାର କରାଯାଇଥିଲା। ବ୍ରହ୍ମପୁର ଏସିଏଫ୍ ଅଶୋକ କୁମାର ବେହେରା, ଖଲ୍ଲିକୋଟ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଖଲ୍ଲିକୋଟ ବନ ଅଧିକାରୀଙ୍କ ଉପସ୍ଥିତିରେ ଭାଲୁଟିକୁ ଉଦ୍ଧାର କରାଯାଇଥିଲା। ଭାଲୁଟିକୁ ବନ ବିଭାଗ ପରିସରରେ ରଖି ଚିକିତ୍ସା କରାଯିବ ଏବଂ ଆଗକୁ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଭାଲୁଟିକୁ ଛଡ଼ାଯିବ ବୋଲି କହିଛନ୍ତି।

## ବାଇକକୁ ଧକ୍କାଦେଲା ପିକ୍‌ଅପ, ବାପପୁଅ ମୃତ

ଅମରପାଲି, ୨୦।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର-ବୀରମହାରାଜପୁର ରାସ୍ତାର ମହଦା ନିକଟରେ ସୋମବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଯାଇଛି ବାଇକରେ ଥିବା ୨ ଆରୋହୀଙ୍କ ଜୀବନ। ଅନ୍ୟ ଆରୋହୀ ସୁବାଷ ଦ୍ୱୀପ(୨୪) ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ସୁବଳୟା ଥାନା ଟିକିରାପଡା ଗାଁର ଉତ୍ତମ ବେହେରା(୨୧) ଏବଂ ତାଙ୍କ ବାପା ଶେଷଦେବ ବେହେରା(୫୨)। ଶେଷଦେବ ଅସୁସ୍ଥ ଥିଲେ। ତାଙ୍କୁ ଅନ୍ୟ ଜଣଙ୍କ ସହାୟତାରେ ବାଇକରେ ସୋନପୁର ଡାକ୍ତରଖାନା ନେଇଥିଲେ ଉତ୍ତମ। ହେଲେ କିଏ ଜାଣିଥିଲା ବାଟରେ ସେମାନଙ୍କୁ ଜଗି ରହିଥିଲା ମୃତ୍ୟୁ। ଡାକ୍ତରଖାନାରୁ ଦେଖାଇ ଘରକୁ ଫେରିଲା ବାଟରେ ମହଦା ନିକଟରେ ଘଟିଲା ଦୁର୍ଘଟଣା। ସାମନାରୁ ଆସୁଥିବା ଏକ ମାର୍ବଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶେଷଦେବଙ୍କ ମୃତ୍ୟୁ ଘଟିଥିବାବେଳେ ଉତ୍ତମଙ୍କୁ ସୋନପୁର ଡାକ୍ତରଖାନାରେ ମୃତ ଘୋଷଣା କରିଛନ୍ତି ଡାକ୍ତର। ସେପଟେ ଦୁର୍ଘଟଣା ଘଟାଇ ପିକ୍‌ଅପ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ବୀରମହାରାଜପୁର ପୋଲିସ ମୃତଦେହ ଜବତ କରିଛି।

# ମୁଖ୍ୟ ଅଭିଯୁକ୍ତ ଦିଲ୍ଲୀରୁ ଗିରଫ

**ଠିକା କାମ ଦେବା ଆଳରେ ୧.୧୭ କୋଟି ଠକେଇ ମାମଲା**

- ର' ଅଧିକାରୀ ପରିଚୟ ଦେଇ ଠକେଇ କରିଥିଲେ
- ପୂର୍ବରୁ ୨ ଗିରଫ ହୋଇଥିଲେ, ଫେରାର ମହିଳାଙ୍କୁ ଧରିବାକୁ ତନାଘନା

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ସରକାରୀ ଠିକା କାମ ଦେବାକୁ କହି ଜଣେ ବ୍ୟବସାୟୀଙ୍କଠାରୁ ୧ କୋଟି ୧୭ ଲକ୍ଷ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତ ତଥା ନକଲି ର' ଅଫିସରଙ୍କୁ ଦିଲ୍ଲୀରୁ ଗିରଫ କରିଛି। ସେ ହେଲେ ଦିଲ୍ଲୀ ଦ୍ୱାରିକା ଥାନା ସେକ୍ଟର-୨୩ରେ ରହୁଥିବା ରାଜେଶ ଗେହେଲଟ। ଗିରଫ ପରେ ଇଓଡବ୍ଲ୍ୟୁ ତାଙ୍କୁ ଦ୍ୱାରିକା କୋର୍ଟରେ ହାଜର କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡିଶା ଆଣୁଛି। ୨୪ ତାରିଖ ସୁଦ୍ଧା ଇଓଡବ୍ଲ୍ୟୁ ରାଜେଶଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିବ। ତେବେ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ସୂର୍ଯ୍ୟମଣି ତ୍ରିପାଠୀ ଓ ଅମିତ କୁମାରଙ୍କୁ ଗତ ଅକ୍ଟୋବର ୩୦ରେ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସୂର୍ଯ୍ୟମଣି ନିଜକୁ ଆଇଏଏସ୍ ଅଫିସର ଏବଂ ଅମିତ ପୂର୍ତ୍ତବିଭାଗ(ପିଡବ୍ଲ୍ୟୁଡି) ଇଞ୍ଜିନିୟର ଭାବେ ପରିଚୟ ଦେଇ ଠକେଇ କରିଥିଲେ। ଏହି ର୍‍ୟାକେଟର ଥିବା ଜଣେ ମହିଳା ଫେରାର ଥିବାବେଳେ ତାଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି।

ନୂଆଦିଲ୍ଲୀର ରାଷ୍ଟ୍ରୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ କମ୍ପାନୀର ମାଲିକ ମୁକେଶ ଜୈନଙ୍କର ଭୁବନେଶ୍ୱର କଳିଙ୍ଗନଗରରେ ଏକ ଶାଖା ରହିଥିବା ବେଳେ ତାଙ୍କ ପୁଅ ଅକ୍ଷୟ ଜୈନ ଏହାକୁ ପରିଚାଳନା କରନ୍ତି। ୨୦୧୭ରେ ଦିଲ୍ଲୀର ଓଡ଼ିଶା ଭବନରେ ମୁକେଶ ଓ ତାଙ୍କ ପୁଅଙ୍କ ସହ ଅଭିଯୁକ୍ତ ରାଜେଶ ଗେହେଲଟଙ୍କର ଦେଖା ସାକ୍ଷାତ୍ ହୋଇଥିଲା। ରାଜେଶ ନିଜକୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ(ର') ଅଧିକାରୀ ବୋଲି ପରିଚୟ ଦେଇ ଓଡ଼ିଶାର ବହୁ ଅଫିସରଙ୍କ ସହ ସମ୍ପର୍କ ଥିବା କହିଥିଲେ। ପରେ ତାଙ୍କ ସହ ଥିବା ସୂର୍ଯ୍ୟମଣିଙ୍କୁ ପରିଚିତ କରାଇ ସେ ଓଡ଼ିଶା ସରକାରୀଙ୍କ ପୂର୍ତ୍ତ ବିଭାଗର ଜଣେ ଅତିରିକ୍ତ ସଚିବ ଥିବା ଜଣାଇଥିଲେ। ସେମାନେ ମୁକେଶ ଓ ତାଙ୍କ ପୁଅ ଅକ୍ଷୟଙ୍କୁ ପ୍ରଧାନମନ୍ତ୍ରୀ ଯୋଜନା କାର୍ଯ୍ୟ ସହ ରାଜ୍ୟରେ ବଡ଼ ବଡ଼ ପ୍ରକଳ୍ପ କାମର କଣ୍ଟ୍ରାକ୍ଟ ୱାର୍କ ଅର୍ଡର ଦେବାକୁ କହି ୨୦୧୮ରେ ନିର୍ମାଣ ସୌଧକୁ ଡାକିଥିଲେ। ସେଠାରେ ଅନ୍ୟତମ ଅଭିଯୁକ୍ତ ଅମିତଙ୍କୁ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ବୋଲି ପରିଚୟ କରାଇଥିଲେ। ପ୍ରଥମେ ଏକ ଫାର୍ମ ପଞ୍ଜୀକୃତ କରିବା ପାଇଁ ୨୫ ଲକ୍ଷ ଟଙ୍କା ଟ୍ରେଜେରିରେ ଜମା କରିବାକୁ କହିଥିଲେ। ଏଥିପାଇଁ ଜଣେ ମହିଳାଙ୍କୁ ଟ୍ରେଜେରି ଅଧିକାରୀ ବୋଲି କହି ତାଙ୍କୁ ଉକ୍ତ ଟଙ୍କା ଦେବାକୁ କୁହାଯାଇଥିଲା। ଟଙ୍କା ପାଇବା ପରେ ଉଭୟ ବାପପୁଅଙ୍କୁ ଅଭିଯୁକ୍ତମାନେ ଓଡ଼ିଶାର ୩୦ଟି ଜିଲାର ୩୧୪ଟି ବ୍ଲକ ପାଇଁ ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ଦୁଇଟି ୱାର୍କଅର୍ଡର (କାର୍ଯ୍ୟାଦେଶ) ଧରାଇଥିଲେ। ଏଥିସହ ସୂର୍ଯ୍ୟମଣି ନିର୍ମାଣ ସୌଧର ଆକାଉଣ୍ଟ ଅଫିସରଙ୍କ ଦସ୍ତଖତ ଥିବା ଏକ ଜାଲ୍ ଚିଠି ସହ ଟଙ୍କା ଡିପୋଜିଟ୍‌ର ୨ଟି ଜାଲ୍ ରସିଦ ମୁକେଶଙ୍କ ପୁଅଙ୍କୁ ଦେଇଥିଲେ। ତା'ପରେ ବାପପୁଅଙ୍କଠାରୁ ବାକି ଟଙ୍କା ନିଆଯାଇଥିଲା। ହେଲେ କୌଣସି କାମ ନ ଦେବାରୁ ମୁକେଶ ଓ ତାଙ୍କ ପୁଅ ଆର୍‌ଟିଆଇର ସହାୟତା ନେବାରୁ ଟ୍ରେଜେରି ରସିଦ୍ ସହ ସମସ୍ତ ଦସ୍ତାବିଜ ଜାଲ୍ ବୋଲି ଜାଣିବାକୁ ପାଇଥିଲେ। ଏନେଇ ସେମାନେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ (ନଂ.୧୪/୨୧) ମାମଲା ରୁଜୁ ହୋଇଥିଲା।




ୱାର୍କର ମାନ୍ୟତା, ମାସିକ ସର୍ବନିମ୍ନ ଭତ୍ତା ୨୧ହଜାର ଟଙ୍କା ସହ ୧୧ ଦଫା ଦାବି ନେଇ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

# ଆଖି ବୁଜି କରିପାରନ୍ତି ସବୁ କାମ

**ଚର୍ଚ୍ଚାରେ ୭ବର୍ଷୀୟା ସୋମ୍ୟା**

ଉତ୍ତମ କୁମାର ଦାଶ

ଜୁନାଗଡ଼,୨୦।୧୨(ଡି.ଏନ.ଏ.)

ବୟସ ତାଙ୍କୁ ମାତ୍ର ୭ ବର୍ଷ। ହେଲେ ଆଖି ବନ୍ଦ କରି ସବୁ କାମ କରି ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ହେଲେ କଳାହାଣ୍ଡି ଜିଲା ଜୁନାଗଡ ସହରର ଜୟନ୍ତ କୁମାର ସାହୁ ଓ ରୀନା ସାହୁଙ୍କ ଝିଅ ସୋମ୍ୟା ସ୍ୱରୂପା। ସେ ବର୍ତ୍ତମାନ ଜୁନାଗଡ଼ ଇଂଲିଶ ମିଡିୟମ ସ୍କୁଲରେ ଷ୍ଟାଣ୍ଡାର୍ଡ ୧ରେ ଅଧ୍ୟୟନ କରୁଛନ୍ତି। ସୋମ୍ୟା ଆଖି ବୁଜି ଲେଖିବା, ପଢ଼ିବା, ଦୌଡ଼ିବା, ସାଇକେଲ ଚଳାଇବା, ନୃତ୍ୟ କରିବା, ରୋଷେଇ କରିବା ଆଦି ବିଭିନ୍ନ କାମ ସହଜରେ କରିପାରୁଛନ୍ତି। ଆଖିରେ କଳା କପଡ଼ା ବାନ୍ଧି ସେ ଏସବୁ କାମ କରୁଥିବା ବେଳେ ସେତେ ଯେମିତି ଆଖି ଦେଖିବା ଭଳି ସେ ସହଜେ କରିପାରୁଛନ୍ତି। ଏହାସହ ଫୋନରେ କଥା ହେଉଥିବାବେଳେ ଅନ୍ୟ ଜଣେ କେଉଁ ରଙ୍ଗର ପୋଷାକ ପିନ୍ଧିଛନ୍ତି, ତାହା ମଧ୍ୟ ସେ ନିର୍ଭୁଲ ଭାବେ କହିପାରୁଛନ୍ତି। ସେହିପରି ଗୀତ ଗାଇବା, ଆଙ୍କରିଂ କରିବା ମଧ୍ୟ ତାଙ୍କର



କଳାପଟି ବାନ୍ଧି ସୋମ୍ୟା ପାଠ ପଢୁଛନ୍ତି।

ରୁଚି ରହିଛି। ଏହାସହ ସ୍କୁଲରେ ମଧ୍ୟ ଜଣେ ପ୍ରତିଭାବାନ୍ ଛାତ୍ରୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଭବିଷ୍ୟତରେ ସେ ଆଇପିଏସ୍ ହେବା ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏପରି ବିସ୍ମୟ କାର୍ଯ୍ୟକୁ ଦେଖି କେନ୍ଦୁଝରର ଅର୍ଦ୍ଧଜାଗୃତ ବ୍ରେନ ମାଷ୍ଟର ତପେଶ୍ୱର ମହନ୍ତ ତାଙ୍କୁ କୋଚିଂ କରୁଛନ୍ତି। ସେହିପରି ବିସ୍ମୟ ପ୍ରତିଭା ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ମାନିତ କରାଯାଇଛି। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଛୋଟ ବେଳରୁ ହିଁ ସୋମ୍ୟାଙ୍କ ପ୍ରତିଭା ଦେଖିବାକୁ ମିଳୁଛି।

## ୧୧ ଦଫା ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

୧୧ ଦଫା ଦାବି ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆଶାକର୍ମୀ। ଓଡ଼ିଶା ଆଶା କର୍ମୀ ସଂଘର ଆହ୍ୱାନକ୍ରମେ ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆଶାକର୍ମୀମାନେ ଭୁବନେଶ୍ୱର ଆସି ଲୋୟର ପିଏମଜିରେ ଧାରଣା ଦେଇଛନ୍ତି। ସେମାନେ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ରାଜ୍ୟ ସଭାପତି ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସାଧାରଣ ସମ୍ପାଦିକା ନମିତା ସାହୁ ଦାବି ଉପସ୍ଥାପନ କରିଥିଲେ। ପରେ ଏକ ଦାବିପତ୍ର ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିଲା। ମାସିକିଆ ଭତ୍ତା, ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ୱାର୍କର ମାନ୍ୟତା, ସର୍ବନିମ୍ନ ଭତ୍ତା ୨୧ହଜାର ଟଙ୍କା ଓ ପେନ୍‌ଶନ ୧୦ହଜାର ଟଙ୍କା, ଅବସର ବୟସ ସୀମା ୬୨ରୁ ୬୫ ବର୍ଷକୁ ବୃଦ୍ଧି, ସହାୟତା ରାଶି ୨୦ହଜାରରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ରାଶି ୩ ଲକ୍ଷ ଟଙ୍କା ଆଦି ଦାବି ରହିଛି। ସରକାର ତୁରନ୍ତ ଦାବି ପୂରଣ ନ କଲେ ଆଗାମୀ ବଜେଟ୍ ଅଧିବେଶନ ସମୟରେ ଅହୋରାତ୍ର ଧାରଣା ଚାଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପୋଲତଳକୁ ଖସିଲା ଟ୍ରକ୍

**ଶୌଚ ହେଉଥିବା ଯୁବକଙ୍କ ଚାପି ହୋଇ ମୃତ୍ୟୁ**

ଡୁଙ୍ଗୁରିପାଲି, ୨୦।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି-ରାମପୁର ରାସ୍ତାର ସାଲେପାଲି ନିକଟରେ ଥିବା ପୋଲତଳକୁ ସୋମବାର ଅପରାହ୍ନରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଖସି ପଡିଥିଲା। ସେହି ସମୟରେ ପୋଲ ତଳେ ଶୌଚ ହେଉଥିବା ଜଣେ ଯୁବକ ଟ୍ରକ୍ ତଳେ ଚାପି ହୋଇ ଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ସମ୍ପୃକ୍ତ ଯୁବକଙ୍କୁ ଟ୍ରକ୍ ତଳୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଛେଲଖାଇ ଗ୍ରାମର ସଂକୀର୍ତ୍ତନ ଥାଟୀ(୪୦)। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ମାମଲା



ପୋଲତଳକୁ ଖସି ପଡ଼ିଥିବା ଟ୍ରକ୍।

(ନଂ.୨୮୯/୨୧) ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ (ନଂ ଓଡି ୧୬ ଡି ୮୧୦୮)ର ଡ୍ରାଇଭର ଏବଂ ହେଲ୍‌ପରଙ୍କୁ ଥାନାରେ ଅଟକ ରଖାଯାଇଛି। ମୃତ ସଂକୀର୍ତ୍ତନ ତାଙ୍କ ସାଙ୍ଗ ମୁରିବାହାଲ ବ୍ଲକ ହଳଦୀ ଗାଁର ବେଦପ୍ରକାଶ ହାତୀଙ୍କ ସହ ଏକ ବାଇକରେ କୌଣସି କାମରେ ଡୁଙ୍ଗୁରିପାଲିରୁ ରାମପୁର ଯାଉଥିଲେ। ସେହି ପୋଲ ପାଖରେ ଗାଡି ରଖି ଶୌଚ ପାଇଁ ଉଭୟେ ତଳକୁ ଯାଇଥିଲେ। ଏହି ସମୟରେ ହଠାତ୍ ପୋଲ ଉପରୁ ଟ୍ରକ୍ ଖସି ପଡିଥିଲା। ତେବେ କିଛି ଦୂରରେ ଥିବାରୁ ସେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିବା ବେଦପ୍ରକାଶ କହିଛନ୍ତି।

# କମ୍ପାନୀ ବିରୋଧରେ କେନ୍ଦ୍ରମନ୍ତ୍ରୀଙ୍କୁ ଫେରାଦ ହେଲା କୃଷକ ମୋର୍ଚ୍ଚା

**ଚାଷୀଙ୍କ ବୀମା ବାତିଲ ଘଟଣା**

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ବରଗଡ ଜିଲା ପଦ୍ମପୁର ସବ୍‌ଡିଭିଜନରେ ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ୫୬୦୦ ଜଣ ପଞ୍ଜୀକରଣ କରିଥିଲେ। ହେଲେ ଏକ ଘରୋଇ ବୀମା କମ୍ପାନୀ ବେଆଇନ ଭାବେ ସେମାନଙ୍କ ବୀମା ଆବେଦନକୁ ବାତିଲ କରିଦେଇଛି। ତେଣୁ ଭାଜପା କୃଷକ ମୋର୍ଚ୍ଚା ସୋମବାର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ପାଖରେ ଉକ୍ତ କମ୍ପାନୀ ବିରୋଧରେ ଫେରାଦ ହୋଇଛି। କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଓ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ନୂଆଦିଲ୍ଲୀ ସ୍ଥିତ କୃଷି ଭବନଠାରେ କେନ୍ଦ୍ରମନ୍ତ୍ରୀ ତୋମାରଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଦେବା ସହ ଉକ୍ତ ଘରୋଇ ବୀମା କମ୍ପାନୀ ବେଆଇନ ଭାବେ ପ୍ରିମିୟମ ଜମା କରିଥିବା ଚାଷୀଙ୍କ ପଲିସିକୁ କିଭଳି ବାତିଲ କଲେ ସେନେଇ ଆଲୋଚନା କରିଛନ୍ତି। ଚଳିତ ଖରିଫ ଋତୁ ପାଇଁ ସମସ୍ତ ପ୍ରକାର ଜମି ପଟ୍ଟା ସହ ନିର୍ଦ୍ଧାରିତ ସମୟ ସୀମା ଜୁଲାଇ ୩୧ ଭିତରେ ଚାଷୀମାନେ ନିଜ ଜମି ବୀମା ପଞ୍ଜୀକରଣ କରିଥିଲେ। ଯଦି କାଗଜ ପତ୍ରରେ ଚାଷୀ ଭୁଲ୍ ତଥ୍ୟ ଦେଇଥିବ ତେବେ ମାସକ ମଧ୍ୟରେ କମ୍ପାନୀ ଚାଷୀଙ୍କ ବୀମା ପଞ୍ଜୀକରଣ ବାତିଲ ନିୟମ ରହିଛି। ବେଆଇନ ଭାବେ କମ୍ପାନୀ ଗତ ନଭେମ୍ବର ୧୫ ପରେ ଚାଷୀଙ୍କ ବୀମା ପଲିସି ବାତିଲ କରିଥିବା ନେଇ କୃଷକ ମୋର୍ଚ୍ଚା କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ମନ୍ତ୍ରୀ ତୋମାର ତୁରନ୍ତ ବୀମା କମ୍ପାନୀ ଠାରୁ ଏହାର ତଥ୍ୟ ମାଗିବା ପାଇଁ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାରଙ୍କ ଠାରୁ ମତାମତ ଲୋଡିଥିବା ନେଇ ପୁରହିତ ସୂଚନା ଦେଇଛନ୍ତି।

**ଡାହାଣୀ ସନ୍ଦେହ**

# ୧୯ ବର୍ଷରେ ୧୭ଶହ ମହିଳାଙ୍କୁ ହତ୍ୟା




ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସମେତ ଅନ୍ୟ ଅତିଥିମାନେ ଅଧ୍ୟୟନ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

**ମହିଳା ଆୟୋଗ ଓ ଆକ୍ସନ ଏଡ୍‌ର ରିପୋର୍ଟ ପ୍ରକାଶ**

- ଅନ୍ଧବିଶ୍ୱାସରେ ଓଡ଼ିଶାର କେନ୍ଦୁଝର ଜିଲା ଶୀର୍ଷରେ
- ୬୯ ଭାଗ ଘଟଣାରେ ପୋଲିସ ହସ୍ତକ୍ଷେପ କରିଛି

ଆଧୁନିକ ଯୁଗରେ ବି ମଣିଷ ମନରୁ ଅନ୍ଧବିଶ୍ୱାସ ଦୂରହେବନାହିଁ। ଅନ୍ଧବିଶ୍ୱାସ ପାଇଁ ଅନେକ ନିରୀହ ମଣିଷ ହିଂସାର ଶିକାର ହେଉଛନ୍ତି। ଏହା ଏକ ଜାତୀୟ ସମସ୍ୟା ପାଲଟିଛି। ୧୯୯୧ରୁ ୨୦୧୦ ପର୍ଯ୍ୟନ୍ତ ଏହି ୧୯ ବର୍ଷ ମଧ୍ୟରେ ଦେଶରେ ଡାହାଣୀ ସନ୍ଦେହରେ ୧୭ଶହ ମହିଳାଙ୍କୁ ହତ୍ୟା କରାଯାଇଛି। କେବଳ ୨୦୧୨ରେ ୧୧୯ଜଣଙ୍କ ଜୀବନ ଯାଇଛି। ତେବେ ଏ କ୍ଷେତ୍ରରେ ଓଡ଼ିଶାର କେନ୍ଦୁଝର ଜିଲା ତାଲିକାର ଶୀର୍ଷରେ ରହିଛି। ସେହିଭଳି ମୟୂରଭଞ୍ଜ, ଗଞ୍ଜାମ, ସୁନ୍ଦରଗଡ, ଗଜପତି, ରାୟଗଡା, ମାଲକାନଗିରି, ନୟାଗଡ଼, କନ୍ଧମାଳ, ବାଲେଶ୍ୱର ଓ କୋରାପୁଟ ଆଦି ୧୨ଟି ଜିଲାରେ ମଧ୍ୟ ଅନ୍ଧବିଶ୍ୱାସଜନିତ ହିଂସା ଓ ହତ୍ୟା ଅଧିକ ରହିଥିବା ଏକ ରିପୋର୍ଟରୁ ଜଣାପଡିଛି।

ଡାହାଣୀ ପ୍ରଥା ଉପରେ ରାଜ୍ୟ ମହିଳା ଆୟୋଗ ଓ ଆକ୍ସନ ଏଡ୍ ପକ୍ଷରୁ ମିଳିତ ଭାବେ ଏକ ଅଧ୍ୟୟନ କରାଯାଇଥିଲା। ସୋମବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଡାହାଣୀ ଆରୋପ ହିଂସା ଦ୍ୱାରା ସମାଜର ତଳିଆ ବର୍ଗ ବିଶେଷକରି ମହିଳା ଓ ଶିଶୁମାନେ ପ୍ରଭାବିତ ହେଉଛନ୍ତି। ଶିଶୁଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଅସହାୟଙ୍କ ଜମି ହଡପ, ଫସଲ ଅମଳ ନ ହେବା, ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ଅନେକ ଅଞ୍ଚଳରେ ସଚେତନତା ଅଭାବରୁ ଡାହାଣୀଜନିତ କ୍ରିୟା ଭାବରେ ଗ୍ରହଣ କରାଯାଉଛି। ମାତ୍ର ୬୯ ଭାଗ ଘଟଣାରେ ପୋଲିସ ହସ୍ତକ୍ଷେପ କରିଥିବାବେଳେ ୩୦ ଭାଗ ଘଟଣାରେ ଡାହାଣୀ ଆରୋପିତ ହୋଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ୭୦ ଭାଗ ଘଟଣାରେ ପୀଡିତା ଓ ତାଙ୍କ ପରିବାର ଭିଟାମାଟି ଛାଡ଼ିବାକୁ ପଡିଛି। ଏକାକୀ ରହୁଥିବା ମହିଳାମାନେ ଅଧିକ ପ୍ରଭାବିତ ହେଉଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇ କହିଲେ, ଡାହାଣୀଜନିତ ହିଂସା ମାନବ ଅଧିକାରର ଉଲ୍ଲଂଘନ। ଏହାକୁ ରୋକିବା ପାଇଁ ରହିଥିବା ଆଇନକୁ କଡ଼ାକଡ଼ି କରାଯିବ। ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଡ. ବେହେରା କହିଲେ, ଏହା ଅତ୍ୟନ୍ତ ଘୃଣ୍ୟ ଘଟଣା। ଅଧ୍ୟୟନର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ, ଆଇନର ସଂଶୋଧନ, ନିୟମାବଳୀର ପ୍ରଣୟନ ଓ ଡାହାଣୀ ପ୍ରଥାର ବିଲୋପ ପାଇଁ ରଣ କୌଶଳ ପ୍ରସ୍ତୁତି କରାଯିବ ବୋଲି ସେ ମତ ଦେଇଥିଲେ। ମହିଳା ଶିଶୁ ବିକାଶ ବିଭାଗର ପରାମର୍ଶଦାତା ସୁଲତା ଦେଓ, ଆକ୍ସନ୍ ଏଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦିପ ଚାଚାରା, ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଉତ୍କଳ ପ୍ରସଙ୍ଗର ସମ୍ପାଦକ ଲେନିନ୍ ମହାନ୍ତି ପ୍ରମୁଖ ଯୋଗଦେଇ ଡାହାଣୀ ଭଳି ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଆକ୍ସନ ଏଡ୍‌ର କାର୍ଯ୍ୟକ୍ରମ ଅଧିକାରୀ ବି.ଏନ୍. ଦୁର୍ଗା ରିପୋର୍ଟ ସଂକ୍ରାନ୍ତରେ ସୂଚନା ଦେଇଥିବାବେଳେ ଘାସିରାମ ପଣ୍ଡା ପରିଚାଳନା କରିଥିଲେ।

**ପ୍ରଥମ ପୃଷ୍ଠାରୁ**

### ଐଶ୍ୱର୍ଯ୍ୟାଙ୍କୁ...

ନିର୍ଦ୍ଦେଶକ ରହିଥିଲେ। ଏହାର ମୁଖ୍ୟାଳୟ ଭର୍ଜିନ ଆଇଲାଣ୍ଡସ୍‌ରେ ଥିଲା। ପରେ ତାଙ୍କୁ କମ୍ପାନୀର ଶେୟାର ହୋଲ୍ଡର ବା ଅଂଶୀଦାର ଘୋଷଣା କରାଯାଇଥିଲା। ଐଶ୍ୱର୍ଯ୍ୟାଙ୍କ ବାପା କେ. ରାୟ, ମା' ବୃନ୍ଦା ରାୟ ଏବଂ ଭାଇ ଆଦିତ୍ୟ ରାୟ ମଧ୍ୟ କମ୍ପାନୀର ଅଂଶୀଦାର ଥିଲେ। ୨୦୦୮ରେ ଏହି କମ୍ପାନୀ ବନ୍ଦ ହୋଇଯାଇଥିଲା।

ଅମିତାଭଙ୍କ ପୁଅ ତଥା ଐଶ୍ୱର୍ଯ୍ୟାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କୁ ମଧ୍ୟ ଗତ ନଭେମ୍ବରରେ ଇଡି ପଚରାଉଚରା କରିଥିଲା। ଅଭିଷେକ ଅର୍ଥ କାରବାର ସମ୍ପର୍କିତ କେତେକ ଡକ୍ୟୁମେଣ୍ଟ ଦାଖଲ କରିଥିଲେ। ଏବେ ଅମିତାଭଙ୍କୁ ମଧ୍ୟ ପଚରାଉଚରା ପାଇଁ ଇଡି ସମନ କରିପାରେ ବୋଲି ଜଣାପଡ଼ିଛି। ପାନାମା ପେପର୍ସ ଲିକ୍ ହେବା ପରେ ଇଡି, ଆୟକର ବିଭାଗ ଏବଂ ଅନ୍ୟ ଏଜେନ୍ସିକୁ ନେଇ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଏହାର ତଦନ୍ତ ଜାରି ରଖିଛି। ଅନୁସନ୍ଧାନରେ ଆୟକର ବିଭାଗ କର୍ତ୍ତୃପକ୍ଷଙ୍କ ଦ୍ୱାରା ୨୦,୦୦୦ କୋଟିରୁ ଅଧିକ ମୂଲ୍ୟର ଅଘୋଷିତ ସମ୍ପତ୍ତି ଚିହ୍ନଟ ହୋଇଛି।

### ଓଡ଼ିଶାର ଦୀର୍ଘତମ...

ଯେମିତି ପ୍ରତିଯୋଗିତା ଲାଗିଥିଲା। ମୁଖ୍ୟମନ୍ତ୍ରୀ ସେତୁ ଲୋକାର୍ପଣ ପାଇଁ ପହଞ୍ଚିବା ପରେ ପୂରା ଅଞ୍ଚଳରେ ନବୀନ ପଟ୍ଟନାୟକ ଜିନ୍ଦାବାଦ୍ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ହାତ ହଲାଇ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ବାସିନ୍ଦାଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ବାଙ୍କୀ ବିଧାୟକ ଦେବୀ ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ୨୦୧୭ ଜୁଲାଇରେ କାଠଯୋଡ଼ି ଉପରେ ନିର୍ମାଣ କରାଯାଇଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁ ଦୀର୍ଘତମ ଥିଲା। ଏହାର ଲମ୍ବ ୨.୮୮ କିଲୋମିଟର। ଏବେ ଗୋପୀନାଥପୁର-ସିଂହନାଥ ପୀଠ-ବୈଦ୍ୟେଶ୍ୱର ଟି-ସେତୁ ରାଜ୍ୟର ସର୍ବ ଦୀର୍ଘତମ ବ୍ରିଜର ମାନ୍ୟତା ହାସଲ କରିଛି।

### ଗ୍ରୀଲ୍ ଭାଙ୍ଗିଲେ...

ମାମଲାର ରାୟ ଦେଇ ଆଗାମୀ ଶୁଣାଣି ଯାଏ ସୁମିତ ତପସ୍ୱିନୀଙ୍କୁ ଆସିକାରେ ଏକ ଭଡାଘର ନେଇ ରଖିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ସେହିପରି ତପସ୍ୱିନୀଙ୍କ ଖାଇବା ଏବଂ ଔଷଧ ଖର୍ଚ୍ଚ ସୁମିତ ବହନ କରିବେ ବୋଲି କୋର୍ଟ କହିଥିଲେ। ହେଲେ ସୁମିତ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ତପସ୍ୱିନୀ ଅଭିଯୋଗ କରିଥିଲେ। ସେ ଘର ଭଡା ନେଉନାହାନ୍ତି, କିମ୍ବା ତାଙ୍କର କୌଣସି କଥା ବୁଝି ନାହାନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ସେହିପରି ସୁମିତ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ତପସ୍ୱିନୀଙ୍କୁ ଅତିଥିଭବନରେ ଏକୁଟିଆ ଛାଡି ଚାଲିଯାଇଥିଲେ। ଗତ ୧୭ ତାରିଖରେ ମାମଲାର ପୁଣି ଶୁଣାଣି ହୋଇଥିବା ବେଳେ କୋର୍ଟଙ୍କ ରାୟରେ ଅସନ୍ତୁଷ୍ଟ ହୋଇ ତପସ୍ୱିନୀ ପୁଣି ଥରେ ଶାଶୁ ଘର ସମ୍ମୁଖରେ ଧାରଣା ଦେଇଥିଲେ।

ଅନ୍ୟପକ୍ଷରେ ସୋମବାର ଅଦାଲତ ନିଜ ପୂର୍ବ ରାୟକୁ କାଏମ ରଖିଥିଲେ ମଧ୍ୟ ସୁମିତ ଘର ଭଡା ନ ନେବା ପର୍ଯ୍ୟନ୍ତ ତପସ୍ୱିନୀ କେଉଁଠି ରହିବେ ତାହା କୋର୍ଟ ସ୍ପଷ୍ଟ କରିନାହାନ୍ତି ବୋଲି ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ଏହି ପିଟିଶନର ଜବାବ ଦାଖଲ ପାଇଁ ସୁମିତଙ୍କ ଓକିଲ କୋର୍ଟଙ୍କୁ ଆଉ ୧୫ ଦିନ ସମୟ ମାଗିଥିଲେ ମଧ୍ୟ କୋର୍ଟ ତାହାକୁ ଅଗ୍ରାହ୍ୟ କରି ଦେଇଥିବା ସୂଚନା ମିଳିଛି।

### ମା' ଗର୍ଭ...

ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ୮ମାସ ତଳେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। କିଛିଦିନ ପୂର୍ବେ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ଅଭିଯୁକ୍ତ ଯୁବକ ତାଙ୍କ ସହ ବଳପୂର୍ବକ ଯୌନସମ୍ପର୍କସ୍ଥାପନ କରିଥିଲେ। କୌଶଳକ୍ରମେ ଅଶ୍ଳୀଳ ଫଟୋ ଏବଂ ଭିଡିଓ ଉଠାଇ ଏହାକୁ ଭାଇରାଲ୍ କରିଦେବାକୁ ଧମକ ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଦୁଇସପ୍ତାହ ଧରି ଏଭଳି ନିର୍ଯାତନା ସହି ମାନସିକ ଭାରସାମ୍ୟ ହରାଇ ବସିଥିଲେ ନାବାଳିକା। ଏ ସମ୍ପର୍କରେ ସେ ନିଜର ସହପାଠୀ, ଶିକ୍ଷକ ଏବଂ ଅନ୍ୟମାନଙ୍କୁ କହିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ କେହି ସହଯୋଗ କରି ନ ଥିଲେ। ଫଳରେ କିଛିଦିନ ହେଲା ନିଜକୁ ଅନ୍ୟମାନଙ୍କଠାରୁ ଦୂରେଇ ଦେଇଥିଲେ ପୀଡ଼ିତା। ଶନିବାର ମା' ବଜାରକୁ ଯିବା ମାତ୍ରକେ ପୂର୍ବ ଯୋଜନା ଅନୁଯାୟୀ ସେ ରଶି ଲଗାଇ ଆତ୍ମହତ୍ୟା କରିଦେଇଥିଲେ। କବାଟ ଭାଙ୍ଗି ତାଙ୍କ ମୃତଦେହ ଜବତ କରାଯାଇଥିଲା।

ଜବତ ସୁଇସାଇଡ୍ ନୋଟ୍‌ରେ ନାବାଳିକ ଜଣକ ଆହୁରି ମଧ୍ୟ ଲେଖିଛନ୍ତି, ଝିଅମାନଙ୍କୁ କିଭଳି ସମ୍ମାନ ଦିଆଯାଏ, ତାହା ଅଭିଭାବକମାନେ ସେମାନଙ୍କ ପୁଅମାନଙ୍କୁ ଶିଖାଇବା ଉଚିତ୍। ସ୍କୁଲ ପରିବେଶ ଝିଅଙ୍କ ପାଇଁ ସୁରକ୍ଷିତ ନୁହେଁ କି ଶିକ୍ଷକମାନେ ମଧ୍ୟ ବିଶ୍ୱାସଯୋଗ୍ୟ ନୁହନ୍ତି। ବାରମ୍ବାର ଯୌନ ଉତ୍ପୀଡ଼ନର ଶିକାର ହେବା ପରେ ସେ ରାତିରେ ଠିକ୍‌ଭାବେ ଶୋଇ ପାରୁ ନ ଥିଲେ। ତାଙ୍କୁ ଭୟଙ୍କର ସ୍ୱପ୍ନ ଆସୁଥିଲା। ପାଠପଢ଼ାରେ ଧ୍ୟାନ ଦେଇପାରୁ ନ ଥିଲେ। ଏଭଳି ସମୟରେ ନିଜର ଯନ୍ତ୍ରଣା କାହା ସହିତ ବାଣ୍ଟି ନ ପାରି ବିଷାଦଗ୍ରସ୍ତ ହୋଇପଡ଼ିଥିଲେ। ତେଣୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ଚିନ୍ତା କରିଥିଲେ। ଶେଷରେ ସୁଇସାଇଡ୍ ନୋଟ୍‌ରେ ଯୌନ ଶୋଷଣ ବନ୍ଦ ହେଉ, ମତେ ନ୍ୟାୟ ମିଳୁ ବୋଲି ଲେଖାଯାଇଛି। ଅନ୍ୟପଟେ ଏହି ଘଟଣାରେ ଅଭିଯୁକ୍ତ ଯୁବକ ନିଜର ଦୋଷ ସ୍ୱୀକାର କରିଛନ୍ତି। ଏଥିରେ ଆଉ କାହାରି ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

### ପାକିସ୍ତାନୀ ବୋଟ୍‌ରୁ...

୬୦୦ କୋଟି ଟଙ୍କା ମୂଲ୍ୟର ହେରୋଇନ ଜବତ କରିଥିଲା। ପୂର୍ବରୁ ମୁନ୍ଦ୍ରା ବନ୍ଦରରେ ୨ଟି କଣ୍ଟେନରରୁ ୩,୦୦୦ କିଲୋଗ୍ରାମ ଡ୍ରାଗ୍ସ ଜବତ ହୋଇଥିଲା। ଆଫଗାନିସ୍ତାନରୁ ଆସିଥିବା ଏହି ନିଶାଦ୍ରବ୍ୟର ମୂଲ୍ୟ ୨୧,୦୦୦ କୋଟି ଟଙ୍କା ବୋଲି ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ପକ୍ଷରୁ ଆକଳନ କରାଯାଇଥିଲା।



ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ବରଦାନ କେଶର

**ପୃଥିବୀର ସବୁଠୁ ଦାମୀ ମସଲା ଭାବେ ପରିଚିତ କେଶର କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ ବରଂ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମଧ୍ୟ ଏହା ବରଦାନ ସଦୃଶ। ଜାଣି ରଖନ୍ତୁ ଏହାକୁ ବ୍ୟବହାର କରିବାର ଟିପ୍ସ ...**

- ଯଦି ଆପଣଙ୍କ ତ୍ୱଚା ସନ୍‌ବର୍ନ କିମ୍ବା ଅନ୍ୟାନ୍ୟ କାରଣରୁ କଳା ପଡୁଛି ତେବେ ଚନ୍ଦନ ପାଉଡର, କ୍ଷୀର ଏବଂ କେଶର ପ୍ୟାକ୍ ଆପଣଙ୍କ ପାଇଁ ଉପକାରୀ। ପ୍ରଥମେ କ୍ଲିଞ୍ଜରରେ ମୁହଁ ଏବଂ ବେକ ସଫା କରିବା ପରେ ଏହି ପ୍ୟାକ୍ ଲଗାଇ ୧୫ ମିନିଟ୍ ରଖନ୍ତୁ। ଏହାପରେ ପାଣିରେ ଧୀରେ ଧୀରେ ଅଙ୍ଗୁଳି ଟିପ ସାହାଯ୍ୟରେ ଘଷି ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ସ୍କିନ୍ ଟୋନ୍ ଲାଇଟ୍ ହେବା ସହ ଗ୍ଲୋ ବଢିଥାଏ।
- ଅଳ୍ପ ତୁଳସୀପତ୍ର ଏବଂ କେଶରକୁ ପାଣିରେ ଭିଜାଇ ବାଟି ଦିଅନ୍ତୁ। ଏଥିରେ ଅଳ୍ପ ହଳଦୀ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇବା ଦ୍ୱାରା କେଶରରେ ଥିବା ଆଣ୍ଟିଫଙ୍ଗାଲ୍, ତୁଳସୀର ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ହଳଦୀର ଆଣ୍ଟିସେପ୍ଟିକ୍ ଗୁଣ ବ୍ରଣ, ଦାଗ ଏବଂ ଅନ୍ୟ ତ୍ୱଚା ଜନିତ ସମସ୍ୟା ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।
- ଗୋଲାପ ଜଳରେ କେଶରକୁ ମିଶାଇ ଟୋନର ଭାବେ ବ୍ୟବହାର କଲେ ମଧ୍ୟ ସ୍କିନ୍ ଟୋନ୍ ବଢିବା ସହ ଫ୍ରେଶ୍ ଲୁକ୍ ମିଳିଥାଏ।
- ଶୀତଦିନେ କେଶର ଏବଂ ମହୁ ପ୍ୟାକ୍ ତ୍ୱଚାରେ ମସାଜ କଲେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ତ୍ୱଚାକୁ ଏହା ମଶ୍ଚରାଇଜ କରି ରଖିଥାଏ। ଏହାଦ୍ୱାରା ଗ୍ଲୋ ମଧ୍ୟ ବଢ଼ିଥାଏ।
- ଏକ କପ୍‌ରେ ଦୁଇ ଚାମଚ କ୍ଷୀର ଏବଂ ଅଳ୍ପ କେଶର ମିଶାଇ ଏକ ଘଣ୍ଟା ରଖିଦିଅନ୍ତୁ। ସେଥିରେ ଅଳ୍ପ ଲେମ୍ବୁ ରସ ମିଶାଇ ମୁହଁରେ ଲଗାନ୍ତୁ। ସପ୍ତାହକୁ ଥରେ କିମ୍ବା ଦୁଇଥର ଏହାକୁ ଲଗାଇଲେ ଟ୍ୟାନିଂ ସମସ୍ୟା ଦୂର ହୋଇଯିବ।
- ୪-୫ଟି ଆଲମଣ୍ଡକୁ ଭିଜାଇ ସକାଳେ ବାଟି ଦିଅନ୍ତୁ ଏବଂ ସେଥିରେ ଅଳ୍ପ କେଶର, ଆବଶ୍ୟକ ପରିମାଣରେ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇବା ଦ୍ୱାରା ସ୍କିନ୍ ଟୋନ୍ ସହ ଗ୍ଲୋ ମଧ୍ୟ ବଢ଼ିଥାଏ।





# ଡାଇବେଟିସ୍ କମାଇବ ଜୁସ୍

**ବର୍ତ୍ତମାନ ଅଧିକାଂଶ ମହିଳାଙ୍କଠାରେ ଡାଇବେଟିସ୍ ସମସ୍ୟା ଦେଖିବାକୁ ମିଳୁଛି; ଯେଉଁଥିପାଇଁ ସେମାନଙ୍କୁ ପ୍ରତିଦିନ ମେଡିସିନ୍ ମଧ ଖାଇବାକୁ ପଡୁଛି। ହେଲେ, ଖାଦ୍ୟ ତାଲିକାରେ ଚିନି ଏବଂ ଅନ୍ୟାନ୍ୟ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟର ପରିମାଣ କମାଇବା ସହ କେତେକ ଜୁସ୍‌କୁ ସାମିଲ୍ କଲେ ଡାଇବେଟିସ୍ ବା ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣରେ ରଖାଯାଇପାରିବ...**

**ଅଁଳା ଜୁସ୍:** ଅନେକ ଔଷଧୀୟ ଗୁଣରେ ଭରପୂର ଅଁଳା ଡାଇବେଟିସ୍ କମ୍ କରିବାରେ ମଧ ବେଶ୍ ଉପଯୋଗୀ। ଏଥିରେ ଫାଇବର୍ ମାତ୍ରା ଅଧିକ ଥିବାରୁ ହଜମକ୍ରିୟା ଧୀର କରି ରକ୍ତରେ ଶର୍କରା ମାତ୍ରା ଅଧିକ ହେବାକୁ ଦିଏ ନାହିଁ। ଏଥିରେ ଥିବା କ୍ରୋମିଅମ୍ ମିନେରାଲ୍ କ୍ରାର୍ବୋହାଇଡ୍ରେଟ୍ ମେଟାବୋଲିଜମ୍ ସହ ଇନ୍‌ସୁଲିନ୍ କ୍ଷରଣ ଠିକ୍ ଭାବରେ କରିବାରେ ସାହାଯ୍ୟ କରେ ; ଯାହାଦ୍ୱାରା ଡାଇବେଟିସ୍ ନିୟନ୍ତ୍ରଣରେ ରହିଥାଏ।

**କାକୁଡି ଜୁସ୍:** 'ଜର୍ନାଲ୍ ଅଫ୍ ପ୍ଲାଣ୍ଟ ଫୁଡ୍ସ ଫର୍ ହ୍ୟୁମାନ୍ ନ୍ୟୁଟ୍ରିଶନ୍'ରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ମୁତାବକ କାକୁଡ଼ିରେ ପ୍ରଚୁର ପରିମାଣରେ ଥିବା ଫାଇବର୍ ରକ୍ତରେ ଶର୍କରାର ମାତ୍ରା ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ବିଶେଷ କରି ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ଲାଗି ଏହା ବେଶ୍ ଉପକାରୀ। ତା'ଛଡା ଏଥିରେ କ୍ୟାଲସିଅମ୍, ଆଇରନ୍, ଫସ୍‌ଫରସ୍, ଭିଟାମିନ୍- ଏ, ବି-୧, ସି ଏବଂ ଆମିନୋ ଏସିଡ୍ ଅଧିକ ପରିମାଣରେ ରହିଥିବାରୁ ପ୍ରତିଦିନ କାକୁଡି ଜୁସ୍ ପିଇବା କିମ୍ବା କାକୁଡି ଖାଇବା ଡାଇବେଟିସ୍ ରୋଗୀଙ୍କ ଲାଗି ଉପକାରୀ।

**ବିଟ୍ ଜୁସ୍:** ଅନେକ ଡାଇବେଟିସ୍ ରୋଗୀଙ୍କଠାରେ ସ୍ନାୟୁ ନଷ୍ଟ(ନର୍ଭ ଡ୍ୟାମେଜ୍), ଚକ୍ଷୁ ସମସ୍ୟା ଆଦି ଦେଖିବାକୁ ମିଳେ ; ଯାହାକୁ ଦୂର କରିବାରେ ବିଟ୍ ବେଶ୍ ଉପକାରୀ। ଏଥିରେ ଥିବା ଆଲ୍‌ଫା ଲିପୋଇକ୍ ସ୍ନାୟୁ ଏବଂ ଚକ୍ଷୁ ସମସ୍ୟା ଦୂର କରିଥାଏ।

**କଲରା ଜୁସ୍:** କଲରା ଜୁସ୍ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରେ। କଲରାରେ ଥିବା ପଲିପେପ୍ଟାଇଡ୍- ପି ବା ପି- ଇନ୍‌ସୁଲିନ୍ ନାମକ ଏକ ଇନ୍‌ସୁଲିନ୍ ଜାତୀୟ ଉପାଦାନ ଡାଇବେଟିସ୍ ସମସ୍ୟା କମାଇଥାଏ।

ଖାଦ୍ୟରୁଚି

# ମୁଗେର ପୁଳି

**ଆବଶ୍ୟକ ସାମଗ୍ରୀ:** ୨ ଚାମଚ ଘିଅ, ଅଧ କପ୍ ମୁଗଡାଲି, ୧କପ୍ କ୍ଷୀର, ୧କପ୍ ଚାଉଳ ଗୁଣ୍ଡ, ଛାଣିବା ପାଇଁ ତେଲ, ସିରା କରିବା ପାଇଁ ୧କପ୍ ଚିନି, ୧/୪ଚାମଚ କେଶର, ୧/୪ଚାମଚ ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ପ୍ରେସର କୁକର୍ ବସାଇ ଘିଅ ଗରମ କରନ୍ତୁ। ଲୋ ଷ୍ଟିମ୍‌ରେ ଘିଅରେ ମୁଗଡାଲି ପକାଇ ଭାଜନ୍ତୁ। ଏଥିରେ ପାଣି ଓ କ୍ଷୀର ପକାଇ ଭଲ ଭାବେ ଘାଣ୍ଟନ୍ତୁ। ପରେ କୁକର୍‌ରେ ଢାଙ୍କୁଣୀ ଦେଇ କିଛି ସମୟ ରଖନ୍ତୁ। ଗ୍ୟାସ ବନ୍ଦ କରିବା ପରେ ଡାଲିକୁ ଥଣ୍ଡା କରି ଗ୍ରାଇଣ୍ଡ କରିଦିଅନ୍ତୁ। ଅନ୍ୟପଟେ ଗ୍ୟାସ୍ ଲଗାଇ କଡେଇ ବସାନ୍ତୁ। ଏଥିରେ ମୁଗଡାଲି ପେଷ୍ଟ ପକାଇ ଆବଶ୍ୟକ ପରିମାଣର ପାଣି ମିଶାନ୍ତୁ। ଏଥିରେ ଚାଉଳ ଗୁଣ୍ଡ ପକାଇ ୫ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ ଏବଂ ଧ୍ୟାନ ଦିଅନ୍ତୁ ଯେପରି କେଉଁଠି ଗୁଳା ନ ରହିଯାଏ। କିଛି ସମୟ ପରେ ଘିଅ ମିଶାଇ ଗୋଳେଇ ଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢି ଥଣ୍ଡା କରିବା ପରେ ଭଲ ଭାବେ ଚକଟି ଗୋଲଗୋଲ ଗୁଳା ତିଆରି କରନ୍ତୁ। କେବଳ ଗୋଲ ନୁହେଁ ଏହାକୁ ମନ ମୁତାବକ ଆକାରରେ ପ୍ରସ୍ତୁତ କରନ୍ତୁ। ଏକ କଡ଼େଇରେ ତେଲ ଗରମ କରନ୍ତୁ ଏବଂ ସେଥିରେ ପିଠା ପକାଇ ଲୋ ଫ୍ଲେମ୍‌ରେ ଛାଣନ୍ତୁ। ପିଠା ସୁନେଲି ରଙ୍ଗର ହୋଇଗଲେ ପାତ୍ରକୁ କାଢି ଦିଅନ୍ତୁ। ଏକ ପ୍ୟାନରେ ଚିନି, ପାଣି ଓ କେଶର ପକାଇ ସିରା ପ୍ରସ୍ତୁତ କରନ୍ତୁ। ସିରା ପ୍ରସ୍ତୁତ ହୋଇଗଲେ ସେଥିରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ସିରାରେ ପିଠା ସବୁକୁ ପକାଇ ଦୁଇଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଗେର ପୁଳି। ଏହାକୁ ସଭିଙ୍କୁ ଖୁଆଇବାର ମଜା ନିଅନ୍ତୁ।



# ଶିଶୁଙ୍କ ହସ୍ତ ପଦ ମୁଖ ବ୍ୟାଧି



**ବର୍ତ୍ତମାନ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିଲାମାନଙ୍କ ଠାରେ ଦେଖା ଦେଉଥିବା ଏକ ପ୍ରକାରର ରୋଗ ଚିନ୍ତା ବଢ଼ାଉଛି; ଯାହାକି ହାଡ଼ ଫୁଟି ବା ଚିକେନ୍ ପକ୍ସ ଭଳି ଦେଖା ଯାଉଥିଲେ ମଧ ଏହାର ଲକ୍ଷଣ ଭିନ୍ନ। ଏହାକୁ ଡାକ୍ତରୀ ଭାଷାରେ ହସ୍ତ ପଦ ମୁଖ ବ୍ୟାଧି ବା ହ୍ୟାଣ୍ଡ ଫୁଟ୍ ମାଉଥ୍ ଡିଜିଜ୍ ବୋଲି କୁହାଯାଉଛି। ଯଥା ସମୟରେ ଏହି ରୋଗ ଚିହ୍ନଟ କରି ଚିକିତ୍ସା କରାଇବା ଦ୍ୱାରା ପିଲାଙ୍କୁ ଯନ୍ତ୍ରଣାମୁକ୍ତ ଭାବେ ଏଥିରୁ ଉପଶମ ମିଳିବା ସହଜ ହୋଇଥାଏ...**

ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

କିଛିଦିନ ପୂର୍ବରୁ ଜଣେ ମା' ତାଙ୍କ ଶିଶୁ ଧରି ଆସିଥାନ୍ତି। ବହୁତ ବ୍ୟସ୍ତ ହୋଇ ଡାକ୍ତରଙ୍କୁ କହିଲେ, ଦେଖନ୍ତୁ ଡାକ୍ତରବାବୁ ମୋର ଶିଶୁଟିକୁ ହାଡଫୁଟି ହୋଇଯାଇଛି। ଶିଶୁଟିର ହାତରେ, ପାଦରେ ଓ ଅଣ୍ଟା ତଳକୁ ପାଣିଫୋଟକା ପରି ଛୋଟ ଛୋଟ ଫଳି ଯାଇଥାଏ ଓ ପାଟିରେ ମଧ ଛୋଟ ଛୋଟ କ୍ଷତ ହୋଇ ଶିଶୁ ଲାଳ ଗଡ଼ାଉଥାଏ ଓ ଖାଦ୍ୟ ଖାଇ ପାରୁ ନ ଥାଏ। ପିଲାଟିର ବୟସ ୨ବର୍ଷ ହେବ। ପଚାରିବାରୁ ମା' କହିଲେ ପ୍ରଥମେ ଶିଶୁଟିକୁ ୨ଦିନ ଅତ୍ୟଧିକ ଜ୍ୱର ହେଲା। ପରେ ହାତ, ପାଦ ଓ ଅଣ୍ଟା ତଳକୁ ଫୋଟକା ପରି କ୍ଷତ ସୃଷ୍ଟି ହେଲା ; ଯାହାକି ହାଡଫୁଟି ବା ଚିକନ୍ ପକ୍ସ ପରି ଦେଖାଯାଏ। ଛାତି ଓ ପେଟରେ ଏହି ଫୋଟକା ଦେଖାଯାଏ ନାହିଁ ; ଯାହା କି ହାଡଫୁଟି ରୋଗରେ ଦେଖାଯାଏ।

**ରୋଗ ହୋଇଥିବା ସମୟ:** ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ ଏହି ରୋଗ ଦେଖାଦେଇଥାଏ। ଏହା ଏକ ସଂକ୍ରାମକ ରୋଗ, ଯାହା ଏକ ସମୟରେ ବହୁ ସଂଖ୍ୟକ ଶିଶୁମାନଙ୍କରଠାରେ ଦେଖାଦେଇଥାଏ।

**ବୟସ:** ଦୁଇବର୍ଷରୁ ଛଅ ବର୍ଷ ବୟସର ଶିଶୁମାନଙ୍କୁ ଏହା ଅଧିକ ହୋଇଥାଏ। ଶତକଡା ୯୩% କ୍ଷେତ୍ରରେ ଶିଶୁଙ୍କ ବୟସ ୪ ବର୍ଷରୁ କମ୍। ପୁଅମାନଙ୍କୁ ଅଧିକ ଦେଖାଯାଏ। ସମୟ ସମୟରେ ୧୦ରୁ ୧୫ବର୍ଷ ବୟସଙ୍କଠାରେ ଏହି ରୋଗ ଦେଖାଦେଇଥାଏ।

**ରୋଗର କାରଣ:** ଏହା ଏକ ଭୂତାଣୁ ଦ୍ୱାରା ସଂକ୍ରମିତ ରୋଗ। କକ୍ସାକି ନାମକ ଏକ ଭୂତାଣୁର ସବୁଗ୍ରୁପ୍ A-6, A-10 ଓ A-16 ଏବଂ ଏଣ୍ଟେରୋ ଭାଇରସ୍ ବା EV-71 ଏହି ରୋଗର କାରଣ।

**କିପରି ବ୍ୟାପେ:**

ହ୍ୟାଣ୍ଡ ଫୁଟ୍ ଓ ମାଉଥ୍ ଡିଜିଜ୍ ଏକ ଭୟଙ୍କର ଭାବେ ସଂକ୍ରାମକ ରୋଗ। ଏହି ବିଭିନ୍ନ କାରଣରୁ ବ୍ୟାପିଥାଏ, ଯଥା ;

୧. ଏକାଠି ଅନେକ ଶିଶୁ ଖେଳିବା ସମୟରେ, ପରସ୍ପର ସହ ହାତ ମିଳାଇବା, କୋଳାଗ୍ରତ କରିବା ଫଳରେ ଏହି ରୋଗ ଥିବା ପିଲାର ଫୋଟକାରୁ ନିର୍ଗତ ତରଳ ପଦାର୍ଥ ସମ୍ପର୍କରେ ଅନ୍ୟମାନେ ଆସିବା ଦ୍ୱାରା ସଂକ୍ରମଣ ବଢିଥାଏ।

୨. ସ୍କୁଲ୍‌ରେ ଏକାଠି ଗୋଟିଏ ପାଣି ବୋତଲରୁ ପାଣି ପିଇବା, ଗୋଟିଏ ଟିଫିନ୍‌ରୁ ଖାଦ୍ୟ ଖାଇବା କିମ୍ବା ପରସ୍ପର ମଧ୍ୟରେ ଖାଦ୍ୟ ଆଦାନ ପ୍ରଦାନ କରିବା ଇତ୍ୟାଦି ସହ ପାଟିରୁ ନିର୍ଗତ ଲାଳ, ମା' କିମ୍ବା ସମ୍ପର୍କୀୟଙ୍କ ମାଧମରେ ଏହା ବ୍ୟାପେ।

୩. କାଶ, ଛିଙ୍କ ଦ୍ୱାରା ଡ୍ରପଲେଟ୍ ସଂକ୍ରମଣ ଦ୍ୱାରା ମଧ ରୁଗ୍ଣ ଶିଶୁଠାରୁ ସୁସ୍ଥ ଶିଶୁକୁ ଏହି ରୋଗ ବ୍ୟାପିଥାଏ।

୪. ମଳରେ ମଧ ଏହି ଭୂତାଣୁ ନିର୍ଗତ ହୋଇଥାଏ। ଯାହାଫଳରେ ମଳ ଦ୍ୱାରା ସଂକ୍ରମିତ ଜଳ ହସ୍ତ ଓ ବସ୍ତ୍ର ଦ୍ୱାରା ମଧ ଗୋଟିଏ ଶିଶୁଠାରୁ ଅନ୍ୟ ଏକ ଶିଶୁକୁ ସଂକ୍ରମିତ ହୋଇଥାଏ।





**ଲକ୍ଷଣ:** ଭୂତାଣୁର ଶରୀର ମଧ୍ୟରେ ପ୍ରବେଶଠାରୁ ରୋଗର ପରିପ୍ରକାଶ ସମୟ ତିନିରୁ ଛଅଦିନ। ପ୍ରଥମେ ଅତ୍ୟଧିକ ଜ୍ୱର ଦାନ୍ତ ମାଢିରେ ଫୋଟକା ପରି କ୍ଷତ ସୃଷ୍ଟି ହୋଇ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଥାଏ। ଏହା ଲାଲ ରଙ୍ଗର କ୍ଷତରେ ପରିଣତ ହୁଏ। ହାତ ପାଦ ଓ ଅଣ୍ଟା ତଳକୁ ପାଣିଫୋଟକା ପରି କ୍ଷତ ଦେଖା ଯାଇଥାଏ। ଶିଶୁଟି ଖାଦ୍ୟ ଖାଇପାରେ ନାହିଁ, ବାନ୍ତି ହୋଇଥାଏ। ନ ଖାଇବା ଫଳରେ ଶିଶୁଟି ଦୁର୍ବଳ ହୋଇପଡେ। ଚିଡାଚିଡା ହୁଏ। ଜ୍ୱର ଅଧିକ ହୋଇ ଜ୍ୱର ପିହୁଳା ହୋଇପାରେ ଓ ମସ୍ତିଷ୍କ ପ୍ରଦାହ ଦେଖାଦେଇପାରେ।

**ଚିକିତ୍ସା:** ପିଲାଙ୍କଠାରେ ଜ୍ୱର ହେବା ସହ ଦେହରେ ଫଳିଯିବା ଭଳି ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ବ୍ୟଥା ଓ ଜ୍ୱର କମ୍ ପାଇଁ ଔଷଧ ଦିଅନ୍ତୁ। ପାଟିରେ ଔଷଧ ଲଗାଇବା ଫଳରେ ଯନ୍ତ୍ରଣା କମ୍ ହୁଏ ଓ ଶିଶୁଟି ଖାଇପାରେ।

**ପରାମର୍ଶ ସମୟ:**

- ଶିଶୁ ସାଧାରଣତଃ ଏହି ରୋଗରେ ୭ ରୁ ୧୦ଦିନ ମଧ୍ୟରେ ସୁସ୍ଥ ହୋଇଯାଏ। ହେଲେ ଯଦି ଏହାଠାରୁ ଅଧିକ ଦିନ ଶରୀର ଦେହରେ ରୁଗ୍ଣତା ରହିଲେ
- ଅତ୍ୟଧିକ ବାନ୍ତି ହୋଇ ଜଳ ଶୁଷ୍କତା ରହିଲେ
- ଆଠଘଣ୍ଟାରୁ ଅଧିକ ସମୟ ପରିସ୍ରା ନ ହେଲେ
- ଅଧିକ ଜ୍ୱର ହୋଇ ଶିଶୁ ନିସ୍ତେଜ ରହିଲେ

ଏଭଳି କୌଣସି ଲକ୍ଷଣ ଦେଖାଦେଲେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର।

ଭୂତାଣୁ ରୋଗଗୁଡ଼ିକରେ ପ୍ରତିଷେଧକ ବ୍ୟବସ୍ଥା ଆପଣେଇବା ସବୁଠୁ ଭଲ ଉପାୟ। ଏଥିପାଇଁ ପିଲାଙ୍କୁ ହାତ ଧୋଇବା ଅଭ୍ୟାସ କରାଇବା ଆବଶକ। ମା'ମାନେ ପିଲାଙ୍କୁ ଖାଦ୍ୟ ଖୁଆଇବା ଓ ପ୍ରସ୍ତୁତ କରିବା ପୂର୍ବରୁ ଏବଂ ଡାଇପର ବଦଳାଇବା ପରେ ହାତ ଭଲଭାବରେ ଧୋଇବା ଦରକାର। ଶିଶୁଟି ରହୁଥିବା ଓ ଚଳପ୍ରଚଳ ସ୍ଥାନଗୁଡ଼ିକୁ ସାବୁନ କିମ୍ବା ବ୍ଲିଚିଙ୍ଗ ପାଉଡର ମିଶା ପାଣିରେ ପୋଛିବା ଆବଶ୍ୟକ। ସୁସ୍ଥ ଶିଶୁକୁ ରୁଗ୍ଣ ଶିଶୁଠାରୁ ଦୂରେଇ ରଖିବା ଗୁରୁତ୍ୱପୂର୍ଣ୍ଣ।

*- ଶିଶୁରୋଗ ବିଶେଷଜ୍ଞ*
*ଲିଙ୍ଗରାଜ ବିହାର, ପୋଖରିପୁଟ*
*ମୋ- ୯୪୩୭୧୦୩୬୭୭*



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୧/୨୦୨୧ Sambalpur, Tuesday, December 21/ 2021

# ଜାପାନ ବିପକ୍ଷରେ ଭାରତ ଫେଭରାଇଟ

**ଢାକା, ୨୦।୧୨**

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ୨ଟି ଯାକ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ପାକିସ୍ତାନକୁ ଦକ୍ଷିଣ କୋରିଆ ଭେଟିବାକୁ ଥିବାବେଳେ ଦ୍ୱିତୀୟ ସେମିଫାଇନାଲ ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ହେବ। ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜାପାନ ବିପକ୍ଷ ମ୍ୟାଚରେ ଭାରତ ଫେଭରାଇଟ ବିବେଚିତ ହେଉଛି। ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଜାପାନ ବିପକ୍ଷ ରାଉଣ୍ଡ ରବିନ

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ସେମିଫାଇନାଲ ଆଜି**

ମ୍ୟାଚରେ ୬-୦ ଗୋଲରେ ବିଜୟୀ ହୋଇଥିଲା। ତେଣୁ ପ୍ରଦର୍ଶନ ଦୃଷ୍ଟିରୁ ଆଗାମୀ ମୁକାବିଲାରେ ମଧ୍ୟ ଭାରତ ବୃହତ୍ ବିଜୟ ହାସଲ କରିବା ଆଶା ରହିଛି। ତେବେ ଆଗାମୀ ମ୍ୟାଚକୁ ଭାରତ ହାଲୁକାଭାବେ ନ ନେବା ଉଚିତ। ନଚେତ ଟୁର୍ନାମେଣ୍ଟରେ ଦଳର କଠିନ ପରିଶ୍ରମ ବୃଥା ହୋଇଯିବା ସମ୍ଭାବନା ରହିବ।

ଭାରତ ଏହି ଟୁର୍ନାମେଣ୍ଟରେ ଦକ୍ଷିଣ କୋରିଆ ବିପକ୍ଷରେ ୨-୨ରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲା। ମାତ୍ର ପରେ ବାଂଲାଦେଶକୁ ୯-୦, ପାକିସ୍ତାନକୁ ୩-୧ ଓ ଜାପାନକୁ ୬-୦ ଗୋଲରେ ହରାଇ ଅପରାଜେୟ ରହିଛି। ଦଳ ୪ ମ୍ୟାଚ ଖେଳି ୩ ବିଜୟ ଓ ୧ ଡ୍ର ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଜାପାନ ୪ ମ୍ୟାଚରୁ ୧ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି। ଦଳ କେବଳ ବାଂଲାଦେଶକୁ ୫-୦ ଗୋଲରେ ହରାଇ ପାରିଥିବାବେଳେ ପାକିସ୍ତାନ ବିପକ୍ଷରେ ଗୋଲଶୂନ୍ୟ ଏବଂ ଦକ୍ଷିଣ କୋରିଆ ବିପକ୍ଷରେ ୩-୩ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ଜାପାନ ଏକମାତ୍ର ପରାଜୟ ସ୍ୱାଦ ଭାରତ ବିପକ୍ଷ ମ୍ୟାଚରୁ ହିଁ ପାଇଥିଲା। ତେଣୁ ତ୍ରୁଟିରୁ ଶିକ୍ଷାଲାଭ କରି ଏହି ଦଳ ସେମିଫାଇନାଲରେ ଅବତୀର୍ଣ୍ଣ ହେବ।

ରାଉଣ୍ଡ ରବିନ ପର୍ଯ୍ୟାୟରେ ଦକ୍ଷିଣ କୋରିଆ ୪ ମ୍ୟାଚରୁ ୧ ବିଜୟ ଓ ୩ ଡ୍ର ସହ ୬ ଓ ପାକିସ୍ତାନ ସମାନ ମ୍ୟାଚରୁ ୧ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୫ ପଏଣ୍ଟରେ ରହିଛି। ଲିଗ୍ ଶେଷରେ କୋରିଆ ଦ୍ୱିତୀୟ ଓ ପାକିସ୍ତାନ ୩ୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ କୋରିଆ-ପାକିସ୍ତାନ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେଣୁ ଆଗାମୀ ମୁକାବିଲା ମଧ୍ୟ ରୋମାଞ୍ଚକ ହେବା ଆଶା।

ଭାରତୀୟ ଦଳର ଉପଅଧିନାୟକ ହରମନପ୍ରୀତ ସିଂ ଚଳିତ ଟୁର୍ନାମେଣ୍ଟରେ ପ୍ରଦର୍ଶନର ଛାପ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ଜାପାନ ବିପକ୍ଷ ମ୍ୟାଚରେ ସେ ଏକାକୀ ୨ଟି ଗୋଲ ଦେଇଥିଲେ। ତେଣୁ ସେ କେବଳ ଦଳକୁ ଫେରି ନାହାନ୍ତି ସମ୍ପୂର୍ଣ୍ଣ ଫର୍ମରେ ଥିବା ପରିଚୟ ମଧ୍ୟ ଦେଇଛନ୍ତି। ତେଣୁ ତାଙ୍କ ଉପରେ ନିଶ୍ଚିତ ଜାପାନର ନଜର ରହିବ। ଅଧିନାୟକ ମନପ୍ରୀତ ସିଂ ଓ ହାର୍ଦ୍ଦିକ ସିଂଙ୍କ ଉପସ୍ଥିତିରେ ଭାରତୀୟ ମିଡ୍‌ଫିଲ୍ଡ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଆସୁଛି। ଫରୱାର୍ଡରେ ଦିଲପ୍ରୀତ୍ ସିଂ, ଜନମନପ୍ରୀତ ସିଂ, ଆକାଶଦୀପ ସିଂ ଓ ସମଶେର ସିଂ କେତେକ ଫିଲ୍ଡ ଗୋଲ ଦେଇ ଟୁର୍ନାମେଣ୍ଟରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ଯୁବ ଗୋଲକିପର ସୂରଜ କରକେରା ଏପର୍ଯ୍ୟନ୍ତ ବହୁତ ଭଲ ସେଭ୍ କରି ଆସିଛନ୍ତି। ହରମନପ୍ରୀତଙ୍କ ନେତୃତ୍ୱରେ ଭାରତର ରକ୍ଷଣଭାଗ ମଧ୍ୟ ଭଲ କରୁଛି। ପୂର୍ବ ମ୍ୟାଚରେ ଜାପାନ ୫ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ରକ୍ଷଣଭାଗ ଗୋଟିଏ ହେଲେ ଗୋଲ ହେବାକୁ ଦେଇ ନ ଥିଲେ। ଆଗକୁ ନକ୍‌ଆଉଟ ମ୍ୟାଚ ଥିବାରୁ ଭାରତୀୟ ରକ୍ଷଣଭାଗକୁ ଅଧିକ ସତର୍କ ହୋଇ ଖେଳିବାକୁ ପଡ଼ିବ। ବିଶେଷ କରି ବିପକ୍ଷ ଦଳକୁ ଯେପରି ଅଧିକ ପେନାଲ୍ଟି କର୍ନର ଦିଆ ନ ଯିବ ତା' ଉପରେ ଧ୍ୟାନ ଦେବାକୁ ପଡ଼ିବ। ସାମାନ୍ୟ ତ୍ରୁଟି ଦଳର କ୍ରମାଗତ ଏସିଆନ ଚାମ୍ପିୟନଶିପ୍ ଟାଇଟଲ ବିଜୟରେ ପ୍ରତିବନ୍ଧକ ସାଜିପାରେ। ମସ୍କଟରେ ଅନୁଷ୍ଠିତ ଗତ ସଂସ୍କରଣରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ଭାରତ ଓ ପାକିସ୍ତାନକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା।



ରାଉଣ୍ଡ ରବିନ ପର୍ଯ୍ୟାୟରେ ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଜୟନ୍ତୀଙ୍କୁ ଟ୍ରିପଲ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୦।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ପାରା ଆଥଲେଟ୍ ଜୟନ୍ତୀ ବେହେରା ରାଜ୍ୟପାଇଁ ଆଣିଛନ୍ତି ଖୁସି ଖବର। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ବେଙ୍ଗାଲୁରୁରେ ସୋମବାର ଅନୁଷ୍ଠିତ ୩ୟ ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ୩ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଟି୪୭ କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜୟନ୍ତୀ ୧୦୦, ୨୦୦ ଓ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ୧୦୦ ମିଟର

**ଇଣ୍ଡିଆନ ଓପନ ପାରା ଆଥ୍‌ଲେଟିକ୍ସ**

ରେସ୍‌କୁ ୧୩.୪୪ ସେକେଣ୍ଡରେ ଶେଷ କରିଥିବାବେଳେ ୨୦୦ ମିଟରକୁ ୨୭.୮୦ ସେକେଣ୍ଡ ଓ ୪୦୦ ମିଟରକୁ ୧:୦୧ ସେକେଣ୍ଡରେ ଅତିକ୍ରମ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।

୧୯୯୯ ଜୁନ ୧୧ରେ ପୁରୀ ଜିଲା ସାକ୍ଷୀଗୋପାଳରେ ଜନ୍ମିତ ଜୟନ୍ତୀ ପୂର୍ବରୁ ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ହାସଲ କରି ସାରିଛନ୍ତି। ୨୦୧୭ରେ ସେ ଚାଇନା ଓପନ ପାରା ଆଥଲେଟିକ୍ ଗ୍ରାଁ ପ୍ରିର ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ସେହିବର୍ଷ ସେ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ସିନିୟର ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଭାଗ ନେବାରେ ସର୍ବକନିଷ୍ଠ ଭାରତୀୟ ଥିଲେ। ସୁଇଜରଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଜୁନିୟର ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ର ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୮ରେ ଜାକର୍ତ୍ତାଠାରେ ଆୟୋଜିତ ଏସିଆନ ପାରା ଗେମ୍ସର ମହିଳା ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ରେ ରୌପ୍ୟ ପଦକ ଅର୍ଜନ କରିଥିଲେ ଜୟନ୍ତୀ। ସେହିପରି ୨୦୧୯ରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ।



ସ୍ୱର୍ଣ୍ଣ ପଦକ ସହ ଜୟନ୍ତୀ ବେହେରା।


ହାଡ଼ିବନ୍ଧୁ ଓ ସତ୍ୟବାଦୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଶ୍ରେଷ୍ଠ ବିବେଚିତ ଖେଳାଳିଦ୍ୱୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଏମ୍‌ବିଏସ୍, ଜାଗୁଆର ବିଜୟୀ

**ଭୁବନେଶ୍ୱର, ୨୦।୧୨ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ସୁନ୍ଦରପଦା, କପିଳ ପ୍ରସାଦ ସାକ୍ସ ଖେଳପଡ଼ିଆରେ ଚାଲିଥିବା ୧୩ତମ ହାଡ଼ିବନ୍ଧୁ ଏବଂ ସତ୍ୟବାଦୀ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ ଖେଳା ଯାଇଛି। ଏଥିରେ ଏମ୍‌ବିଏସ୍ ୫ ଉଇକେଟରେ ସମରସେଟ୍‌କୁ ଓ ବୈଶାଳୀ ଜାଗୁଆର ଦଳ ୧୮୨ ରନରେ ଭଦ୍ରକକୁ ପରାସ୍ତ କରିଛନ୍ତି। ପ୍ରଥମ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ସମରସେଟ୍ ୧୫୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କିରଣ ଖାଁ ସର୍ବାଧିକ ୫୮ ରନ କରିଥିଲେ। ବିପକ୍ଷ ଦଳର ସଚିନ ମୁଖି ୩ଟି ଉଇକେଟ ନେଇଥିଲେ। ଜବାବରେ ଏମ୍‌ବିଏସ୍ ଦଳ

**ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ କ୍ରିକେଟ**

୫ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରି ନେଇଥିଲା। ଉମାକାନ୍ତ ଜଗଦେବ ୪୩ ରନ କରି ଅପରାଜିତ ରହିଥିଲେ। ପରାଜିତ ଦଳର ଆଲୋକ ଦାସ ୨ଟି ଉଇକେଟ ପାଇଥିଲେ। ଆଶିଷ ଗୌତମ ଚମ୍ପତି ଅତିଥିଭାବେ ଯୋଗଦେଇ ଉମାକାନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବୈଶାଳୀ ଜାଗୁଆର ୭ ଉଇକେଟ ହରାଇ ୨୪୭ ରନ କରିଥିଲା। ଦଳ ପକ୍ଷରୁ ରାକେଶ ଜେନା ୩୪ ବଲ୍‌ରୁ ସର୍ବାଧିକ ୮୮ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରକାଶ କୁମାର ୪ଟି ଉଇକେଟ ନେଇଥିଲେ। ବଡ଼ ସ୍କୋରର ପିଛା କରିଥିବା ଭଦ୍ରକ ୬୫ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ରାକେଶ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

# ଉତ୍ତର ପ୍ରଦେଶ ୩୩୫/୫

**ଭୁବନେଶ୍ୱର, ୨୦।୧୨ (କ୍ରୀଡ଼ା ପ୍ରତିନିଧି):** ପୁଣେରେ ସୋମବାର ଓଡ଼ିଶା-ଉତ୍ତର ପ୍ରଦେଶ ୧୯ ବର୍ଷରୁ କମ୍ ୪ ଦିନିଆ କୁଚ୍‌ବିହାର ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ଓଡ଼ିଶା ଫିଲ୍ଡିଂ ନିଷ୍ପତ୍ତି ନେଇଥିବାବେଳେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ଉତ୍ତର ପ୍ରଦେଶ ପ୍ରଥମ ଇନିଂସରେ ୫ ଉଇକେଟ ହରାଇ ୩୩୫ ରନ ସଂଗ୍ରହ କରିଛି। ଅର୍ଜୁନ ଭରଦ୍ୱାଜ ୧୬୦ ରନରେ ଅପରାଜିତ ରହିଛନ୍ତି। ଅର୍ଣ୍ଣବ ବଳିୟାନ ୬୪ ଓ ସ୍ୱସ୍ତିକ ୫୪ ରନ ସ୍କୋର କରିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ନିରଞ୍ଜନ ଗୌଡ଼ ୨ଟି ଏବଂ ଆଶୁତୋଷ ଛୁରିଆ ଓ ସୁଶୀଲ କୁମାର ବାରିକ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ତ୍ରିଶତକ ହାସଲରେ ହୁରେରା ଦ୍ୱିତୀୟ ସର୍ବକନିଷ୍ଠ ପାକିସ୍ତାନୀ

**କରାଚୀ, ୨୦।୧୨ (ପି.ଟି.):** ଚଳିତ କଏଦ୍-ଏ-ଆଜାମ ଟ୍ରଫିରେ ସୋମବାର ପାକିସ୍ତାନର ଦ୍ୱିତୀୟ ସର୍ବକନିଷ୍ଠ କ୍ରିକେଟର ଭାବେ ତ୍ରିଶତକ ହାସଲ କରିଛନ୍ତି ପାକିସ୍ତାନର ପୂର୍ବତନ କ୍ରିକେଟ ଅଧିନାୟକ ଶୋଏବ ମଲିକଙ୍କ ଭଣଜା ମହମ୍ମଦ ହୁରେରା। ହୁରେରା ୧୯ବର୍ଷ ୨୩୯ ଦିନ ବୟସରେ ତାଙ୍କ ପ୍ରଥମଶ୍ରେଣୀ ସିଜନ ପଦାର୍ପଣ ମ୍ୟାଚ ଖେଳୁଛନ୍ତି। ପାକିସ୍ତାନର ପ୍ରଥମଶ୍ରେଣୀ ଇତିହାସରେ ଦ୍ୱିତୀୟ ସର୍ବକନିଷ୍ଠ କ୍ରିକେଟର ଭାବେ ସେ ୩୦୦ ରନ ସଂଗ୍ରହ କରିଥିବା ବେଳେ ମୋଟ ଉପରେ ୮ମ ଖେଳାଳି ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ପାକିସ୍ତାନ ମାଟିରେ ଏହା ହେଉଛି ୨୩ତମ ତ୍ରିଶତକ। ପାକିସ୍ତାନରେ ଓଭର ଅଲ୍ ୩୦୦ ରନ କରିବାରେ ହୁରେରା ହେଉଛନ୍ତି ୨୨ତମ ଖେଳାଳି।

# ଆନ୍ତଃ ମଣ୍ଡଳ ସିଏମ୍‌ପିଡିଆଇ ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୦।୧୨ (କ୍ରୀଡ଼ା ପ୍ରତିନିଧି)**

ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନ୍‌ଷ୍ଟିଚ୍ୟୁଟ (ସିଏମ୍‌ପିଡିଆଇ)ର ଆନ୍ତଃ ମଣ୍ଡଳ ଚେସ୍ ପ୍ରତିଯୋଗିତା ସ୍ଥାନୀୟ ଗଜପତି ନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ସୋମବାର ଆରମ୍ଭ ହୋଇଛି। ଭୁବନେଶ୍ୱର କ୍ଷେତ୍ରୀୟ ନିର୍ଦ୍ଦେଶକ ଆର.କେ. ମହାପାତ୍ର ଗୋଟି ଚଳାଇ ଆନୁଷ୍ଠାନିକଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ମଣ୍ଡଳଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୭ଟି ବଛାବଛା ଦଳ ଏବଂ ଅନେକ ଦକ୍ଷ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମଣ୍ଡର କ୍ରୀଡ଼ା ସଚିବ ଅଲେଖ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଫିଡେ ଆର୍ବିଟର ଭବେଶ ମହାନ୍ତି, ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ ଓ ରେଟେଡ ଖେଳାଳି ଅବିନାଶ ଦାସ ପରିଚାଳନା କରୁଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ଦଳଗତ ପ୍ରତିଯୋଗିତାରେ ହେଡ୍‌କ୍ୱାର୍ଟର ରାଞ୍ଚି ୬ ପଏଣ୍ଟ ପାଇ ଚାମ୍ପିୟନ ଏବଂ ଆର୧-ଭି ବିଳାସପୁର ୪ ପଏଣ୍ଟ ସହ ରନର୍ସଅପ୍ ହୋଇଛି। ଆର୧ ଆସନସୋଲ ୩ୟ, ଆର୧-୧୧ ଧାନବାଦ ୪ର୍ଥ, ଆର୧-ଭିଆଇଆଇ ଭୁବନେଶ୍ୱର ୫ମ, ଆର୧-ଆଇଭି ୬ଷ୍ଠ ଏବଂ ଆର୧-୩ ରାଞ୍ଚି ସପ୍ତମ ସ୍ଥାନ ଅଧିକାର କରିଛି। ମଙ୍ଗଳବାର ବ୍ୟକ୍ତିଗତ ବିଭାଗରେ ଖେଳ ଅନୁଷ୍ଠିତ ହେବ।


ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନ୍‌ଷ୍ଟିଚ୍ୟୁଟର ଆନ୍ତଃ ମଣ୍ଡଳ ଚେସ୍ ପ୍ରତିଯୋଗିତାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଶାର୍ଦ୍ଦୂଳ ନା ଅତିରିକ୍ତ ବ୍ୟାଟର

**ନୂଆଦିଲ୍ଲୀ, ୨୦।୧୨(ପି.ଟି.)**

ଚଳିତ ମାସ ୨୬ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଅନଠାରେ ଖେଳାଯିବ। ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ସବୁବେଳେ ୫ ବୋଲର ରଣନୀତିରେ ବିଶ୍ୱାସ କରନ୍ତି। ତେଣୁ ଦକ୍ଷିଣ ଆଫ୍ରିକା ପିଚ୍ ଓ ପରିବେଶକୁ ଦୃଷ୍ଟିରେ ରଖି ଭାରତୀୟ ଦଳ ଶାର୍ଦ୍ଦୂଳ ଠାକୁରଙ୍କୁ ଖେଳାଉଛି ନା ଅତିରିକ୍ତ ବ୍ୟାଟରଭାବେ ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀଙ୍କ ମଧ୍ୟରୁ ଜଣକୁ ଚୟନ କରୁଛି ତା' ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିଛି। ଅନ୍ୟଏକ ଦୃଷ୍ଟିକୋଣରୁ କମ୍ବିନେଶନ ଦେଖିଲେ ହନୁମା ପ୍ରଥମ ଟେଷ୍ଟ ପାଇଁ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇ ନ ପାରନ୍ତି। ଭାରତୀୟ ଦଳ ଗତ ୩ ଦିନଧରି ସେଞ୍ଚୁରିଅନର ସୁପରସ୍ପୋର୍ଟ ପାର୍କରେ ଅଭ୍ୟାସ ଚଳାଇଛି। ମୁଖ୍ୟ ଷ୍ଟାଡିୟମର ସେଣ୍ଟର ଉଇକେଟରେ ଅଭ୍ୟାସ ପାଇଁ କ୍ରିକେଟ ଦକ୍ଷିଣ ଆଫ୍ରିକା ଭାରତୀୟ ଦଳକୁ ସୁଯୋଗ ଦେଇଛି। ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ କୌଣସି ଭ୍ରମଣକାରୀ ଦଳକୁ ସେଣ୍ଟର ଉଇକେଟରେ ଅଭ୍ୟାସ ପାଇଁ ସୁଯୋଗ ଦେବା ବିରଳ। ଏହାର ପାଖାପାଖି ସ୍ଥାନରେ ସ୍କିଲ ଟ୍ରେନିଂ (ନେଟ୍ ସେସନ)ର ବ୍ୟବସ୍ଥା ହୋଇଛି।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଜାରି କରାଯାଇଥିବା ଏକ ସଂକ୍ଷିପ୍ତ ଭିଡିଓରେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ କ୍ୱାଲିଟି ପ୍ରାକ୍ଟିସ ଏବଂ ଉତ୍ତମ ପ୍ରଗାଢ଼ତା ସମ୍ପର୍କରେ କହୁଥିବା ନଜରକୁ ଆସୁଛି। ମିଡିଲ ଅର୍ଡର ବ୍ୟାଟର ଶ୍ରେୟାସ ଆୟାର ମଧ୍ୟ ପିଚ୍‌ରେ ଘାସ ଥିବାର ସୂଚନା ଦେଉଛନ୍ତି। ସର୍ବଦା ଆକ୍ରମଣାତ୍ମକ ଖେଳରେ ବିଶ୍ୱାସ କରୁଥିବା ଅଧିନାୟକ କୋହଲି ଏଥର ମଧ୍ୟ ୫ ବୋଲର ରଣନୀତିରେ ରହିବା ସମ୍ଭାବନା ରହିଛି। ତେବେ ବାମହାତୀ ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତିରେ ୭ ନମ୍ବର ସ୍ଥାନରେ କାହାକୁ ଚୟନ କରାଯିବ ତା ଉପରେ ନଜର ରହିବ। ଏହି ପରିସ୍ଥିତିରେ ୭ ନମ୍ବର ସ୍ଥାନପାଇଁ ଶାର୍ଦ୍ଦୂଳ ଠାକୁର ଉପଯୁକ୍ତ ବୋଲି ବିବେଚନା କରୁଛନ୍ତି ପୂର୍ବତନ ଜାତୀୟ ଚୟନ କମିଟି ମୁଖ୍ୟ ଏମଏସକେ ପ୍ରସାଦ। ରବିଚନ୍ଦ୍ରନ ଅଶ୍ୱିନଙ୍କ ନାମ ମଧ୍ୟ ସେ ନେଇଛନ୍ତି। ଯଦି ଫିଟ୍ ରହିବେ ତେବେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ଶାମି, ଅଶ୍ୱିନ ଓ ମହମ୍ମଦ ସିରାଜ ଖେଳିବା ନିଶ୍ଚିତ। ବର୍ତ୍ତମାନର ଫର୍ମ ଦୃଷ୍ଟିରୁ ସିରାଜଙ୍କୁ ବାହାରେ ରଖି ଇଶାନ୍ତ ଶର୍ମାଙ୍କୁ ଚୟନ କରାଯିବା ଅସମ୍ଭବ ବୋଲି ଅନୁଭବ କରୁଛନ୍ତି ପ୍ରସାଦ। ସେଞ୍ଚୁରିଅନ ପଡ଼ିଆ ସମୁଦ୍ର ପତ୍ତନର ୧୩୦୦ ମିଟର ଉପରେ ଅବସ୍ଥିତ। ଏହା ଅର୍ଥ ଏଠାରେ ବୋଲରମାନେ ଶୀଘ୍ର କ୍ଳାନ୍ତ ହେବା ସମ୍ଭାବନା ରହିଛି। ତେଣୁ ୪ ବୋଲର ରଣନୀତିରେ ଓହ୍ଲାଇଲେ ସେମାନଙ୍କ ଉପରେ ନିଶ୍ଚିତ ଚାପ ରହିବ। ଭାରତ ଗୋଟିଏ ସପ୍ତାହ ଅଭ୍ୟାସ ପରେ ଟେଷ୍ଟ ଖେଳିବ। ଏହା ଶରୀରରେ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ। ତେଣୁ ଜଣେ ଅତିରିକ୍ତ ବ୍ୟାଟରଙ୍କ କଥା ମଧ୍ୟ ଚିନ୍ତା କରାଯାଇପାରେ ବୋଲି ପ୍ରସାଦ କହିଛନ୍ତି। ଅତିରିକ୍ତ ବ୍ୟାଟରଙ୍କ କଥା ଉଠିଲେ ରାହାନେ ଏବଂ ବିହାରୀଙ୍କ ମଧ୍ୟରୁ ଜଣକୁ ବାଛିବାକୁ ହେବ। ବିହାରୀ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜରେ ଭାରତୀୟ ଦଳର ସଦସ୍ୟ ନ ଥିଲେ। ତେବେ ଗତ ମାସରେ ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷରେ ସେ ୩ ଅର୍ଦ୍ଧଶତକ ୫୪, ୭୨* ଓ ୬୩ ରନ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଥିବାରୁ ସେଠାକାର ପରିବେଶ ସହିତ ମଧ୍ୟ ସେ ଅଭ୍ୟସ୍ତ ହୋଇ ଯାଇଛନ୍ତି।

**ଟିମ୍ ଇଣ୍ଡିଆ ଟିମ୍ କମ୍ବିନେଶନ**

ଅନ୍ୟପକ୍ଷରେ ଅଭିଜ୍ଞତା ଦୃଷ୍ଟିରୁ ରାହାନେଙ୍କୁ ଦକ୍ଷତା ପ୍ରଦର୍ଶନ ପାଇଁ ଆଉ ଏକ ସିରିଜ ଦିଆ ଯାଇପାରେ। ସମ୍ଭାବ୍ୟ ଭାରତୀୟ କମ୍ବିନେଶନ (ପ୍ରଥମ ୧୦ ଜଣ) ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଶ୍ରେୟାସ ଆୟାର, ରିଷଭ ପନ୍ତ, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ଶାମି, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ। ୧୧ତମ ସ୍ଥାନ ଶାର୍ଦ୍ଦୂଳ ଠାକୁର (ବୋଲିଂ ଅଲ୍‌ରାଉଣ୍ଡର)/ହନୁମା ବିହାରୀ/ଅଜିଙ୍କ୍ୟ ରାହାନେ (ଅତିରିକ୍ତ ବ୍ୟାଟର)।



ହନୁମା ବିହାରୀ, ଅଜିଙ୍କ୍ୟ ରାହାନେ ଓ ଶାର୍ଦ୍ଦୂଳ ଠାକୁର।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଅଗ୍ରୱାଲ ସଭାର ନୂତନ କର୍ମକର୍ତ୍ତା

ପଦ୍ମପୁର, (ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଅଗ୍ରୱାଲ ସଭାର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସୋମବାର ସ୍ଥାନୀୟ ମାରୱାଡି ଧର୍ମଶାଳାରେ ପୂର୍ବତନ ଅଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି କୈଳାସ ଅଗ୍ରୱାଲ, ସମ୍ପାଦକ ସୁନୀଲ ଅଗ୍ରୱାଲ, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, ଉପ ସଭାପତି ନରେଶ ଅଗ୍ରୱାଲ, ସହ ସମ୍ପାଦକ ନରସିଂହ ଅଗ୍ରୱାଲଙ୍କ ସମେତ ୬ ଜଣ ସଦସ୍ୟ ଚୟନ ହୋଇଥିଲେ। ନୂତନ ସଦସ୍ୟଙ୍କୁ ଶପଥ ପାଠ କରାଯାଇଥିଲା।

## ସଂକ୍ଷେପରେ

### କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ସୋହେଲା,୨୦।୧୨(ଡି.ଏନ.ଏ): ବରଗଡ଼ ଜିଲା ସୋହେଲା ବ୍ଲକ ରଣେଶ୍ୱର ରାମଚଣ୍ଡୀ ପୀଠ ଲମ୍ବୁରୁପାଲିଠାରେ ସୋହେଲା କୁଲିତା ସମାଜ ପକ୍ଷରୁ ନିର୍ମିତ କଲ୍ୟାଣ ମଣ୍ଡପ ସୋମବାର ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ଚରଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୁଲିତା ସମାଜର ସଭ୍ୟ ବିନୋଦ ସାହୁ, ଚତୁର୍ଭୁଜ ପ୍ରଧାନ, କପିଳ ଥପା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁକୁମାର ଭୋଇ ଉଦ୍ଦେଶ୍ୟ ଜ୍ଞାପନ ଓ ଅଗସ୍ତି ଭୋଇ ସଭା ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ବାରିକ, ଗଣତନ୍ତ୍ର ପ୍ରଧାନ, ଦିଲୀପ ଭୋଇ, ଯୁଗଳ ପ୍ରଧାନ, ଶେଷଦେବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗୋପାଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ

ବଲାଙ୍ଗୀର ଅଫିସ, ୨୦।୧୨: ଗୁରୁକୁଳ ସପ୍ତର୍ଷି ସେବାଶ୍ରମ ଦୟାନନ୍ଦ ବିହାର(ଦେଓଗାଁ) ଧୁମାଭଟାଠାରେ ୨୧ ତମ ବାର୍ଷିକ ଉତ୍ସବ, ୨୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ବେଦ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଡ. ଆଚାର୍ଯ୍ୟ ଦେବବ୍ରତଜୀ, ସ୍ୱାମୀ ସୋମବେଶଜୀ ମହାରାଜା, ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଜୀ, ଗୁରୁକୂଳ ଆଶ୍ରମ ପ୍ରତିଷ୍ଠତା ପଣ୍ଡିତ ସହଦେବ ଶାସ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଥିଲା। ଆଶ୍ରମର ସପ୍ତର୍ଷି କୁଟୀର ନିର୍ମିତ ହୋଇଛି। ଉକ୍ତ କୁଟୀରରୁ ସମାଜସେବିକା ସ୍ୱର୍ଗତ ବିଜୟରାଣୀ ପରିଚ୍ଛାଙ୍କ ସ୍ମାରକୀ ଭାବେ ଓ ଅନ୍ୟ ୬ଟି କୁଟୀରକୁ ଡ. ଆଚାର୍ଯ୍ୟ ଦେବବ୍ରତଜୀ ଓ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଜୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଉକ୍ତ ଉଦ୍‌ଘାଟନ ସ୍ଥାନରେ ପଣ୍ଡିତ ସହଦେବ ଶାସ୍ତ୍ରୀ, ତରୁଣ କୁମାର ପରିଚ୍ଛା ଓ ଶତାଧିକ ଭକ୍ତ ଉପସ୍ଥିତ ଥିଲେ। ଉକ୍ତ ଆଶ୍ରମର ୭ଜଣ କୃତୀ ଛାତ୍ରଙ୍କୁ ସମାଜସେବିକା ସ୍ୱର୍ଗତ ବିଜୟାରାଣୀ ପରିଚ୍ଛା ସ୍ମୃତି ସମ୍ମାନ ୨୦୨୧ ଟ୍ରଫି, ସାର୍ଟିଫିକେଟ ଓ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ତରୁଣ କୁମାର ପରିଚ୍ଛା ସ୍ମୃତି ସମ୍ମାନ ପ୍ରଦାନ କରିଥିଲେ।

### ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଗୋଲାମୁଣ୍ଡା,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁରେ ସୋମବାର ଭାଜପାର ସ୍ଥାନୀୟ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ନିର୍ବାଚନ ଭଳି ଏଥର ମଧ ୩ଟି ଜିଲା ପରିଷଦ ଆସନରୁ ୩ଟି କିଭଳି ଭାଜପା ବିଜୟୀ ହେବ ସେ ନେଇ ରଣନିତୀ ପ୍ରସ୍ତୁତ କରାଯାଇଥିଲା। ପ୍ରତି ବୁଥ୍‌ସ୍ତରରେ ଭାଜପାର ସଙ୍ଗଠନ କିପରି ମଜଭୁଥ୍ ହେବ ଓ ସକ୍ରିୟ କମିଟି କେମିତି ଗଠନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ବିରିଷ୍ଠ ନେତା ଭାଗ୍ୟବାନ ବାଗ, ରୁଦ୍ରାକ୍ଷ୍ୟ ପଟେଲ, ଜୟନ୍ତ ସାହୁ, ଚମ୍ପାବତୀ ସାହୁ, ଜୟରାମ ସାହୁଙ୍କ ସମେତ ଅନେକ ଭାଜପା କର୍ମକର୍ତ୍ତା ଯୋଗଦେଇଥିଲେ।

### କ୍ଲଷ୍ଟରସ୍ତରୀୟ ଶିକ୍ଷକ ସମାରୋହ

କର୍ଲାମୁଣ୍ଡା,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଓ ମ.ରାମପୁର ବ୍ଲକ ସୀମାରେ ଥିବା ଶାନ୍ତିବନଠାରେ ରବିବାର ଜୋରାଡବରା କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉଦ୍ୟମ କ୍ରମେ ଏକ ଶିକ୍ଷକ ସମାରୋହ ତଥା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ଗହୀର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସହଦେ ସୁନା, ମୁଖ୍ୟ କିରାଣୀ ମକରଧ୍ୱଜ ବାଗ, ଆକାଉଣ୍ଟେଣ୍ଟ କ୍ଷୀରୋଦ ବଡମାଳି ଏବଂ ସିଆରସିସି ଗୋପମଣି ସାହୁ ଯୋଗଦେଇଥିଲେ। କର୍ଲାମୁଣ୍ଡା ବ୍ଲକରେ ଶିକ୍ଷାର ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ ନିଷ୍ଠାର ସହିତ କାମ କରିବାକୁ ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ କର୍ଲାମୁଣ୍ଡା ଶିକ୍ଷକ ସଂଘ ସଭାପତି ତଥା ଜୋରାଡବରା କେନ୍ଦ୍ର ବରିଷ୍ଠ ଶିକ୍ଷକ ବସନ୍ତ ମିଶ୍ର ଓ ଜୋରାଡବରା କେନ୍ଦ୍ର ପ୍ରଧାନ ଶିକ୍ଷକ ତରୁଣ ଜାନିଙ୍କ ତତ୍ୱବାଧାନରେ ଆୟୋଜନ ହୋଇଥିବା ବେଳେ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ଏକତା, ଅଖଣ୍ଡତାକୁ ଗୁରୁତ୍ୱ

## ବରଗଡ଼ରେ ଜାତୀୟ ଡୁମାଲ ଦିବସ

ବରଗଡ଼ ଅଫିସ,୨୦।୧୨

ବରଗଡ଼ ରୟାଲ ପେଲେସ୍‌ରେ ସୋମବାର ମାହେଶ୍ୱରୀ ସଂସ୍କୃତି ପରିଷଦ ଓଡ଼ିଶା ଆନୁକୂଲ୍ୟରେ ଜାତୀୟ ଡୁମାଲ ଦିବସ ପାଳିତ ହୋଇଛି।



କାର୍ଯ୍ୟକ୍ରମରେ ଡୁମାଲ ସମାଚାର ଉନ୍ମୋଚନ କରାଯାଉଛି ।

ପରିଷଦର ଆବାହକ ହରିଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପ୍ରାଚୀନ ମାହେଶ୍ୱରୀ ପୀଠ, କୁରୁଆଁର ଜାଗେଇ ଦେହେରୀ ଏବଂ ସେବାୟତ ସାଥୀ ମାହେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। କଳାକାର ସନ୍ତୋଷ ବେହେରା ଓ ସାଥୀ ମାହେଶ୍ୱରୀଙ୍କ ବନ୍ଦନା, ଭଜନ ପରିବେଷଣ କରିଥିଲେ। ଶିଶୁ ନୃତ୍ୟଶିଳ୍ପୀ ଜତୀନ କୁମାରଙ୍କ ନୃତ୍ୟ ପରେ କବି ରଞ୍ଜିତ ପ୍ରଧାନ ମାହେଶ୍ୱରୀଙ୍କ ଉପରେ କବିତା ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ଅଭିପ୍‌ସା କଲତା, ଶାଶ୍ୱତ ମହାକୁର, ସନ୍ତୋଷ ପ୍ରଧାନ, ନିର୍ମଳ ଦେହେରି, ପୁଷ୍ପାଞ୍ଜଳି କଲତା, ଚନ୍ଦ୍ରଶେଖର କମ୍ପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସମାରୋହରେ କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନ ମୁଖ୍ୟଅତିଥି, ସମାଜସେବୀ ପାଣ୍ଡବ କର୍ଣ୍ଣ ସ୍ୱତନ୍ତ୍ର ଅତିଥି, ମାହେଶ୍ୱରୀ ଜିଏନଏମ/ଏଏନଏମ କଲେଜର ପ୍ରତିଷ୍ଠାତା ଫକୀର କର୍ଣ୍ଣ, ଜୁନିୟର କମିଶନର ଅଫିସର ନିର୍ମଳ ଦେହେରି, ସରପଞ୍ଚ ପୁଷ୍ପାଞ୍ଜଳି କଲତା, ନୀଳିମା ମହାକୁର, ଭୁବନେଶ୍ୱର ମହାକୁର, ବୁଲୁ କର୍ମୀ, ଲୋଚନ କମ୍ପ, ରଞ୍ଜିତ ପ୍ରଧାନ, ଯୁଧିଷ୍ଠିର ମାହାର, ସୁରେନ୍ଦ୍ର କର୍ମୀ, ଗଣେଶ କର୍ଣ୍ଣ, ସମିତି ସଭ୍ୟ ମନୋଜ ପ୍ରଧାନ, ମାଷ୍ଟର ଟ୍ରେନର ଜୀବର୍ଦ୍ଧନ କ୍ଷେତି, ଭୁବନେଶ୍ୱର ଡାଙ୍ଗ, ଗଜରାଜ ମହାକୁର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ଜାତୀୟ ଏକତା, ଅଖଣ୍ଡତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ମହିଳା ସଭାନେତ୍ରୀ ହେମାବତୀ କର୍ଣ୍ଣ ମହିଳା ସଶକ୍ତୀକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ସମାରୋହ ପ୍ରାରମ୍ଭରେ ଜାତୀୟ ସଂସ୍କୃତି, ଐତିହ୍ୟର ପ୍ରତୀକ ଡୁମାଲ ସମାଚାର ଏବଂ ତ୍ରିଲୋଚନ କମ୍ପଙ୍କ ରଚିତ ମାହେଶ୍ୱରୀ ସ୍ତୋତ୍ର ରତ୍ନାବଳୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ନିର୍ମଳ ଦେହେରୀଙ୍କୁ ଜାତୀୟ ସଭାପତି, ହରିଶଙ୍କର ବେହେରାଙ୍କୁ ରାଜ୍ୟ ସଭାପତି, ହୀରା ମହାକୁରଙ୍କୁ ରାଜ୍ୟ ସମ୍ପାଦକ, ସୁରେନ୍ଦ୍ର କର୍ମୀଙ୍କୁ ଜିଲା ସଭାପତି ଏବଂ ଚୈତନ୍ୟ କର୍ଣ୍ଣଙ୍କୁ ଜିଲା ସମ୍ପାଦକ ଘୋଷଣା କରାଯାଇଥିଲା। ଚୈତନ୍ୟ କର୍ଣ୍ଣ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସୁରେନ୍ଦ୍ର କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ନିର୍ବାଚନରେ ବିଜୟ ନିଶ୍ଚିତ କରିବାକୁ ଆହ୍ୱାନ

## ଲୋଇସିଂହାରେ ବିଜେଡି କର୍ମୀ ସମ୍ମିଳନୀ

ଲୋଇସିଂହା, ୨୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ସାପ୍ତାହିକ ବଜାର ପଡିଆରେ ବ୍ଲକର ୩୩ ନଂ ଜୋନର ବିଜେଡି କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ପ୍ରକାଶ କୁମାର ମହାରଣା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ଯୋଗଦେଇ ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ ବିଜେଡି ସରକାରର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମାଜର ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ କର୍ମୀମାନେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ କେନ୍ଦ୍ର ସରକାର ଓଡିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ତୀବ୍ର ସମାଲୋଚନା କରିଥିଲେ। ଏକଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨ଟଙ୍କିଆ ଚାଉଳ ଘୋଷଣାକୁ କଂଗ୍ରେସ ଉପହାସ କରୁଥିଲା । ଏବେ ହିତାଧିକାରୀଙ୍କୁ ୧ ଟଙ୍କାରେ ଚାଉଳ ମିଳୁଛି । ମୁଖ୍ୟମନ୍ତ୍ରୀ ଯାହା କହନ୍ତି ତାହା କରନ୍ତି ବୋଲି ସେ କହିଥିଲେ। ଏକଜୁଟ ହୋଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାନ ଲଢିବାକୁ କର୍ମୀଙ୍କୁ କଲିକେଶ ଆହ୍ୱାନ ଦେଇଥିଲେ। ଦଳର ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା ପଞ୍ଚାୟତ ନିର୍ବାଚନ ମୁକାବିଲା ଲାଗି ପ୍ରସ୍ତୁତିକୁ ଜୋରଦାର କରିବାକୁ ମତ ରଖିଥିଲେ। ଚଳିତ ଥର ବିଜେଡି ଏଠାରେ ୨୦୧୨ ପଞ୍ଚାୟତ ନିର୍ବାଚନର ଫଳାଫଳ ଦୋହାରାଇବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ଜିଲା ସମ୍ପାଦକ ଅଶୋକ କୁମାର ବରିହା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରିଷି କୁମାର ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ କୈଳାସ ମହାନ୍ତି, ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ସହଦେବ ସା, ଜିଲା ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, ବିଜେଡି ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ ଉପସ୍ଥିତ ଥିଲେ। ସ୍ୱାଗତ ଅଭିଭାଷଣ ଦେଇଥିଲେ ନୀତେଶ କୁମାର ଅଗ୍ରୱାଲ।



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

# ୫ ଦଫା ଦାବି ନେଇ ଲୋହରା ସମାଜର ଶୋଭାଯାତ୍ରା

ଧର୍ମଗଡ,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡରେ ସୋମବାର ୫ଦଫା ଦାବି ନେଇ ଲୋହରା ସମାଜ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାର ଲୋହରା, ଲୁହୁରା, ଲହରା, କମାର ଓ ବିନ୍ଧାଣି ଜାତିକୁ ଆଦିବାସୀ ବର୍ଗରେ ମାନ୍ୟତା ଦିଅନ୍ତୁ, ଜାତିର କୌଳିକ ବୃତ୍ତିକୁ ଆଧୁନିକରଣ କରାଯାଉ, ଜାତିର ଘରଡିହ ଓ ଜମିହୀନ ପରିବାରକୁ ଚିହ୍ନଟ କରି ସେମାନଙ୍କୁ ଘରଡିହ, ଚାଷଜମି ପଟ୍ଟା ଯୋଗାଇ ଦିଆଯାଉ, ଜାତିର ଝିଅପୁଅମାନଙ୍କୁ ସ୍ୱତନ୍ତ୍ର ବୈଷିୟିକ ତାଲିମ ପ୍ରଦାନ ଓ ସାମୁହିକ ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ପ୍ରଦାନ କରାଯାଉ ଆଦି ଦାବି ଉଲ୍ଲେଖ କରାଯାଇଛି। ଜିଲା ସଭାପତି ଚନ୍ଦ୍ର ପରାଭୋଏଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ବିରଞ୍ଚି ଭୋଇ, ଜୟପାଟଣା ବ୍ଲକ ସଭାପତି ବିମଳ ଧଙ୍ଗଡାମାଝି, ଜୁନାଗଡ ସଭାପତି ସୁଶାନ୍ତ ମୁଣ୍ଡା, ନର୍ଲା ସଭାପତି ରବି ପରାଭୋଏ, ଗୋଲାମୁଣ୍ଡା ସଭାପତି ଶସି ମୁଣ୍ଡା, କୋକସରା ସଭାପତି ପର୍ଶୁରାମ ମୁଣ୍ଡା, ଥ.ରାମପୁର ବିଜୟ କବାଡି, କଲମପୁର ସଭାପତି ଡମ୍ବରୁଧର ପରାଭୋଏ ପ୍ରମୁଖ ଉପସ୍ଥିତ ଥିଲେ।




ଧର୍ମଗଡରେ ଆୟୋଜିତ ଲୋହରା ସମାଜର ଶୋଭାଯାତ୍ରା।

## କ୍ରିକେଟ: ପଦ୍ମପୁର ବିଜୟୀ

ପଦ୍ମପୁର, ୨୦।୧୨(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲୁହୁରାକୋଟରେ ମାଁ ସମଲେଶ୍ୱରୀ କ୍ରିକେଟ ସଂଘ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ପଦ୍ମପୁର ନେହେରୁ ସ୍ପୋର୍ଟିଂ ଓ ବୁଡେନ ମଧ୍ୟରେ ହୋଇଥିଲା। ଏଥିରେ ପଦ୍ମପୁର ଦଳ ବିଜୟୀ ହୋଇଥିଲା। ମୀନକେତନ ପ୍ରଧାନ ଓ ରାଜେଶ ସାହୁ ଖେଳ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ସାହୁ ଉଦ୍‌ଘୋଷକ ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅରକ୍ଷିତ ପ୍ରଧାନ, ସୁରେଶ ପ୍ରଧାନ, ସୁଦାମ ସାହୁ, ପଦ୍ମଲୋଚନ ବେରିଆ, ବାଳକୃଷ୍ଣ ନାଏକ, ସରୋଜ ସାମଲ, ସୁରଭି ବରିହା, ସୁଶାନ୍ତ ନାଗ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ମାନସ ପ୍ରଧାନ, ବସୁଦେବ ପ୍ରଧାନ, ଆଶୀଷ ସାହୁ, ସୁବଳ ପ୍ରଧାନ ଓ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।

## ପୁଣି ୧୫ଦାଦନ ଶ୍ରମିକ ଉଦ୍ଧାର, ୩ ଗିରଫ

ଖପ୍ରାଖୋଲ, ୨୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ସୋମବାର ବେଆଇନଭାବେ ଚାଲାଣ ବେଳେ ୧୫ ଦାଦନ ଶ୍ରମିକ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ୯ ପୁରୁଷ ଓ ୬ ମହିଳା ରହିଛନ୍ତି। ଶ୍ରମିକମାନଙ୍କ ସହ ୩ ଜଣ ଶିଶୁ ଥିବା ଜଣାଯାଇଛି। ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବେଲପଡା ବ୍ଲକ କନ୍ଧେନଝୁଲା ଛକ ନିକଟରେ ଏକ ଗାଡ଼ିରେ କେତେକ ଶ୍ରମିକଙ୍କୁ ନିଆଯାଉଥିବା ଜାଣି ପୋଲିସ ଅଟକାଇ ପଚରାଉଚରା କରିଥିଲା। ଶ୍ରମିକମାନଙ୍କୁ କନ୍ଧେନଝୁଲା ଗାଁର ଦାଦାନ ସର୍ଦ୍ଦାର ହୃଷି ସୁନା ଚାଲାଣ କରୁଥିବା ପଚରାଉଚରା ବେଳେ ଜଣା ପଡିଥିଲା। ପରେ ସମସ୍ତ ଶ୍ରମିକଙ୍କୁ ସେମାନଙ୍କ ନିଜ ଗାଁକୁ ପୋଲିସ ପଠାଇ ଦେଇଛି। ଉଦ୍ଧାର ଶ୍ରମିକମାନେ ଲାଠୋର ଥାନା ଚଚରାଭଟା ଓ ନୂଆପଡ଼ା ଅଞ୍ଚଳର ବୋଲି ଜଣାଯାଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୩୪/୨୧) ରୁଜୁ କରି ଦାଦାନ ସର୍ଦ୍ଦାର ହୃଷି ସୁନା (୪୫), ସୁଦାମ ସୁନା(୨୩) ଓ ଗାଡି ଡ୍ରାଇଭର ଦାଶରଥି ପୁଟେଲ (୩୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଏଏସଆଇ ନାରାୟଣ ସାହୁ କହିଛନ୍ତି।

# ପଞ୍ଚାୟତସ୍ତରୀୟ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀ ଖୋଲାଯାଉ

ବଲାଙ୍ଗୀର ଅଫିସ, ୨୦।୧୨

ବଲାଙ୍ଗୀର ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିଭାବକ ମଞ୍ଚର ବିଶେଷ ଅଧିବେଶନ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଦିବଙ୍ଗତ ବର୍ଷିଆନ୍ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ବିୟୋଗରେ ଏବଂ ସେବା ନିବୃତ୍ତ ସ୍କୁଲ ନିରୀକ୍ଷକ ସତ୍ୟପ୍ରକାଶ ସିଂଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଧିବେଶନରେ ଆଲୋଚନା ଆରମ୍ଭ କରି ଉପସଭାପତି ପ୍ରସନ୍ନ ମିଶ୍ର ମାଧ୍ୟମିକ ବିଦ୍ୟାଳୟଗୁଡିକର ବିଭିନ୍ନ ସମସ୍ୟା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନେକ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ, ଅନେକ ଦିନରୁ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଯୁକ୍ତଦୁଇ ଶ୍ରେଣୀ ମିଶ୍ରଣ ପାଇଁ ନିଷ୍ପତ୍ତି ନେଇଥିଲେ ସୁଦ୍ଧା ରାଜ୍ୟ ସରକାର ଏହାକୁ ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରିପାରିନାହାନ୍ତି । ଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଯୁକ୍ତଦୁଇ ପାଠ ପଢିବାକୁ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ପଡୁଛି । ଏହି ଅସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯଥାଶୀଘ୍ର ପଞ୍ଚାୟତ ସ୍ତରୀୟ ମାଧ୍ୟମିକ ବିଦ୍ୟାଳୟମାନଙ୍କୁ ଉନ୍ନୀତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବା ପାଇଁ ସଭାରେ ଦାବି କରାଗଲା । ଆଲୋଚନାରେ ଅଂଶଗ୍ରହଣ କରି ସମ୍ପାଦକ ଗୋବିନ୍ଦ ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଛବିଲାଲ ବେହେରା, ଶ୍ରଦ୍ଧାକର କମ୍ପ, ପୂର୍ଣ୍ଣଚନ୍ଦ୍ର ଦାଶ ନିଜ ମତ ଉପସ୍ଥାପନ କରିଥିଲେ । ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ସର୍ବଭାରତୀୟ କରାଟେ: ଦେଓଗାଁର ଝିଅକୁ ବ୍ରୋଞ୍ଜ




ଦେଓଗାଁ,୨୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁର ଝିଅ ଅଭିପ୍ସା ହୋତା କଲିକତାରେ ଗତ ୧୮ ତାରିଖରେ ଅନୁଷ୍ଠିତ ୧୯ତମ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ଜୁନିୟର ବିଭାଗରେ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଅଭିପ୍ସା ଭାଗନେଇଥିଲେ । ଅଭିପ୍ସା ହେଉଛନ୍ତି ଦେଓଗାଁର ବଦ୍ରୀନାଥ ହୋତାଙ୍କ ଝିଅ । ସେ ଏହି କୃତିତ୍ୱ ହାସଲରେ ତାଙ୍କ ବାପାଙ୍କ ସମେତ କରାଟେ ପ୍ରଶିକ୍ଷକ ହୃଦୟ ଶବର ଓ ଚନ୍ଦ୍ର ଶେଖର ସେଠଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି।

# ଅଞ୍ଚଳବାସୀଙ୍କ ଭୋଟ ବର୍ଜନ ଚେତାବନୀ

## ୨ୟ ଦିନରେ ରାସ୍ତା ନିର୍ମାଣ ଦାବିରେ ଧାରଣା ଜାରି

ଲାଞ୍ଜିଗଡ଼,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ଲାଞ୍ଜିଗଡ଼ ସହରରୁ ଜଗନ୍ନାଥପୁରକୁ ସଂଯୋଗ କରୁଥିବା ରାସ୍ତା ସଂକୀର୍ଣ୍ଣ ତଥା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଏହି ରାସ୍ତାରେ ଦିନରାତିଦିନ ଦୁର୍ଘଟଣା ଘଟି ଅକାଳରେ ଧନଜୀବନ ଚାଲିଯାଉଛି। ପ୍ରଶାସନ ନିକଟରେ ରାସ୍ତା ନିର୍ମାଣ ସହିତ ଚଉଡା ବୃଦ୍ଧି ପାଇଁ ବାରମ୍ବାର ଦାବି କରାଯାଉଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏହାକୁ ନେଇ ଜଗନ୍ନାଥପୁରବାସୀ ରବିବାର ଜଗନ୍ନାଥପୁର ତିନିଛକ ନିକଟରେ ସ୍ଥାନୀୟ ଗ୍ରାମବାସୀ ରାସ୍ତା ଅବରୋଧ କରିଥିବା ବେଳେ ସୋମବାର ମଧ ଜାରି ରହିଛି। ଅପରପକ୍ଷରେ ରାସ୍ତା ସମସ୍ୟା ସମାଧାନ ନ ହେଲେ ଅଞ୍ଚଳବାସୀ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଦୀର୍ଘ ୩୬ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏପରି କି ବଳଭଦ୍ରପୁର, ବିଜେପୁର, ତ୍ରିଲୋଚନପୁର, ପାହାଡ଼ପଦର, ମାଳିଯୁବାଙ୍ଗ ସମେତ ରାୟଗଡ଼ା ଜିଲା କଲ୍ୟାଣସିଂହପୁରକୁ ମଧ ଯାତାୟାତ ଠପ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ ଜାରି ରହିଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ପାଖରେ କେହି ପହଞ୍ଚି ନାହାନ୍ତି।



ଦ୍ୱିତୀୟ ଦିନରେ ରାସ୍ତା ଅବରୋଧ ଜାରି ରହିଛି।

# ଶାନ୍ତିବନଠାରେ ପାର୍କ ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପଲମ,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ମସ୍କାଦାଣ୍ଡିର ଶାନ୍ତିବନଠାରେ ନୂତନ ପାର୍କ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ନର୍ଲା ବିଧାୟକ ଭୁପିନ୍ଦର ସିଂ, ମ.ରାମପୁର ବ୍ଲକ ଅଧକ୍ଷ ଜିବେସ କୁମାର ପଣ୍ଡା, ଡବ୍ଲୁଓଡିସି ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ମ.ରାମପୁର ବିଡିଓ ଉତ୍ତମ କୁମାର ବାଗ, ଜିଲା ପରିଷଦ ସଭ୍ୟା ସ୍ନେହଲତା ଭୋଇ, ଏଇଇ ନିହାରରଞ୍ଜନ ମାଝି, ପଞ୍ଚାୟତ ସମିତି ସଭ୍ୟ ଶରତ କୁମାର ମାଝି, ଅବସରପ୍ରାପ୍ତ ରେଞ୍ଜର ସହଦେବ ଧଙ୍ଗଡାମାଝି ପ୍ରମୁଖ ଯୋଗଦେଇଥିଲେ। ମୁଡିଙ୍ଗ ସରପଞ୍ଚ ଟଙ୍କଧର ନାଏକ ସମସ୍ତଙ୍କୁ ପାଛୋଟି ନେଇଥିଲେ। ଆଗାମୀ ଦିନରେ ପାର୍କରେ ୬ଟି ସୋଲାର ଲାଇଟ ଲଗାଇବା ପାଇଁ ସମ୍ମାନିତ ଅତିଥି ସିଂଦେଓ ପ୍ରତିଶ୍ରୁତି ଦେଇଥିବା ବେଳେ ବ୍ଲକ୍ ଅଧକ୍ଷ ପଣ୍ଡା ପାର୍କ ନିକଟରେ ଶୌଚାଳୟ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ବ୍ଲକସ୍ତରୀୟରୁ ମଞ୍ଜୁର କରାଯାଇଥିବା କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତବାସୀଙ୍କ ସହ ଅନ୍ୟ ଗ୍ରାମର ଲୋକମାନେ ଯୋଗଦେଇଥିବା ବେଳେ ଲଳିତ ମୋହନ ଭୋଇ ମଞ୍ଚ ପରିଚାଳନା କରିଥିଲେ।

# ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ସୋନପୁର,୨୦।୧୨(ନି.ପ୍ର.)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱ ସୋନପୁର ନିକଟ ସାହାଜପିଟାଠାରେ ଏକ ଅତ୍ୟାଧୁନିକ ସ୍ୱୟଂଚାଳିତ ଯାନ ପରୀକ୍ଷଣ କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଛି। ୩ କୋଟି ୫୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପକୁ ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ବାଣିଜ୍ୟ, ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ବେହେରା କହିଥିଲେ ଯେ, ଜିଲା ସଡକ ସୁରକ୍ଷା କମିଟି ପ୍ରଚେଷ୍ଟା ଓ ଜନସାଧାରଣଙ୍କ ସହଯୋଗ ଫଳରେ ସୁବର୍ଣ୍ଣପୁର ଜିଲାରେ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ଏହି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ କେନ୍ଦ୍ର ଦ୍ୱାରା କେବଳ ଯୋଗ୍ୟ ବ୍ୟକ୍ତିମାନେ ହିଁ ଡ୍ରାଇଭିଂ ଲାଇସେନ୍ସ ପାଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ପ୍ରମୁଖ ସଚିବ ବାଣିଜ୍ୟ ଓ ପରିବହନ ବିଭାଗ ମଧୁସୂଦନ ପାଢୀ ଯୋଗଦେଇ ଦୁର୍ଘଟଣା ଯୋଗୁଁ ଦେଶରେ ବର୍ଷକୁ ଦେଢ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବା ବେଳେ ରାଜ୍ୟରେ ୫ହଜାର ଲୋକଙ୍କ ଦୁଃଖଦ ମୃତ୍ୟୁ ହେଉଥିବା ସୂଚନା ଦେଇଥିଲେ। ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ୭୦ ପ୍ରତିଶତ ବ୍ୟକ୍ତି ପୁରୁଷ ଓ ସେମାନଙ୍କ ବୟସ ୧୫ ରୁ ୪୫ ବର୍ଷ ଭିତରେ। ତେଣୁ ଯାନ ଚାଳନା ସମୟରେ ସତର୍କ ଓ ସାବଧାନ ରହିବା ଜରୁରୀ ବୋଲି ପାଢୀ କହିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ପରିବହନ ଆୟୁକ୍ତ ଅରୁଣ ବୋଥ୍ରା ଯୋଗଦେଇ ସୁରକ୍ଷିତ ଯାନବାହାନ ଚଳାଚଳ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ସୀତାରାମ ଶତପଥୀ, ପରିବହନ ବିଭାଗ ସମ୍ବଲପୁର ଜୋନର ଉପଆୟୁକ୍ତ ଦିପ୍ତିରଞ୍ଜନ ପାତ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଏହି ପ୍ରକଳ୍ପ ଜିଲା ପାଇଁ ନିହାତି ଆବଶ୍ୟକ ଥିଲା ଏବଂ ଏହା ଦ୍ୱାରା ଦୁର୍ଘଟଣା ହ୍ରାସ ଯଥେଷ୍ଟ ପାଇବ ବୋଲି ମତପ୍ରକାଶ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କୋସଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଂଯୋଜନା କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସାହିତ୍ୟ ଆସର**

**ରାଉରକେଲା ଅଫିସ:** ରାଉରକେଲା ବାସନ୍ତୀ ପାଠାଗାର ପରିସରରେ ସଭାପତି ଜେ. କେ ରାଓଙ୍କ ଅଧ୍ୟକ୍ଷତାରେ ସୋମବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ପ୍ରଶାନ୍ତ କୁମାର ମହାରଣା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ମନୋଜ ଦାସଙ୍କ ଜୀବନୀ ଓ ସାରସ୍ୱତ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। କବି ମୀନକେତନ ପଶାୟତ, ପ୍ରଫେସର ଅଚିନ୍ତ ନାରାୟଣ ଜେନା, ରାଜ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସହରର କବୟିତ୍ରୀ କବି ନିଜସ୍ୱ କବିତା ପାଠ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ଆୟୋଜିତ ମିନି ମାରାଥନ, ନେଲସନ ମଣ୍ଡେଲା ଛକ, ସକାଳ ସାଢ଼େ ୭ଟା।

## ସଂକ୍ଷେପରେ

### ପରିଚୟ ପଚାରି ଭୁଜାଲିରେ ହାଣିଲେ

**ସମ୍ବଲପୁର,୨୦।୧୨(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ରାମବଡମାଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମକୁ ୨ ଜଣ ଆସି ପରିଚୟ ପଚାରିବା ପରେ ଭୁଜାଲିରେ ହାଣିଥିଲେ। ଆକ୍ରମଣରେ ଅନ୍ତ ମିର୍ଦ୍ଧା (୨୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନା ପରେ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଅନ୍ତ ଓ ତାଙ୍କ ସାଙ୍ଗ ଗାଁ ମୁଣ୍ଡରେ ବସିଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଅନ୍ତଙ୍କୁ କେଉଁ ଗ୍ରାମର ପିଲା ବୋଲି ପଚାରିଥିଲେ। ଆମ ଗ୍ରାମକୁ ଆସି ଆମକୁ ପରିଚୟ ପଚାରୁଛ ବୋଲି ଅନ୍ତ ଓ ତାଙ୍କ ସାଙ୍ଗ କହିଥିଲେ। ଏତିକିରେ ଦୁଇ ଯୁବକ ଭୁଜାଲି ବାହାର କରି ଆକ୍ରମଣ କରିଥିଲେ। ଅନ୍ତଙ୍କ ଦୁଇଟି ସ୍ଥାନରେ ଆଘାତ ଲାଗିଛି। ଅନ୍ୟ ଯୁବକ ସାମାନ୍ୟ ଆହତ ହୋଇଥିବାରୁ ଜିଲା ସଦର ଡାକ୍ତରଖାନାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି।

### ଜଷ୍ଟିସ୍ ନାନାବତୀଙ୍କ ବିୟୋଗରେ ଶୋକ

**ରାଉରକେଲା ଅଫିସ,୨୦।୧୨:** ସ୍ୱର୍ଗତ ଜଷ୍ଟିସ ଗିରିଶ ଠାକୋରଲାଲ ନାନାବତୀଙ୍କ ପରଲୋକରେ ରାଉରକେଲା ଓକିଲ ସଂଘ ପକ୍ଷରୁ ସୋମବାର ଶୋକସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଘର କର୍ମକର୍ତ୍ତାମାନେ ତାଙ୍କର ସ୍ମୃତିଚାରଣ କରିଥିଲେ। ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ଦେବାନନ୍ଦ ତନ୍ତି, ରଙ୍ଗବାହାଦୁର ବାଗ, ଶ୍ରୀନିବାସ ପଣ୍ଡା, ଶୁଶାନ୍ତ ଦାସ, ପ୍ରଶାନ୍ତ ସେନାପତି, କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବିଇଓ ଅଫିସରେ ମନମୁଖି କାର୍ଯ୍ୟ ଅଭିଯୋଗ

**ସମ୍ବଲପୁର,୨୦।୧୨(ବ୍ୟୁରୋ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ଅଫିସରେ କେତେଜଣ କର୍ମଚାରୀ ମନମୁଖି କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହେଉଛି। ଏ ନେଇ ବ୍ଲକର ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି। ଅଭିଯୋଗ କ୍ରମେ କେତେଜଣ କର୍ମଚାରୀ ଠିକ୍ ସମୟରେ ଅଫିସକୁ ଆସୁ ନାହାନ୍ତି। ଏପରି କି ଅଫିସରେ ତାଙ୍କ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହ କରୁନାହାନ୍ତି। ଫଳରେ ଶିକ୍ଷୟିତ୍ରୀଶିକ୍ଷକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ସମ୍ପାଦକ ଜିତେନ୍ଦ୍ର ଜାଲ ଅଭିଯୋଗ କରିଛନ୍ତି।

### ସରକାରୀ ମହିଳା କଲେଜରେ ସ୍ୱାଗତ ଉତ୍ସବ

**ସମ୍ବଲପୁର,୨୦।୧୨(ବ୍ୟୁରୋ):** ସମ୍ବଲପୁର ସରକାରୀ ମହିଳା କଲେଜ ରସାୟନ ବିଜ୍ଞାନ ବିଭାଗରେ ସୋମବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ହିନ୍ଦୀ ବିଭାଗୀୟ ମୁଖ୍ୟ ପ୍ରଫେସର ଜୟନ୍ତ କରଶର୍ମା, ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ରାଜଶ୍ରୀ ବରାଳ, ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ଉମାଶଙ୍କର ଦାଶ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଅଖିଳ ବିଶ୍ୱାଳ, ପବିତ୍ର ମୋହନ ବେହେରା, ଗୋଲକବିହାରୀ ଦାଶ ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ କରି କଲେଜ ବିଷୟରେ ସୂଚିତ କରିଥିଲେ। ଅଧ୍ୟାପିକା ଦୀପିକା ଦେହୁରି ଧନ୍ୟବାଦ ଦେଇଥିଲେ।

# ଝାରସୁଗୁଡ଼ାରେ ଧାନକିଣା ଆରମ୍ଭ

- ଖୋଲିଲା ସରବାହାଲ ଆର୍‌ଏମ୍‌ସି ମାର୍କେଟ ୟାର୍ଡ
- ପ୍ରଥମ ଦିନରେ ୩୬୦ ବସ୍ତା ଧାନ ବିକ୍ରି

**ଝାରସୁଗୁଡ଼ା ଅଫିସ,୨୦।୧୨**

ଝାରସୁଗୁଡ଼ା ଜିଲାରେ ସେବା ସମବାୟ ସମିତି କର୍ମଚାରୀ ୫ଦଫା ଦାବିରେ ଗତ ୨୯ରୁ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଜିଲାରେ ଧାନକିଣା ବାଧାପ୍ରାପ୍ତ ହୋଇଛି। ଏଭଳି ସ୍ଥିତିରେ ଚାଷୀଙ୍କ ନିକଟରୁ ଶୀଘ୍ର ଧାନ କିଣା ନ ଗଲେ ଜିଲା କୃଷକ ସଙ୍ଗଠନ ଆନ୍ଦୋଳନ ଚେତାବନୀ ଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ଯୋଗାଣ ବିଭାଗ ତରଫରୁ ସୋମବାର ସରବାହାଲ ଆର୍‌ଏମ୍‌ସି ମାର୍କେଟ୍ ୟାର୍ଡରେ ଧାନକିଣା ଆରମ୍ଭ ହୋଇଛି । ଏଠାରେ ସ୍ଥାନୀୟ ଶ୍ରୀପୁରା ଓ ବଡମାଲ ସେବା ସମବାୟ ସମିତି (ପ୍ୟାକ୍ସ)ର ପଞ୍ଜୀକୃତ ଚାଷୀମାନେ ଧାନ ବିକ୍ରି କରିପାରିବେ। ପ୍ରଥମ ଦିନରେ ୩ଜଣ ପଞ୍ଜୀକୃତ ଚାଷୀ ୩୬୦ବସ୍ତା ଧାନ ବିକ୍ରି କରିଛନ୍ତି। ଏଥିମଧ୍ୟରେ ଶ୍ରୀପୁରା ପ୍ୟାକ୍ସର ୨ ଓ ବଡମାଲ ପ୍ୟାକ୍ସର ଜଣେ ଚାଷୀ ରହିଥିଲେ। ଏହି ମାର୍କେଟ୍ ୟାର୍ଡରେ ଚାଷୀଙ୍କ ନିକଟରୁ ଧାନ କିଣିବା ପାଇଁ ମା' କାଳୀ ଓ ସାରଦା ରାଇସ୍ ମିଲ୍‌ର୍ସ ପହଞ୍ଚିଥିଲେ। ଏହି ମାର୍କେଟ୍ ୟାର୍ଡକୁ ଜିଲା ପ୍ରଶାସନ ତରଫରୁ ଉଦ୍‌ଘାଟନ କରାଯାଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ,


ମାର୍କେଟ୍ ୟାର୍ଡ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଚାଷୀନେତା।

ଲଙ୍କେଶ୍ୱର ଅମାତ (ରାଜସ୍ୱ), ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବିଦୁର ଚନ୍ଦ୍ର ବାଛେର, ଏଆର୍‌ସିଏସ୍ ଶିବ ରଞ୍ଜନ ପାଣିଗ୍ରାହୀ, ଆର୍‌ଏମ୍‌ସି ସମ୍ପାଦକ ରମେଶ କୁମାର ଟପ୍ପୋ, ଜିଲା କୃଷକ ସଙ୍ଗଠନ ସଭାପତି ଦିଲୀପ ବଡେଇ, ବିଜେଡି କୃଷକ ମୋର୍ଚ୍ଚା ଜିଲା ସଭାପତି ମିତ୍ରଭାନୁ ସାହୁ ଓ ମିଲର୍ସ ମାଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ୱାଇଁ କହିଛନ୍ତି, ଜିଲାରେ ସମସ୍ତ ସେବା ସମବାୟ ସମିତି କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାରୁ ଏହାର ବିକଳ୍ପ ଭାବେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ଧାନ କିଣିବା ଦାୟିତ୍ୱ ଦିଆଯାଇଛି । ଆସନ୍ତା ୨୪ରୁ ଜିଲାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଧାନ କିଣା ହେବ। ଏଥିପାଇଁ ଜିଲାରେ ୮୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନିୟୋଜିତ କରାଯାଇଛି। ଏମାନଙ୍କୁ ପ୍ରତି ପଞ୍ଚାୟତର ଯୋଗାଣ ସହାୟକମାନେ ସାହାଯ୍ୟ କରିବେ। ଫଳରେ ଚାଷୀ ସୁବିଧାରେ ଧାନ ବିକ୍ରି କରିପାରିବେ ବୋଲି ସେ କହିଛନ୍ତି।

# ବୌଦ୍ଧ ଜିଲାର ଧାନ ଟ୍ରକ୍ ଜବତ



ଜବତ ହୋଇଥିବା ଧାନ ବୋଝେଇ ଟ୍ରକ୍।

**ରେଢାଖୋଲ,୨୦।୧୨ (ଡି.ଏନ.ଏ.)**

ରେଢାଖୋଲ ଉପଖଣ୍ଡର ବିଭିନ୍ନ ଧାନମଣ୍ଡିରେ ଦଲାଲମାନଙ୍କ ରାଜ୍ ଦେଖିବାକୁ ମିଳିଛି। ସୋମବାର ରେଢାଖୋଲ ବ୍ଲକ କଦଳିଗଡ ଧାନମଣ୍ଡିରେ ବୌଦ୍ଧ ଜିଲାରୁ ଦଲାଲମାନେ ବିକ୍ରି ପାଇଁ ଆଣିଥିବା ଏକ ଧାନ ବୋଝେଇ ଟ୍ରକ୍‌କୁ ଚାଷୀ ସଙ୍ଗଠନ କର୍ମକର୍ତ୍ତା ଅଟକ ରଖି ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ପରିକ୍ଷିତ ସାହୁ ଓ ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର କଦଳିଗଡ ମଣ୍ଡିରେ ପହଞ୍ଚି ଉକ୍ତ ଟ୍ରକ୍ ଜବତ କରି ତଦନ୍ତ କରୁଛନ୍ତି। ଦଧିବାମନ କୃଷକ ସଙ୍ଗଠନ ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ୧୧ଟା ବେଳେ ଓଆର୨୫ସି–୩୮୧୦ନଂ. ଟ୍ରକରେ ଧାନ ବୋଝେଇ ହୋଇ କଦଳିଗଡ ଧାନ ମଣ୍ଡିକୁ ଆସିଥିଲା। ତେବେ ଚଳିତବର୍ଷ ଅଞ୍ଚଳରେ ମରୁଡି ପରିସ୍ଥିତି ଉପୁଜିଥିବାରୁ ଟ୍ରକ୍ ବୋଝେଇ ଧାନ ଦେଖି ଚାଷୀ ସଙ୍ଗଠନ କର୍ମକର୍ତ୍ତା ସନ୍ଦେହରେ ପଚରାଉଚୁରା କରିଥିଲେ। ଟ୍ରକରେ ଥିବା ଦଲାଲମାନେ ଲଇଣ୍ଡାମାଳ ଓ ହାତିବାହାଳ ଗ୍ରାମର ଚାଷୀଙ୍କ ଧାନ ବୋଲି କହିବାରେ ଡ୍ରାଇଭରଙ୍କୁ ପଚାରିଥିଲେ। ଡ୍ରାଇଭର ବୌଦ୍ଧ ଜିଲା ଲାଣ୍ଡିବନ୍ଧ ରୁ ଆଣିଥିବା ସ୍ୱୀକାର କରିବା ପରେ ଚାଷୀ ସଙ୍ଗଠନ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲା। ସୂଚନାଯୋଗ୍ୟ ଚଳିତବର୍ଷ ଅଞ୍ଚଳରେ ମରୁଡି ପରିସ୍ଥିତି ଉପୁଜିଥିବାରୁ ଚାଷୀ ସଙ୍ଗଠନ ମଣ୍ଡି ବନ୍ଦ କରିବାକୁ ଦାବି କରିଆସୁଛନ୍ତି।

# ଫୁଟ୍‌ବଲ: ଜିନେନ ଏଫ୍‌ସି ବିଜୟୀ

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ଯୁଯୁମୁରା ବ୍ଲକ ଛାମୁଣ୍ଡା ଖେଳପଡିଆରେ ବ୍ଲକ ସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଓ ସ୍ଥାନୀୟ ମେଡାସିନି ଯୁବକେନ୍ଦ୍ର ମିଳିତ ଅନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୮ ଗୋଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ବଡଟିକିରାକୁ ହରାଇ ଜିନେନ ଏଫ୍‌ସି ବିଜୟୀ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଡେଭିଡ ଭଦ୍ରା, ଯୁବନେତା ବରୁଣ ଦେହୁରି ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସୁମନ୍ତ ସାହୁ, ଲିଙ୍ଗରାଜ ଗୁରୁ, ବୀରେନ୍ଦ୍ର ଭୋଇ, ନେହେରୁ ଯୁବକେନ୍ଦ୍ରର ସୁଶାନ୍ତ କିସାନ, ତରଣୀ ବାଗ ପ୍ରମୁଖ ସହଯୋଗ କରିଥିଲେ।


ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି।

# ଖବରଦାତାଙ୍କ ଗିରଫଦାରିକୁ ଜେଡିପିସିର ନିନ୍ଦା

**ଝାରସୁଗୁଡ଼ା ଅଫିସ,୨୦।୧୨**

ଖବର ସଂଗ୍ରହ କରିବାକୁ ଯାଇଥିବା ମାଲକାନଗିରି ଜିଲାର ୫ଜଣ ଖବରଦାତାଙ୍କୁ ମିଥ୍ୟା ଅଭିଯୋଗରେ ପୋଲିସ ତଦନ୍ତ ନ କରି ଗିରଫ ପରେ କୋର୍ଟ ଚାଲାଣ କରିଛି । ପୋଲିସର

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଏଭଳି କାର୍ଯ୍ୟକୁ ଝାରସୁଗୁଡ଼ା ଜିଲା ପ୍ରେସ୍ କ୍ଲବ୍ (ଜେଡିପିସି) ନିନ୍ଦା କରିବା ସହ ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଓ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏ ନେଇ ଜେଡିପିସି ଉପଦେଷ୍ଟା ରାଜ କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ କୁମାର ସାମଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଖବରଦାତା ରାଜ କୁମାର ଶର୍ମା, ପ୍ରଶାନ୍ତ ମହାନ୍ତି, ପ୍ୟାରେଲାଲ ଶ୍ରୀବାସ୍ତବ, ଭୁବନ କିଶୋର ତିୱାରି, ବସନ୍ତ ଜେନା, ସୁରେନ୍ଦ୍ର ବାରିକ, ରିତେଶ ଶର୍ମା, ପ୍ରକାଶ ରଣା, ପ୍ରୀତମ ପଣ୍ଡା, ସହଜାଦ ବାଦଶାହା, ରବୀନ୍ଦ୍ର ସାହୁ, ବାପି ଦଳାଇ, ନିଳେନ୍ଦ୍ର କୁମାର ଗଜେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତାମାନେ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# 'କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବ ସମ୍ବର୍ଦ୍ଧନା'

**ଝାରସୁଗୁଡ଼ା ଅଫିସ,୨୦।୧୨**

କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବା ପାଇଁ ନରସିଂହ ବିଷ୍ଣୁପ୍ରିୟା ସେବା ଟ୍ରଷ୍ଟ ତରଫରୁ ରବିବାର ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଲଖନପୁର ବ୍ଲକ୍‌ର ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମାଷ୍ଟର ବୁକ୍ କିପର୍ (ଏମ୍‌ବିକେ), କମ୍ୟୁନିଟି ରିସୋର୍ସ ପର୍ସନ୍ (ସିଆର୍‌ପି) ଓ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବ୍ଲକ୍‌ର ୭ଶହରୁ ଊର୍ଦ୍ଧ୍ୱ କରୋନା ଯୋଦ୍ଧା ସାମିଲ ହୋଇଥିଲେ। ସମ୍ବର୍ଦ୍ଧନା ସମାରୋହ ଲଖନପୁର ବ୍ଲକ୍‌ର ଭିକମପାଲି ସ୍କୁଲ୍ ପଡିଆ ଓ ବନ୍ଧବାହାଲ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପରେ ହୋଇଥିଲା। ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି, ନରସିଂହ ବିଷ୍ଣୁପ୍ରିୟା ସେବା ଟ୍ରଷ୍ଟର ଟ୍ରଷ୍ଟି ଦୀପାଳି ଦାସ, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ସିଡିପିଓ ଲକ୍ଷ୍ମୀପ୍ରିୟା ବହିଦାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ ସଭା ପରିଚାଳନ କରିଥିଲେ। ବିଧାୟକ ମହାନ୍ତି କହିଥିଲେ କରୋନା ଯୋଦ୍ଧାକୁ ଯେଉଁ ସମ୍ମାନ ଦିଆଯାଇଛି ଏହା କାମ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିବ। ଟ୍ରଷ୍ଟର ଟ୍ରଷ୍ଟି ଦାସ କହିଥିଲେ କରୋନା ସମୟରେ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଆଗେଇ ଆସି ଲୋକଙ୍କ ସେବା କରିଥିଲେ। ତେଣୁ ସେମାନେ ପ୍ରକୃତ କରୋନା ଯୋଦ୍ଧା।

# ପ୍ରେମିକ ଫେରାର, ବାପା ଗିରଫ

**ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ ଘଟଣା**

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ଯୁଯୁମୁରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗର ୧୦ଦିନ ପରେ ମଧ୍ୟ ପୋଲିସ ସମ୍ପୃକ୍ତ ଯୁବକ ଗଡଗଡବାହାଲ ଗ୍ରାମର ସୂର୍ଯ୍ୟନାରାୟଣଙ୍କ ପତ୍ତା ପାଇପାରି ନାହିଁ। ହେଲେ ତାଙ୍କ ବାପା ଟିକେଶ୍ୱରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ଅଭିଯୋଗ ହେଉଛି। ସୂର୍ଯ୍ୟନାରାୟଣ ମନ୍ଦିରରେ ବିବାହ କରି ଦମ୍ପତି ଭଳି ଏକାଠି ରହିବା ପରେ ଛାଡିଦେଇଥିବା ଅଭିଯୋଗ ହୋଇଥିଲା। ଏପରି କି ସେ ଏବଂ ତାଙ୍କ ବାପା ତାଙ୍କୁ ଗାଳିଗୁଲଜ ଓ ଜାତିଆଣ ଅକ୍ଷେପ କରିଥିବା ଦର୍ଶାଯାଇଥିଲା। ପୋଲିସ ଏ ନେଇ ୧୭୩/୨୧ରେ ମାମଲା ରୁଜୁ କରି ଏହାର ତଦନ୍ତ କରୁଛି।

ଅଭିଯୋଗ କ୍ରମେ ସୂର୍ଯ୍ୟନାରାୟଣ ଅନୁଗୋଳ ଜିଲାରେ କାମ କରୁଥିବାବେଳେ ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଝିଅର ଅନ୍ୟତ୍ର ବିବାହ ପ୍ରସ୍ତାବ ଚାଲିଥିବାବେଳେ ସୂର୍ଯ୍ୟନାରାୟଣ ନିଜେ ବିବାହ କରିବେ କହି ଭାଙ୍ଗି ଦେଇଥିଲେ। ହେଲେ ତାଙ୍କ ପରିବାର ଏହି ବିବାହରେ ରାଜି ହୋଇ ନ ଥିଲେ। ଘଟଣାରେ ମହିଳା ସାମାଜିକ କର୍ମୀ ଓ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ହସ୍ତକ୍ଷେପ କରିଥିଲେ। ଆପୋସ ବୁଝାମଣା କରି ଏକାଠି ରହିବାକୁ ପରାମର୍ଶ ଦେଇଥିଲେ। ସୁଫଳ ନ ମିଳିବାରୁ ଯୁବତୀ ଜଣକ ଶେଷରେ ଡିସେମ୍ବର ୧୦ରେ ଥାନାରେ ଅଭିଯୋଗ କରିଥିଲେ। ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଘଟଣାର ତଦନ୍ତ କରୁଛନ୍ତି।

# ସେଲ୍‌କୁ ଗୋଲଡେନ ପିକକ୍ ପରିବେଶ ପରିଚାଳନା ପୁରସ୍କାର

**ରାଉରକେଲା ଅଫିସ,୨୦।୧୨**

ଇନଷ୍ଟିଚ୍ୟୁଟ ଅଫ ଡାଇରେକ୍ଟର୍ସ ପକ୍ଷରୁ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ (ସେଲ)କୁ ୨୦୨୧ ମସିହା ପାଇଁ ସମ୍ମାନଜନକ ଗୋଲଡେନ ପିକକ୍ ପରିବେଶ ପରିଚାଳନା ପୁରସ୍କାର ପ୍ରଦାନ କରାଯାଇଛି। ସେଲ୍ ଦ୍ୱାରା ଗ୍ରହଣ କରାଯାଇଥିବା କେତେକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରେ ଅତ୍ୟାଧୁନିକ ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ନିୟୋଜନ, ସମ୍ବଳର ନିପୁଣତାରେ ଉନ୍ନତି ପାଇଁ ପ୍ରତିଷ୍ଠିତ ଶୈକ୍ଷିକ ପ୍ରତିଷ୍ଠାନ ଗୁଡ଼ିକ ସହିତ ମିଳିତ ଭାବେ ଗବେଷଣା ଓ ବିକାଶମୂଳକ ପଦକ୍ଷେପ ଆଦି ରହିଛି। ପ୍ରଦୂଷଣ ନିୟନ୍ତ୍ରଣ ସୁବିଧାଗୁଡ଼ିକ ଅଧିକ ଉନ୍ନତୀକରଣ, ଜିରୋ ଲକ୍ୱିଡ ଡିସ୍‌ଚାର୍ଜ ହାସଲ, ବିଭିନ୍ନ କଠିନ ବର୍ଜବସ୍ତୁ ପରିଚାଳନା, ବୃକ୍ଷରୋପଣ ଭଳି ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ କରିବା ଉପରେ କମ୍ପାନୀ ବିଶେଷ ଧ୍ୟାନ ଦେଇଛି।

# ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

**ରାଉରକେଲା ଅଫିସ,୨୦।୧୨**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ନିବାସ-୨ରେ ୭ ଦିନିଆ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଶିବିରରେ ରାଉରକେଲା ସରକାରୀ ଡାକ୍ତରଖାନାର ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରର ପ୍ରଥମ ଦିନରେ ୯୭ ଜଣ ଛାତ୍ରୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଛାତ୍ରୀ ନିବାସର ସୁପରିଣ୍ଟେଣ୍ଡେଣ୍ଟ ମମତା ବାକ୍ସଲା, ଲିଲିପ୍ରଭା ମିଞ୍ଜ, ସୁନୀତା ତିର୍କୀ, ଆକାଶ କୁମାର ହୋତା, ପ୍ରଦୀପ ଖେସ, ଅଜୟ ବେହେରା, ସୋମନାଥ ଶାହା, ଶନିରାମ କେର୍କେଟା ପ୍ରମୁଖ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଡାକ୍ତର ଓ ଅତିଥିଗଣ।

# ଟି–୧୦ କ୍ରିକେଟ: ସିଆଇଟିଇ ଚାମ୍ପିୟନ

**ରାଉରକେଲା ଅଫିସ,୨୦।୧୨**

ସିଟି ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନିକାଲ ଏଜୁକେଶନ ପକ୍ଷରୁ ସେକ୍ଟର-୧୭ ସ୍ଥିତ ଟାଟା ଫିଲ୍ଡରେ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ସିଆଇଟିଇ ଓ ବିଜୟ ଇଲେଭେନ ମଧ୍ୟରେ ଖେଳା ଯାଇଥିଲା। ବିଜୟ ଇଲେଭେନ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ କରିଥିଲା। ସିଆଇଟିଇ ଦଳ ୯ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ଜୟନ୍ତୀ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା।

# ଆନ୍ତଃ ମହାବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ଝାରସୁଗୁଡ଼ା ଅଫିସ,୨୦।୧୨**

ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ସୁବର୍ଣ୍ଣ ଜୟନ୍ତୀ ଖେଳକୁଦ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଓଏସ୍‌ଏପି ଖେଳପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୪୫ ମହାବିଦ୍ୟାଳୟରୁ ପ୍ରାୟ ୪ଶହ ଖେଳାଳି ଭାଗ ନେଇଥିଲେ। ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ହୋଇଥିବା ଉଦ୍‌ଯାପନୀ ସଭାରେ ଓଏସ୍‌ଏପି କମାଣ୍ଡାଣ୍ଟ ଆଶିଷ କୁମାର ଦୁବେ ମୁଖ୍ୟଅତିଥି, ଜିଲା କ୍ରୀଡା ସମ୍ପାଦକ ତାପସ ରାୟ ଚୌଧୁରୀ, ଲକ୍ଷ୍ମଣ କୁମାର ସିଂହ, ମାନ୍ଧାତା ସାଇ, ଦିଲୀପ କୁମାର ସାହୁ, ପୂର୍ବତନ ଛାତ୍ର ସଂସଦ ସଭାପତି ସନ୍ଦୀପ ଅଗସ୍ତି, ପୂର୍ବତନ ଓକିଲ ସଂଘ ସଭାପତି ରଘୁମଣି ପଟେଲ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଦଳଗତ ଭାବରେ ଧମା ମହାବିଦ୍ୟାଳୟ ଚାମ୍ପିୟନ ଓ ରାଉରକେଲା କଲ୍ୟାଣୀ ରାୟ କଲେଜ ରନର୍ସଅପ ହୋଇଥିଲା। ପୁରୁଷ ବିଭାଗରେ ଶ୍ରେଷ୍ଠ ଖେଳାଳି ଭାବରେ ରଶ୍ମି ରଞ୍ଜନ ନାୟକ, ମହିଳା ବିଭାଗରେ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର କୁମାରୀ ଖୁସି ରାୟ ଚାମ୍ପିୟନ ହୋଇଥିଲେ। ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର କ୍ରୀଡା ଉପସଭାପତି ଡ. ଲାଲଧାରି ସିଂ ଧନ୍ୟବାଦ ଦେଇଥିଲେ।


କୃତୀ ଖେଳାଳିଙ୍କ ସହ ମଞ୍ଚାସୀନ ଅତିଥିମାନେ।

# ଦାୟିତ୍ୱ ଗ୍ରହଣ କଲେ ୬ ଇନ୍ସପେକ୍ଟର

**ରାଉରକେଲା ଅଫିସ,୨୦।୧୨**

ଗତ ୧୫ ତାରିଖରେ ରାଉରକେଲା ଜିଲା ପୋଲିସ ଅଧୀନ ବିଭିନ୍ନ ଥାନାରେ କାର୍ଯ୍ୟରତ ୬ଜଣ ଇନ୍ସପେକ୍ଟର ବଦଳି ହୋଇଥିଲେ। ତେବେ ସୋମବାର ବଦଳି ହୋଇଥିବା ପୋଲିସ ଇନ୍ସପେକ୍ଟର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ଲାଣ୍ଟସାଇଟ ଥାନା ଇନ୍ସପେକ୍ଟର ସୁବ୍ରତ ମେହେରା ରଘୁନାଥପାଲୀ ଥାନା ଦାୟିତ୍ୱ ନେଇଥିବାବେଳେ ରଘୁନାଥପାଲି ଥାନାଧିକାରୀ ବିଜୟ ବିହାରୀ ଲହୁଣୀପଡା ଥାନାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଉଦିତନଗର ଥାନାଧିକାରୀ ବୁଲୁ ସ୍ୱାଇଁ ବନ୍ଧମୁଣ୍ଡା ଥାନା ଦାୟିତ୍ୱ ନେଇଥିବାବେଳେ ଟାଙ୍ଗରପାଲି ଥାନାଧିକାରୀ ରବୀନ୍ଦ୍ର କୁମାର ପାତ୍ର ଉଦିତନଗର ଥାନାରେ ଦାୟିତ୍ୱ ନେଇଛନ୍ତି। ବନ୍ଧମୁଣ୍ଡା ଥାନାଧିକାରୀ ସୁଦର୍ଶନ ପଣ୍ଡା ଟାଙ୍ଗରପାଲି ଥାନା, ଲହୁଣୀପଡ଼ା ଥାନାଧିକାରୀ ସନ୍ତୋଷ କୁମାର ଜେନା ପ୍ଲାଣ୍ଟସାଇଟ ଥାନାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଜଳଦା ଫାଣ୍ଡି ଅଧିକାରୀ ବିଜୟ କୁମାର ଦାସ ସେକ୍ଟର-୧୫ ନଂ. ଥାନାଧିକାରୀ ଭାବେ ଦାୟିତ୍ୱ ନେଇଥିବା ଜଣାପଡ଼ିଛି।

## ଡ୍ରେନ୍‌ରେ ପଡ଼ି ଓଲଟିଲା ଲୁହା ବୋଝେଇ ଟ୍ରକ୍

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳିଦିଆମାଳ ଆଇଡିବିଆଇ ବ୍ୟାଙ୍କ ସମ୍ମୁଖ ଡ୍ରେନରେ ପଡି ସୋମବାର ସକାଳୁ ଗୋଟିଏ ଲୁହା ବୋଝେଇ ଟ୍ରକ ଓଲଟିପଡିଛି। ଟ୍ରକ୍ (ନଂ. ଏପି୨୦ବି-୯୦୧୯) ଆନ୍ଧ୍ରପ୍ରଦେଶର ବୋଲି ଜଣାପଡିଛି। ଏହି ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି। ଟ୍ରକ ଚାଳକ ଜଣକ ପାର୍କି କରିବାକୁ ରାସ୍ତା କଡରେ ରଖୁଥିବାବେଳେ ଟ୍ରକ ଚକ ଡ୍ରେନ ଉପରେ ଚଢିଯିବାରୁ ହଠାତ ଡ୍ରେନର ଢାଙ୍କୁଣିଟି ଭୁଶୁଡିପଡିଥିଲା। ଫଳରେ ଟ୍ରକ ଭାରସମ୍ୟ ହରାଇ ଓଲଟିପଡିଥିବା ଜଣାପଡିଛି।

## ସଂକ୍ଷେପରେ

### ଅଟୋକୁ ଧକ୍କାଦେଲା କାର: ଜଣେ ମୃତ, ୫ ଆହତ

ଜୁନାଗଡ,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଘୋଲିଜିବା ଛକଠାରେ ସୋମବାର ସନ୍ଧ୍ୟାରେ ଛିଡ଼ା ହୋଇଥିବା ଏକ ଅଟୋକୁ କାର ଧକ୍କା ଦେଇଛି। ଫଳରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲାଞ୍ଜିଗଡ ଥାନା ବିଶ୍ୱନାଥପୁର ଅଞ୍ଚଳର ପୁରନ୍ଦର ନାଏକ। ଅଟୋରେ ବସିଥିବା ୫ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ବ୍ଲକ ଚାରବାହାଲରୁ ଏକ ବିବାହ କାର୍ଯ୍ୟକ୍ରମ ସାରି ସେମାନେ ଅଟୋରେ ଫେରୁଥିବାବେଳେ ଘୋଲିଜିବା ଛକଠାରେ କାର (ନଂ.ଓଡି ୦୮ଆର-୩୧୮୮) ପଛପଟୁ ଧକ୍କା ଦେଇଥିଲା। ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମହିଳା ନେତ୍ରୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ବୋଡେନ,୨୦।୧୨(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବ୍ଲକ ଖଇରା ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ସମ୍ଭାବ୍ୟ ମହିଳା ନେତ୍ରୀମାନଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ଖଇରା, ପଲସଦା, ଡମଝର ଓ କର୍ଲାକୋଟ ପଞ୍ଚାୟତ ୨୦ଜଣ ମହିଳା ନେତ୍ରୀ ଅଂଶ ଗ୍ରହଣ କରିଥିଲେ। ଉକ୍ତ ତାଲିମ ଶିବିରରେ ନାମାଙ୍କନପତ୍ର ଦାଖଲ, ସାଧାରଣ ଅଚରଣ ବିଧି, ବାଲାଟ ପେପର ଆଦି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଦି ହଙ୍ଗର ପ୍ରୋଜେକ୍ଟ ନୂଆଦିଲ୍ଲୀ କର୍ମଶାଳା ଆୟୋଜନ କରିଥିବା ବେଳେ କ୍ଷେତ୍ର ସଂଯୋଜକ ଚୈତନ୍ୟ ସା ଓ କ୍ଷେତ୍ର କର୍ମୀ ସତ୍ୟ ମେହେର ପରିଚାଳନା କରିଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଲାଠୋର, ୨୦।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ବସ୍‌ଷ୍ଟାଣ୍ଡଠାରେ ସୋମବାର ସୁଶୀଲ ଅଗ୍ରୱାଲଙ୍କ ଆବାହକତ୍ୱରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖପ୍ରାଖୋଲ,ବେଲପଡା ଏବଂ ତୁରେକେଲା ବ୍ଲକର ୨୫୨ଚକ୍ଷୁ ରୋଗୀ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୨ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଟିଟିଲାଗଡ ଏସସିଡି ଚକ୍ଷୁ ହସ୍ପିଟାଲକୁ ଅସ୍ତ୍ରୋପଚାର ପାଇଁ ପଠାଯାଇଥିଲା। ଟେକନିସିଆନ ପ୍ରାଣ ରଞ୍ଜନ ସାଗର, ନର୍ସ ସୋନିଆ ନାଗ ଏବଂ ସାମାଜିକ କର୍ମୀ ଭରତ ବେହେରା ରୋଗୀଙ୍କୁ ପରୀକ୍ଷା କରିଥିଲେ।

# ଫେରାଇ ଆଣିବା ଜିଦ୍‌ରେ ଅଟଳ ଗ୍ରାମବାସୀ



ସ୍କୁଲ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

**ପ୍ରଧାନ ଶିକ୍ଷକଙ୍କ ବଦଳି ଘଟଣା**

**■ସ୍କୁଲ ସମ୍ମୁଖରେ ଧାରଣା ଜାରି**

ଜୁନାଗଡ,୨୦।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କେଲିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ହଠାତ୍ ଅନ୍ୟତ୍ର ସ୍ଥାନକୁ ବଦଳି କରାଯାଇଛି। ଏହାକୁ ବିରୋଧ କରି ଶନିବାରଠାରୁ ସ୍ଥାନୀୟ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ପକାଇ ସମ୍ମୁଖରେ ଧାରଣା ଦେଇଥିଲେ। ରବିବାର ଛୁଟି ଥିବା ବେଳେ ସୋମବାର ସ୍କୁଲ ଖୋଲିବା ପରେ ପୁଣି ଥରେ ଧାରଣା ଦିଆଯାଇଛି। ଖବର ପାଇ ଜୁନାଗଡ ଶିକ୍ଷାବିଭାଗ ପକ୍ଷରୁ ଏବିଇଓ କୁଳମଣି ମାଝି ଓ ସ୍ଥାନୀୟ ସିଆରସିସି ଅବିନ ମେହେର ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ ମଧ୍ୟ ସମାଧାନ ହୋଇ ନ ଥିବା ଜଣାପଡିଛି। ବଦଳି କରାଯାଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରୋତ୍ତମ ନାଏକକଙ୍କୁ ଫେରେଇ ଆଣିବା ଜିଦରେ ଗ୍ରାମବାସୀ/ଅଭିଭାବକ ଅଡ଼ିବସିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ବଦଳି କରାଯାଇଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଏହି ସ୍କୁଲକୁ ଅଣା ନ ଯିବ ସେତେଦିନ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କେଲିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନାଏକଙ୍କୁ ଗତ କିଛିଦିନ ତଳେ ହଠାତ୍ ଜୁନାଗଡ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକର କାନ୍ଧୁଲବନ୍ଧକୁ ବଦଳି କରାଯାଇଛି। ଯାହାକୁ ନେଇ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ବିରୋଧ କରିଛନ୍ତି। ଧାରଣାରେ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ସହ ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଛନ୍ତି।

# ପିକେ ୱାରିୟର୍ସ, କୋମନା ବିଜୟୀ

ଲାଠୋର, ୨୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଖେଳ ପଡିଆରେ ଜୟ ମା ବସ୍ରେନ ଫୁଟବଲ କମିଟି ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସଦାନନ୍ଦ ବେହେରା, ଗଙ୍ଗାଧର ଭଇଁଷାଲ, ଶିବ ପ୍ରସାଦ ବାରିକ, ଦଶରଥ ପାଣିଗ୍ରାହୀ, ପ୍ରିତମ ପୁରୋହିତ ଯୋଗ ଦେଇଥିଲ। ପ୍ରଥମ ମ୍ୟାଚ ପିକେ ୱାରିୟର୍ସ ଏବଂ କଣ୍ଟାବାଞ୍ଜି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ପେନାଲଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ପିକେ ୱାରିୟର୍ସ ୫-୩ ଗୋଲରେ କଣ୍ଟାବାଞ୍ଜିକୁ ହରାଇ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ଖପ୍ରାଖୋଲ ଏବଂ କୋମନା ମଧ୍ୟରେ ହୋଇଥିଲା। ଏଥିରେ ଖପ୍ରାଖୋଲକୁ ୧-୦ଗୋଲରେ କୋମନା ପରାସ୍ତ କରିଛି। ଦୋଳଗୋବିନ୍ଦ ମୁଣ୍ଡା ଖେଳ ପରିଚାଳନା କରିଥିଲେ। ଲାଇନରେ ସହଯୋଗ କରିଥିଲେ କିଶୋର ଧରୁଆ ଏବଂ ଉମେଶ ଧରୁଆ। ସ୍କୋରର ସୁରେସନ ମାଝି, ଗୋଲଜଜ ଭାବେ ରବି ନାଗ ଓ ଦୀନବନ୍ଧୁ ସେଠ ଦାୟିତ୍ୱ ବହନ କରିଥିଲେ।



ପିକେ ୱାରିୟର୍ସ ଏବଂ କଣ୍ଟାବାଞ୍ଜି ଖେଳାଳିଙ୍କ ସହ ଅତିଥିମାନେ।

# ଧର୍ମଗଡକୁ ହରାଇଲା ଜୁନାଗଡ଼ ଆଇନଜୀବୀ ସଂଘ

**ଟି୨୦ କ୍ରିକେଟ ଟୁର୍ନାମେଣ୍ଟ**

ଭବାନୀପାଟଣା,୨୦।୧୨(ସ୍ୱ.ପ୍ର.) କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ସୋମବାର ଧର୍ମଗଡ ଆଇନଜୀବୀ ସଂଘ ଓ ଜୁନାଗଡ ଆଇନଜୀବୀ ସଂଘ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଧର୍ମଗଡ ଆଇନଜୀବୀ ସଂଘକୁ ଜୁନାଗଡ ଆଇନଜୀବୀ ସଂଘ ୯ ଉଇକେଟରେ ହରାଇ ବିଜୟୀ ହୋଇଥିଲା। ଧର୍ମଗଡ ଆଇନଜୀବୀ ସଂଘ ପ୍ରଥମେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ୍ ସଂଗ୍ରହ କରିଥିଲେ। ଜବାବ୍‌ରେ ଜୁନାଗଡ ଆଇନଜୀବୀ ସଂଘ ୧୪ ଓଭରରେ ୨ ଉଇକେଟ ହରାଇ ୧୦୪ ରନ୍ ସଂଗ୍ରହ କରିଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଜୁନାଗଡ ଆଇନଜୀବୀ ସଂଘର ହିମାଂଶୁଶେଖର ବରାଡ ପୁରସ୍କୃତ ହୋଇଥିଲେ। ସେହିପରି ଜୁନାଗଡ ଆଇନଜୀବୀ ସଂଘର କ୍ୟାପଟେନ୍ ଦୀପନ ସାହୁ, କୋଚ୍ ନୀଳକଣ୍ଠ ମିଶ୍ର, ସହକାରୀ କୋଚ୍ କୈଳାସ ଚୌଧୁରୀ, ଟିମ୍ ମ୍ୟାନେଜର ବାଳକୃଷ୍ଣ ଆଚାରୀ, ସହକାରୀ ଟିମ୍ ମ୍ୟାନେଜର ଅଶୋକ ପାତ୍ର, ମେନଟର୍ ଦିଗାମ୍ବର ନାଏକ, ଫିଜିଓଥିରାପି ପ୍ରମୋଦ ପୂଝାରୀ, ଉଇକେଟ କିପର ସତିଶ ପ୍ରଧାନ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।




ଉଭୟ ଦଳର ଆଇନଜୀବୀ ସଂଘ ସହ ଅତିଥିଗଣ।

## ODISHA PUBLIC SERVICE COMMISSION CUTTACK

**NOTICE**

**No. 9301/PSC, (1R-83-21/22) (DR-V),** **Dt. 18.12.21**

**No. D-248:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor** in **"Sarva Darshan"** pursuant to advertisement No.06 of 2021/22 shall be held on **28.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 28.12.2021 | 10.30 A.M. | 00086695 = 01 Candidate |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested **"Attestation Form"** and duly filled in **"Bio-data Form"**, (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
   i. Copies of the 1st pages of each Research Publications/Papers - **01 Set**
   ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0179/2122 **Sd./- Secretary**

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ତୁଣ୍ଡଲା,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ନୁନମାଠ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆଠାରେ ନୁନମାଠ ଭଲିବଲ ଆସୋସିଏଶନ ପକ୍ଷରୁ ତୃତୀୟ ଥର ପାଇଁ ଚାଲିଥିବା ଜିଲାସ୍ତରୀୟ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କେସିଙ୍ଗା ଓ ତୁଣ୍ଡଲା ଦଳ ମଧ୍ୟରେ ହୋଇଥିବା ବେଳେ ତୁଣ୍ଡଲା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡବ୍ଲୁଓଡ଼ିସି ସଦସ୍ୟ ତଥା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ଭୋଇ ଯୋଗଦେଇଥିଲେ। ଖେଳ ପରିଚାଳନା ମିତ୍ରସେନ ଭୋଇ କରିଥିବା ବେଳେ ରେଫରି ଭାବେ ଯୁଗଳ କିଶୋଇ ପଧାନ, ପରୀକ୍ଷିତ ଖରସେଲ, ଚନ୍ଦ୍ରମୋହନ ବିଶ୍ୱାଳ ଓ ନବୀନ ନାଏକ ପ୍ରମୁଖ ରହିଥିଲେ। ବିଜୟୀ ଓ ରନ୍‌ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେସିଙ୍ଗା ବ୍ଲକ ପୂର୍ବତନ ଚ୍ୟାରମେନ ପୁରନ୍ଦର ରଣା ଯୋଗଦେଇଥିଲେ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ବୋଡେନ,୨୦।୧୨(ଡି.ଏନ.ଏ.) : ନୂଆପଡା ଜିଲା ବୋଡେନ ବ୍ଲକ ଲିଟିସର୍ଗି ଗ୍ରାମଠାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡି ପଲ୍ଲି ବିକାଶ ସଂଯୋଜକ ସୁରେଶ କୁମାର ରାଉତଙ୍କ ପରିଚାଳିତରେ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀରେ ମିଲେଟ ମିଶନ ଅଧୀକାରୀ ହିମାଂଶୁ ମହାପାତ୍ର ଓ ଟିଡିସିସି ବ୍ରାଞ୍ଚ ମ୍ୟାନେଜର ରଞ୍ଜନ ପଣ୍ଡା ଓ ବ୍ଲକ ସଂଯୋଜକ ଭକ୍ତଚରଣ ଦାସ ଦ୍ୱାରଶନୀ ମିଲେଟ ମିଶନ ଫାଇନେନ୍ସ ପ୍ରତ୍ୟୁଶର କମ୍ପାନୀ ଏଲଟିଡି ଦୁର୍ଯ୍ୟୋଧନ ବାଗ ଓ ଝମ୍ପେଶ୍ୱର ସଲମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୩୭ଜଣ ଚାଷୀଙ୍କଠାରୁ ୧୭୮ କୁଇଣ୍ଟାଲ ୭୪ କେଜି ମାଣ୍ଡିଆ ସ୍ଥାନୀୟ ଚାଷୀଙ୍କଠାରୁ କିଣାଯାଇଛି।

# ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର

କର୍ଲାମୁଣ୍ଡା,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅବୁଜବାହାଲଠାରେ ଜେକେ ଜୁନିୟର କଲେଜ ରିଷିଡା ପକ୍ଷରୁ ରାଷ୍ଟ୍ରୀୟ ସେବା ଯୋଜନା ଶାଖା ପକ୍ଷରୁ ଶୀତକାଳୀନ ସତନ୍ତ୍ର ସେବା ଶିବିର ରବିବାରଠୁ ଆରମ୍ଭ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀରେ ଗଜବାହାଲ ପଞ୍ଚାୟତ ସରପଞ୍ଚ ପୂଜା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ମାନବ ସେବା ହିଁ ଭଗବାନଙ୍କ ସେବା ବୋଲି କହିଥିଲେ। ଆଗାମୀ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଚେତନତା, କୋଭିଡ୍ ମୁକାବିଲା, ନାରୀଶିକ୍ଷା, ଗ୍ରାମ ସଫେଇ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଶିବିର, ସଡକ ସୁରକ୍ଷା ତଥା ସକ୍ରିୟ ନାଗରିକତା ଆଦି କାର୍ଯ୍ୟକ୍ରମ ଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ ବୋଲି କଲେଜ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ପ୍ରଫେସର ନିଳାମ୍ବର ପାତ୍ର ସଂଯୋଜନା ଦାୟିତ୍ୱ ନେଇଥିବା ବେଳେ କଲେଜ ଅନ୍ୟ କର୍ମକର୍ତ୍ତା ତଥା ଅବୁଜବାହାଲ ସ୍କୁଲ ଶିକ୍ଷକ ଓ ଗ୍ରାମବାସୀ ବୃନ୍ଦ ସହଯୋଗ କରୁଛନ୍ତି।

## ତହସିଲଦାରଙ୍କ କାର୍ଯ୍ୟାଳୟ, ସେମିଳିଗୁଡ଼ା (ଜିଲ୍ଲା-କୋରାପୁଟ)

**e-mail: tah.semiliguda@nic.in; Phone: 06853-225599**

ପତ୍ର ସଂଖ୍ୟା: 4922/2021 ତାରିଖ: 18.12.2021

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No.F-265:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସେମିଳିଗୁଡା ଜିଲ୍ଲା: କୋରାପୁଟ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ (୨୦୨୧-୨୨ଠାରୁ ଆଗାମୀ ୫ ବର୍ଷ) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ସେମିଳିଗୁଡାଙ୍କ ଦ୍ୱାରା ତା୦୫.୦୧.୨୦୨୨, ୧୩.୦୧.୨୦୨୨ ଓ ୨୧.୦୧.୨୦୨୨ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.koraput.nic.inରେ ଉପଲବ୍ଧ ହେବ ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବା ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକରେ ରେଜିଷ୍ଟ୍ରି ପୋଷ୍ଟ, ସ୍ପିଡ୍ ପୋଷ୍ଟ କିମ୍ବା ଡ୍ରପ୍ ବକ୍ସ ମାଧ୍ୟମରେ ଇସ୍ତାହାରଠାରୁ ନିଲାମ ତାରିଖର ପୂର୍ବଦିନ ଯଥା ତା୦୪.୦୧.୨୦୨୨, ୧୨.୦୧.୨୦୨୨ ଓ ୨୦.୦୧.୨୦୨୨ ତାରିଖ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ସ୍ୱା./- ତହସିଲଦାର, ସେମିଳିଗୁଡା
OIPR-24240/11/0001/2122

## N.A.C. OFFICE, CHAMPUA

**Ph. No. 06767-240050, E-mail: champuanac@gmail.com**

**"e" PROCUREMENT NOTICE**

**No. 3035** **Date: 18.12.21**

**BID IDENTIFICATION No. EOCHAMPUANAC No. 36/2021-22**

No. C-1647: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Nautre of the Work : Civil
2. No. of works : 03 Nos.
3. Estiamted Cost : As per DTCN
4. Period of Completion : As per DTCN
5. Date & time of availability of the bid documents in the portal : 20.12.21 at 11.00 A.M. to 27.12.21 upto 5.00 P.M.
6. Last date/time for receipt of bids in the portal : 27.12.21 upto 5.00 P.M.
7. Last date and time of submission of hard copies of the documents original by Speed Post/Registered Post : 29.12.21 upto 5.00 P.M.
7. Bids received online shall be opened on : 30.12.21 at 11.00 A.M.
8. Name & address of the Officer Inviting Bid : Executive Officer, Champua NAC

Further the details can be seen from the procurement portal: **www.tendersodisha.gov.in**.

**Sd./- Executive Officer, N.A.C., Champua**
**OIPR-13157/11/0012/2122**

## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)

**NIRMAN SOUDHA, BHUBANESWAR**
**E-mail: seec.bbsr2010@gmail.com**

**Bid Identification No. S.E.E.C. (R&B) 12/2021-22**

**No. 2595** **Date: 15.12.2021**

No. B-845: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for Street lights & fire fighting works which are to be received through online bidding, double cover system as detailed in **http://tendersorissa.gov.in**. The details of bid documents will be available in the above website from 5.00 P.M. of 21.12.2021 to 5.00 P.M. of 04.01.2022. The bidders must possess compatible Digital Signature Certificate of Class II or III. Bids received online shall be opened at 11.30 A.M. of 05.01.2022 in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**. Addendum/Corrigendum, if required, will be available only in the website.

**Sd./- Superintending Engineer**
**Electrical Circle (R&B), Odisha, BBSR**
**OIPR-34006/11/0015/2122**

## BHUBANESWAR MUNICIPAL CORPORATION

**No. C-1643** **e-Mail: ee1@bmc.gov.in**
**XI-D-I-48/2021**

**e-Procurement Notice**

1. Bid Reference No. : BMC-DIV-1/19/2021-22 Dt.17.12.21
2. Tender Call Notice No. : 91055 Dtd.17.12.2021
3. No. of Work : 07 Nos. (Seven)
4. Bid Value : Rs.97,95,475.00 to Rs.12,20,45,736.00
5. Period of Completion : 60 days to 90 days

**Critial Dates:**

| Sl. No. | Description | Critical Dates |
|---|---|---|
| (i) | Period of availability of tenders Online for bidding | From Dt. 20.12.2021 from 11.00 A.M. to Dt.10.01.2022 upto 5.00 P.M. |
| (ii) | Last date & time of seeking clarifications (if any) | Dt.27.12.2021 upto 5.00 P.M. |
| (iii) | Pre Bid Meeting | At 11.00 A.M. of Date: 28.12.2021 |
| (iv) | Uploading of Pre Bid Meeting Proceedings | At 12.00 hrs. of Date: 29.12.21 |
| (v) | Last date & time of bidding online | Dt.10.01.2022 upto 5.00 P.M. |
| (vi) | Date & time of opening of the Technical Bids received Online | Dt.11.01.2022 (11.00 A.M. onwards) |
| (vii) | Date & time of opening of Price Bid/Financial Bid/ DTCN Part-II | To be intimated later to the bidder(s) found qualified after checking and evaluation of Technical Bids received Online |

6. Tender details can be seen for the e-Procurement portal **https://www.tendersodisha.gov.in** & BMC Website **https://www.bmc.gov.in**.

**Sd./- City Engineer**
OIPR-13002/11/0110/2122 **Bhubaneswar Municipal Corporation**

## OFFICE OF THE MUNICIPAL COUNCIL, NAYAGARH

**No. 4198** **Date: 18.12.2021**

**QUOTATION CALL NOTICE**

No. C-1651: Supplying, Testing, Commissioning & Annual Maintenance of IP Based Surveillance System with Optical Fiber Networking in urban area of Nayagarh Municipality.

1. **Executive Officer, Nayagarh Municipality** invites Quotation Call Notice from Registered/ISO Certified firms/Suppliers having minimum 5 (Five) years experience in **CITY Surveillance System within Odisha only.**
2. Interested firms/suppliers shall **visit the Location as specified in the DTCN from 21.12.2021 to 28.12.2021** of Nayagarh Municipality area and submit the **Detailed Project Report/Estimate** on or before **2.00 P.M. of Dt.30.12.2021** by **Registered Post/Speed Post/by Hand** dropping at Drop Box available at Municipal Office.
3. The Quotation Call Notice with terms and conditions, which may be obtained from Office of the Municipal Council, Nayagarh, on any working days **from 21.12.2021 to 28.12.2021** upto 5.00 P.M. on payment of Rs.2000.00 towards cost of bid document in shape of Cash Deposit Receipt of Nayagarh Municipality & EMD of Rs.10,000.00 in shape of Cash Deposit receipt of Nayagarh Municipality/Bank Draft/ Pay Order, drawn on any Nationalized Bank, in favour of Executive Officer, Nayagarh Municipality, payable at Nayagarh.
4. All quotations are to be received in the Office of the undersigned during office hours upto 2.00 P.M. on date 30.12.2021 by Registered Post/Speed Post/by Hand dropping at Drop Box available at Municipal Office.
5. The quotations will be opened by the undersigned or authorised official on date 30.12.2021 at 4.00 P.M. in the Office of the Executive Officer, Nayagarh Municipality in presence of the quotationers or their authorised representatives who wish to remain present at that time. Other terms and conditions can be seen in the DTCN documents.
6. The authority reserves the right to reject any or all the tender without assigning any reason thereof.

**Sd./- Executive Officer, Nayagarh Municipality**
**OIPR-13134/11/0014/2122**

## ତହସିଲ କାର୍ଯ୍ୟାଳୟ, ପାଇକମାଲ, ଜି.- ବରଗଡ଼

ବିଜ୍ଞାପନ ସଂଖ୍ୟା: ୨୩୧୭ ତାରିଖ: ୧୭।୧୨।୨୦୨୧

**(ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର)**

No. F-266: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପାଇକମାଲ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡ଼ିକ OMMC Rules-2016 ମୁତାବକ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-2016ରେ ପ୍ରଦତ୍ତ (Form-M)ରେ ୩ (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ୍ ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ପାଇକମାଲଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/Regd. Post ମାଧ୍ୟମରେ ପ୍ରେରଣ କରିବେ, ଯାହାକି ତା୨୭।୧୨।୨୦୨୧ ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ। ତା୨୮।୧୨।୨୦୨୧ରିଖ ଦିବା ୧୧.୦୦ ଘ. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ଗ୍ରହଣ କରାଯିବ ନାହିଁ। ଯେଉଁ ଉତ୍ସଗୁଡ଼ିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନଥିବ କିମ୍ବା ଲିଜ୍ ଚୂଡ଼ାନ୍ତ ହୋଇ ନଥିବ ସେହି ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟଥର ପାଇଁ ତା୦୪।୦୧।୨୦୨୨ ଓ ତୃତୀୟଥର ପାଇଁ ତା୧୧।୦୧।୨୦୨୨ରିଖ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୩.୦୦ ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡ଼ିକୁ ତନଖି କରାଯିବ। ଏହାର ସବିଶେଷ ବିବରଣୀ ଜିଲ୍ଲା Website: (www.bargarh.nic.in)ରେ ଉପଲବ୍ଧ ହେବ। ଏତଦ୍‌ବ୍ୟତୀତ ସୈରାତ ଉତ୍ସଗୁଡ଼ିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟ ଦିବସରେ ମଧ୍ୟ ଦେଖିପାରିବେ।

ସ୍ୱା./- ତହସିଲଦାର, ପାଇକମାଲ
**OIPR-24200/11/0003/2122**

See Career Appointment on every Wednesday & Saturday

